RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•ବର୍ଷ-୪୧ •ସଂଖ୍ୟା-୧୮୮ •ଭୁବନେଶ୍ୱର •ମଙ୍ଗଳବାର •୨ ଜାନୁଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦

•VOLUME- 41 •ISSUE-188 •BHUBANESWAR •TUESDAY •2 JANUARY 2024 •PAGE-16 •₹ 6.00


## ମହାପ୍ରଭୁଙ୍କୁ ଦର୍ଶନ କଲେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

# ନୂଆବର୍ଷରେ ରଥଯାତ୍ରା ଭ୍ରମ



■ ପୁରୀ,୧।୧ (ସମିସ): ଇଂରାଜୀ ନୂଆବର୍ଷ ୨୦୨୪ର ପ୍ରଥମ ଦିନରେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ରଥଯାତ୍ରାର ଭ୍ରମ। ଜନସମୁଦ୍ରରେ ପରିଣତ ହୋଇଛି ପୁରୀ ସହର। ସୋମବାର ଶ୍ରୀକ୍ଷେତ୍ର ପୁରୀରେ ରେକର୍ଡ୍ ୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ନୂଆବର୍ଷରେ ମହାପ୍ରଭୁଙ୍କ ଆଶିଷ ଲାଭ ସହିତ ଆସନ୍ତା ଜାନୁଆରୀ ୧୭ ତାରିଖରେ ଉଦ୍‌ଘାଟନ ହେବାକୁଥିବା ପରିକ୍ରମା ପ୍ରକଳ୍ପକୁ ଦେଖିବା ପାଇଁ ଗତକାଲିଠାରୁ ଲକ୍ଷଲକ୍ଷ ଭକ୍ତ ପୁରୀରେ ମଧ୍ୟରାତ୍ରିରୁ ଧାଡ଼ି ବାନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଛି। ପ୍ରଶାସନ, ପୁଲିସର ଶୃଙ୍ଖଳିତ ବ୍ୟବସ୍ଥା ଯୋଗୁଁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନୂଆବର୍ଷର ପ୍ରଥମ ଦିନରେ ବାଧାମୁକ୍ତ ଦର୍ଶନର ଦିବ୍ୟ ଅନୁଭବ ଲାଭ କରିଛନ୍ତି। ନୂଆ ବର୍ଷରେ ପ୍ରଥମଥର ଏତେ ସଂଖ୍ୟକ ଭକ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପହଞ୍ଚିଥିଲେ ମଧ୍ୟ ଭକ୍ତମାନଙ୍କୁ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନାହିଁ। ଭକ୍ତମାନେ ଶୀତତାପ ନିୟନ୍ତ୍ରିତ ଟନେଲ ଓ ଅଭ୍ୟର୍ଥନା କେନ୍ଦ୍ର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ ସହ ମହାପ୍ରଭୁଙ୍କୁ ଦର୍ଶନ ପରେ ଉତ୍ତରଦ୍ୱାର ଦେଇ ମନ୍ଦିରରୁ ବାହାରକୁ ବାହାରିଛନ୍ତି। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ଶିଶୁଙ୍କୁ ସାଥୀରେ ନେଇ ଆସିଥିବା ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ଯୋଗୁଁ ସେମାନେ ବିନା ବାଧାରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅନୁରୂପ ଭାବରେ ସହଳ ନୀତିକାନ୍ତି ଓ ଧାର୍ଯ୍ୟ ସମୟ ପୂର୍ବରୁ ମହାପ୍ରସାଦ ଲାଗି ଯୋଗୁଁ ଭକ୍ତମାନେ ମଧ୍ୟ ଆନନ୍ଦିତ ହୋଇଛନ୍ତି। ଶୃଙ୍ଖଳିତ ଦର୍ଶନ ନିମନ୍ତେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ, ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଲ ସିଂହ, ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ପଦକ୍ଷେପକୁ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକମାନେ ମୁକ୍ତ କଣ୍ଠରେ ପ୍ରଶଂସା କରିଛନ୍ତି।

**ଭକ୍ତଙ୍କୁ ଆକୃଷ୍ଟ କରିଛି ବହୁ ଆକାଂକ୍ଷିତ ପରିକ୍ରମା ପ୍ରକଳ୍ପ**

**ବାଧାମୁକ୍ତ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା**

**ଦିବ୍ୟାଙ୍ଗ, ବରିଷ୍ଠ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି**

**ସଅଳ ନୀତିକାନ୍ତି, ଧାର୍ଯ୍ୟ ସମୟରେ ମହାପ୍ରସାଦ**



ଶ୍ରୀକ୍ଷେତ୍ରରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏକ ଦିବ୍ୟ ଅନୁଭୂତି ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ଏହା ଆସନ୍ତା ୧୭ ତାରିଖରେ ଉଦ୍‌ଘାଟନ ହେବ। '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିୟମିତ ଭାବରେ ଏହି ପ୍ରକଳ୍ପର ଅନୁଧ୍ୟାନ ସହ କାର୍ଯ୍ୟଗୁଡ଼ିକର ସମୀକ୍ଷା କରୁଛନ୍ତି। ଶ୍ରଦ୍ଧାଳୁମାନଙ୍କ ପାଇଁ ଶ୍ରୀମନ୍ଦିର ଓ ଏହାର ଚତୁଃପାର୍ଶ୍ୱରେ ସୁବିଧା ସୁଯୋଗ କରାଯାଇଛି। ଏପରିକି ପରିକ୍ରମା ଅଞ୍ଚଳ ମଧ୍ୟରେ ଭକ୍ତଙ୍କ ବାଧାମୁକ୍ତ ବିଚରଣ, ଶ୍ରୀମନ୍ଦିରର ଚତୁଃପାଶ୍ୱର୍ ଦର୍ଶନ, ପରିକ୍ରମଣ ଏବଂ ବଡ଼ ଦେଉଳରେ ପ୍ରତିଦିନ ହେଉଥିବା ପତାକା ପରିବର୍ତ୍ତନର ଦୃଶ୍ୟ ଦର୍ଶନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମେଘନାଦ ପାଚେରୀ ଚାରିପଟେ ଅଳ୍ପ ଦୂରତାରେ ଖଣ୍ଡେଲାଇଟ୍ ପଥରେ ସ୍ୱଳ୍ପ ଉଚ୍ଚତାର ପଥର ବ୍ୟାରିକେଡ଼ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଛି। ସେହିପରି ସ୍ଥାନାନ୍ତରଣକ୍ଷମ ଗଛ ଚାରା ମନ୍ଦିର ▶ପୃଷ୍ଠା-୯

## ଓଡ଼ିଶାର ଭିତ୍ତିଭୂମି ରୂପାନ୍ତରଣରେ ସ୍ୱର୍ଣ୍ଣାଭ ସ୍ୱାକ୍ଷର

# 'ମେଟ୍ରୋ' ମାରାଥନ୍ ଆରମ୍ଭ

## ନୂଆବର୍ଷରେ ବାରଙ୍ଗ ରତାଗଡ଼ରେ ଭିତ୍ତି ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**୫-'ଟି' ଉପକ୍ରମରେ କାର୍ଯ୍ୟକାରୀ ହେବ ଏହି ଫ୍ଲାଗସିପ୍ ପ୍ରକଳ୍ପ**

**୨୬ କିମିରେ ୨୦ଟି ଷ୍ଟେସନ; ଖର୍ଚ୍ଚ ୬୨୫୫.୯୪ କୋଟି**

**ଆଗାମୀ ଦିନରେ ଖୋର୍ଦ୍ଧା, ପୁରୀ ଓ କଟକକୁ ସମ୍ପ୍ରସାରଣ**

**୨ ମାସ ତଳେ ପ୍ରସ୍ତାବିତ କାର୍ଯ୍ୟ ଅନୁଧ୍ୟାନ କରିଥିଲେ ୫-ଟି ଅଧ୍ୟକ୍ଷ**






**କଥା ଦେଇଥିଲି, ରଖିଲି। ସବୁ ଦିନ ଜାରି ରହୁ ନୂଆ ବର୍ଷରେ ଆପଣଙ୍କ ଏ ଖୁସି, ଏ ଆନନ୍ଦ: ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୧।୧ (ସମିସ): ରାଜ୍ୟର ବିକାଶ ଇତିହାସରେ ୨୦୨୪ ଜାନୁଆରୀ ୧ ତାରିଖ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ରାଜ୍ୟର ରୂପାନ୍ତରଣ ଓ ପରିବହନ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆଠାରେ ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନୂଆବର୍ଷରେ ରାଜ୍ୟବାସୀଙ୍କୁ 'ମେଟ୍ରୋ' ପ୍ରକଳ୍ପ ସ୍ୱପ୍ନକୁ ସାକାର କରିବା ସହ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପାଳନର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛନ୍ତି ।

ବାରଙ୍ଗର ରତାଗଡ଼ଠାରେ ଆୟୋଜିତ ଏକ ବିରାଟ ସମାବେଶକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ଆଜି ପାଳନ କରୁଛି। ଲକ୍ଷ୍ମୀ ଯୋଜନା ଗାଁରେ ରୂପାନ୍ତର ଆଣିଛି, ମେଟ୍ରୋ ରେଳ ଯୋଜନା ଏ ରୂପାନ୍ତରଣକୁ ଆହୁରି ଆଗକୁ ନେବ। ପୁରୁଣା ରାଜଧାନୀ କଟକ ସହିତ ନୂଆ ରାଜଧାନୀ ଭୁବନେଶ୍ୱରର ସମ୍ପର୍କକୁ ଆହୁରି ମଜବୁତ କରିବ । ଏଠାକୁ ଆସିବା ବେଳେ ରାସ୍ତାରେ ହଜାର ହଜାର ଲୋକଙ୍କ ଶୁଭେଚ୍ଛା ପାଇଲି। ସେମାନଙ୍କ ଆନନ୍ଦ ମୋତେ ବହୁତ ଖୁସି ଦେଇଛି। ନୂଆ ବର୍ଷର ଏ ଖୁସି, ଏ ଆନନ୍ଦ, ସବୁ ଦିନ ଜାରି ରହୁ, ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିକାଶର ପର୍ବରେ ଲୋକଙ୍କ ସହଯୋଗରେ ଆହୁରି ଆଗକୁ ବଢୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ମେଟ୍ରୋ ରେଳର ଏହି ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ କରାଯିବ। ୨୬ କି.ମି. ଏହି ପ୍ରକଳ୍ପରେ ୨୦ଟି ଷ୍ଟେସନ ରହିବ ଓ ଏଥିପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୫-ଟି ଉପକ୍ରମରେ ଏହା ରାଜ୍ୟର ଏକ ଫ୍ଲାଗସିପ୍ ପ୍ରକଳ୍ପ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକଳ୍ପର ସମସ୍ତ ଖର୍ଚ୍ଚ ବହନ କରିବେ ଓ ଓଡ଼ିଶା ଇତିହାସରେ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ଼ ନିବେଶ ହେବ। ଆଗାମୀ ଦିନରେ ମେଟ୍ରୋ ରେଳକୁ ଖୋର୍ଦ୍ଧା, ପୁରୀ ଓ କଟକ ସହରକୁ ସମ୍ପ୍ରସାରଣ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏକ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷ ଅପ୍ରେଲ ପହିଲାରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୯

## 'ଏକ୍ସପୋ ସାଟ୍'ର ଉତ୍କ୍ଷେପଣ ସଫଳ

■ ଶ୍ରୀହରିକୋଟା,୧।୧(ଏଜେନ୍ସି): ବିଗତ ଦିନରେ ଚନ୍ଦ୍ର ଏବଂ ସୂର୍ଯ୍ୟ ଅଭିଯାନକୁ ନେଇ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ) ବିଶ୍ୱସ୍ତରରେ ଭାରତକୁ ଶ୍ରେୟ ଦେଇଥିଲା ବେଳେ ସୋମବାର ଏହାର ସଫଳତାକୁ ନେଇ ନୂଆ ଫର୍ଦ ଯୋଡି ହୋଇଛି। ମହାକାଶ ଗବେଷଣା କ୍ଷେତ୍ରରେ ୨୦୨୪ ବର୍ଷର ପ୍ରଥମ ମିଶନ ଭାବେ ଇସ୍ରୋ ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ଉତ୍କ୍ଷେପଣ କେନ୍ଦ୍ରରୁ 'ଏକ୍ସ- ରେ ' ପୋଲାରିମିଟର ସାଟେଲାଇଟ୍( ଏକ୍ସପୋ ସାଟ୍)'କୁ ସଫଳତାର ସହ ଉତ୍କ୍ଷେପଣ କରିଛି। ଏହି ସଫଳତା ଇସ୍ରୋ ବୈଜ୍ଞାନିକମାନଙ୍କ ନିପୁଣତା ଏବଂ କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲା ବେଳେ ଦିନକୁ ଦିନ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ କିଭଳି ସଂପ୍ରସାରିତ ହେଉଛି ତାହାକୁ ମଧ୍ୟ ପ୍ରମାଣିତ ▶ପୃଷ୍ଠା-୯

**ମହିଳା ବୈଜ୍ଞାନିକ ଟିମ୍ ଦ୍ୱାରା ପ୍ରସ୍ତୁତ ହୋଇଛି ମିଶନ**

**ଇସ୍ରୋ ଇତିହାସରେ ନୂଆ ଅଧ୍ୟାୟ**



## ଭୂକମ୍ପରେ ଦୋହଲିଲା ଜାପାନ

■ ଟୋକିଓ,୧।୧(ଏଜେନ୍ସି): ଜାପାନରେ ସୋମବାର ଉଚ୍ଚ ତୀବ୍ରତାର ଭୂକମ୍ପ ଅନୁଭୂତ ହେବା ସହିତ ବିଭିନ୍ନ ସ୍ଥାନରେ ଭୟାବହ ପରିସ୍ଥିତି ଉପୁଜିଛି। ବର୍ଷ ୨୦୨୪ର ପ୍ରଥମ ଦିନରେ ଜାପାନ ଉତ୍ସବ ମନାଇବାକୁ ପ୍ରସ୍ତୁତ ହେଉଥିଲା ବେଳେ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛି। ଲଗାତର ଭୂକମ୍ପରେ ଏଠାକାର ବହୁ ଘରଦ୍ୱାର ଏବଂ ସଡ଼କପଥ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ସୋମବାର ପ୍ରତ୍ୟୁଷରେ ୩.୬ ରୁ ୭.୬ ତୀବ୍ରତାର ପ୍ରାୟ ୩୦ ଥର ଭୂକମ୍ପ ଅନୁଭୂତ ହେବା ସହିତସୁନାମୀ ଆସିବାରୁ ବହୁ ସହରରେ ଘରଦ୍ୱାର ଧ୍ୱସ ହୋଇଯାଇଛି। ଏହାଛଡ଼ା ଅନେକ ସହରରେ ରାସ୍ତା ଫାଟି ଆଁ କରିଛି। ଜାପାନର ପାଣିପାଗ ଏଜେନ୍ସି ସୂଚନା ଅନୁସାରେ ନୋଟୋ ଉପଦ୍ୱୀପାଞ୍ଚଳ ଇସିକାୱା ସହର ସମେତ ଏହାର ନିକଟସ୍ଥ ଅଞ୍ଚଳରେ ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି।



## ନୋବେଲ ବିଜେତାଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ

■ ଢାକା, ୧।୧ (ଏଜେନ୍ସି): ବାଂଲାଦେଶର ନୋବେଲ ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଶ୍ରମ ଆଇନ ଅଧୀନରେ ଦୋଷୀ ସାବ୍ୟସ୍ତ କରାଯିବା ସହିତ ଏକ ମାମଲାରେ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଏକ ମାମଲାରେ ମହମ୍ମଦ ୟୁନୁସ୍ ଶ୍ରମ ଆଇନ ଉଲ୍ଲଂଘନ କରିଥିବା ସ୍ଥାନୀୟ ଶ୍ରମ ଅଦାଲତ କହିଥିଲା ବେଳେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ପ୍ରମାଣିତ ହୋଇଛି ବୋଲି ଜଷ୍ଟିସ୍ ଶେଖ ମେରିନା ସୁଲତାନା କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ୮୩ ବର୍ଷୀୟ ୟୁନୁସ୍ ବାଂଲାଦେଶର ଲକ୍ଷ ଲକ୍ଷ ଗରିବ ଲୋକଙ୍କ ଅବସ୍ଥା ସୁଧାରିବା ଦିଗରେ ବର୍ଷ ବର୍ଷ ଧରି କାର୍ଯ୍ୟ କରିଥିଲେ। ଏଥିପାଇଁ ସେ ମାଇକ୍ରୋଫାଇନାନ୍ସ ବ୍ୟାଙ୍କ ମାଧ୍ୟମରେ ହଜାର ହଜାର ଲୋକଙ୍କ ପାଇଁ ଋଣ ସୁବିଧା କରି ଜୀବିକା ଉପାର୍ଜନର ବାଟ ଖୋଲିଥିଲେ। ଯେଉଁଥିପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିଥିଲା।



# ସୀମାନ୍ତରେ ପୁଲିସ-ମାଓବାଦୀ ଗୁଳିବିନିମୟ; ନାବାଳିକା ମୃତ

**ଜଣେ ମହିଳା ଓ ଦୁଇ ଯବାନ ଆହତ**

■ ମାଲକାନଗିରି,୧।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ପୁଲିସ୍ ଓ ମାଓବାଦୀ ଗୁଳିବିନିମୟ ହୋଇଥିବାବେଳେ ଏଥିରେ ଜଣେ ୬ ବର୍ଷର ନାବାଳିକାର ମୃତ୍ୟୁ ହୋଇଥିବାବେଳେ ଝିଅଟିର ମାଆ ଓ ଦୁଇ ଯବାନ ଆହତ ହୋଇଥିବା ଜଣାପଡ଼ୁଛି। ମିଳିଥିବା ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ଭୈରମଗଡ଼ ଅଞ୍ଚଳରେ ମାଓବାଦୀ ଲୁଚି ରହିଥିବା ଖବର ପାଇ ଡିଆରଜି ଯବାନମାନେ ସର୍ଚ୍ଚ ଅପରେସନରେ ଯାଇଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଯାହାର ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳିଚାଳନା କରିଥିଲେ। ଉଭୟ ପକ୍ଷରୁ ଗୁଳି ବିନିମୟବେଳେ ସେହି ନିକଟରେ ଗୋଟିଏ ୬ ବର୍ଷର ଝିଅ ଓ ତା'ର ମାଆ ଯାଉଥିବାବେଳେ ଉଭୟଙ୍କ ଦେହରେ ଏହି ଗୁଳି ବାଜିଥିଲା। ଫଳରେ ଝିଅଟିର ମୃତ୍ୟୁ ହୋଇଥିବାବେଳେ ଝିଅର ମାଆ ଆହତ ହୋଇଛନ୍ତି। ସେହିପରି ଏହି ଗୁଳିବିନିମୟରେ ଦୁଇ ଯବାନ ମଧ୍ୟ ଆହତ ହୋଇଥିଲେ। ତେବେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଲୁଚି ପଳାଇଥିବାବେଳେ ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି। ଅନ୍ୟପକ୍ଷରେ ଆହତ ମହିଳା ଓ ଯବାନଙ୍କ ଚିକିତ୍ସା ପାଇଁ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ବିଜାପୁର ଏଏସପି ପୁଲିସ ଟିମ୍ ସହ ମହିଳାଙ୍କ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଗୁଳିବିନିମୟରେ ଭରାମଗଡ଼ କ୍ଷେତ୍ର କମିଟି ସଚିବ ଚନ୍ଦ୍ରନା ଏବଂ ଅନ୍ୟ ମାଓବାଦୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ଲୋକକଥା



ନେତା ତ ନାହାନ୍ତି ନେତୃତ୍ୱ ନେବାକୁ
କିଏ ବା ଲଢ଼ିବ ପୁଣି,
ଯେତିକି ବା ଏବେ ଦଳରେ ଅଛନ୍ତି
ଆପଣାରେ ଟଣାଟଣି।
ସ୍ଥିତି ତ ହେଲାଣି ଜାଣି,
ଟଳମଳ ସ୍ଥିତି ଦଳରେ ଉଚ୍ଛୁଳେ
କେତେ ବା ପାରିବେ ଜିଣି !!



## ବିଏସ୍‌କେୱାଇ 'ନବୀନ କାର୍ଡ'



# ୬ରୁ ପଞ୍ଜୀକରଣ; ମେ' ପହିଲାରୁ ସେବା

■ ଭୁବନେଶ୍ୱର, ୧।୧ (ସମିସ): ଚଳିତ ମାସ ୬ ତାରିଖରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନବୀନ କାର୍ଡ ପାଇଁ ପଞ୍ଜୀକରଣ ଆରମ୍ଭ ହେବ। ଗ୍ରାମାଞ୍ଚଳରେ ରହୁଥିବା ଯେଉଁ ଲୋକମାନେ ବିଏସ୍‌କେୱାଇ କାର୍ଡରେ ସାମିଲ ହୋଇ ନାହାନ୍ତି ସେମାନେ (ସରକାରୀ କର୍ମଚାରୀ, ପେନ୍‌ସନ୍ ଭୋଗୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ଆୟକର ଦାତାଙ୍କୁ ବାଦ୍ ଦେଇ) ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିପାରିବେ। ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଏସ୍‌କେୱାଇନବୀନ ଡଟ୍ ଓଡ଼ିଶା ଡଟ୍ ଆଇନ୍ ଜରିଆରେ ଅନ୍‌ଲାଇନରେ ଆବେଦନ ଆରମ୍ଭ ହେବ। ଜାନୁଆରୀ ୬ ତାରିଖରୁ ଜାନୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ୨୦୨୪ ମେ' ମାସ ୧ ତାରିଖରୁ ବିଏସ୍‌କେୱାଇ ନବୀନ କାର୍ଡ ଗଣମାଧ୍ୟମରେ ଅପଲୋଡ୍ କରିବେ। ସେହିପରି ମିଶନ୍ ଶକ୍ତି, ପଞ୍ଚାୟତିରାଜ, ମହିଳା ଓ ଶିଶୁ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ର ସ୍ତରୀୟ ଅଧିକାରୀମାନେ ନବୀନ କାର୍ଡ ସମ୍ପର୍କରେ ପ୍ରଚାର ପ୍ରସାର କରିବେ। ପଞ୍ଚାୟତ ସ୍ତରରେ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯିବ। ପ୍ରଚାର କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନକୁ ୧ ଲକ୍ଷ ଟଙ୍କା ମିଳିବ। ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ ଅଧିକ ଅର୍ଥ ଖର୍ଚ୍ଚ କରିପାରିବେ ଏବଂ ପରେ ଏହା ଷ୍ଟେଟ୍ ହେଲଥ୍ ଆସ୍ୟୁରାନ୍ସ ସୋସାଇଟି ପକ୍ଷରୁ ଭରଣା କରାଯିବ। ଜାନୁଆରୀ ୧ରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରଚାର ପ୍ରସାର କାମ ଚାଲିବ ବୋଲି ଶ୍ରୀମତୀ ପଣ୍ଡିତ କହିଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ଯେଉଁମାନେ ବିଏସ୍‌କେୱାଇ କାର୍ଡ ▶ପୃଷ୍ଠା-୯

**ପ୍ରତି ପରିବାର ପାଇଁ ୫ ଲକ୍ଷ ଟଙ୍କା ଓ ମହିଳାଙ୍କୁ ୧୦ ଲକ୍ଷର ସ୍ୱାସ୍ଥ୍ୟସେବା**

**୫ ବର୍ଷରୁ କମ୍ ପିଲାଙ୍କ ପାଇଁ ଲୋଡ଼ା ଆଧାର କିମ୍ବା ଅଣ୍ଡରଟେକିଂ**

**ପୁରୁଣା ବିଏସ୍‌କେୱାଇ ହିତାଧିକାରୀଙ୍କ ଆବେଦନ ଅନାବଶ୍ୟକ**

**ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ**

**ସମସ୍ତ ବିଏସ୍‌କେୱାଇ ପଞ୍ଜିକୃତ ଡାକ୍ତରଖାନାରେ ମିଳିବ ସେବା**

## ୨୦୨୩ ସିସିଟିଏନ୍‌ଏସ୍ ପ୍ରଗତି ଡ୍ୟାଶବୋର୍ଡ ରିପୋର୍ଟ

# ଗଞ୍ଜାମ ଜିଲ୍ଲା ପୁଲିସ ରାଜ୍ୟରେ ଶ୍ରେଷ୍ଠ



■ ବ୍ରହ୍ମପୁର, ୧।୧ (ସମିସ): କ୍ରାଇମ୍ ଆଣ୍ଡ କ୍ରିମିନାଲ୍ ଟ୍ରାକିଂ ନେଟ୍‌ୱର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍)ରେ ଲୋକଙ୍କୁ ହାତପାଆନ୍ତାରେ ବିଭିନ୍ନ ସେବା ଯୋଗାଇଦେବା ଏବଂ ଅପରାଧ ଓ ବିଭିନ୍ନ ମାମଲାର ତଥ୍ୟ ପଞ୍ଜୀକରଣରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବର୍ଷ ୨୦୨୩ରେ ଗଂଜାମ ଜିଲ୍ଲା ପୁଲିସ୍ ରାଜ୍ୟର ଅନ୍ୟ ୩୫ ପୁଲିସ ଜିଲ୍ଲାକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଜିଲ୍ଲାୱାରୀ ପ୍ରଗତି ଡ୍ୟାଶ୍‌ବୋର୍ଡରେ ଏହି ସୂଚନା ଦିଆଯିବା ସହ ଏହାର ସୁବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ନୂଆପଡ଼ା ଜିଲ୍ଲା ପୁଲିସ ଓ ତୃତୀୟ ସ୍ଥାନରେ ଅନୁଗୁଳ ଜିଲ୍ଲା ପୁଲିସ ରହିଛି। ଅପରପକ୍ଷେ, ଶ୍ରେଷ୍ଠ ଥାନା ତାଲିକାରେ ବ୍ରହ୍ମପୁର ଟାଉନ୍ ଥାନା ଓ ଶ୍ରେଷ୍ଠ ଥାନାଧିକାରୀ ତାଲିକାରେ କୋଦଳା ଥାନାଧିକାରୀ ଉମାକାନ୍ତ ସାହୁ ପ୍ରଥମ ସ୍ଥାନରେ ରହିଛନ୍ତି।

ପ୍ରଗତି ଡ୍ୟାଶ୍‌ବୋର୍ଡରେ ପ୍ରକାଶିତ ତଥ୍ୟ ଅନୁସାରେ, ଗଞ୍ଜାମ ପୁଲିସ ଜିଲ୍ଲା ୯୭.୨୮ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ସଫଳତା ହାର ୯୬.୮୨ ପ୍ରତିଶତ ଓ ଅନୁଗୁଳ ଜିଲ୍ଲାର ହାର ୯୧.୭୨ ପ୍ରତିଶତ ରହିଛି। ସେହିପରି ବ୍ରହ୍ମପୁର ଟାଉନ ଥାନାର ସଫଳତା ହାର ▶ପୃଷ୍ଠା-୯

**ବ୍ରହ୍ମପୁର ଟାଉନ୍ ଥାନା ଶ୍ରେଷ୍ଠ**

**କୋଦଳା ଥାନା ଅଧିକାରୀ ଶ୍ରେଷ୍ଠ ଆଇଆଇସି**



## ଆଜି ବାହୁଡ଼ିଥିଲେ

### ନବଉତ୍କଳର ନିର୍ମାତା

# ଡ. ହରେକୃଷ୍ଣ ମହତାବ



ଓଡ଼ିଶା ରାଜନୀତିର କିମ୍ବଦନ୍ତୀ ପୁରୁଷ ଥିଲେ ଡ.ହରେକୃଷ୍ଣ ମହତାବ। ରାଜନୀତିଠାରୁ ଆରମ୍ଭ କରି ସାହିତ୍ୟ,ସାମ୍ବାଦିକତା ସବୁଠି ସେ ଛାଡ଼ି ଯାଇଛନ୍ତି ତାଙ୍କ ଛାପ। ଓଡ଼ିଶାରେ ଗଡ଼ଜାତର ମିଶ୍ରଣ, ଭୁବନେଶ୍ୱରରେ ରାଜଧାନୀର ନିର୍ମାଣ ସହ ଅନେକ କିଛି ତାଙ୍କ ଶାସନକାଳରେ ହୋଇଥିଲା। ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ସଂଗଠକ, ଐତିହାସିକ ଓ ଗବେଷକ। ସେ ଜନମାନସରେ ଉତ୍କଳ କେଶରୀ ନାମରେ ଜଣାଶୁଣା । ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ନେତୃତ୍ୱ ଜାହିର୍ କରିବାରେ ମହତାବ ଅଗ୍ରଣୀ ଭୂମିକା ନେଇଥିଲେ। ଦୀର୍ଘଦିନ ଧରି ରାଜନୀତିରେ ସକ୍ରିୟ ଥିବା ଏହି ଜନନାୟକ ଥିଲେ ସାଧାରଣ ଜନତାଙ୍କ ବନ୍ଧୁ। ସେମାନଙ୍କ ସମସ୍ତ ଦୁଃଖ ଅସୁବିଧାକୁ 'ଗାଁ ମଜଲିସ୍' ମାଧ୍ୟମରେ ସମାଜରେ ଉପସ୍ଥାପନ କରି ଲୋକଲୋଚନକୁ ଆଣିବାକୁ ସେ ସତତ ଚେଷ୍ଟିତ ଥିଲେ।

ହରେକୃଷ୍ଣ ମହତାବ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ୨୧ ନଭେମ୍ବର, ୧୮୯୯ରେ ଜନ୍ମ ନେଇଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚରଣ ମହତାବ ଓ ମାତା ତୋହଫା ଦେବୀ। ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପଢ଼ାପରେ ସେ କଟକର ରେଭେନ୍ସା କଲେଜରେ ନାମ ଲେଖାଇଥିଲେ, କିନ୍ତୁ ସେଠାରୁ ସେ ୧୯୨୧ରେ ପାଠପଢ଼ା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିଲେ। ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାଇଥିଲେ। ଏହାପରେ ପୁନର୍ବାର ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇଥର କାରାବରଣ କରିଥିଲେ। ୧୯୨୦ରୁ ୧୯୪୫ ମସିହା ପର୍ଯ୍ୟନ୍ତ କଂଗ୍ରେସ ଡାକରାରେ ସଂଘର୍ଷ ଓ ସଂଗ୍ରାମ ଭିତରେ ମହତାବ ନିଜକୁ ସାମିଲ କରି ସର୍ବଭାରତୀୟ ସ୍ତରରେ ଜଣେ ଅସାମାନ୍ୟ ନେତାର ମାନ୍ୟତା ଲାଭ କଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଶାସନ ସମୟରେ କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଲଳିତକଳା ଏକାଡେମୀ, ରବୀନ୍ଦ୍ର ମଣ୍ଡପ, ହୀରାକୁଦ ନଦୀବନ୍ଧ, ମାଛକୁଣ୍ଡ ଜଳଭଣ୍ଡାର ଓ ଜଳବିଦ୍ୟୁତ୍ ଯୋଜନା, କଟକର କେନ୍ଦ୍ରୀୟ ଧାନ ଗବେଷଣାଗାର ଇତ୍ୟାଦି ସ୍ଥାପନ ହୋଇଥିଲା। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୫୪ରେ ବମ୍ବେର ରାଜ୍ୟପାଳ ହୋଇଥିଲେ। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଜରୁରୀ ପରିସ୍ଥିତିକୁ ବିରୋଧ କରି ସେ କାରାବରଣ କରିଥିଲେ। ୧୯୭୭ରେ ସେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ପ୍ରତିଭା-୧୯୪୬', 'ଟାଉଟର', 'ଅବ୍ୟାପାର', 'ତୃତୀୟପର୍ବ' ଆଦି ଅନ୍ୟତମ। ୧୯୮୭ ଆଜିର ଦିନରେ ଏହି ମହାନ୍ ଜନନାୟକ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

## ଆଜିର ଇତିହାସ

- ୧୭୫୭- ବ୍ରିଟିଶ୍ ସେନା କଲିକତା ସହର ଉପରେ କବ୍‌ଜା କଲା।
- ୧୯୪୨- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପାଇନ୍ସର ରାଜଧାନୀ ମାନିଲା ଉପରେ କବ୍‌ଜା କଲା।
- ୧୯୫୪- ଭାରତ ରତ୍ନ ପୁରସ୍କାରର ଆରମ୍ଭ ହେଲା ।
- ୧୯୭୧-ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋରେ ଏକ ଫୁଟବଲ ମ୍ୟାଚ୍‌ରେ ଦଳାଚକଟା ଯୋଗୁ ୬୬ ଜଣ ଫୁଟବଲ ପ୍ରେମୀଙ୍କ ମୃତ୍ୟୁ।
- ୧୯୯୧- ଥିରୁବନନ୍ତପୁରମ୍ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଲା।
- ୨୦୨୦- ଭାରତ ସରକାର ଚନ୍ଦ୍ରଯାନ-୩ ଅଭିଯାନକୁ ମଞ୍ଜୁରୀ ପ୍ରଦାନ କଲେ।

## କୌତୁକିଆ ଦିଶିବା ପାଇଁ କୁକୁର, ବିଲେଇଙ୍କ ପ୍ଲାଷ୍ଟିକ୍ ସର୍ଜରୀ



ଚୀନ୍‌ର ଗବେଷଣାଗାରରେ ମଣିଷ ଓ ପଶୁପକ୍ଷୀମାନଙ୍କ ଉପରେ ଅତି ନିର୍ଦ୍ଦୟ ଭାବେ ପରୀକ୍ଷାନିରୀକ୍ଷା କରାଯିବାର ନଜିର ରହିଛି। ଏବେ ଚୀନ୍‌ର କିଛି ଲୋକେ ନିଜ ପୋଷା ଜୀବକୁ ସୁନ୍ଦର ତଥା କୌତୁକିଆ ଦେଖାଯିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରୁଥିବାର ଦେଖିବାକୁ ମିଳୁଛି। ଯାହା ବର୍ତ୍ତମାନ ସମୟରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ବେଆଇନ ଭାବେ ଏଭଳି ପ୍ଲାଷ୍ଟିକ୍ ସର୍ଜରୀ କରାଯାଉଛି । ଚୀନ୍‌ର ଲୋକଙ୍କୁ ପୋଷା ବିଲେଇ ଓ କୁକୁରଙ୍କ କାନକୁ ଲୋକପ୍ରିୟ କାର୍ଟୁନ୍ ମିକି ମାଉସ୍ କାନ ଭଳି କରିବା ପାଇଁ ଏକ ଅଜବ ନିଶା ଘାରିଛି। ସେଥିପାଇଁ ସେମାନେ ପୋଷା ଜୀବମାନଙ୍କୁ ସେହିପରି ଲୁକ୍ ଦେବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରାଉଛନ୍ତି। ତେବେ ଏଭଳି ସର୍ଜରୀ କରିବା ପାଇଁ ଭାରତୀୟ ମୁଦ୍ରାରେ ୩୩୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଆନେସ୍ଥେସିୟା ଦେଇ ପଶୁମାନଙ୍କର କାନକୁ ଗୋଲ କରାଯାଇଥାଏ । ଏଥି ସହିତ ସେମାନଙ୍କ ଲାଞ୍ଜକୁ ଅଧା କିମ୍ବା ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଉଛି । ଖାଲି ସେତିକି ନୁହେଁ, ସେମାନଙ୍କ ଲୋମକୁ ନେଇ ମଧ୍ୟ ବିଭିନ୍ନ ପରିବର୍ତ୍ତନ କରାଯାଉଛି । ଏହି ଟ୍ରେଣ୍ଡକୁ ବନ୍ଦକରିବା ପାଇଁ ପଶୁ ବିଶେଷଜ୍ଞମାନେ ଦାବି କରୁଛନ୍ତି । କାରଣ ଏହାଦ୍ୱାରା ପଶୁମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ଯଦିଓ ଚୀନ୍‌ରେ ଏହାକୁ ନିଷିଦ୍ଧ ଘୋଷଣା କରାଯାଇଛି କିନ୍ତୁ କିଛି ଲୋକ ଲୁଚି, ଛପି ଏହା କରୁଛନ୍ତି ।

## ଅମୂଲମୂଲ ଚନ୍ଦ୍ରଧୂଳି



ଧୂଳି ଏବଂ ମାଟିର ମହତ୍ତ୍ୱ ସାଧାରଣତଃ କେହି ବୁଝନ୍ତି ନାହିଁ। କାରଣ ଏହା ସବୁ ସ୍ଥାନରେ ଉପଲବ୍ଧ ଥାଏ। ଏହି କ୍ରମରେ ଏମିତି ଏକ ଧୂଳି ଅଛି, ଯାହାକି କୋଟି କୋଟି ଟଙ୍କାରେ ବିକ୍ରି ହୋଇଛି। ତେବେ ଏହି ଧୂଳିର ସ୍ୱତନ୍ତ୍ରତା ହେଲା ଏହା ଚନ୍ଦ୍ରପୃଷ୍ଠରୁ ଆସିଛି। ଏହି ଧୂଳିରୁ ଚିମୁଟାଏ କିଣିବା ପାଇଁ ଲୋକେ ୪ କୋଟି ୧୬ ଲକ୍ଷ ୭୧ ହଜାର ଟଙ୍କା ଦେବାକୁ ପ୍ରସ୍ତୁତ ଥିଲେ। ନ୍ୟୁୟର୍କର ବୋନହାମ୍ସରେ ଏପ୍ରିଲ୍ ୨୦୨୨ରେ ଚନ୍ଦ୍ର ଧୂଳି ନିଲାମ କରାଯାଇଥିଲା। ଜଣେ ବ୍ୟକ୍ତି ଏହି ବିରଳ ଧୂଳିକୁ ୪ କୋଟି ୧୬ ଲକ୍ଷ ୭୧ ହଜାର ଟଙ୍କାରେ କିଣିଥିଲେ। ମହାକାଶଚାରୀ ନୀଲ୍ ଆର୍ମଷ୍ଟ୍ରଙ୍ଗ ଆପୋଲୋ ୧୧ ମିଶନ ସମୟରେ ଏହି ଧୂଳିକୁ ପୃଥିବୀ ପୃଷ୍ଠକୁ ଆଣିଥିଲେ। ଚନ୍ଦ୍ର ଧୂଳି ଅତ୍ୟନ୍ତ ମୂଲ୍ୟବାନ। କାରଣ ଏହା କେବଳ ବିରଳ ନୁହେଁ ବରଂ ଗବେଷଣା ପାଇଁ ସମଗ୍ର ବିଶ୍ୱରେ ଏହାର ଚାହିଦା ରହିଛି। ବିଶ୍ୱରେ ଆମେରିକା ବ୍ୟତୀତ ଦୁଇଟି ଦେଶ ପାଖରେ ଚନ୍ଦ୍ର ଧୂଳି ରହିଛି। ସେଇ ଦୁଇଟି ଦେଶ ହେଉଛି ରୁଷିଆ ଏବଂ ଚୀନ୍।

## 'ଧୂମ୍-୪'ରେ ଶାହାରୁଖ୍ !



ନିକଟ ଅତୀତରେ ବଲିଉଡ଼ର କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ଅଭିନୀତ 'ଡଙ୍କି' ମୁକ୍ତିଲାଭ କରିଥିଲା। ଏହା ମଧ୍ୟ ବକ୍ସ ଅଫିସ୍‌ରେ 'ପଠାନ୍' ଓ 'ଜୱାନ୍' ଭଳି ବ୍ଲକ୍‌ବଷ୍ଟର୍ ହିଟ୍ ସାବ୍ୟସ୍ତ ହୋଇଛି। ବଲିଉଡ୍‌ରେ ରୋମାନ୍ସ କିଙ୍ଗ୍ ଭାବେ ପରିଚୟ ସୃଷ୍ଟି କରିଥିବା ଶାହାରୁଖ୍ କିନ୍ତୁ ୨୦୨୩ରେ ଆକ୍ସନ୍ ଉପରେ ଫୋକସ୍ କରିଥିଲେ। ଏହାର ଫଳସ୍ୱରୂପ ୨୦୨୩ରେ ତାଙ୍କର ତିନୋଟି ଯାକ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା। 'ଡଙ୍କି' ପରେ ଶାହାରୁଖ୍‌ଙ୍କୁ ଅନେକ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସୁଛି। ୨୦୨୪ରେ ଶାହାରୁଖ୍‌ଙ୍କୁ ଏକ ବଡ଼ ପ୍ରୋଜେକ୍ଟ ପାଇଁ ଅଫର୍ ଆସିଛି। 'ଧୂମ୍-୪'ରେ ଶାହାରୁଖ୍ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। 'ଧୂମ୍' ଫ୍ରାଞ୍ଚାଇଜ୍‌ର ପୂର୍ବ ଫିଲ୍ମଗୁଡ଼ିକରେ ହ୍ରିତିକ୍ ରୋଶନ, ଜନ୍ ଆବ୍ରାହମ୍ , ଅମିର୍ ଖାନ୍ ଦେଖାଯାଇଥିଲେ। ଆଉ ଏବେ ଶାହାରୁଖ୍‌ଙ୍କ ପାଳି। ତେବେ 'ଧୂମ୍-୪' ରେ ଏହାର ପୂର୍ବ ଫିଲ୍ମଗୁଡ଼ିକ ଅପେକ୍ଷା ଅଧିକ ଆକ୍ସନ୍ ସିନ୍ ରହିବ ବୋଲି କୁହାଯାଉଛି। ଶାହାରୁଖ୍ ଏଥିରେ ଖଳନାୟକ ଭାବେ ଦେଖାଯିବେ। ତେବେ ଶାହାରୁଖ୍ ଏବେ ଯେଉଁଭଳି ଆକ୍ସନ୍ ସିନ୍ କରୁଛନ୍ତି 'ଧୂମ୍-୪'ରେ 'ପଠାନ୍' ଓ 'ଜୱାନ୍' ଭଳି ଆକ୍ସନ୍ ସିନ୍ ରହିବା ସହିତ ଅଧିକ ଭିଏଫ୍‌ଏକ୍ସ ରହିବ ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର ବଜେଟ୍ ୫୦୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅବଶ୍ୟ ଶାହାରୁଖ୍ ଏହି ଫିଲ୍ମ ନଜର ଆସିବେ କି ନାହିଁ ଏଯାବତ୍ ଯଶରାଜ୍ ବ୍ୟାନର୍ ତରଫରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ।

## ଦୌଡ଼ ମାଧ୍ୟମରେ ଜଳବାୟୁ ସଚେତନତା ବାର୍ତ୍ତା

ପରିବେଶ ସୁରକ୍ଷା ଦିଗରେ ଅନେକ ଲୋକ ବିଭିନ୍ନ ଉପାୟରେ ସଚେତନ କରୁଥିବା ଦେଖାଯାଉଛି। ଏହି କ୍ରମରେ ବେଙ୍ଗାଲୁରୁର ୩୪ ବର୍ଷୀୟ ଆକାଶ ନାମ୍ବିଆର ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରିବା ପାଇଁ ଭିନ୍ନ ଉପାୟ ଗ୍ରହଣ କରିଛନ୍ତି। ଯାହାକି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ଦୌଡ଼ ମାଧ୍ୟମରେ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନ କରିବାକୁ ଚେଷ୍ଟା କରିଛନ୍ତି। ସେଥିପାଇଁ ସେ ଖାଲିପାଦରେ ଦୁବାଇରେ ୧୦୪ କିଲୋମିଟର ବାଟ ଦୌଡ଼ିଛନ୍ତି। ଏହି ସମୁଦାୟ ବାଟକୁ ଆକାଶ ୧୭ ଘଣ୍ଟା ୨୦ ମିନିଟ୍‌ରେ ପୂର୍ଣ୍ଣ କରିଛନ୍ତି। ସୂର୍ଯ୍ୟ ଉଦୟ ପରେ ଅଲ୍ କୁଦାରର ଲଭ୍ ହ୍ରଦରୁ ସେ ଦୌଡ଼ ଆରମ୍ଭ କରି ବୁର୍ଜ ଖଲିଫାରେ ଶେଷ କରିଥିଲେ। ସେହିପରି ଆକାଶ ତାଙ୍କ ଦୌଡ଼ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ସେ ଏହି ଦୌଡ଼ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ପ୍ରସଙ୍ଗ ଲୋକଙ୍କ ସାମ୍ନାରେ ରଖି ସଚେତନ କରିବାକୁ ଚାହୁଁଥିବା କହିଛନ୍ତି। ତେବେ ଦୌଡ଼କୁ ସେ ସବୁଠୁ ଭଲ ମାଧ୍ୟମ ବୋଲି କହିଛନ୍ତି। ସମୟ ଶେଷ ହୋଇଯାଉଛି। ତେଣୁ ଏହି ପ୍ରସଙ୍ଗ ଉପରେ ଅତିଶୀଘ୍ର ହିଁ କିଛି ଚିନ୍ତା କରିବାକୁ ପଡ଼ିବ ବୋଲି ଆକାଶ କହିଛନ୍ତି। ଏହା ସହ ସେ ଏହି ଦୌଡ଼ ମାଧ୍ୟମରେ ସୁସ୍ଥ ଓ ସଷ୍ଟେନବୁଲ ଜୀବନଶୈଳୀକୁ ମଧ୍ୟ ପ୍ରୋତ୍ସାହିତ କରିଥିବା କହିଛନ୍ତି। ଅନ୍ୟପଟେ ରାତିରେ କିଛି ସମୟକୁ ଛାଡ଼ିଦେଲେ ବାକି ସମୟ ସେ ଖାଲିପାଦରେ ଦୌଡ଼ିଥିବା କହିଛନ୍ତି। ଏହାବାଦ୍ ଦୌଡ଼ ପାଇଁ ସେ ଦୁବାଇ ସହରକୁ କାହିଁକି ବାଛିଲେ ସେ ସମ୍ପର୍କରେ ମଧ୍ୟ ଅବଗତ କରାଇଛନ୍ତି। ଏଠାରେ ଏବେ କପ୍-୨୮ (ଜାତିସଂଘ ଜଳବାୟୁ ପରିବର୍ତ୍ତନ ଆଲୋଚନା) ସମ୍ମିଳନୀ ଶେଷ ହୋଇଛି। ତେବେ ଜଳବାୟୁ ପରିବର୍ତ୍ତନକୁ ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ କରିବା ପାଇଁ ମାତ୍ର ପାଞ୍ଚ ବର୍ଷ ରହିଛି ଏବଂ ଏ ବାବଦରେ ଆଜି ବି ଅନେକ ଲୋକ ଜାଣନ୍ତି ନାହିଁ। ସେହିପରି କାର୍ବନ ଉତ୍ସର୍ଜନକୁ କମ୍ କରିବା ତଥା ଆଗାମୀ ପିଢ଼ିଙ୍କ ପାଇଁ ପୃଥିବୀକୁ ସୁରକ୍ଷିତ ରଖିବାର ବାର୍ତ୍ତା ଦେବା ପାଇଁ କପ୍-୨୮ ସମ୍ମିଳନୀ ପରେ ଦୌଡ଼ର ଯୋଜନା କରିଥିବା କଥା କହିଛନ୍ତି ଆକାଶ।




## ଅଦରକାରୀ ଆଲୁମିନିୟମ୍‌ରୁ ଆକର୍ଷଣୀୟ ଅଳଙ୍କାର

ଜଣେ ଡିଜାଇନର ଗହଣା ତିଆରି ପାଇଁ ସୁନା, ରୁପା ଭଳି ପାରମ୍ପରିକ ଧାତୁକୁ ବ୍ୟବହାର କରିବା ପରିବର୍ତ୍ତେ ଅଦରକାରୀ ଆଲୁମିନିୟମ୍ ଉପଯୋଗରେ ଖୁବ୍ ସୁନ୍ଦର ଅଳଙ୍କାରମାନ ତିଆରି କରୁଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବ୍ରିଟେନର ପ୍ରତିଷ୍ଠିତ ଡିଜାଇନର ଆନାବେଲା ଚାନ୍ ଅଳିଆଗଦାରେ ପଡ଼ିଥିବା କେନ୍‌କୁ ସଂଗ୍ରହ କରି ସେସବୁକୁ ଏକ ନୂଆ ରୂପ ପ୍ରଦାନ କରୁଛନ୍ତି। ସେହିପରି ଏ ଲାଗି ତାଙ୍କ କମ୍ପାନି ଯେଉଁ ରତ୍ନକୁ ବ୍ୟବହାର କରୁଛି, ତାହାକୁ ଗବେଷଣାଗାରରୁ ତିଆରି କରାଯାଉଛି। ପ୍ରଥମେ ଅଦରକାରୀ କେନ୍ ଆଦି ଅନ୍ୟାନ୍ୟ ଜିନିଷରୁ ଆଲୁମିନିୟମକୁ ବାହାର କରାଯାଏ। ତ'ପରେ ସେହି ଆଲୁମିନିୟମ୍‌କୁ ରିସାଇକେଲ କରାଯାଇ ତାହାକୁ ଗହଣା ତିଆରିରେ ଉପଯୋଗ କରାଯାଏ। ତେବେ ତାଙ୍କ କମ୍ପାନି ରିଜେନେରେଟିଭ୍ ଫାର୍ମିଂ ଟେକ୍ନିକ୍ ମାଧ୍ୟମରେ ଏଥିରୁ ଅଳଙ୍କାର ତିଆରି କରୁଛି। ଚାନ୍ ହୀରଖଣିରେ କାମ କରାଯାଉଥିବାର ଖରାପ ସ୍ଥିତିକୁ ଦେଖିବା ପରେ ତାଙ୍କ ମନକୁ ଏଭଳି ଚିନ୍ତାଧାରା ଆସିଥିବା ସେ କହିଛନ୍ତି। ସେହିପରି ତାଙ୍କ କମ୍ପାନି କେତେ ସଂଖ୍ୟକ ଗହଣା ବିକ୍ରି କରୁଛି, ତାହାର ହିସାବ ଯଦିଓ ରଖୁ ନାହିଁ, ତଥାପି କରୋନା ସମୟରେ ଏହାର ଚାହିଦା ଅଧିକ ଥିବା ଚାନ୍ କହିଛନ୍ତି। ଏହାବାଦ୍ ଏହି ଅଳଙ୍କାରକୁ ରିଆନା, ଟେଲର୍ ସୁଇଫଟଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ପିନ୍ଧିଛନ୍ତି। ସେହିପରି ଗବେଷଣାଗାରରେ ତିଆରି କରାଯାଉଥିବା ଗହଣାର ଚାହିଦା ଏବେ ୨୦ ପ୍ରତିଶତକୁ ବୃଦ୍ଧି ପାଇଛି।



## ପୂଜା ସମୟରେ ଏସବୁ ଜିନିଷ ତଳେ ରଖନ୍ତୁନି



**ହିନ୍ଦୁ ଧର୍ମ ଅନୁସାରେ, ପୂଜାପାଠ କରିବା ସମୟରେ ଅନେକ ପୂଜାଦ୍ରବ୍ୟର ଆବଶ୍ୟକତା ହୋଇଥାଏ। ଯେମିତି ଧୂପ,ଦୀପ, ଶଙ୍ଖ, ଅକ୍ଷତ, ଫୁଲ, ଫଳ ଇତ୍ୟାଦି। ତେବେ ଏମିତି କିଛି ପୂଜାଦ୍ରବ୍ୟ ରହିଛି, ଯାହାକୁ ତଳେ ରଖିବା ଉଚିତ ନୁହେଁ। ସେମିତି କିଛି ଜିନିଷ ହେଉଛି –**

### ଦୀପ

ପୂଜା କରିବା ସମୟରେ ଦୀପ ପ୍ରଜ୍ୱଳନର ବିଧି ରହିଛି। ତେବେ ଦୀପକୁ କେବେ ମଧ୍ୟ ଭୂମି ଉପରେ ରଖିବା ଉଚିତ ନୁହେଁ। ଏହାକୁ ଥାଳି କିମ୍ବା ଦୀପ ଷ୍ଟାଣ୍ଡ ଉପରେ ରଖିବା ଦ୍ୱାରା ପୂଜାର ଶୁଭଫଳ ମିଳିଥାଏ।

### ଶଙ୍ଖ

ପୂଜା କରିବା ସମୟରେ ଶଙ୍ଖ ଫୁଙ୍କିବା ଶୁଭ ହୋଇଥାଏ। ପୂଜାଘରେ ଶଙ୍ଖ ରଖିବା ବହୁତ ଶୁଭ। କାରଣ ଶଙ୍ଖକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଏ। ଘରେ ଶଙ୍ଖ ରଖିବା ଦ୍ୱାରା ସୁଖ ସମୃଦ୍ଧି ଆସିଥାଏ ବୋଲି କୁହାଯାଏ। ତେବେ ଶଙ୍ଖକୁ କେବେ ମଧ୍ୟ ତଳେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି ଏବଂ ଏଥିଯୋଗୁ ଆର୍ଥିକ ସଙ୍କଟ ଦେଖାଯାଏ ବୋଲି କୁହାଯାଏ।

### ମୂର୍ତ୍ତି

ପୂଜାଘରକୁ ସଫା କରିବା ସମୟରେ ଠାକୁରଙ୍କ ମୂର୍ତ୍ତିକୁ ଚଟାଣ ଉପରେ ରଖନ୍ତୁ ନାହିଁ। ମୂର୍ତ୍ତିକୁ କୌଣସି ପିଢ଼ା, ସଫା ବସ୍ତ୍ର କିମ୍ବା ଥାଳି ଉପରେ ରଖିବା ଉଚିତ। ଠାକୁରଙ୍କ ମୂର୍ତ୍ତି ତଳେ ରଖିବା ଦ୍ୱାରା ଘରର ସୁଖସମୃଦ୍ଧି ହାନି ହୋଇଥାଏ।

### ଆଭୂଷଣ

ଅନେକ ଠାକୁରଙ୍କ ମୂର୍ତ୍ତିରେ ଗହଣା ପିନ୍ଧାଇଥାନ୍ତି। କାରଣ ଗହଣା ହେଉଛି ଶୁଭର ପ୍ରତୀକ। ଗହଣା ବା ଆଭୂଷଣର ସମ୍ପର୍କ ଗ୍ରହ ସହିତ ହୋଇଥାଏ। ତେଣୁ ସେହି ଆଭୂଷଣକୁ ଭୂମି ଉପରେ ରଖିବା ଅଶୁଭ ବୋଲି କୁହାଯାଏ। କାରଣ ଏହାଦ୍ୱାରା ଗ୍ରହର ସ୍ଥିତି ପ୍ରଭାବିତ ହୋଇଥାଏ ଏବଂ ଜୀବନରେ ସମସ୍ୟା ଆସିଥାଏ। ତେଣୁ ଉକ୍ତ ଆଭୂଷଣଗୁଡ଼ିକୁ ସଫା ବସ୍ତ୍ର ଉପରେ ରଖିବା ଆବଶ୍ୟକ।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। ଅଚାନକ ଖୁସି ଖବର ପାଇବେ। ମାନସମ୍ମାନ ବୃଦ୍ଧି ପାଇବ। କ୍ୟାରିୟରରେ ଉନ୍ନତି କରିବେ।

**ବୃଷ:** ପରିବାର ସଦସ୍ୟଙ୍କ ସହାୟତା ଯୋଗୁଁ ଅଟକି ଥିବା କାମକୁ ପୂରା କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟୟ ଅଧିକ ହେବ।

**ମିଥୁନ:** ସୁସମ୍ବାଦ ମିଳିବ। ଧନପ୍ରାପ୍ତି ଯୋଗ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ବୃଦ୍ଧିପାଇବ ଓ ପ୍ରଶଂସିତ ହେବେ। ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଗୁରୁଜନଙ୍କ କଥା ମାନି ଚଳନ୍ତୁ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଶତ୍ରୁଠାରୁ ଦୂରେଇ ରୁହନ୍ତୁ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ସାବଧାନତା ସହିତ କାର୍ଯ୍ୟ କରନ୍ତୁ।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ୧୫ ଦିନ**

# ଝଲସିବ ମଠ, ମନ୍ଦିର

**ପୁରୀ, ୧।୧ (ସମିସ):** ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବାକୁ ଥିବା ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକଳ୍ପ ପରିସରରେ ଥିବା ବିଭିନ୍ନ ମଠ ଏବଂ ମନ୍ଦିରର ସୌନ୍ଦର୍ଯ୍ୟୀକରଣ କାମ ଜୋରସୋର୍‌ରେ ଚାଲିଛି। ଉତ୍କଳୀୟ କଳା, ସଂସ୍କୃତି ଓ ଐତିହ୍ୟ ଛାପରେ ମଠ ଓ ମନ୍ଦିରଗୁଡ଼ିକୁ ଝଲସା ଯାଉଥିବା ବେଳେ ଏଥିରେ ଜଗନ୍ନାଥ ସଂସ୍କୃତିର କଳା, ସ୍ଥାପତ୍ୟ ବି ସ୍ଥାନିତ ହେଉଛି। ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟରୂପ ବିଶ୍ୱକୁ ଦେଖାଇବା ପାଇଁ ଉଦ୍ୟମ ଚାଲିଛି। ସେହିପରି

## ସରି ଆସୁଛି ପୁନରୁଦ୍ଧାର କାମ

ଲୋକାର୍ପଣ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ବି ଜୋର୍ ଧରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱପ୍ନର ଏହି ପରିକ୍ରମା ପ୍ରକଳ୍ପ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ କରାଯାଉଛି। ବଡ଼ଦେଉଳ ଚତୁଃପାର୍ଶ୍ୱକୁ ନୂଆ ରୂପ ଦିଆଯାଉଛି। ସେହିପରି ଶ୍ରୀମନ୍ଦିର ନିକଟରେ ଥିବା ମଙ୍ଗୁ ମଠ, ଲଙ୍ଗୁଳି ମଠ, ରାମଦୟା ପରିଷଦ, ଉତ୍ତରପାର୍ଶ୍ୱ ମଠ, ବଡ଼ଛତା ମଠ, ଛାଉଣୀ ମଠ ଆଦି ୨୦ଟି ମଠ ଓ ଏକାଧିକ ମନ୍ଦିରର ଉନ୍ନତୀକରଣ ଚାଲିଛି। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଏବଂ ଟାଟା ପ୍ରୋଜେକ୍ଟ ପକ୍ଷରୁ ଏହି କାମ କରାଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩୩୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ମଠଗୁଡ଼ିକର ପୁରୁଣା ପ୍ଲାଷ୍ଟର୍ ଛଡ଼ାଯାଇ ନୂଆ ଖଣ୍ଡୋଲାଇଟ୍ ପଥର ଲଗାଯାଉଛି। ଏଥିସହ ପଥରର ସିଂହ ମୂର୍ତ୍ତି, ଖଣ୍ଡୋଲାଇଟ ପଥର



ଚଟାଣ, ପ୍ରବେଶ ପଥ ଦ୍ୱାରକୁ ବର୍ମାଟିକ କାଠରେ ବେଶ୍ ଆକର୍ଷଣୀୟ ଭାବେ ଲଗାଯାଉଛି। ମଠ, ମନ୍ଦିରର ଯେଉଁଠି ଦୁର୍ବଳ ସ୍ଥାନ ରହିଛି, ତାହାର ମଧ୍ୟ ମରାମତି କରାଯାଇ ସୁଦୃଢ଼ କରାଯାଉଛି। ଜଗନ୍ନାଥ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ଆଧାରିତ ଡିଜାଇନ୍ ଅନୁସାରେ ନବୀକରଣ କାର୍ଯ୍ୟ ଚାଲିଛି।

ସୂଚନାଯୋଗ୍ୟ, ପ୍ରକଳ୍ପ ନିର୍ମାଣ ଲାଗି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଅନେକ ମଠ ଏବଂ ମନ୍ଦିରର ଜମି ମଧ୍ୟ ଅଧିଗ୍ରହଣ ହୋଇଛି। ତେବେ ସେହି ମଠ, ମନ୍ଦିରର ବିଜେସ୍ଥଳୀକୁ ଏଥିରୁ ବାଦ୍ ଦିଆଯାଇଥିଲା। ସେ ସବୁର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟୀକରଣ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ସେହି ଅନୁଯାୟୀ, ପ୍ରକଳ୍ପ ପରିସର ମଠ ଏବଂ ମନ୍ଦିରର ପୁନରୁଦ୍ଧାର କାମ ଜାରି ରହିଛି। ଅପରପକ୍ଷେ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀ କାମ ବୁଲି ଦେଖିବା ସହ ଠିକଣା ସମୟରେ ଏହାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। '୫-ଟି' ତଥା 'ମୋ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିକ୍ରମା ପ୍ରକଳ୍ପ କାମ ଅନୁଧ୍ୟାନ କରିବା ବେଳେ ମଠଗୁଡ଼ିକର ସୌନ୍ଦର୍ଯ୍ୟୀକରଣ କାମ ଶୀଘ୍ର ସାରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ କାମ ଆଗଉଛି।

ଏ ସମ୍ପର୍କରେ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ମଠଗୁଡ଼ିକର ଉନ୍ନତୀକରଣ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। କାମ ବି ଜୋର୍‌ଦାର ଚାଲିଛି। ଯେଉଁ ଡିଜାଇନ୍ ପ୍ରସ୍ତୁତ କରାଯାଇଛି, ସେହି ଅନୁସାରେ ସୌନ୍ଦର୍ଯ୍ୟୀକରଣ କରାଯାଉଛି। ମଠଗୁଡ଼ିକର ଉନ୍ନତୀକରଣ ସମ୍ପୂର୍ଣ୍ଣ ହେଲେ ପରିକ୍ରମା ପ୍ରକଳ୍ପ ଆହୁରି ସୁନ୍ଦର ଲାଗିବ ବୋଲି ସେ କହିଛନ୍ତି।

ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି, ମହାପ୍ରଭୁଙ୍କ କାମ ପାଇଁ ଆମେ ମଠ ଜାଗା ପ୍ରଦାନ କରିଛୁ। ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ମଠଗୁଡ଼ିକର ସୌନ୍ଦର୍ଯ୍ୟୀକରଣ କରାଯାଉଛି। ଏହା ସମ୍ପୂର୍ଣ୍ଣ ହେଲେ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ମଠ ସଂସ୍କୃତିକୁ ନେଇ ସେମାନେ ନୂଆ ଅନୁଭୂତି ସାଉଣ୍ଟିବେ।

ସୂଚନାଥାଉ କି, ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ମଠଗୁଡିକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମହାପ୍ରଭୁଙ୍କ ଅନେକ ନୀତିକାନ୍ତି ଓ ସେବା ବିଭିନ୍ନ ମଠ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ତେବେ ମଠଗୁଡ଼ିକର ପୁନରୁଦ୍ଧାର କାମ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ଭକ୍ତ, ସେବାୟତ ଓ ମଠ ମହନ୍ତ।

**ଆଜି ରଥକାଠ ଅନୁକୂଳ ପୂଜା**

# ନୟାଗଡ଼ ଗଲେ ୩ ଜଣିଆ ଟିମ୍



**ପୁରୀ, ୧।୧(ସମିସ):** ୨୦୨୪ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କାଟିବା ଅନୁକୂଳ ହୋଇଥାଏ। ଏଥିଲାଗି ସୋମବାର ପୂର୍ବାହ୍ନରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଧ, ପତନୀ, ଧୂପ, ଦୀପ ନେଇ ଶ୍ରୀମନ୍ଦିରର ୩ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ରହିଛନ୍ତି। ମଙ୍ଗଳବାର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଅନୁକୂଳ ହେବ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ଖଣ୍ଡ ବଳକା ରହିଛି। ବାକି ୮୧୨ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଶ' ମିଲ୍‌କୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଆସିବ। ମୁଖ୍ୟ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୮୧୨ ଖଣ୍ଡ କାଠ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ୨ ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ଫୁଟିଆ ୩ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

**■ ଦର୍ଶନ ବ୍ୟବସ୍ଥାରେ ଖୁସି ପଶ୍ଚିମବଙ୍ଗ ଭକ୍ତ**

# ଓଡ଼ିଶା ସରକାର ଓ ପୁଲିସକୁ କଲେ ପ୍ରଶଂସା

**ପୁରୀ,୧।୧(ସମିସ):** ଭକ୍ତମାନେ ଯେପରି ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ତା' ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ବ୍ୟାପକ ଭିତ୍ତିଭୂମି ତିଆରି କରାଯାଇଥିବା



ବେଳେ ନୂଆବର୍ଷରୁ ଦର୍ଶନ ବ୍ୟବସ୍ଥାରେ ନୂଆ ଅନୁଭୂତି ସାଉଣ୍ଟୁଛନ୍ତି ଭକ୍ତ। ଦର୍ଶନ ବ୍ୟବସ୍ଥାକୁ ନେଇ ପ୍ରାୟ ସମସ୍ତେ ବହୁ ପରିମାଣରେ ଖୁସି ହେଉଛନ୍ତି। ପଶ୍ଚିମବଙ୍ଗରୁ ନିଜ ବାପା ମା'ଙ୍କୁ ଦର୍ଶନ କରାଇବାକୁ ଆଣି ଆସିଥିବା ଜଣେ ଶିକ୍ଷୟିତ୍ରୀ ବ୍ୟବସ୍ଥାକୁ ନେଇ ଓଡ଼ିଶା ସରକାର ଏବଂ ପୁଲିସକୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ଏପରି କି ଓଡ଼ିଶା ସରକାରଙ୍କଠାରୁ ପଶ୍ଚିମବଙ୍ଗ ସରକାର ଶିକ୍ଷା କରିବା ଦରକାର ବୋଲି ସେ କହିଛନ୍ତି। ସମ୍ପୃକ୍ତା ଶିକ୍ଷୟିତ୍ରୀ ହେଉଛନ୍ତି ପାରମିତା ମୁଖାର୍ଜୀ। ସେ କହିଛନ୍ତି, ବାପା ମା'ଙ୍କୁ ଧରି ସକାଳ ୬ଟାରେ ପହଞ୍ଚିଥିଲେ। ଦୁଇଜଣ ବରିଷ୍ଠ ନାଗରିକଙ୍କ ଦର୍ଶନ ସୁବିଧା ନେଇ ପୁଲିସକୁ ଜଣାଇଥିଲେ। ଏହାପରେ ପୁଲିସ ତାଙ୍କ ମା' ବାପାଙ୍କ ହାତ ଧରି ନେଇ ସୁରକ୍ଷିତ ଭାବେ ଦର୍ଶନ କରାଇଥିଲେ। ଏଥିପାଇଁ ସେ ଓଡ଼ିଶା ସରକାର ଏବଂ ପୁଲିସକୁ ଧନ୍ୟବାଦ ଦେବା ସହ କହିଛନ୍ତି, ମହିଳା ଏବଂ ପୁରୁଷ ପୁଲିସ ଉଭୟେ ବହୁତ ସାହାଯ୍ୟକାରୀ। ମୋ ବାପା ମା'ଙ୍କୁ ଧାଡିରେ ଯିବାକୁ ପଡ଼ି ନ ଥିଲା। ମୁଁ ଧାଡିରେ ଯାଇଥିଲି। ହେଲେ ଧାଡି ବହୁତ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଢଙ୍ଗରେ ହୋଇଛି। ଓଡ଼ିଶା ସରକାର ଏବଂ ଓଡ଼ିଶା ପୁଲିସ ବହୁତ ଭଲ କାମ କରୁଛନ୍ତି। ମୁଁ ସେମାନଙ୍କୁ ସାଲ୍ୟୁଟ କରୁଛି ବୋଲି କହିଛନ୍ତି ପାରମିତା।

**ନୂଆବର୍ଷ ପାଇଁ ଆକର୍ଷଣୀୟ ସାଜସଜ୍ଜା**

# ଏସି ଶେଡ୍ ଦେଖି ବାହାବା କହିଲେ ଭକ୍ତ

**ପୁରୀ,୧।୧(ସମିସ):** ନୂଆବର୍ଷ ପାଇଁ ଶ୍ରୀମନ୍ଦିର ଏବଂ ଭକ୍ତଙ୍କ ଦର୍ଶନ ପାଇଁ ତିଆରି ଭିତ୍ତିଭୂମିକୁ ବେଶ୍ ଆକର୍ଷଣୀୟ ଭାବେ ସଜା ଯାଇଛି। ଆଖି ଝଲସାଇ ଦେଲାଭଳି ସାଜସଜ୍ଜା ସାଙ୍ଗକୁ ପ୍ରଥମକରି ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ତିଆରି ହୋଇଛି ଶୀତତାପ ନିୟନ୍ତ୍ରିତ ଶେଡ୍। ଏହି ଏସି ଶେଡ୍‌କୁ ଦେଖି ବାହାବା କହିଛନ୍ତି ଭକ୍ତ।

**ଫୁଲରେ ଝଲସୁଛି ଶ୍ରୀମନ୍ଦିର ଚାରିଦ୍ୱାର**

ନୂଆବର୍ଷ ପାଇଁ ଅନେକ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ଏସି ଶେଡ୍ ହେଉଛି ଅନ୍ୟତମ। ମରିଚିକୋଟରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଏସି ଶେଡ୍ ଦେଇ ଭକ୍ତମାନେ ଯାଉଛନ୍ତି। ମନ୍ଦିର କାର୍ଯ୍ୟାଳୟ ସଂଲଗ୍ନ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚି ସେଠାରୁ ସାନଛତା ମଠ ଦେଇ ସିଂହଦ୍ୱାର ବାଟେ ମନ୍ଦିରକୁ ପ୍ରବେଶ କରୁଛନ୍ତି। ତେବେ ଏସି ଶେଡ୍‌ରେ ଭକ୍ତଙ୍କ ବସିବା ଏବଂ ପାନୀୟ ଜଳ ସୁବିଧା କରାଯାଇଛି। ଦଫା ଦଫାରେ ପୁଲିସ ଛାଡୁଥିବା ସମୟରେ ଆଉ ଅପେକ୍ଷାରେ କ୍ଳାନ୍ତ ହେଉନାହାନ୍ତି ଶ୍ରଦ୍ଧାଳୁ। ଶେଡ୍‌ରେ ବସି ଯାଉଛନ୍ତି। ବାଲେଶ୍ୱରରୁ ଆସିଥିବା ନଳିନୀକାନ୍ତ ଦାସ ଶେଡ୍ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଏହା ଏକ ବଢ଼ିଆ ପଦକ୍ଷେପ। ଖରା, ବର୍ଷା ହେଲେ ଆଉ ଭୟ ରହିବ ନାହିଁ। ନଳିନୀକାନ୍ତଙ୍କ ଭଳି ପ୍ରାୟ ସମସ୍ତେ ଏସି ଶେଡ୍‌କୁ ବାହାବା କରିଛନ୍ତି। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରକୁ ରଙ୍ଗ ବେରଙ୍ଗର ଫୁଲରେ ସଜାଯାଇଛି, ଯାହା ବେଶ୍ ଆକର୍ଷଣୀୟ ହୋଇଛି।

ସେହିପରି ଦର୍ଶନ ପରେ ଭକ୍ତମାନଙ୍କଠାରୁ ଫିଡ୍‌ବ୍ୟାକ ସଂଗ୍ରହ କରିଛି ପୁଲିସ। ଏଥିପାଇଁ ଉତ୍ତର ଦ୍ୱାରରେ ଫିଡ୍‌ବ୍ୟାକ ସେଣ୍ଟର ଖୋଲାଯାଇଛି। ଏଥିରେ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ଫିଡ୍‌ବ୍ୟାକ ସଂଗ୍ରହ କରାଯାଉଛି। ତେବେ ୯୬ ପ୍ରତିଶତ ଭକ୍ତ ଦର୍ଶନ ବ୍ୟବସ୍ଥାକୁ ନେଇ ଖୁସିବ୍ୟକ୍ତ କରିଥିବା କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ।

**■ ନୂଆବର୍ଷ ଭିଡ଼ର ପ୍ରଭାବ**

# ଶ୍ରୀମନ୍ଦିର ହୁଣ୍ଡିରେ ୯ଲକ୍ଷ ୭୮ ହଜାର ଟଙ୍କା

**ପୁରୀ,୧।୧(ସମିସ):** ନୂଆବର୍ଷ ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଛି। ପ୍ରାୟ ସାଢ଼େ ୩ଲକ୍ଷ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଛନ୍ତି। ଭକ୍ତଙ୍କ ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ପଡ଼ିଛି। ସୋମବାର ହୁଣ୍ଡିରୁ ବାହାରିଛି ୯, ୭୮, ୩୧୮ ଟଙ୍କା। ଏଥିସହ ୧ ଗ୍ରାମ୍ ୩୦୦ ମିଲିଗ୍ରାମ୍ ସୁନା ଏବଂ ୮୧ ଗ୍ରାମ୍ ୭୦୦ ମିଲିଗ୍ରାମ୍ ରୁପା ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୂପା ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକ କରି ହୁଣ୍ଡିରେ ବିଭିନ୍ନ ପ୍ରକାର ବସ୍ତ୍ର ମଧ୍ୟ ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ରୁପା ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହାର ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ, ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ଏବେ ସାଧାରଣ ଦିନମାନଙ୍କରେ ହୁଣ୍ଡିରୁ ୩ରୁ ୪ଲକ୍ଷ ଟଙ୍କା ବାହାରୁଥିବା ବେଳେ ପର୍ବପର୍ବାଣି ବା ଛୁଟି ଦିନମାନଙ୍କରେ ଏହି ପରିମାଣ ବଢ଼ିଥାଏ। ଆଜି ନୂଆବର୍ଷରେ ୯ ଲକ୍ଷ ୭୮ ହଜାର ୩୧୮ ଟଙ୍କା ବାହାରିଛି।

**ଅହଙ୍କାରୀଙ୍କୁ କଡ଼ା ଜବାବ୍**

# ମେଟ୍ରୋ ଶିଳାନ୍ୟାସରେ ଧର୍ମେନ୍ଦ୍ରଙ୍କ ନାଁ ନନେଇ କଟୁ ସମାଲୋଚନା

**ଭୁବନେଶ୍ୱର,୧।୧(ସମିସ):** ଆଜି ବାରଙ୍ଗର ରତାଗଡ଼ଠାରେ ମୁଖ୍ୟମନ୍ତ୍ରୀ ଐତିହାସିକ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରକଳ୍ପ ଶିଳାନ୍ୟାସ ସମାରୋହରେ ଯୋଗଦେଇ ଆଜି ବିଜେଡିର ବିଧାୟକମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ନେଇ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିକଟରେ ଅତୀତରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ଧର୍ମେନ୍ଦ୍ର ତାଚ୍ଛଲ୍ୟ କରିବା ସହ କେତେକ ନକରାତ୍ମକ ମନ୍ତବ୍ୟ ଦେଇଥିଲେ। ଧର୍ମେନ୍ଦ୍ରଙ୍କୁ ଆଜି ତାଙ୍କର ପୁରୁଣା ବୟାନକୁ ବିଜେଡିର ବିଧାୟକ ଏବଂ ମନ୍ତ୍ରୀମାନେ ସ୍ମରଣ କରାଇଦେବା ସହ ମୁଖ୍ୟମନ୍ତ୍ରୀଙ୍କ କାମ କଥା କହେ ବୋଲି କଟାକ୍ଷ କରିଛନ୍ତି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ରଖି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଧର୍ମେନ୍ଦ୍ରଙ୍କ ନାମ ନନେଇ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶ୍ରୀ ସ୍ୱାଇଁ କହିଥିଲେ ଯେ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ କେତେକ ତଥାକଥିତ ବିଶେଷଜ୍ଞ ପ୍ରକଳ୍ପ ବାବଦରେ ନିଜର ମତ ରଖିଥିଲେ। ସେମାନଙ୍କ ଅନୁଯାୟୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଜନସଂଖ୍ୟା, ଜନବସତି ବିନା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟନ୍ୱୟନ ସମ୍ଭବ ନୁହେଁ। କାହା ଇଙ୍ଗିତରେ ସେମାନେ ଏକଥା କହିଥିଲେ ତାହା ସମସ୍ତେ ଜାଣନ୍ତି। ଯେଉଁମାନେ କେତେବେଳେ ବିହାରର ପାଟନାରେ ତ କେତେବେଳେ ମଧ୍ୟପ୍ରଦେଶରୁ ଛତା ଟେକନ୍ତି

- **କେନ୍ଦ୍ରର ସହାୟତା ବିନା ମେଟ୍ରୋ ପ୍ରକଳ୍ପ ସମ୍ଭବ ନୁହେଁ ବୋଲି କହିଥିଲେ ଧର୍ମେନ୍ଦ୍ର**
- **ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଓ ପ୍ରତିଶ୍ରୁତି ବେଦର ଗାର ସହ ସମାନ: ରଣେନ୍ଦ୍ର ପ୍ରତାପ**

ସେମାନଙ୍କ ଇଙ୍ଗିତରେ ଏପରି ମନ୍ତବ୍ୟ ଆସିଥିଲା ବୋଲି ରଣେନ୍ଦ୍ର କହିଛନ୍ତି। ରଣେନ୍ଦ୍ରଙ୍କ ଏପରି ବୟାନ ସିଧାସଳଖ ଧର୍ମେନ୍ଦ୍ରଙ୍କ ପ୍ରତି ଥିବା କୁହାଯାଉଛି। ମେଟ୍ରୋ ପ୍ରକଳ୍ପରେ ସହଯୋଗ ପାଇଁ କେନ୍ଦ୍ର ମନା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଫଳସ୍ୱରୂପ କେନ୍ଦ୍ରର ବିନା ସହଯୋଗରେ ଏବେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି, ପ୍ରତିଶ୍ରୁତି ବେଦର ଗାର ସହ ସମାନ ବୋଲି ସେ କହିଛନ୍ତି।

ସେହିପରି ବିଧାୟକ ଚନ୍ଦ୍ରସାରଥୀ ବେହେରା ମଧ୍ୟ ନିଜ ବକ୍ତବ୍ୟରେ ଧର୍ମେନ୍ଦ୍ରଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପ୍ରକଳ୍ପ ସମ୍ପର୍କରେ କିଛି ବ୍ୟକ୍ତି ଆକ୍ଷେପ କରି କହୁଥିଲେ ଯେ ଖାଲି ପଥର, ମାଟି ଖୋଳିଲେ ମେଟ୍ରୋ ପ୍ରକଳ୍ପ ହୁଏ ନାହିଁ। ଯେଉଁ ମୁଖ୍ୟମନ୍ତ୍ରୀଙ୍କ ଉପରେ ସାଢ଼େ ୪ କୋଟି ଓଡ଼ିଆଙ୍କ ବିଶ୍ୱାସ, ଶ୍ରୀଜଗନ୍ନାଥଙ୍କ ଭରସା ଅଛି ସେ କେବେ ପଛକୁ ହଟିବେ ନାହିଁ। ଆଜି ଆକ୍ଷେପକାରୀଙ୍କୁ ତାହାର ବଡ଼ ପ୍ରମାଣ ମିଳିଯାଇଛି ବୋଲି ସେ କହିଛନ୍ତି। ବିଧାୟକ ସୁଶାନ୍ତ ରାଉତ କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପ କେନ୍ଦ୍ରର ବିନା ସହଯୋଗରେ ଆରମ୍ଭ ହେବାକୁ ଯାଉଛି। ପ୍ରକଳ୍ପ ପାଇଁ ସର୍ବେକ୍ଷଣ ସମୟରେ ଯେତେବେଳେ ଇଞ୍ଜିନିୟରମାନେ ମାଟି ପରୀକ୍ଷଣ କରୁଥିଲେ ସେତେବେଳେ ଏହାକୁ ଜଣେ କେନ୍ଦ୍ରମନ୍ତ୍ରୀ ଆକ୍ଷେପ କରି ମନ୍ତବ୍ୟ ଦେଇଥିଲେ। ଖାଲି ଇଟା, ମାଟି ଖୋଳିଦେଲେ ମେଟ୍ରୋ ପ୍ରକଳ୍ପ ହୋଇଯାଏ ନାହିଁ ବୋଲି ସେ ଆକ୍ଷେପ କରିଥିଲେ। ଆଜି ମେଟ୍ରୋ ପ୍ରକଳ୍ପ ଶିଳାନ୍ୟାସ ସେମାନଙ୍କ ପାଇଁ ଉଚିତ୍ ଜବାବ ବୋଲି ସେ ମତ ଦେଇଛନ୍ତି।

ବିଜୁ ଜନତା ଦଳର ଛାତ୍ର ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମଧ୍ୟ ଧର୍ମେନ୍ଦ୍ରଙ୍କ ନାମ ନନେଇ ତାଙ୍କୁ ଶାଣିତ ସମାଲୋଚନା କରିଛନ୍ତି। କେନ୍ଦ୍ରର ସହଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରିବାକୁ ଚାହିଁଲେ ସେତେବେଳେ ରାଜ୍ୟର ଅନ୍ୟ ଦାବି ପ୍ରତି କେନ୍ଦ୍ର ସରକାର ଏହି ଦାବିକୁ ମଧ୍ୟ ଉପେକ୍ଷା, ବେଖାତିର୍ କଲେ। ମାତ୍ର ମୁଖ୍ୟମନ୍ତ୍ରୀ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ପ୍ରକଳ୍ପକୁ ରାଜ୍ୟର ନିଜସ୍ୱ ପାଣ୍ଠିରେ ଆରମ୍ଭ କଲେ। ସେତେବେଳେ କେନ୍ଦ୍ର ସରକାରରେ ପ୍ରତିନିଧିତ୍ୱ କରୁଥିବା ଜଣେ ଓଡ଼ିଆ ମନ୍ତ୍ରୀ କେନ୍ଦ୍ର ସରକାର ନ ଚାହିଁଲେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ସମ୍ଭବ ନୁହେଁ ବୋଲି କହିଥିଲେ। ମାତ୍ର ନିଜସ୍ୱ ପାଣ୍ଠିରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରି ମୁଖ୍ୟମନ୍ତ୍ରୀ ନିଜ ଦୃଢ଼ ଇଚ୍ଛାଶକ୍ତିର ପରିଚୟ ଦେଇଛନ୍ତି। ଓଡ଼ିଆ ଜାତିଙ୍କୁ ଯିଏ ହୀନମନ୍ୟ ଭାବେ ବିଚାର କରିବ, ତାହାକୁ ଦୃଢ଼ ଜବାବ୍ ଦିଆଯିବ। ଏହି ଶିଳାନ୍ୟାସ ଜରିଆରେ ସେପରି ଅହଙ୍କାରୀ ବ୍ୟକ୍ତିଙ୍କୁ ଆଜି ଉଚିତ୍ ଜବାବ୍ ମିଳିଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଦାମୋଦରଙ୍କ ଘରବାହୁଡ଼ା

**ଭୁବନେଶ୍ୱର,୧।୧(ସମିସ):** ବିଜୁ ଜନତା ଦଳକୁ ଫେରିଲେ ବରିଷ୍ଠ ନେତା ଡାକ୍ତର ଦାମୋଦର ରାଉତ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁମୋଦନକ୍ରମେ ଡାକ୍ତର ରାଉତଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଛି। ସଭାପତିଙ୍କ ସ୍ୱାକ୍ଷର ସମ୍ୱଳିତ ନିର୍ଦ୍ଦେଶନାମା ଆଜି ପ୍ରକାଶ ପାଇବା ସହିତ ବିଜେଡିକୁ ଡାକ୍ତର ରାଉତଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ଏହି ଖବର ଜଣାପଡ଼ିବା

**■ ବହିଷ୍କାର ଆଦେଶ ପ୍ରତ୍ୟାହାର, ବିଜେଡିକୁ ପ୍ରତ୍ୟାବର୍ତ୍ତନ**
**■ ବାପାଙ୍କ ବହୁ ଦିନର ଆଶା ପୂରଣ ହୋଇଛି: ସମ୍ବିତ୍**

ପରେ ଭୁବନେଶ୍ୱର ସ୍ଥିତ ଡାକ୍ତର ରାଉତଙ୍କ ବାସଭବନ ପରିସରରେ ଶୁଭେଚ୍ଛୁଙ୍କ ଭିଡ଼ ଜମିଛି। ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, କାର୍ତ୍ତିକ ପାଣ୍ଡିଆନ୍ ଜିନ୍ଦାବାଦ ଧ୍ୱନୀରେ ଅଞ୍ଚଳ କମ୍ପମାନ ହୋଇଛି। ସେହିପରି ପାରାଦ୍ୱୀପରେ ଦାମୋଦରଙ୍କ ସମର୍ଥକମାନେ ମଧ୍ୟ ଖୁସିରେ ମିଠା ବାଣ୍ଟିଛନ୍ତି। ଡାକ୍ତର ରାଉତଙ୍କ ପୁଅ ତଥା ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି, ଆଜି ନୂଆ ବର୍ଷରେ ଆମ ପାଇଁ ଏହା ଠାରୁ ବଡ଼ ଉପହାର ଆଉ କିଛି ହୋଇନପାରେ। ବିଜେଡିରୁ ଦୂରରେ ରହି ବାପା ବହୁତ ମନଦୁଃଖ କରୁଥିଲେ। ତାଙ୍କ ସହିତ ୪୦ ବର୍ଷ ଧରି ଜଡ଼ିତ ଥିବା ଲୋକେ ବହୁତ କଷ୍ଟରେ ଥିଲେ। ମାନସିକ ସ୍ତରରେ ସେ ଆଘାତ ପାଇଥିଲେ। ମୋ ପିତା ଆରମ୍ଭରୁ ବିଜୁ ଜନତା ଦଳ ପାଇଁ ସମର୍ପିତ ଥିଲେ ଆଉ ଆଜି ମଧ୍ୟ ଅଛନ୍ତି। ବିଜୁ ପରିବାର, ନବୀନ ପଟ୍ଟନାୟକଙ୍କ ସହିତ ସେ ରହିବା ପାଇଁ ଚାହୁଁଥିଲେ। ବିଜେପିରେ ଯୋଗଦାନ ବାପାଙ୍କର



ଏକ ଭୁଲ ନିଷ୍ପତ୍ତି ଥିଲା। ସେଥିପାଇଁ ସେ ବହୁତ ମନସ୍ତାପରେ ଥିଲେ। ଗତ କିଛି ଦିନ ହେଲା ଅସୁସ୍ଥ ଥିବା ମୋ ପିତାଙ୍କ ପାଇଁ ଏହି ଖବର ସଞ୍ଜିବନୀ ସଦୃଶ ହେବ। ସାରା ଦେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପରି ଜଣେ ବ୍ୟକ୍ତି ଯିଏ ହଠାତ୍ ଏପରି ଏକ ନିଷ୍ପତ୍ତି ନିଅନ୍ତି; ଯାହା ଏକ ଯୁଗାନ୍ତକାରୀ ପଦକ୍ଷେପରେ ପରିଣତ ହୁଏ। ମୋ ପିତାଙ୍କୁ ଦଳରେ ପୁଣି ଥରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା ଅର୍ପଣ କରୁଛି ବୋଲି ଶ୍ରୀ ରାଉତରାୟ କହିଛନ୍ତି।

**■ ବଲାଙ୍ଗିରବାସୀଙ୍କୁ ମୁଖ୍ୟମନ୍ତ୍ରୀ ଦେବେ ନୂଆବର୍ଷ ଭେଟି**

# ଉଦ୍‌ଘାଟନ ହେବ ୩୦୫ କୋଟିର ପ୍ରକଳ୍ପ

**ବଲାଙ୍ଗିର,୧।୧(ସମିସ):** ଆସନ୍ତା ୩ ତାରିଖ (ବୁଧବାର)ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସୁଛନ୍ତି। ନୂଆବର୍ଷ ଅବସରରେ ସେ ବଲାଙ୍ଗିରବାସୀଙ୍କୁ ନୂଆ ଉପହାର ଭେଟିଦେବେ। ବଲାଙ୍ଗିରର ଜୀବନରେଖା ଲୋୟର୍ ସୁକତେଲ ଜଳସେଚନ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏହାସହ ଶିକ୍ଷା,

- **୩ରେ ବଲାଙ୍ଗିର ଜିଲ୍ଲା ଗସ୍ତ କରିବେ ମୁଖ୍ୟମନ୍ତ୍ରୀ**
- **ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ପରିବହନ, ଗମନାଗମନ, କ୍ରୀଡ଼ା ଓ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ**

ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିବହନ, ଗମନାଗମନ ଭଳି ବିଭିନ୍ନ ଅନେକ ଉନ୍ନୟନମୂଳକ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ଆହୁରି ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ଆବାଳବୃଦ୍ଧବନିତା ବୁଧବାର ଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ସୂଚନାନୁସାରେ, ବୁଧବାର ମୁଖ୍ୟମନ୍ତ୍ରୀ ୩୦୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିବେ।

ପାନୀୟ ଜଳଯୋଗାଣ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ ହେବ। ଜିଲ୍ଲାର ଟିଟିଲାଗଡ଼, ଆଗଲପୁର, ଦେଓଗାଁ, ଲୋଇସିଂହା, ବେଲପଡ଼ା, ଖପ୍ରାଖୋଲ, ପାଟଣାଗଡ଼ ଭଳି ୭ଟି ବ୍ଲକ୍‌କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ୧୭ କୋଟି ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଟିଟିଲାଗଡ଼ଠାରେ ଉପଖଣ୍ଡ ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ଏହାସହ କଣ୍ଟାବାଞ୍ଜି ଚିକିତ୍ସାଳୟରେ ଔଷଧ ପଣ୍ୟାଗାର ଓ ସିଏଚ୍‌ସିର ପ୍ରଶାସନିକ କୋଠାର ବି ଉଦ୍‌ଘାଟନ ହେବ। ପାଟଣାଗଡ଼ ଧଣ୍ଡାମୁଣ୍ଡାସ୍ଥିତ ପ୍ରାଥମିକ ଚିକିତ୍ସାଳୟରେ ଡେ କେୟାର ବିଲ୍ଡିଂ ଓ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂଆ ମେଡିସିନ୍ ୱାର୍ଡ, ୱେଟିଙ୍ଗ ହଲ ଓ ମଡ୍ୟୁଲାର୍ କିଚେନ ବିଲ୍ଡିଂର ଉଦ୍‌ଘାଟନ କରିବେ।

ବିଭିନ୍ନ ବ୍ଲକ୍‌ରେ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ଭଳି ଉନ୍ନତ ଭିତ୍ତିଭୂମି କ୍ରୀଡ଼ାବିତ୍ ଓ ଯୁବବର୍ଗଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି କ୍ରମରେ ୬ କୋଟି ୩୫ଲକ୍ଷ ବ୍ୟୟ ଅଟକଳରେ ତୁଷୁରାଠାରେ ନିର୍ମାଣ ହୋଇଥିବା ଇନ୍‌ଡୋର୍ ଷ୍ଟାଡିୟମ୍ ଉଦ୍‌ଘାଟିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ମିଶନ ଶକ୍ତିର ମା'ମାନଙ୍କୁ ମିଳିବ ଏକ ବଡ଼ ଉପହାର। ଟିଟିଲାଗଡ଼ଠାରେ ୨ କୋଟି ୪୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିୟମରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ବଜାରକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ। ପାଟଣାଗଡ଼ର ଲରମ୍ବା ଓ ଦେଓଗାଁଠାରେ ନବନିର୍ମିତ ପୁଲିସ ଷ୍ଟେସନ୍, ୩କୋଟି ୫୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବଲାଙ୍ଗିର ସ୍ମାର୍ଟପାର୍କ ଏବଂ ପାଟଣାଗଡ଼ ଓ କଣ୍ଟାବାଞ୍ଜିରେ ଥିବା ସ୍ମାର୍ଟପାର୍କକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ ବୋଲି ସୂଚନା ରହିଛି।

**ସାକାର ହେଲା ଦୁଇ ଦଶନ୍ଧିର ସ୍ୱପ୍ନ**

# ଲୋୟର୍ ସୁକତେଲରୁ ସେଚ ବିପ୍ଳବର ଶୁଭାରମ୍ଭ

**ବଲାଙ୍ଗିର,୧।୧(ସମିସ):** ୧୯୯୯ ମସିହାର କଥା। ମରୁଡ଼ିପ୍ରପୀଡ଼ିତ ଭାବେ ପରିଚିତ ଥିଲା ବଲାଙ୍ଗିର ଜିଲ୍ଲା। ନା ଥିଲା ଜଳସେଚନ ନା ପାନୀୟଜଳ ଯୋଗାଣ। ଜିଲ୍ଲାବାସୀଙ୍କ ଏହି ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ପ୍ରବାହିତ ସୁକତେଲ ନଦୀରେ ଏକ ଜଳଅମଳ ପ୍ରକଳ୍ପ ନିର୍ମାଣ କରିବାକୁ ପରିକଳ୍ପନା କରାଯାଇଥିଲା। ସଦର ବ୍ଲକ ମାଗୁରବେଡ଼ାଠାରେ ଥିବା ଦୁଇଟି ଡଙ୍ଗର(ପାହାଡ଼) ମଧ୍ୟରେ ବନ୍ଧ ବାନ୍ଧି ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ଏହି ସ୍ୱପ୍ନକୁ ସାକାର କରିବାକୁ ଅଣ୍ଟା ଭିଡ଼ିଥିଲେ ଓଡ଼ିଶାର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୪ ନଭେମ୍ବର ୨୦୦୧ ତାରିଖ ଦିନ ବଲାଙ୍ଗିର ଗସ୍ତରେ ଆସି ଏହାର ଭିତ୍ତିପ୍ରସ୍ତର ଦେଇଥିଲେ। ଇତି ମଧ୍ୟରେ ଦୁଇ ଦଶନ୍ଧି ବିତିଛି। ବାଦ- ବିବାଦ, ଉତ୍ଥାନ- ପତନର ସାମ୍ନା କରି ମୁଣ୍ଡ ଟେକିଛି ଲୋୟର ସୁକତେଲ ପ୍ରକଳ୍ପ। ସେଦିନର ୨୧୭ କୋଟିର ପ୍ରକଳ୍ପରେ ଆଜି ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ସୌଭାଗ୍ୟର କଥା ଯେ ସେହି ଲୋୟର ସୁକତେଲ ପ୍ରକଳ୍ପକୁ ସେହି ମୁଖ୍ୟମନ୍ତ୍ରୀ ଜନମଙ୍ଗଳ ଉଦ୍ଦେଶ୍ୟରେ ଲୋକାର୍ପଣ କରିବାକୁ ଯାଉଛନ୍ତି। ଲୋୟର ସୁକତେଲ ଡ୍ୟାମ୍ ନିର୍ମାଣ କାମ ଏବେ ସମ୍ପୂର୍ଣ୍ଣ ହୋଇ ଉଦ୍‌ଘାଟନ ଅପେକ୍ଷାରେ



ରହିଛି। ଡ୍ୟାମ୍‌ର ଗାର୍ଡୱାଲ, ସାଇଡ୍ ୱାଲ୍ କାମ ସମ୍ପୂର୍ଣ୍ଣ ହୋଇ ୧୨ଟି ଗେଟ୍ ଦେଇ ପାଣି ପ୍ରବାହିତ ହେଉଛି। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗିର ତଥା ସୋନପୁର ଜିଲ୍ଲାର ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଲାଭ ପାଇବେ। ଡ୍ୟାମ୍‌ର ଜଳଧାରଣ କ୍ଷମତା ୩୨୦.୨୮ କ୍ୟୁସେକ୍ସ ରହିଛି। ଏହି ପ୍ରକଳ୍ପ ଦ୍ୱାରା ୪୦ ହଜାର ହେକ୍ଟରକୁ ପାଣି ମାଡ଼ିବା ସହ ୭୦ ହଜାର ଲୋକଙ୍କୁ ପିଇବା ପାଣି ମିଳିବ ବୋଲି କୁହାଯାଉଛି। ଏହି ପ୍ରକଳ୍ପ ପାଇଁ ୨୮ ଟି ଗାଁର ଲୋକେ ତାଙ୍କର ଜମି ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି ୫ ହଜାର ୨୫୯ କୋଟି ଟଙ୍କା। ବିସ୍ଥାପିତଙ୍କୁ ଉଚିତ ଥଇଥାନ ସହ ପ୍ରକଳ୍ପ ଶେଷ ହୋଇଛି।

ସୂଚନାଯୋଗ୍ୟ, ୧୯୯୯ରୁ ଏହି ପ୍ରକଳ୍ପ ପାଇଁ ଯୋଜନା ହୋଇଥିଲେ ହେଁ ବିଭିନ୍ନ ବିବାଦ ପାଇଁ ବର୍ଷବର୍ଷ ଧରି ଏହା ଆଗେଇ ପାରିନଥିଲା। କିନ୍ତୁ ୨୦୨୧ ରେ ପ୍ରକଳ୍ପଟି '୫-ଟି' ଅଧୀନକୁ ଆସିବା ପରେ କାମ ତ୍ୱରାନ୍ୱିତ ହୋଇଥିଲା। ଗତବର୍ଷ ଅଗଷ୍ଟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିଜେ ସୁକତେଲ ଆସି ପ୍ରକଳ୍ପର ସମୀକ୍ଷା କରିଥିଲେ।

# କେପି ପ୍ୟାଲେସ ହୋଟେଲରେ ସରକାରୀ ନିୟମକୁ ଫୁଁ'

## ମିଳିନି ଅଗ୍ନି ନିରାପତ୍ତା ପ୍ରମାଣପତ୍ର; ହେଉଛି ବ୍ୟାପକ ପ୍ରଦୂଷଣ

**ଅନୁଗୋଳ,୧।୧(ସମିସ)**

କୋଇଲାନଗରୀ ତାଳଚେର ରେଲୱେ ଷ୍ଟେସନ ସମ୍ମୁଖରେ ଥିବା କେ.ପି ପ୍ୟାଲେସ ହୋଟେଲରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ ନେଇ ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ବିଭିନ୍ନ ପ୍ରୋଗ୍ରାମ ସେଲିବ୍ରେସନ ଚାଲିଛି। ନାଚଗୀତ ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟପେୟ ବ୍ୟବସ୍ଥା ହୋଇ ଜନ ସମାଗମ ହେଉଛି ବୋଲି ସୂଚନା ମିଳୁଛି। କିନ୍ତୁ ସବୁଠାରୁ ମଜା କଥା ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ହୋଟେଲକୁ ଅଗ୍ନିଶମ ବିଭାଗ ପକ୍ଷରୁ ଫାୟାର ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରାଯାଇ ନାହିଁ। କିନ୍ତୁ ହୋଟେଲରେ ବିଭିନ୍ନ ପ୍ରୋଗ୍ରାମ ସେଲିବ୍ରେଶନ କେତେ ଦୂର ଠିକ୍ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ପ୍ରଶାସନ କିପରି ଅନୁମତି ପ୍ରଦାନ କରୁଛି? ଯଦି କିଛି ଦୁର୍ଘଟଣା ଘଟେ କିଏ ଦାୟୀ ରହିବ?

ଖବର ମିଳୁଛି ଯେ, ହୋଟେଲ ପକ୍ଷରୁ ଶ୍ରମ ଅଧିକାରୀଙ୍କ ପାଖରେ ବ୍ୟବସାୟିକ ପ୍ରତିଷ୍ଠାନ ଆକ୍ଟ ୧୯୫୯ ଅନୁଯାୟୀ ପଞ୍ଜିକରଣ ମଧ କରାଯାଇ ନାହିଁ। କାର୍ଯ୍ୟରତ କର୍ମଚାରୀଙ୍କ ସବିଶେଷ ତଥ୍ୟ, ବିଶେଷ କରି କେତେ ଶ୍ରମିକ ତଥା କର୍ମଚାରୀ କାର୍ଯ୍ୟ କରୁଛନ୍ତି ତାହା ଶ୍ରମ ବିଭାଗରେ ପ୍ରଦାନ କରାଯାଇ ନାହିଁ ଏବଂ ସରକାରଙ୍କ ଠାରେ ସେସ୍ ଡିପୋଜିଟ ହୋଇନାହିଁ। ଏଥିପାଇଁ ପ୍ରଶାସନ ଦାୟୀ ନୁହେଁ କି? ଅଧିକାରୀମାନେ ବିଭିନ୍ନ ବାହାନା ଦେଖାଇ ନିଜ କାନ୍ଧୁଅ ଅନ୍ୟ ଉପରକୁ ଫିଙ୍ଗିଦେଇ ଚୁପ୍ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ସେସ୍ ଏବଂ ଟ୍ୟାକ୍ସ ଫାଙ୍କିବାର ଉଦ୍ୟମ କରାଯାଉଥିବା ଖୋଲାଖୋଲି ଜଣାଯାଉଛି।

ହୋଟେଲ ଦ୍ୱାରା ବ୍ୟାପକ ପ୍ରଦୂଷଣ ହେଉଛି, ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଯାଞ୍ଚ ହେଉନାହିଁ। ଭୂତଳ ଜଳ ବ୍ୟବହାର ଯାଞ୍ଚ,




ଖାଦ୍ୟର ମାନ ଯାଞ୍ଚ, ସ୍ୱରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ର ଯାଞ୍ଚ, ବର୍ଜ୍ୟ ବସ୍ତୁ ଯାଞ୍ଚ, ସ୍ୱିମିଂ ପୁଲ୍ ପାଣି ବିଶୋଧନ ଯାଞ୍ଚ, ତାମଡ଼ା ଅନୁମତି ଅନୁଯାୟୀ ନିର୍ମାଣର ଯାଞ୍ଚ, ରେଲୱେ ବିଭାଗ ଅନୁମତିର ଯାଞ୍ଚ, ଟ୍ରେଡ ଲାଇସେନ୍ସ ଯାଞ୍ଚ, ବିଭିନ୍ନ ବିଭାଗର ଏନ୍‌ଓସିର ଯାଞ୍ଚ, କମ୍ପାନୀ/ ଶିଳ୍ପ ସଂସ୍ଥା ପଞ୍ଜିକରଣ ଯାଞ୍ଚ ସହିତ ପୁଲିସ ବିଭାଗର ଅନୁମତି ଆଦି ଯାଞ୍ଚ କରାଯିବା ନିୟମ ରହିଥିଲେ ସୁଦ୍ଧା ଉପଖଣ୍ଡ ପ୍ରଶାସନ ଚୁପ୍ ରହିବାର କାରଣ କ'ଣ? କଣ କିଛି ଅଘଟଣ ଘଟିଲା ପରେ ପ୍ରଶାସନ ଚେତିବ?

ହୋଟେଲ କିଚେନ୍‌ରେ ଘୋରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଥିବା ମଧ ବିଶ୍ୱସ୍ତ ସୂତ୍ରରୁ ଖବର ମିଳୁଛି। ବଜାରରୁ ପଚା ପରିବା ସହ ନିମ୍ନମାନର ମାଛ, ମାଂସ, ଚିକେନ ଏପରିକି କୁଷ୍ଠାଶ୍ରମରୁ ଶସ୍ତାରେ କୁକୁଡ଼ା ଆଣି ଗ୍ରାହକଙ୍କୁ ଦିଆ ଯାଉଥିବାର ସୂଚନା ନିକଟରେ ରହୁଥିବା ବାସିନ୍ଦା ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ରେଲୱେ ଷ୍ଟେସନ ନିକଟରେ ହୋଟେଲ ଥିବାରୁ ବିଭିନ୍ନ ଅପରାଧୀ, ନିଶା ମାଫିଆ, କୋଇଲା ମାଫିଆ ହୋଟେଲକୁ ସୁରକ୍ଷିତ ଆଶ୍ରୟସ୍ଥଳ ଭାବି ରହୁଥିବା ଜଣାପଡିଛି। ଏବେ ତାଳଚେର କୋଇଲା ଅଞ୍ଚଳରେ ବ୍ରାଉନ୍‌ସୁଗର ଚାରିଆଡ଼େ ବ୍ୟାପିବାରେ ଲାଗିଛି। ତେଣୁ, ପୁଲିସ ପକ୍ଷରୁ ଅଚାନକ ଯାଞ୍ଚର ଆବଶ୍ୟକତା ରହିଛି। ହୋଟେଲ ରେ ନାଚଗୀତ ପାଇଁ ଆସୁଥିବା ଯୁବତୀଙ୍କ ସବିଶେଷ ତଥ୍ୟ ପୁଲିସ ପକ୍ଷରୁ ବ୍ୟାପକ ଯାଞ୍ଚ ହେବା କଥା କିନ୍ତୁ ସମସ୍ତେ ହାତ ବାନ୍ଧି ବସିଛନ୍ତି। ଯଦି ନିୟମ ଅନୁଯାୟୀ ଯାଞ୍ଚ ହୋଇଥାନ୍ତା ତାହା ହେଲେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ଶ୍ରମ ବିଭାଗ ପଞ୍ଜିକରଣ ଆଦି ନ ଥାଇ ବେନିୟମ ଭାବେ ହୋଟେଲ ଚାଲୁ ନ ଥାନ୍ତା।

ବୁଦ୍ଧିଜୀବୀଙ୍କ କହିବା କଥା ଯେ, ଛୋଟ ବ୍ୟବସାୟୀଙ୍କ ଉପରେ ପ୍ରଶାସନିକ ଛାଟ ଏବଂ ବଡ଼ ବ୍ୟବସାୟୀଙ୍କୁ ସବୁ ମାଫ୍। ଛୋଟ ବ୍ୟବସାୟୀ ଭୁଲ କଲେ ଦୋକାନ ସିଲ କରି ଦିଆଯାଉଛି। ମୋଟା ଅଙ୍କର ଫାଇନ୍ ଆଦାୟ ହେଉଛି। ଠେଲାବାଲାଙ୍କୁ ମଧ ଛଡ଼ାଯାଉନାହିଁ। କିନ୍ତୁ ଥିଲାବାଲାଙ୍କୁ ସାତ ଖୁନ୍ ମାଫ୍। କେ ପି ପ୍ୟାଲେସ ହୋଟେଲ ମାଲିକଙ୍କ ବାସସ୍ଥାନ ଅଞ୍ଚଳରେ ଅନେକ ସରକାରୀ ମୂଲ୍ୟବାନ ଜମି ଜବରଦଖଲ ତଥା ବେନାମୀ କରି ତଫସିଲଭୁକ୍ତ ଜାତିର ଲୋକଙ୍କ ଠାରୁ କିଣାଯାଇଛି, ଏହା ତଦନ୍ତ ସାପେକ୍ଷ। ହୋଟେଲ ନିର୍ମାଣ ହୋଇଥିବା ଜମି କିଣାବିକାରେ ସରକାରଙ୍କୁ କେତେ ଟ୍ୟାକ୍ସ ପୈଠ ହୋଇଛି ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ହେବା ଆବଶ୍ୟକ। ଦୁର୍ନୀତିଖୋର ସରକାରୀ ଅଧିକାରୀଙ୍କ ଉପରେ ରାଜ୍ୟ ସରକାରଙ୍କ ଶୂନ୍ୟସହନଶୀଳତା ଦେଖି ମଧ ଏମାନେ ସୁଧୁରୁ ନାହାନ୍ତି। ନିଜ ପକେଟ୍ ଗରମ ପାଇଁ ସରକାରଙ୍କୁ ବଦ୍‌ନାମ କରୁଛନ୍ତି। ଆହୁରି ମଧ ହୋଟେଲ ନିକଟରେ ଏକ ଶିବ ମନ୍ଦିର ଏବଂ ମସଜିଦ୍ ଥିବା ସତ୍ତ୍ୱେ ମଦବାର୍ ପାଇଁ ଉଦ୍ୟମ ଚାଲିଥିବା ଖବର ମିଳୁଛି। ମଦବାର୍ ଖୋଲିବା ସୂଚନା ହୋଟେଲ ମ୍ୟାନେଜର ତିରୁପତି ରାଓଙ୍କ ଠାରୁ ମିଳିଛି। ଏହି ସବୁ ବିଷୟ ପାଇଁ ନିକଟ ବାସିନ୍ଦା ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ପ୍ରଶାସନ ଦୃଷ୍ଟି ଦେଇ ବିହୀନ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଛେଣ୍ଡିପଦା ଜଗନ୍ନାଥ ମନ୍ଦିରର ନବୀକରଣ କାର୍ଯ୍ୟ ଆରମ୍ଭ

**ଛେଣ୍ଡିପଦା,୧।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଦର ମହାକୁମାରେ ଥିବା ଜଗନ୍ନାଥ ମନ୍ଦିରର ନବୀକରଣ କାର୍ଯ୍ୟ ଯୁଦ୍ଧକାଳିନ ଭିତ୍ତିରେ ଆରମ୍ଭ ହୋଇଛି। ଛେଣ୍ଡିପଦା ମହୋତ୍ସବ ଚାଲିଥିବା ବେଳେ ଛେଣ୍ଡିପଦା ବିକାଶ ସମିତି ପକ୍ଷରୁ ଜଗନ୍ନାଥ ମନ୍ଦିରର ସମସ୍ୟା ସମ୍ପର୍କରେ ଛେଣ୍ଡିପଦା ବିଧାୟକଙ୍କୁ ଅବଗତ କରିଥିଲେ। ଏନେଇ ବିଧାୟକ ସୁଶାନ୍ତ କୁମାର ବେହେରା ଛେଣ୍ଡିପଦା ଜଗନ୍ନାଥ ମନ୍ଦିରକୁ ଯାଇ ମନ୍ଦିରର ବେଢା ପରିକ୍ରମା କରିବା ସହିତ ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ।



ମହୋତ୍ସବର ଉଦ୍‌ଯାପନୀ ଦିବସ ଅବସରରେ ବିଧାୟକ ଛେଣ୍ଡିପଦା ଜଗନ୍ନାଥ ମନ୍ଦିରର ନବୀକରଣ ପାଇଁ ୧୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି ଅନୁଦାନ ଘୋଷଣା ପରେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ଜଗନ୍ନାଥ ମନ୍ଦିରର ନବୀକରଣ କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏ ନେଇ ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନ ଓ ଛେଣ୍ଡିପଦା ବିକାଶ ସମିତି ସଭାପତି ସୁବାସ ପ୍ରଧାନ ପ୍ରମୁଖ ଗୋଷ୍ଠୀ ଉନୟନ ଅଧିକାରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ମହୋତ୍ସବକୁ ଶାନ୍ତି ଶୃଙ୍ଖଳାରେ ସମାପନ କରିଥିବାରୁ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଜାତୀୟ କର୍ମଶାଳାରେ ଅନୁଗୋଳର ୫ ଶିକ୍ଷକ ଶିକ୍ଷୟିତ୍ରୀ

**ପବିତ୍ରନଗର,୧।୧(ସମିସ):** ଆନ୍ଧ୍ରପ୍ରଦେଶର କୁପମ୍‌ଠାରେ ଥିବା ଅଗସ୍ତ୍ୟ ଆନ୍ତର୍ଜାତିକ ପ୍ରତିଷ୍ଠାନରେ ୪ଦିନ ଧରି ଆୟୋଜିତ ହୋଇଥିବା ଗଣିତ ବିଜ୍ଞାନ ଆବାସିକ କର୍ମଶାଳାରେ ଅନୁଗୋଳର ବିଭିନ୍ନ ବିଦ୍ୟାଳୟରୁ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ, ଅନୁଗୋଳ ଜିଲ୍ଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ ଏବଂ ଅନୁଗୋଳ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକଙ୍କ ନିର୍ଦ୍ଦେଶକ୍ରମେ ଗଣିତରେ ଗୋଡିବନ୍ଧ ଉଚ୍ଚ ବିଦ୍ୟାଳୟର ହରିଶ୍ଚନ୍ଦ୍ର ବେହେରା, ଘଣ୍ଟପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ସୁଶ୍ରୀ କ୍ରିଷ୍ଣା ସୂତାର ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟ, ସାଉଥ୍ ବଲଣ୍ଡାର ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ ବିଜ୍ଞାନରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ବଡ଼ଯୋରଡ଼ା ର ମେରିଲିନ ସିଂ, ବଡ଼କେରେଜାଙ୍ଗ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ୍ ସାହୁ ପ୍ରମୁଖ ଅଂଶଗ୍ରହଣ କରି ଗଣିତ ଓ ବିଜ୍ଞାନର ନୂତନ କୌଶଳ ସହ ବିଭିନ୍ନ ପ୍ରକାର ମଡେଲ ପ୍ରସ୍ତୁତି ସମ୍ବନ୍ଧରେ ଶିକ୍ଷା ଲାଭ



କରିଥିଲେ। ଉକ୍ତ କର୍ମଶାଳାରେ ରଣମ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ବ୍ରହ୍ମାଣ୍ଡ ବିଜ୍ଞାନୀ ଏନ୍. ଉଦୟ ନାରାୟଣ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ନିଜର ଗବେଷଣା ଅନୁଭୂତି ବର୍ଣ୍ଣନା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି ହୋଇପାରିବା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଶେଷରେ ଟିଏଲ୍‌ଏମ୍ ଓ ମାନପତ୍ର ପ୍ରଦାନ କରିଥିଲେ।

## ତାଳଚେର ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ତାଳଚେର,୧।୧(ସମିସ):** ଆଜି ତାଳଚେର ଅଞ୍ଚଳବାସୀ ପୁରୁଣା ବର୍ଷକୁ ବିଦାୟ ସହ ନୂତନବର୍ଷ ୨୦୨୪ କେମିତି ସୁଖସମୃଦ୍ଧିରେ କଟିବ ସେଥିନେଇ ସକାଳୁ ସ୍ନାନ ଓ ଶୁକ୍ଳବସ୍ତ୍ର ପରିଧାନ କରି ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଲୋକମାନେ ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ମନ୍ଦିର ଗୁଡିକରେ କିଛି ବାଦାନ୍ୟ ବ୍ୟକ୍ତି ଲୋକମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ମଧ କରାଯାଇଥିଲା। ତେବେ ବର୍ଷରୁ ପ୍ରାରମ୍ଭରୁ ଲୋକଙ୍କ ଭାବାବେଗ ଭକ୍ତିର ସହ ଅତି ଆନନ୍ଦ ଉଲ୍ଲାସର ସହ ପୂଜାପାଠ କରି ନିଜ ନିଜ ଘର ବାହୁଡା ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ଆଜି ବିଭିନ୍ନ ଶୈବପୀଠ ଧମରପୁର, ପଶ୍ଚିମେଶ୍ୱର ମନ୍ଦିର, ପଞ୍ଚମୁଖୀ, ରାଣୀମନ୍ଦିର, ରାମମନ୍ଦିର, ଚିତ୍ରକୂଟ ମନ୍ଦିର, ସୁନାମୁଖୀ ମନ୍ଦିର, କାଳୀମନ୍ଦିର, ହିଙ୍ଗୁଳା ମନ୍ଦିର, ହନୁମାନ ମନ୍ଦିର, ଆଖଣ୍ଡଳମଣି, ଚକ୍ରଶିଳା, ଇତ୍ୟାଦ୍ୟ ଦର୍ଶନୀୟ ପୀଠ ଗୁଡ଼ିକରେ ନୂତନବର୍ଷର ପ୍ରଥମ ଦିବସରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



## ଟ୍ରଫି ଫାଇଟର୍ କପ୍ କ୍ରିକେଟ୍: ତ୍ରିବଣପୁର ଚାମ୍ପିଅନ୍

କିଶୋରନଗର,୧।୧(ସମିସ): କିଶୋରନଗର ବ୍ଲକ ଝାରବନ୍ଧଲୀ ଟ୍ରଫି ଫାଇଟର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚରେ ତ୍ରିବଣପୁର ଦଳ କଦଳୀମୁଣ୍ଡା ୯ଲକୁ ୫ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଲିକୁ ପାଣ୍ଡେ ଓ କ୍ଷୀରୋଦ ବାଘ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଶିବାଶିଷ ପ୍ରଧାନ ଧାରାବିବରଣୀ ପ୍ରଦାନ, ଶ୍ରୀମୁଖ ନାୟକ ସ୍କୋରର ଦାଇତ୍ୱ ତୁଲାଇ ଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ଧଉରାପାଲ୍ଲୀ ସରପଞ୍ଚ ସଞ୍ଜୀତ୍ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଲକ୍ଷ୍ମଣ ପ୍ରଧାନ, ଗଗନ, ଅନୀଲ, ପ୍ରକାଶ, ରୋଶନ ଓ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ





**ଅନୁଗୋଳ,୧।୧(ସମିସ)**

ଆଜିଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ "ସଡକ ସୁରକ୍ଷା ପରିବାର ରକ୍ଷା' ବାର୍ତ୍ତାନେଇ ସଡକ ସୁରକ୍ଷା ସପ୍ତାହ ପାଳନ ହେବ। ଏହି ସପ୍ତାହ ପାଳନର ପ୍ରଥମ ଦିନରେ ଏକ ସଡକ ସୁରକ୍ଷା ସଚେତନତା ରଥକୁ ଏହି ସପ୍ତାହ ପାଳନର ପ୍ରଥମ ଦିନରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଓ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ସଡକ ସୁରକ୍ଷା ସଚେତନତା ଉପରେ ବାର୍ତ୍ତା ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ତଥା ସଡକ ସୁରକ୍ଷା କମିଟିର ସଦସ୍ୟ ସଂଗ୍ରାମ ରଞ୍ଜନ ଦାସ, ଅନୁଗୋଳ ଆଞ୍ଚଳିକ ପରିବହନଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଏମ୍‌ଭିଆଇ ବିଭୂ ପ୍ରସାଦ ନାଏକ, ଜୁନିୟର ଏମ୍‌ଭିଆଇ ଦିବ୍ୟଜ୍ୟୋତି ମହନ୍ତ, ଟିଆଇ ସୁମନ୍ତ ସେଠିଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଗୋଳ ବସଷ୍ଟାଣ୍ଡଠାରେ ସଚେତନତା ବାର୍ତ୍ତାକୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶନ ମଧ କରାଯାଇଥିଲା।

## ଦିଗ୍‌ବଳୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

**କିଶୋରନଗର,୧।୧(ସମିସ):** କିଶୋରନଗର ବ୍ଲକ ଜଏରାଟର ଦିଗ୍‌ବଳୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ଚିତ୍ତରଞ୍ଜନ ମେଣ୍ଡୁଲୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ହାଇସ୍କୁଲର ସହକାରୀ ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସଦାଶିବ ସିଂହ, ଭିକାରୀ ପ୍ରଧାନ, ତୀର୍ଥବାସୀ ଭୋଇ ସତୀଶ କୁମାର ସାହୁ, ନାରାୟଣ ନାୟକ, ପ୍ରମୁଖ ବକ୍ତବ୍ୟ ଦେଇ ଏକ ସୁସ୍ଥ ସୁନ୍ଦର ସାମାଜିକ ପରିବେଶ ଗଢି ତୋଳିବା ଏକ ଉନ୍ନତ ସାଂସ୍କୃତିକ ଚର୍ଚ୍ଚା ଓ ଅନୁଶୀଳନ ଉପରେ ଆଲୋକପାତ କରିଥିଲେ। ଜଏରାଟ ରାସଯାତ୍ରାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଚିତ୍ତାକର୍ଷକ ସଂଗୀତ, ନୃତ୍ୟ ପରିବେଷଣ କରିଥିବା କଳାକାରମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରମଣୀ ରଞ୍ଜନ ପ୍ରଧାନ, ରବି ନାରାୟଣ ବାରିକ୍, ରମେଶ ଲୁହା, ସୁରୁଚି ପ୍ରଧାନ, ବସୁମତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।





















### ସମଲ ଗାଁ ବାଇପାସ୍ ରାସ୍ତା କାର୍ଯ୍ୟ ନିମ୍ନ ମାନର

# ୬ ମାସରେ ରାସ୍ତାରୁ ଉଠିଗଲା ପିଚୁ

ତାଳଚେର ସହର,୧।୧(ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବାଇପାସ୍ ରାସ୍ତାକାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟଅଟକଳରେ ନିର୍ମିତ ରାସ୍ତା କାର୍ଯ୍ୟ ନିମ୍ନମାନର ଯୋଗୁ ନିର୍ମାଣର ୬ ମାସ ମଧ୍ୟରେ ପିଚୁ ଉଠିଯାଇଛି। ବିଭାଗକୁ ଅବଗତ କରାଇବାପରେ

**■ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି**

ଏଥିରେ ପ୍ୟାଚ୍ ପଡିଛି। ସମଲ ଘାଟଠାରୁ ସମଲ ଗ୍ରାମ ଶେଷ ରେଲୱେ ବ୍ରିଜ ପର୍ଯ୍ୟନ୍ତ ନବନିର୍ମିତ ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାର ଶେଷ ଭାଗ ତଥା ରେଲୱେ ବ୍ରିଜ ନିକଟରେ ରାସ୍ତାରେ ଗର୍ତ୍ତ ହୋଇଥିବା ନେଇ ବିଭାଗକୁ ଅବଗତ କରାଇବା ପରେ ଏଇ କିଛିଦିନ ପୂର୍ବରୁ ଏହାର ମରାମତି କରାଯାଇ ଏହା ଉପରେ କଂକ୍ରିଟ ପ୍ୟାଚ ପକାଯାଇଛି। ସେଠାରୁ କିଛି ଦୂରରେ ଥିବା ବୁଲାଣି ପାଖରେ ପିଚୁ ଫାଟି ଯାଇଥିବା ଦେଖିବାକୁ ମିଳିଛି। ତତସହିତ ବୁଲାଣି ପାଖରେ ଥିବା ଡିଭାଇଡର ଉଭୟ ପାଶ୍ୱର୍ ରାସ୍ତାର ଦୂରତା ଅସମାନ ଅଛି। ଯେପରିକି ବିକିସର ଆଡୁ ସମଲ ଘାଟ ଆଡ଼କୁ ଯାଉଥିବା ଭାରୀଯାନ ଉକ୍ତ ବୁଲାଣିରେ ବୁଲେଇ ନ ପାରି ଡିଭାଇଡରର ଡାହାଣ ପଟ ଅର୍ଥାତ ରଙ୍ଗ ରୁଟରେ ଯାଉଛନ୍ତି। ଫଳରେ ସମ୍ମୁଖରୁ ଆସୁଥିବା ଗାଡି ଦୁର୍ଘଟଣାର ଶୀକାର ହେଉଥିବା ନଜିର ରହିଛି। ଏହା ସହ ରାସ୍ତାର ଉଭୟ କଡ ଧିରେ ଧିରେ ଭାଙ୍ଗିବା ଆରମ୍ଭ ହେଲାଣି। ରେନ୍‌କଟ ନ ହେବା ପାଇଁ ରାସ୍ତା କଡ଼ରେ ପଡ଼ିଥିବା ମାଟି ରାସ୍ତା ଲେବୁଲର ତଳେ ଥିବାରୁ ରାସ୍ତାର କଡ ଗୁଡ଼ିକ ଗାଡ଼ି ଚଢିବା ଦ୍ୱାରା ଭାଙ୍ଗିବା ଆରମ୍ଭ ହେଲାଣି। ଯଦି ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦିଅନ୍ତି ତେବେ କମ୍ ଦିନ ବ୍ୟବଧାନରେ ରାସ୍ତା ଖରାପ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ପୂର୍ତ୍ତ ବିଭାଗ ପାଲଲହଡା ନିରୀକ୍ଷଣରେ ଏହି ରାସ୍ତା କାର୍ଯ୍ୟ ହୋଇଥିବାରୁ "ସକାଳ" ସାମ୍ବାଦିକ ଦୁର୍ଗା ପ୍ରସାଦ ସ୍ୱାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଯଥାଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ।



**● ନିର୍ମାଣର ୬ ମାସ ବିତିଲାନି; ଭାଙ୍ଗିଲା ଡ୍ରେନ**

## ନିମ୍ନମାନର କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ବିରୋଧ



ତାଳଚେରସହର,୧।୧(ସମିସ): ଅନୁଗୁଳ ଜିଲ୍ଲା ତାଳଚେର ବ୍ଲକ ଅନ୍ତର୍ଗତ ତାଳବେଡା ବନଦୁର୍ଗା ମନ୍ଦିର ଠାରୁ ତାଳବେଡା ପୁଲିସ ବାରାକ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଡାହାଣ ପାଶ୍ୱର୍ରେ ବାଲୁଗାଁ ଅଭିମୁଖେ ଯାଇଥିବା ବାଇପାସ୍ ରାସ୍ତାର ବାମ ପାଶ୍ୱର୍ରେ ନିର୍ମିତ ଡ୍ରେନ ଆଜକୁ ଦୁଇ ମାସ ହେବ ଭାଙ୍ଗି ପଡ଼ିଛି। ଉକ୍ତ ଡ୍ରେନ ଏମସିଏଲ ଲିଙ୍ଗରାଜ କ୍ଷେତ୍ର ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ନିର୍ମାଣ ଆରମ୍ଭ ହୋଇଥିବା ସୂଚନା ସ୍ଥାନୀୟ ଅଞ୍ଚଳବାସୀ ଦେଇଥିବା ବେଳେ ଛଅ ମାସ ନ ପୁରୁଣୁ ଏହା ଭାଙ୍ଗିଯିବା, ଡ୍ରେନ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ପ୍ରମାଣ କରେ। ଡ୍ରେନ ମଝିରେ ରଡ ଦିଆଯାଇନଥିବାରୁ ଏବଂ ସଠିକ୍ ପ୍ରକ୍ରିୟାରେ ନିର୍ମାଣ କାର୍ଯ୍ୟ ନ ହୋଇଥିବାରୁ ଡ୍ରେନଟି ଭାଙ୍ଗିଯାଇଥିବା ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତ ଦିଅନ୍ତି। ଏମସିଏଲ ଭଳି ବୃହତ୍ କୋଇଲା ଉତ୍ତୋଳନ କମ୍ପାନୀ କର୍ତ୍ତୃପକ୍ଷଙ୍କ ଏଭଳି ନିମ୍ନମାନର କାର୍ଯ୍ୟ ଅଞ୍ଚଳବାସୀଙ୍କ ସମାଲୋଚନାର ବିଷୟ ପାଲଟିଛି। ଦୁଇ ମାସ ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଡ୍ରେନ ଭାଙ୍ଗିଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲେ ହେଁ ଠିକାଦାରକୁ ସୁରକ୍ଷା ଦେବାକୁ ଯାଇ ଉକ୍ତ କର୍ତ୍ତୃପକ୍ଷ ନୀରବ ରହିଥିବା ଜଣାଯାଇଛି। ଏମସିଏଲର ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ସେଣ୍ଟ୍ରାଲ ୱାର୍କସ୍‌ପସ୍ଥିତ ଜଗନ୍ନାଥ ମନ୍ଦିରରେ ଅବ୍ୟବସ୍ଥା

ବିକ୍ରମପୁର,୧।୧(ସମିସ): ନୂଆବର୍ଷ ପାଇଁ ସେଣ୍ଟ୍ରାଲ ୱାର୍କ୍ସପସ୍ଥିତ ଜଗନ୍ନାଥମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ନିମନ୍ତେ ଭକ୍ତ ମାନଙ୍କ ଭିଡ଼ ଜମିଥିଲା। ଭକ୍ତମାନଙ୍କ ସୁବିଧା ନିମନ୍ତେ ଏଠାରେ ଆନନ୍ଦ ବଜାରରେ ପ୍ରତ୍ୟେକ ଦିନ ଦେୟଯୁକ୍ତ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ମାତ୍ର ଆଜି ଏହି ଦେୟଯୁକ୍ତ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଅନେକ ଅବ୍ୟବସ୍ଥା ତଥା ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପ୍ରସାଦ ବୁକିଂ ପାଇଁ ମନ୍ଦିର ତରଫରୁ କୌଣସି ନିର୍ଦ୍ଦିଷ୍ଟ ଯୋଗାଯୋଗ ନମ୍ବର ଜାରି କରାଯାଇନଥିବାବେଳେ ଏଠାରେ ଆନନ୍ଦ ବଜାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଭକ୍ତମାନେ ଯୋଗାଯୋଗ କରିଥାନ୍ତି।

ପ୍ରକାଶ ଥାଉକି, ପର୍ବପର୍ବାଣି ଗୁଡିକରେ ଅଧିକ ଭିଡ ରହୁଥିବାରୁ ଏହି ନିର୍ଦ୍ଦିଷ୍ଟ ବ୍ୟକ୍ତି ଜାଣିଶୁଣି ନିଜ ମୋବାଇଲ ନମ୍ବର ବନ୍ଦ ରଖି ଅଧିକ ଦାମ୍‌ରେ ପ୍ରସାଦ ବିକ୍ରି କରିଥାନ୍ତି ବୋଲି ଭକ୍ତମାନେ ଅନେକ ଥର କ୍ଷୋଭ ପ୍ରକାଶ କରିଛନ୍ତି। ଆତ୍ମଘୋଷିତ ସେବାୟତ ନିଜର ବାହୁବଳ ଦେଖାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ଦିନକୁ ଦିନ ପ୍ରସାଦ ମାନ ଖସୁଚି। ଶୁଳ୍କ ବାବଦକୁ କୋ÷ଣସି ରସିଦ ମଧ୍ୟ ଦିଆଯାଉନାହିଁ। ଏହି ପ୍ରରିପେକ୍ଷୀରେ ପ୍ରସାଦ ର ମାନ ଯାଞ୍ଚ ତଥା ଶୁଳ୍କଦେୟ ହିସାବକିତାବକୁ ନେଇ ମନ୍ଦିର ପରିଚାଳନା କମିଟି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଜିନ୍ଦଲଷ୍ଟିଲ ଆଣ୍ଡ ପାୱାର ଶ୍ରମିକ ବିହାରରେ ନବବର୍ଷ



ଅନୁଗୋଳ,୧।୧(ସମିସ): ହଜାର ହଜାର ସଂଖ୍ୟାରେ ଶ୍ରମଜୀବୀ ଏବଂ କର୍ମଚାରୀ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ଅନୁଗୋଳଠାରେ ଅବସ୍ଥିତ ଥିବା ଶ୍ରମିକ ବିହାରରେ ନବବର୍ଷ ଉପଲକ୍ଷେ ଆୟୋଜିତ ମ୍ୟୁଜିକାଲ ନାଇଟରେ ସାମିଲ ହୋଇଥିଲେ। ଜେଏସପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, ନିର୍ବାହୀ ନିର୍ଦ୍ଦେଶକ ଆଇରନ ଜୋନ ଦାମୋଦର ମିତ୍ତଲ, ସିଏଚ୍‌ଆରଓ ଅନୁଗୋଳ ଶୁଭଦୀପ ଖାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଯୋଗ ଦେବା ସହ ଶ୍ରମଜୀବୀ ଏବଂ କର୍ମଚାରୀଙ୍କସହ ଏହି ସାଂସ୍କୃତିକ ସନ୍ଧ୍ୟାକୁ ଉପଭୋଗ କରିଥିଲେ। ୨୫୦ ଜଣ ଶ୍ରମଜୀବୀଙ୍କୁ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ସମ୍ବର୍ଦ୍ଧିତ କରଯାଇଥିଲା। ଉପସ୍ଥିତ ଶ୍ରମଜୀବୀ ଏବଂ କର୍ମଚାରୀଙ୍କୁ ପଙ୍କଜ ମଲହାନ, ଦାମୋଦର ମିତ୍ତଲ, ଶୁଭଦୀପ ଖାନ ଶୁଭେଚ୍ଛା ଜଣାଇ ଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବିଜିନେସ ଏଚ୍‌ଆର ମୁଖ୍ୟ ଶରତ କିଶୋର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ତାଳଚେରରେ ଧୁମଧାମରେ ପାଳିତ ହେଲା ନବବର୍ଷ



ତାଳଚେରସଦର,୧।୧(ସମିସ): ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ୨୦୨୩କୁ ବିଦାୟ ସହ ଇଂରାଜୀ ନବବର୍ଷ-୨୦୨୪କୁ ସ୍ୱାଗତ ଜଣାଇ ବିଭିନ୍ନ ସ୍ଥାନରେ ବହୁ କାର୍ଯ୍ୟକ୍ରମ ହୋଇଥିଲା। ନୂଆବର୍ଷକୁ ସ୍ୱାଗତ କରିବାକୁ ଗାଁଠୁ ସହର ପର୍ଯ୍ୟନ୍ତ ଚାରିଆଡେ ଚଳଚଞ୍ଚଳ ହୋଇଥିଲା। ଗତକାଲି ବିଳମ୍ବିତ ରାତ୍ରୀଠାରୁ ଶିଳ୍ପନଗରୀ ତାଳଚେର ଗାଁଠୁ ସହର ଜୁଆଡେ ଦେଖିବ ଉତ୍ସବର ମାହୋଲ। ସାହି ଗଳିକନ୍ଦିରେ ବିଭିନ୍ନ ଅସ୍ଥାୟୀ ରଙ୍ଗବେରଙ୍ଗ ତୋରଣ ବେଲୁନ୍ ଫୁଲରେ ସଜ୍ଜିତ ହୋଇ ଡିଜେର ତାଳେତାଳେ ଝୁମିଲେ ଆବାଳବୃଦ୍ଧବନିତା। ସୋମବାର ଥିବାରୁ ସକାଳୁ ନୂତନ ବର୍ଷ ଅବସରରେ ମନ୍ଦିର ଗୁଡ଼ିକ ଚଳଚଞ୍ଚଳ ହୋଇପଡିଥିଲା। କେହି କେହି ପିଠାପଣା, କାନିକା ଇତ୍ୟାଦିରେ ଠାକୁରଙ୍କ ନିକଟରେ ଭୋଗ ଲଗାଇ ଭୋଜନ କରିଥିବା ବେଳେ ଆଉ କେହି ମିଠା ଦୋକାନରେ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କର ପୂଜାପାଠରେ ଅଞ୍ଚଳଟି ପ୍ରକମ୍ପିତ ହୋଇ ଏକ ଆତ୍ମିକ ପରିବେଶ ସୃଷ୍ଟି କରିଥିବା ବେଳେ ଜଗନ୍ନାଥ ମନ୍ଦିରଠାରୁ ସେହି ନିକଟସ୍ଥ ଓଡ଼ିଶା ପ୍ରସିଦ୍ଧ ତାଳଚେର ସୌନ୍ଦର୍ଯ୍ୟମୟ ସିଂହଦ୍ୱାର ପରିସରଟି ଅପରାହ୍ନ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବ୍ୟାପକ ଜନଗହଳି ଦେଖିବାକୁ ମିଳିଥିଲା। ଏବଂ ସେହି ଅନୁପାତରେ ବିଭିନ୍ନ ଯାନବାହାନ ବଡ଼ଦାଣ୍ଡ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତାଟି ସଂକୀର୍ଣ୍ଣ ହୋଇପଡ଼ିଥିଲା।

### ଜଳି ଗଲା କାର୍

ନାଲକୋ ନଗର,୧।୧(ସମିସ): ନାଲକୋ କଲୋନୀର ଏକ ଗ୍ୟାରେଜ ଭିତରେ ଥିବା କାର୍ ଜଳିଯାଇଛି। ମଧ୍ୟାହ୍ନରେ ସ୍ମେଲ୍ଟର ପ୍ଲାଣ୍ଟ ମେଟ୍ରିଆଲ ବିଭାଗର ଅଧିକାରୀ ସୁରେଶ ବେହେରା ପ୍ଲାଣ୍ଟରୁ କ୍ୱାର୍ଟର୍ସକୁ ଆସି ତାଙ୍କ କାର୍ (ନଂ.ଓଡି-୦୨- ସିପି ୪୩୯ ୯)କୁ ନିଜ ଗ୍ୟାରେଜରେ ରଖିଘରକୁଯାଇଥିଲେ।ଯିବାର୧୦ମିନିଟମଧ୍ୟରେଉକ୍ତକାରଗ୍ୟାରେଜରୁଧୂଆଁବାହାରୁଥିବା ପଡୋଶୀ ଦେଖି ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ। ଖବର ପାଇ ନାଲକୋ ସିଆଇଏସ୍‌ଏଫର ଫାୟାରବିଭାଗଆସିବାବେଳକୁକାର୍‌ଟିହୁହୁହୋଇଜଳିବାସାଙ୍ଗକୁବିସ୍ଫୋରଣହୋଇଥିଲା। ଅଧଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

## ପଞ୍ଚଧାର ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଆଠମଲ୍ଲିକ,୧।୧(ସମିସ): ନୂତନବର୍ଷକୁସ୍ୱାଗତଜଣାଇଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରାକ୍ତନ ଅଧ୍ୟାପକ ବିବେକାନନ୍ଦ ବେହେରା ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବରେ ସଂସଦର ଉପଦେଷ୍ଟା ନାଟ୍ୟକାର ଚିତ୍ତ ରଞ୍ଜନ ତ୍ରିପାଠୀ ଓ ସାମ୍ବାଦିକ ଉଦିପ୍ତ ପୁରୋହିତ ଯୋଗଦେଇଥିଲେ। ପଞ୍ଚଧାର ସାହିତ୍ୟ ସଂସଦର ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଳା, ସାହିତ୍ୟ, ସଙ୍ଗୀତ ଏକ ଆଦର୍ଶ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ସମ୍ପର୍କର ସେତୁ ନିର୍ମାଣ କରେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ମନ୍ମଥ ଭୁରଭୁରି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଆଠମଲ୍ଲିକ ମହାବିଦ୍ୟାଳୟର ଛାତ୍ରୀ ଶ୍ରୁତି ସମ୍ପର୍ଣ୍ଣା ଦାଶ, ସଙ୍ଗୀତଜ୍ଞ ପରମେଶ୍ୱର ପାତ୍ର, ବିକ୍ରମ ରଣଭଇଁସା, କଳିଙ୍ଗ ବେହେରାମାଳି, ଭୁବନ ମୋହନ ତ୍ରିପାଠୀ ପ୍ରମୁଖ ସଂଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ଗୁରୁ ଶ୍ରୀଧର ମହାନ୍ତି, ଯୁବ ତବଲା ବାଦକ ମାନସ କର୍ଣ୍ଣ ଓ ଟୁକୁନୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। କବି କାଳିଦାସ କୁମ୍ଭାର ଓ ସର୍ବେଶ୍ୱର ଘିବାଲା ସ୍ୱରଚିତ କବିତା ପାଠ କରିଥିବା ବେଳେ ଆଭାସ କୁମାର କ୍ଷେତୀ ଗଳ୍ପ ପାଠ କରିଥିଲେ। ପଞ୍ଚାନନ ଗାଇଗରିଆ ଦଣ୍ଡଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ତରରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଯୁବ ଚିତ୍ରଶିଳ୍ପୀ ଅଭିଳାଷ ସ୍ୱାଇଁ ଓ କଣ୍ଠଶିଳ୍ପୀ ଶ୍ରୁତି ସମ୍ପର୍ଣ୍ଣା ଦାଶଙ୍କୁ ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚଧାର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଜୟ ନାରାୟଣ ଦାସ ଓ ବଇଣ୍ଡାର କବୟିତ୍ରୀ ପ୍ରେମଲତା ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିଳ୍ପୀ ରଣଜିତ୍ ରଣା, ସଂଗ୍ରାମ ମିଶ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ସଦାଶିବ ଦଳବେହେରା ନୂଆ ବର୍ଷକୁ ସ୍ୱାଗତ ଜଣାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।



## 'ବ୍ଲାକ୍ ଡାଇମଣ୍ଡ'କୁ ପ୍ରବେଶ ନିମନ୍ତେ ଅନ୍‌ଲାଇନ୍ ବୁକିଂ ଉଦ୍‌ଘାଟିତ

ଅନୁଗୋଳ,୧।୧(ସମିସ): ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ "ବ୍ଲାକ୍ ଡାଇମଣ୍ଡ'ର ଦିନକୁ ଦିନ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଆଜି ଅପରାହ୍ନରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନଲାଇନ୍ ବୁକିଂ ବ୍ୟବସ୍ଥାକୁ ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଏହି ଅନଲାଇନ୍ ବୁକିଂ ପଞ୍ଜିକରଣ ବ୍ୟବସ୍ଥା ଉପରେ ଜିଲ୍ଲାପାଳଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଏହି ବ୍ୟବସ୍ଥାକୁ ଖୁବ୍ କମ୍ ସମୟ ମଧ୍ୟରେ ବିକଶିତ କରାଯାଇଥିବାରୁ ଜିଲ୍ଲାପାଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଓ ଅନୁଗୋଳର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ବୁକିଂ କରିବାକୁ ଇଚ୍ଛୁକ ବ୍ୟକ୍ତି ଙଙଙ.ବଭଶଙ୍କକ୍ଷ. ଭସମ.ସଭ ୱେବସାଇଟ୍‌କୁ ଯାଇ ଈକ୍ଷବମଳ ଉସବଙ୍କକ୍ଟଭୟ ଜରଗ୍ଧରକ୍ସଙ୍ଖବଗ୍ଧସକ୍ଟଭ ଉପରେ କ୍ଲିକ୍ କରି ଦିଆଯାଇଥିବା ଲିଙ୍କ୍‌ରେ ନିଜର ନାମ, ମୋବାଇଲ ନମ୍ବର ଓ ଇମେଲ ଦେଇ ପଞ୍ଜିକରଣ କରିପାରିବେ। ପଞ୍ଜିକରଣ କରିବା ପରେ ବ୍ଲାକ୍ ଡାଇମଣ୍ଡକୁ ପ୍ରବେଶ ପାଇଁ ଟିକଟ ବୁକିଂ କରିପାରିବେ। ଜଣେ ବ୍ୟକ୍ତି ପ୍ରତି ଘଣ୍ଟା ପାଇଁ ସର୍ବାଧିକ ୩୦ଟି ଟିକଟ ବୁକିଂ କରିପାରିବେ। ଅନଲାଇନ୍ ବୁକିଂ ପରେ ବୁକିଂ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ଓ ଇ- ମେଲରେ ବୁକିଂ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଏହି ବୁକିଂ ତଥ୍ୟକୁ ବ୍ଲାକ୍ ଡାଇମଣ୍ଡର କାଉଣ୍ଟର ପାଖରେ ଦେଖାଇ ଉପଯୁକ୍ତ ଫି' ପୈଠ କରି ପ୍ରବେଶ କରିପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ନିଜାରତ ଅଧିକାରୀ ଓ ଜିଲ୍ଲା ଖଣିଜ ପାଣ୍ଠିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ଏନ୍‌ଟିପିସି କଣିହାଁର ନୂଆ ପ୍ରକଳ୍ପ ମୁଖ୍ୟ ଭାବେ ଅଶୋକ କୁମାର ସେହଗଲଙ୍କ ଦାୟିତ୍ୱ

ତାଳଚେର,୧।୧(ସମିସ): ଜେନେରାଲ ମ୍ୟାନେଜର ଅଶୋକ କୁମାର ସେହଗଲ ଏନଟିପିସି ତାଳଚେର କଣିହାଁ ପ୍ରକଳ୍ପର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। କଣିହାଁ ପ୍ରକଳ୍ପର ପୂର୍ବ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ୍. ଏସ୍ ରାଓଙ୍କ ଏନଟିପିସି ଉତ୍ତରାଞ୍ଚଳ ମୁଖ୍ୟାଳୟ, ଲକ୍ଷ୍ନୌକୁ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆର୍‌ଇଡି) ଭାବରେ ବଦଳି ହେବାପରେ ଶ୍ରୀ ସେହଗଲ ତାଙ୍କ ବଦଳରେ ଅବସ୍ଥାପିତ ହୋଇଛନ୍ତି। ଏହାପୂର୍ବରୁ ଶ୍ରୀ ସେହଗଲ ଏନଟିପିସି କଣିହାଁରେ ଜେନେରାଲ ମ୍ୟାନେଜର (ଅପରେସନ୍ସ ଆଣ୍ଡ ମେଣ୍ଟେନାନ୍ସ) ଭାବେ କାର୍ଯ୍ୟରତ ଥିଲେ। ଅଗଷ୍ଟ ୨୦୨୨ରେ ଜେନେରାଲ ମ୍ୟାନେଜର (ରକ୍ଷଣାବେକ୍ଷଣ) ଭାବରେ ସେ ଏନଟିପିସି କଣିହାଁରେ ଯୋଗଦେବା ପୂର୍ବରୁ ବୃତି ଅନୁଯାୟୀ ଜଣେ ମେକାନିକାଲ୍ ଇଞ୍ଜିନିୟର ଥିବା ଶ୍ରୀ ସେହଗଲ୍ ୧୯୮୯ ରେ ଏନଟିପିସି ଦୁର୍ଗାପୁରରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ ଏବଂ ଏହାପରେ ସେ ଏନଟିପିସି ଦାଦ୍ରି, ଇଓସି ନୋଏଡାର ଓଏସ ବିଭାଗ, ଏନଟିପିସି ମୌଦା, ଏନଟିପିସି ବିନ୍ଧ୍ୟାଞ୍ଚଳରେ ଅପରେସନ୍,ମେକାନିକାଲ୍ ମେଣ୍ଟେନାନ୍ସ, ପ୍ଲାନିଂ ମେଣ୍ଟେନାନ୍ସ,ଆସ୍ ଡାଇକ୍ ମ୍ୟାନେଜମେଣ୍ଟ ଆଦି ଯୋଜନାରେ ବିଭିନ୍ନ କ୍ଷମତାରେ କାର୍ଯ୍ୟ କରିଥିଲେ। ସେ ନଭେମ୍ବର ୨୦୨୨ରେ ଜେନେରାଲ ମ୍ୟାନେଜର (ଓଆଣ୍ଡଏମ) ହୋଇଥିଲେ। ଶ୍ରୀ ସେହଗାଲ ଇଗ୍ନୋରୁ ଫାଇନାନ୍ସରେ ପି ଜି ଡିପ୍ଲୋମା ବ୍ୟତୀତ ଆଇଆଇଟି ଦିଲ୍ଲୀରୁ ପାୱାର ଇଞ୍ଜିନିୟରିଂରେ ଏମ୍.ଟେକ୍ ଡିଗ୍ରୀ ହାସଲ କରିଛନ୍ତି ଏବଂ ପାୱାର ପ୍ଲାଣ୍ଟଗୁଡ଼ିକର ପରିଚାଳନା ତଥା ରକ୍ଷଣାବେକ୍ଷଣ କ୍ଷେତ୍ରରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ଶ୍ରୀ ସେହଗଲ ନୋଏଡା ସମେତ ଦେଶର ପ୍ରତିଷ୍ଠିତ ପ୍ରତିଷ୍ଠାନଗୁଡ଼ିକରେ ପାୱାର ପ୍ଲାଣ୍ଟ ମ୍ୟାନେଜମେଣ୍ଟରେ ବ୍ୟାପକ ପ୍ରଶିକ୍ଷଣ ନେଇଛନ୍ତି।



## ଗୋଷ୍ଠୀ ଶୌଚାଳୟରେ ତାଲା; ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ତାଳଚେରସହର,୧।୧(ସମିସ): ତାଳଚେର ପୌରାଞ୍ଚଳ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ହାଟତୋଟା ପୌରପରିଷଦ ମାର୍କେଟ କମ୍ପ୍ଲେକ୍ସର ୧ ନମ୍ବର ଦୋକାନ ଗୃହ କଡ଼କୁ ଲାଗିଥିବା ହାଟତୋଟା ଶୌଚାଳୟ ଅଧିକାଂଶ ସମୟରେ ତାଲା ପଡ଼ି ରହୁଥିବାଅଭିଯୋଗହୋଇଛି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏହି ଶୌଚାଳୟଟିକୁ ୨୦୨୨ ମସିହାରେ ପୁନରୁଦ୍ଧାର କରାଯାଇ ୨୦୨୨ ମସିହା ଜୁଲାଇ ମାସ ୨୭ ତାରିଖ ଦିନ ଉଦଘାଟନ କରାଯାଇଥିଲା। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଯେ, ଏହି ଶୌଚାଳୟ ଉଦ୍‌ଘାଟନ ପରଠାରୁ ଅଧିକାଂଶ ଦିନ ଏହା ବନ୍ଦ ରହୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏହି ଶୌଚାଳୟଟି ଗୋଷ୍ଠୀ ଶୌଚାଳୟ ହୋଇଥିବା ବେଳେ ଏଠାକୁ ଶୌଚ ପାଇଁ ଆସୁଥିବା ଲୋକଙ୍କୁ ମାଗଣାରେ ସେବା ଯୋଗାଇବା ପାଇଁ ସରକାରଙ୍କ ନିୟମ ରହିଛି। କିନ୍ତୁ ଏହି ଶୌଚାଳୟ ଦାୟିତ୍ୱରେ ଥିବା ବ୍ୟକ୍ତି ଆସୁଥିବା ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ସୁପରଭାଇଜର ସଞ୍ଜୀବ ନାଏକଙ୍କୁ "ସକାଳ" ପ୍ରତିନିଧି ଦୁର୍ଗା ପ୍ରସାଦ ସ୍ୱାଇଁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନ ଥିଲା।

ଶୌଚାଳୟ ଭିତରେ ଲାଗିଥିବା ସୂଚନା ଫଳକ ମୁତାବକ ଏହି ଶୌଚାଳୟ ଦିନରେ ୨୪ ଘଣ୍ଟା ଖୋଲା ରହିବା କଥା। କିନ୍ତୁ ୨୪ ଘଣ୍ଟା ପରିବର୍ତ୍ତେ ଏହା ଦିନକୁ ୧ ଘଣ୍ଟା ମଧ୍ୟ ଖୋଲା ଯାଉ ନାହିଁ। ଯାହା ସାଧାରଣରେ ତୀବ୍ର ଅସନ୍ତୋଷର କାରଣ ପାଲଟିଛି। ଅନ୍ୟପକ୍ଷେ ନିକଟକୁ ଲାଗି ପୌର ପରିଷଦର ମାର୍କେଟ କମ୍ପ୍ଲେକ୍ସ ଥିବାବେଳେ ଦୋକାନ ଗୁଡିକରେ ବହୁ ସଂଖ୍ୟକ ଯୁବତୀ ଏବଂ ମହିଳା କାର୍ଯ୍ୟରତ ଅଛନ୍ତି। କିନ୍ତୁ ଶୌଚାଳୟ ବନ୍ଦ ରହିବା ଯୋଗୁଁ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିଭଳି ନିକଟକୁ ଲାଗି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ କୋର୍ଟ ଆଦି ଥିବାବେଳେ ବିଭିନ୍ନ କାର୍ଯ୍ୟରେ ଦୂର ଦୁରନ୍ତରୁ ଲୋକମାନଙ୍କର ଆଗମନ ଏଠାକୁ ହେଉଛି। କିନ୍ତୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନଥିବାରୁ ଲୋକ ଏଣେତେଣେ ଶୌଚ ଯାଉଛନ୍ତି। ତେଣୁ ପରିମଳ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ୟପକ୍ଷରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଅପେକ୍ଷା କକ୍ଷ ଭିତର ଶୌଚାଳୟରେ ମଧ୍ୟ ଅଧିକାଂଶ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ତେଣୁ ଉପଜିଲ୍ଲାପାଳ ମନୋଜ ତ୍ରିପାଠୀ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ନେଇ ସାଧାରଣରେ ଦାବି ହୋଇଛି।



### ଧୁମ୍‌ଧାମରେ ନବବର୍ଷକୁ ସ୍ୱାଗତ କଲେ ଗଁଦିଆବାସୀ

# ବିଭିନ୍ନ ମନ୍ଦିର ଓ ପିକ୍‌ନିକ୍ ସ୍ପଟରେ ଅସମ୍ଭାଳ ଭିଡ଼

ଗନ୍ଦିଆ,୦୧(ସମିସ)



ବିଦାୟ ନେଇଛି ୨୦୨୩, ପାଦ ଥାପିଛି ୨୦୨୪। ସାରା ଗନ୍ଦିଆ ବ୍ଲକ ଉତ୍ସବ ମୁଖର ହୋଇପଡିଛି। ବ୍ଲକର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଧାର୍ମିକ କ୍ଷେତ୍ର, କ୍ଲବ୍ ଓ ବଣଭୋଜି ସ୍ଥଳୀଗୁଡ଼ିକରେ ନବବର୍ଷ ୨୦୨୪କୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଅନେକ ଲୋକ ଭୋରରୁ ବିଭିନ୍ନ ମନ୍ଦିର ଯାଇ ଦେବାଦେବୀଙ୍କୁ ଦର୍ଶନ କରି ସୁଖ, ସମୃଦ୍ଧି କାମନା କରିଛନ୍ତି। ଏଥିପାଇଁ ବିଭିନ୍ନ ମନ୍ଦିରରେ ସୋମବାର ସକାଳୁ ବେଶି ଗହଳି ହୋଇଥିଲା।

ବିଶେଷ କରି ପ୍ରସିଦ୍ଧ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠ ଏବଂ ମହିମାଗାଦିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରବିବାର ମଧ୍ୟରାତିରେ ଲୋକେ ନାଚଗୀତ ଓ ଭୋଜିଭାତ ଆସରରେ ପୁରୁଣା ବର୍ଷକୁ ବିଦାୟ ଦେଇଥିଲେ। ଫଳରେ ସମସ୍ତ ପିକ୍‌ନିକ୍ ସ୍ପଟ୍‌ରେ ଅସମ୍ଭାଳ ଭିଡ ଜମିଥିଲା। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଶୁଭେଚ୍ଛା ବ୍ୟାନର ସହର ସାରା ଖେଳିଯାଇଛି। ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରୀଚନ୍ଦ୍ରଶେଖର ଜୀଉ ଏବଂ ମା' ପାର୍ବତୀଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନୂଆବର୍ଷ ଅବସରରେ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା।

ସକାଳ ୫ଟା ସୁଦ୍ଧା ଠାକୁରଙ୍କ ସମସ୍ତ ନୀତିକାନ୍ତି ଶେଷ ହେବାପରେ ଭକ୍ତଙ୍କ ଦର୍ଶନ ପାଇଁ ସିଂହଦ୍ୱାର ଖୋଲିଥିଲା। ଦିନ ବଢିବା ସହ ପୀଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ଜମି ଜନସମୁଦ୍ର ପାଲଟିଥିଲା। ଦିଅଁ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ପାଦଦେଶରେ ଥିବା ଡିଅର୍ ପାର୍କ ଓ ବିଜ୍ଞାନ କେନ୍ଦ୍ର ପରିସର ବୁଲି ମଜା ନେଇଥିଲେ। ସେହିପରି କପିଳାସ ପାଦଦେଶର ଥିବା ଅଭୟାରଣ୍ୟ ଭିତରେ ଭୋଜିଭାତରେ ମଜା ଉଠାଇଥିଲେ। ସେହିପରି ସଦର ବ୍ଲକ ଅନ୍ତର୍ଗତ କୃଷ୍ଣକୁମାରପୁରସ୍ଥିତ ଦତ୍ତାତ୍ରୟ ସାଇ ଆଶ୍ରମ ଏବଂ ମହିମା ଗାଦି ପରିସର ଲୋକାରଣ୍ୟ ହୋଇଉଠିଥିଲା। ପୁଲିସ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ନୂଆବର୍ଷରେ ସାପୁଆ ଡ୍ୟାମ୍‌ରେ ପ୍ରବଳ ସମାଗମ





**ହିନ୍ଦୋଳ,୦୧(ସମିସ):** ନୂଆବର୍ଷର ପ୍ରଥମ ଦିନରେ ସାପୁଆ ଡ୍ୟାମରେ ପର୍ଯ୍ୟଟକଙ୍କ ଅସମ୍ଭାଳ ଗହଳି ପରିଲକ୍ଷିତ ହୋଇଛି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଢେଙ୍କାନାଳ ଜିଲ୍ଲାର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଏଠାରେ ଥିବା ପ୍ରାକୃତିକ ମନଲୋଭା ଶୋଭାରାଜୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ପାହାଡ଼ ପର୍ବତ ଘେରା ସବୁଜିବା ଶୋଭାରାଶି ପରିବେଶ ସାଙ୍ଗକୁ ବହିଯାଉଥିବା ଝରଣାର ନୀଳ ଜଳରାଶି ପର୍ଯ୍ୟଟକଙ୍କୁ ଏଠାକୁ ଟାଣିଆଣେ। ଏଭଳି ଏକ ପ୍ରକୃତିର ବରଦାନ ହେଉଛି ସାପୁଆ ଡ୍ୟାମ। ଏହାର ଆକର୍ଷଣ ବର୍ଷ ତମାମ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ବେଳେ ନୂଆ ବର୍ଷ ସମୟରେ ବେଶ୍ ଚଳଚଞ୍ଚଳ ହୋଇଉଠେ ସାପୁଆ ଡ୍ୟାମ। ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ଦାଣ୍ଡିରୀଠାରେ ରହିଛି ଏହି ଡ୍ୟାମ। ଡ୍ୟାମ ଚାରିପଟେ ପାହାଡ଼ ଓ ମଝିରେ ଜଳରାଶିରେ ଭ୍ରମ ସୃଷ୍ଟି କରୁଛି ବିରାଟ ସାପର ଭ୍ରମ। ଡ୍ୟାମର ଆକୃତି ଅଙ୍କାବଙ୍କା ହୋଇଥିବାରୁ ଏହାକୁ ସାପୁଆ ଡ୍ୟାମ କୁହାଯାଏ। ଏଠାକାର ନୈସର୍ଗିକ ଶୋଭାରାଶି ଓ ପରିବେଶ ମଧ୍ୟରେ ବଣଭୋଜି କରିବା ସହିତ ବୁଲାବୁଲି କରିବା ପାଇଁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ବର୍ଷତମାମ ନଈପାଣିର କୁଳୁକୁଳୁ ନାଦ ପର୍ଯ୍ୟଟକ ଙ୍କୁ ବେଶ ବାନ୍ଧିରଖେ। ଶୀତଋତୁରେ ବଣଭୋଜିର ମଜା ଏଠି ବେଶ ନିଆରା। ସେଥିପାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରୁବହୁ ପର୍ଯ୍ୟଟକଙ୍କ ଗହଳି ଲାଗେ ଏହି ଡ୍ୟାମ୍‌ରେ। ଏହି ଡ୍ୟାମରେ ପ୍ରାୟ ସମୟରେ ଦେଶୀ ମାଛ ମିଳେ। ଦେଶୀ ମାଛ ନେଇ ପର୍ଯ୍ୟଟକଙ୍କ ଭୋଜି ଏଠି ବେଶ ନିଆରା। ଡ୍ୟାମ ସମ୍ମୁଖ ଜଙ୍ଗଲରେ ସରକାରଙ୍କ ଦ୍ୱାରା ପିଣ୍ଡି ନିର୍ମାଣ ଓ ପାନୀୟ ଜଳ ସୁବିଧା ରହିଛି। ଡ୍ୟାମକୁ ଯିବାପାଇଁ ସରକାରଙ୍କ ଦ୍ୱାରା ଭଲ ପିଚୁରାସ୍ତା ନିର୍ମାଣ ହୋଇଛି। ହିନ୍ଦୋଳ ବିଧାୟିକାଙ୍କ ଉଦ୍ୟମରେ ସରକାରଙ୍କ ଦ୍ୱାରା ସାପୁଆ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ବେଳେ ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ୫ କୋଟି ଟଙ୍କାର କାର୍ଯ୍ୟ ଚାଲୁ ରହିଛି। ଏଠାରେ ରାତ୍ରକାଳୀନ ଆଶ୍ରୟସ୍ଥଳୀ ଓ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୁଲିସ ବ୍ୟବସ୍ଥା ହୋଇପାରିଲେ ଚାହିଦା ଆହୁରି ବଢନ୍ତା ଓ ଆହୁରି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତେ।

ସାପୁଆ ଢେଙ୍କାନାଳ ସଦର ମହକୁମା ଦେଇ ଭାପୁର ପରେ ଢେଙ୍କାନାଳ ଠାରୁ ୫୦ କିଲୋମିଟର ସାପୁଆ। ସେହିପରି ରାଜଧାନୀ ଭୁବନେଶ୍ୱରରୁ ଆଠଗଡ଼ ଦେଇ ଭାପୁର ଠାରୁ ୨୪ କିଲୋମିଟର ପରେ ତେଲିଭୂଇଁ ଦେଇ ସେଠାରୁ ତିନିକିଲୋମିଟର ପରେ ଦାଣ୍ଡିରୀ ଠାରେ ପଡିବ ସାପୁଆ ଡ୍ୟାମ୍। ରାଜ୍ୟ ସରକାରଙ୍କ ତରଫରୁ ସାପୁଆ ଡ୍ୟାମ୍‌ର ରୂପାନ୍ତରଣ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲୁଥିବାରୁ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିବ।

## ନବବର୍ଷରେ ମା' ହିଙ୍ଗୁଳାଙ୍କ ପୀଠରେ ଜନସମାଗମ

**ତାଳଚେର,୦୧(ସମିସ):** ଇଂରାଜୀ ନବ ବର୍ଷ ପାଳନ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ମା'ଙ୍କ ପହିଲି ଦର୍ଶନ କରି କୃପା ଲାଭ କରିବା ନିମନ୍ତେ ଆଜି ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥିଲା। ଭକ୍ତମାନେ ଲମ୍ବା ଧାଡିରେ ଛିଡା ହୋଇ ଶୃଙ୍ଖଳାର ସହ ମା'ଙ୍କ ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଭିଡ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଢେଙ୍କାନାଳ,୦୧(ସମିସ):** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୋଇଲିପଙ୍ଗି ସ୍ଥିତ ଦେବେନ୍ଦ୍ରଶତପଥୀ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବୀନ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସଦର ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ କ୍ୟାରିଅର ଗଠନ କରିପାରିବେବୋଲି କହିଥିଲେ। ମୁଖ୍ୟ ବ୍ୟକ୍ତା ଭାବରେ ଜିଲ୍ଲା କେନ୍ଦ୍ର ସଂଯୁକ୍ତ ସମବାୟ ସମିତିର ନିର୍ଦ୍ଦେଶକ ନରୋତ୍ତମ ସାହୁ, ସରପଞ୍ଚ ଶ୍ୱେତା ରାଉତ, ରୀନା ସାହୁ, ଲକ୍ଷ୍ମୀ ରାଉତ, ସମ୍ମାନୀତ ଅତିଥି ଭାବରେ ସୁରଜ ମହାପାତ୍ର, ଶୁଭପ୍ରସାଦ ପଣ୍ଡା, ପ୍ରିୟବ୍ରତ ନାୟକ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡା ଓ ନୋଡାଲ ଅଫିସର ମୋନାଲୀ ରାଉତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜନୀତି ବିଭାଗ ଅଧ୍ୟାପିକା ରଶ୍ମିରେଖା ସିଂ ମଞ୍ଚ ପରିଚାଳନା କରିଥିବା ବେଳେ କିରାଣି ରସାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ୧୯୮୪ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ

**ଢେଙ୍କାନାଳ,୦୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୧୯୮୪ ମାଟ୍ରିକ ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିର୍ଘଦିନ ପରେ ବନ୍ଧୁମାନେ ଏକ୍ରତିତ ହୋଇ ସପରିବାର ନିଜ ନିଜର ସ୍ମୃତି ବାଣ୍ଟିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କବିତାପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳିମା ମିଶ୍ର, ବିନୋଦିନୀ ସାହୁ, ବିକାଶ ମିଶ୍ର,ସୁଦାମ ସାହୁ,ରସାନନ୍ଦ ସାହୁ,ବିବେକ ସାହୁ,ଦିଲ୍ଲିପ ବାରିକ,ଦେବରାଜ ଓଝା,ଦୁର୍ଯ୍ୟୋଧନ ବାରିକ,ପ୍ରସନ୍ନ ବାରିକ ସମେତ ବହୁ ବନ୍ଧୁ ଯୋଗ ଦେଇଥିଲେ।

## ବାଣୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନବବର୍ଷ ଓ ବନ୍ଧୁମିଳନ

**ଭୁବନ,୦୧(ସମିସ):** ଭୁବନ ସହରର ସର୍ବ ପୁରାତନ ବାଣୀ ସାହିତ୍ୟ ସଂସଦ ନୂତନ ବର୍ଷ-୨୦୨୪କୁ ସ୍ୱାଗତ ତଥା ପୁରାତନକୁ ବିଦାୟ ଦେବା ଅବସରରେ ନୂଆ ଭୁବନସ୍ଥ ରଘୁନାଥ ଭବନରେ ଏକ ମନୋଜ୍ଞ କବିତା ପାଠୋତ୍ସବ ତଥା ବନ୍ଧୁ ମିଳନର ଆୟୋଜନ ହୋଇଯାଇଛି। ଉକ୍ତ ଉତ୍ସବରେ ସଂସଦର ପ୍ରତିଷ୍ଠାତା ସଭାପତି, ବରିଷ୍ଠ କବି, ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା ପୌରୋହିତ୍ୟ କରି ଉପସ୍ଥିତ ସାହିତ୍ୟିକମାନଙ୍କୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ସଂସଦର ଦୀର୍ଘ ଜୀବନ କାମନା କରିଥିଲେ। ସମସ୍ତେ ଆଜି ନୂଆବର୍ଷରେ ପରସ୍ପର ବୈରତା ଓ ଘୃଣା ଭୁଲି ପ୍ରେମ ବନ୍ଧନରେ ବାନ୍ଧି ହେବାକୁ ଆଶା ପୋଷଣ କରି ଥିଲେ।




୩୫ ବର୍ଷର ଅନୁଷ୍ଠାନର ଏଯାବତ୍ ଏକ ଗୃହନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। କବି ଚିତ୍ତରଞ୍ଜନ ମିଶ୍ର, ଉଦ୍ଧବ ଚରଣ ମହାପାତ୍ର, କବୟିତ୍ରୀ ବାସନ୍ତୀ କୁମାରୀ ମିଶ୍ର, ପ୍ରିୟମ୍ବଦା ମିଶ୍ର, ବାଦ୍ୟ କାର ମାନସକୁମାର ବେଜ, କବୟିତ୍ରୀ କବିତା ଦେହୁରୀ ପ୍ରମୁଖ ୨୦ରୁ ଅଧିକ କବି ନବବର୍ଷକୁ ସ୍ୱାଗତ କରି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସଂସଦର ସଂପାଦିକା ଭୁବନ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ କୁମାରୀ ମିଶ୍ର, ସମସ୍ତ ଅତିଥିଙ୍କୁ ମିଷ୍ଟାନ୍ନରେ ଆପ୍ୟାୟିତ କରିଥିଲେ।

### ବ୍ଲକ୍‌ସ୍ତରୀୟ ମହାସଂଘ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ

## ପ୍ରଥମ ଦିନରେ ଧାନକ୍ରୟ ନକରି ଫେରିଲେ ମିଲର

**ମହାବିରୋଡ,୦୧(ସମିସ):** କଙ୍କଡାହାଡ଼ ବ୍ଲକ କଙ୍କଡ଼ାହାଡ଼ ଅନ୍ତର୍ଗତ କଙ୍କଡାହାଡ଼ ମା ଖଣ୍ଡୁରୀ ପୀଠ ଠାରେ ଥିବା ଯାତ୍ରା ପଡିଆ ଠାରେ ଖରିଫ ବର୍ଷ ୨୩-୨୪ ବ୍ଲକ ସ୍ତରୀୟ ମହାସଂଘ ଧାନ କ୍ରୟ କେନ୍ଦ୍ର ଉଦଘାଟନ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ କଙ୍କଡ଼ହାଡ଼ ବ୍ଲକ ଅଧକ୍ଷ ଚାରୂଳତା ମିଶ୍ର, ଉପାଧକ୍ଷ ଦିପା ସାହୁ,ଗୋଷ୍ଠି ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ,ପୂର୍ବତନ ବ୍ଲକ ଅଧକ୍ଷ କାର୍ତିକ ସାହୁ , କଙ୍କଡ଼ହାଡ଼ କୃଷି ସମବାୟ ସମିତି ସଭାପତି ପ୍ରକାଶ ବିଶ୍ୱାଳ,ମହାସଂଘ ସଭାପତି ଦୌରପଦୀ ମହାନ୍ତ, ବ୍ଲକ ପ୍ରଜେକ୍ଟ କୋଡର୍ନିେଟର ଅନ୍ନପୂର୍ଣ୍ଣା ସାହୁ ଓ ସମସ୍ତ ସ୍ଥାନୀୟ ୩ଟି ପଂଚାୟତ କଣ୍ଟାପାଳ, କାନ୍ତୁଲ,କରଗୋଳା ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ।



ପ୍ରଥମ ଦିନରେ କାମାକ୍ଷୀ ମିଲର ୪ ଜଣ ଚାଷୀଙ୍କଠାରୁ ୧୬୫ କୁଇଣ୍ଟାଲ କ୍ରୟ ଧାର୍ଯ୍ୟ କରିବାର ଟୋକନ ହେଇଥିଲା। କିନ୍ତୁ ପରିତାପର ବିଷୟ ମିଲରଙ୍କ ମନମୁଖୀ କଟଣୀ ଛଟଣିକୁ ନେଇ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରି ଧାନ ବିକ୍ରି କରିବାକୁ ଦେଇ ନଥିଲେ। ଏହି ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ ହେଇଥିବାରୁ ମୂଖ୍ୟତଃ ଲୋକମାନେ ଧାନ ଚାଷ ଉପରେ ନିର୍ଭରଶୀଳ।ଲୋକମାନେ ଧାର କରଜ କରି ଧାନ ଚାଷ କରିଥିବା ବେଳେ ଚଳିତ ବର୍ଷ ସ୍ୱଳ୍ପ ବର୍ଷା ସାଙ୍ଗକୁ ହାତୀ ଉପଦ୍ରବ ସତ୍ତ୍ୱେ ଧାନ ଫସଲକୁ ବଞ୍ଚାଇ ଯାହା କିଛି ଅମଳ ହୋଇଥିଲା ବର୍ଷ ସାରା ଖାଇବା ପାଇଁ ରଖିଲା ପରେ ବଳକା ଧାନ ମଣ୍ଡିରେ ବିକ୍ରି କରି ଯାହା କିଛି ଅର୍ଥ ମିଳିବ ସେଥିରେ ପରିବାର ପ୍ରତିପୋଷଣ କରିଥାନ୍ତି। ଚାଷୀ ଚାହିଁ ରହିଥାଏ କେବେ ଧାନ ମଣ୍ଡି ଖୋଲିବ ମଣ୍ଡିରେ ଧାନ ବିକ୍ରି କରିବ। ଚାଷୀ ଅଭିଯୋଗ କରିଛନ୍ତି ଆଦ୍ରତା(ମଏଶ୍ଚର) ଆଳ ଦେଖାଇ ମିଲର କୁଇଣ୍ଟାଲ ପ୍ରତି ୫ ରୁ ୮ କିଲ ଧାନ କାଟି କ୍ରୟ କରିବାକୁ ବିରୋଧ କରିଥିଲେ। ଏ ସଂକ୍ରାନ୍ତରେ କଙ୍କଡାହାଡ଼ ବ୍ଲକ ପ୍ରଜେକ୍ଟ କୋଡର୍ନିେଟର ଅନ୍ନପୂର୍ଣ୍ଣା ସାହୁ କହିଛନ୍ତି ଆସନ୍ତାକାଲି ସମସ୍ତ ମିଲର ମାନଙ୍କୁ ବ୍ଲକ କାର୍ଯ୍ୟାଳୟ ଡ଼କାଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ।

**● ଚାଷୀ ମହଲରେ ଅସନ୍ତୋଷ**

## ମା' ବିଲେଇଶୁଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜଟିଆ କ୍ରିକେଟ ଟିମ୍ ଚାମ୍ପିଅନ୍



**ମହାବିରୋଡ଼,୦୧(ସମିସ):** କଙ୍କଡାହାଡ଼ ବ୍ଲକ କୁଟୁରିଆ ଗ୍ରାମ କପିଳେଶ୍ୱର ଖେଳ ପଡିଆ ଠାରେ ମା' ବିଲେଇଶୁଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୧ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲା। ଫାଇନାଲ ମ୍ୟାଚ କେରଜୁଳି ଜଟିଆ କ୍ରିକେଟ କ୍ଲବ ଓ ସିଂହଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ପ୍ରଥମେ ଜଟିଆ କ୍ରିକେଟ କ୍ଲବ ବ୍ୟାଟିଂ କରି ୨୩ ଓଭରରେ ୨୪୪ ରନ କରିଥିଲା। ସିଂହଡା କ୍ଲବ ୨୩ ଓଭରରେ ୨୦୯ ରନ କରି ପରାଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଜଟିଆ କ୍ରିକେଟ ଟିମ ଚାମ୍ପିଅନ୍ ହୋଇଛି। ଖେଳ ପରିଚାଳନା କରିଥିଲେ ସୁଦର୍ଶନ ସାହୁ, ପିଣ୍ଟୁ ବିଶ୍ୱାଳ। ସ୍କୋର୍ ଦାଇତ୍ୱରେ ଥିଲେ ଅନୁପ ସାହୁ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ, ସମାଜସେବୀ ସୁଶୀଲ କୁମାର ସାହୁ ଯୋଗ ଦେଇଥିଲେ। ବିଲେଇଶୁଣି କ୍ରିକେଟ କ୍ଲବର ସଭାପତି ଶାନ୍ତନୁ ସାହୁ, ସମ୍ପାଦକ ପିଣ୍ଟୁ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଓ କ୍ଲବର ସଦସ୍ୟ ଚନ୍ଦନ ସାହୁ, ବିରେନ ସାହୁ, ରିଙ୍କୁ ସାହୁ, ଅନୁପ ସାହୁ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

**ଭୁବନ,୦୧(ସମିସ):** ଭୁବନ ଥାନା ଅନ୍ତର୍ଗତ ବଡକାଠିଆ ରାସ୍ତାରେ ବାଇକ ଦୁର୍ଘଟଣା ଘଟି ତିନି ଗୁରୁତର ହୋଇଛନ୍ତି। ଡୁବୁରୀ କଳିଙ୍ଗନଗର ରଣାମୁଣ୍ଡି ଗ୍ରାମର ଗଣେଶ୍ୱର ମାହୁନ୍ତ ସ୍ତ୍ରୀ ଲକ୍ଷ୍ମୀ ମାହୁନ୍ତକୁ ଧରି ବାଇକରେ ଶଶୁରଘର ହଳଦୀଗୁଣ୍ଡି ଯାଉଥିଲେ। ତେବେ ସନ୍ଧ୍ୟା ୫ଟାରେ ବଡକାଠିଆ ରାସ୍ତାରେ ଦ୍ରୁତ ବେଗରେ ଏକ ବାଇକ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୧୦୮ ସହାୟତାରେ ସମସ୍ତ ଆହତଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗଣେଶ୍ୱରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ଗୋଡ ଭାଙ୍ଗି ଯାଇଛି। ସେହିପରି ତାଙ୍କର ସ୍ତ୍ରୀ ଲକ୍ଷ୍ମୀର କାନରୁ ରକ୍ତସ୍ରାବ ହେଉଛି। ଏପଟେ ଦୁର୍ଘଟଣାରେ ଅନ୍ୟ ଗାଡିଚାଳକର ଡାହାଣ ଗୋଡ ମଧ୍ୟ ଭାଙ୍ଗିଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କ ଠିକଣା ମିଳିନାହିଁ। ତେବେ ଅଧିକ ଚିକିତ୍ସା ପାଇଁ ଡାକ୍ତର ସ୍ୱାମୀ ଓ ସ୍ତ୍ରୀଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିବା ବେଳେ ଅପରିଚିତ ଯୁବକଟି ଅଚେତ ଅବସ୍ଥାରେ ଥିବାରୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଛି।

### 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ନୂଆବର୍ଷ

## ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ

ଢେଙ୍କାନାଳ,୦୧(ସମିସ)




ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ଆମ ପ୍ରତିଭା ଆମ ସମ୍ମାନ" ପକ୍ଷରୁ ଖୁବ୍ ଆନନ୍ଦ ଉଲ୍ଲାସରେ ନୂତନ ବର୍ଷ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମସ୍ତ ସଦସ୍ୟମାନେ, ପ୍ରତିଷ୍ଠାତା ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଉପସ୍ଥିତ ରହି ପରସ୍ପରଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ସୁଖ ଓ ନିରାମୟ ଜୀବନ କାମନା କରିଥିଲେ। ସେଠାରେ ଉପସ୍ଥିତ ଥିବା ସାଂସଦ ଶ୍ରୀ ସାହୁ ସମସ୍ତ ସଦସ୍ୟ ଏବଂ ଶୁଭେଚ୍ଛୁମାନଙ୍କୁ ନୂତନ ବର୍ଷର ତାତ୍ପର୍ଯ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଆମେ ପ୍ରକୃତ ଗଡଜାତ ଅଂଚଳର ଅଧିବାସୀମାନେ ୧୯୪୮ ମସିହା ଜାନୁଆରୀ ୧ ତାରିଖ ଆଜିର ଦିନରେ ସ୍ୱାଧୀନତା ପାଇଛୁ, ଏଥିପାଇଁ ଜିଲ୍ଲାର ତଥା ଓଡିଶାର ବରପୁତ୍ରମାନଙ୍କର ଖୁବ୍ ଅବଦାନ ରହିଛି। ତେଣୁ ଏହି ଦିନଟି ଆମ୍ଭ ଗଡଜାତ ଅଂଚଳ ପାଇଁ ଖୁବ୍ ଆନନ୍ଦ ଉଲ୍ଲାସର ଦିନ ବୋଲି ସେ କହିଥିଲେ। ପରେ ଶ୍ରୀ ସାହୁ ଉପସ୍ଥିତ ଶୁଭେଚ୍ଛୁ ଏବଂ ସଦସ୍ୟଙ୍କ ଗହଣରେ ଢେଙ୍କାନାଳ ସହର ମଧ୍ୟରେ ସ୍ଥାପିତ ହୋଇଥିବା ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଉଦ୍ଦେଶ୍ୟରେ ବାହାରିଥିଲେ। ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଠାରେ ଥିବା ଶହୀଦ୍ ସ୍ତମ୍ଭରେ ପ୍ରଥମେ ମାଲ୍ୟାର୍ପଣ କରିବା ପରେ ନିକଟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ଶାନ୍ତିଦୂତ ଲାଲ୍‌ବାହାଦୂର ଶାସ୍ତ୍ରୀ, ସମର କବି ବ୍ରଜନାଥ ବଡଜେନା, ଗଡଜାତ ଗାନ୍ଧି ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତି, ଆଜାଦ୍ ହିନ୍ଦ୍ ଫୌଜ ନେତାଜୀ ସୁଭାଷ ବୋଷ, ରଥଗଡା ମ୍ୟୁନିସିପାଲିଟି ମାର୍କେଟ୍ ଠାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ଗୋପବନ୍ଧୁ ଟାଉନ୍ ହଲସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସ, ଲକ୍ଷ୍ମୀ ବଜାର ସୁପର ମାର୍କେଟ୍ ଠାରେ ଲୌହ ମାନବୀ ଇନ୍ଦିରାଗାନ୍ଧୀ, ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଡଃ. ବି.ଆର୍. ଆମ୍ବେଦକର ଏବଂ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପୃକ୍ତ ସ୍ଥାନମାନଙ୍କରେ ସାଂସଦ ଶ୍ରୀ ସାହୁ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଗଡଜାତ ସ୍ୱାଧୀନତା ଏବଂ ଆଜି ଏହି ଦିନର ତାତ୍ପର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ସାହୁଙ୍କ ସହିତ ବିଜେଡି ନେତା ପ୍ରତାପ ଦାସ, ବିଜେଡି ନେତ୍ରୀ ତିଳୋତମା ଚୌଧୁରୀ, ସାଇଶ୍ରୀ ପଟ୍ଟନାୟକ, କ୍ରୀଡା ଘୋଷକ ଅମୀୟ ଚାନ୍ଦ, ପୂର୍ବତନ କାଉନ୍‌ସିଲର ରୁଦ୍ରାନ୍ତ ଦଳେଇ, ସଚେତନ ନାଗରିକ ଫୋରମ୍ ସଂପାଦକ ଭରତ ଦାସ, ହଟ କିଶୋର ଗଡନାୟକ, ଅନନ୍ଦିତା ମିଶ୍ର, ସ୍ନିଗ୍ଧାରାଣୀ ସ୍ୱାଇଁ, ପୂଜାରାଣୀ ରାଉତ, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ଆଇନ୍‌ଜୀବୀ କିଶାନ୍ ବିଶ୍ୱାଳ, ପୂର୍ବତନ କାଉନ୍‌ସିଲର ଶିଶିର ଦଳେଇ, ମହେନ୍ଦ୍ର କୁମାର ସାହୁ, କାହ୍ନୁ ଦଳେଇ, ସୁମନ୍ତ ସ୍ୱାଇଁ, ଆଲୋକ ରଥ, ଅକ୍ଷୟ ସାହୁ, ଶେଖର ସେଠୀ, ରବି ନାୟକ, ନିକୁ ଖାଁ, ଅନିଲ୍ ରାଉତ, ହୀରୋଜ୍ ଖାଁ ପ୍ରମୁଖ ସାମିଲ୍ ହୋଇଥିଲେ। ଏହା ବ୍ୟତୀତ ସାଂସଦଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଢେଙ୍କାନାଳ ଜିଲ୍ଲାର ସମସ୍ତ ବ୍ଲକ୍ ଓ ଏନ୍‌ଏସି ଅଧ୍ୟକ୍ଷ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଧର୍ମାନନ୍ଦ ବରାଳ ଏବଂ ବିଜେଡିର ବ୍ଲକ୍ ଓ ଏନ୍‌ଏସି ସ୍ତରୀୟ ନେତୃବୃନ୍ଦ ଓ କର୍ମୀ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଥିଲେ।

# ଶ୍ରୀନଗର ଲାଲଚୌକ୍‌ରେ ନୂଆବର୍ଷ ପାଳିଲେ କାଶ୍ମୀର ବାସିନ୍ଦା

**ବିଗତ ଦଶନ୍ଧିରେ ପ୍ରଥମ**

ଶ୍ରୀନଗର,୧।୧(ଏଜେନ୍ସି): ଶ୍ରୀନଗରର ପ୍ରସିଦ୍ଧ ଲାଲ ଚୌକ୍ ବା ଘଣ୍ଟାଘର ଛକରେ ସ୍ଥାନୀୟ ଲୋକଙ୍କ ସହ ଶହ ଶହ ପର୍ଯ୍ୟଟକ ନୂଆବର୍ଷ ପାଳନ କରିଛନ୍ତି। ଜମ୍ମୁ-କାଶ୍ମୀର ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂଆବର୍ଷ ପାଳନ ପାଇଁ ଏହି ସ୍ଥାନରେ ଆଲୋକ ସାଜସଜା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବେଳେ ଆନନ୍ଦ ଉଲ୍ଲାସ ମଧ୍ୟରେ ସମସ୍ତେ ନୂଆବର୍ଷକୁ ସ୍ୱାଗତ କରି ଖୁସି ମନାଇଛନ୍ତି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମନରେ ସ୍ଫୁର୍ତ୍ତି ଭରି ଦେଇଥିଲା ବେଳେ ସେମାନଙ୍କ ବିଶ୍ୱାସ ଏବଂ ଆଶାକୁ ଦ୍ୱିଗୁଣିତ କରିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ଲାଲ ଚୌକ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ନୂଆ ବର୍ଷ ପାଳନ ପ୍ରଥମ ଘଟଣା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହାଦ୍ୱାରା କାଶ୍ମୀର ଉପତ୍ୟକାର ସାମାଜିକ ସ୍ଥିତି କ୍ରମଶଃ ସ୍ୱାଭାବିକ ହେବା ସହିତ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା



**ମହିଳା ବିରୋଧୀ ଅପରାଧ**

# ୨୦୨୩ରେ ୨୮,୮୧୧ ମାମଲା ରୁଜୁ

## ଉତ୍ତରପ୍ରଦେଶରେ ସର୍ବାଧିକ ୫୫ ପ୍ରତିଶତ

**ନୂଆଦିଲ୍ଲୀ, ୧।୧ (ଏଜେନ୍ସି):** ଗତ ବର୍ଷ ମହିଳା ବିରୋଧୀ ଅପରାଧର ୨୮,୮୧୧ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଉତ୍ତରପ୍ରଦେଶରେ ଆଗରେ ରହିଥିଲା। ଏହି ରାଜ୍ୟରୁ ସର୍ବାଧିକ ୫୫ ପ୍ରତିଶତ ଅଭିଯୋଗ ଆସିଥିଲା। ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ସମ୍ମାନର ଅଧିକାରକୁ ନେଇ ସର୍ବାଧିକ ମାମଲା ଆସିଥିଲା। ଏବେ ବି ଦେଶରେ ଯୌତୁକ ନିର୍ଯାତନା ଜାରି ରହିଛି। ମହିଳାଙ୍କ ପ୍ରତି ପୁଲିସର ଉଦାସୀନତା, ଦୁଷ୍କର୍ମ, ଯୌନ ଉତ୍ପୀଡ଼ନର ଚିନ୍ତାଜନକ ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଏହି ଅପରାଧରେ ୟୁପି ପରେ ଦିଲ୍ଲୀ , ମହାରାଷ୍ଟ୍ର , ବିହାର ଏବଂ ମଧ୍ୟପ୍ରଦେଶ ରହିଛି। ୨୦୨୩ରେ ସମ୍ମାନର ଅଧିକାରକୁ ନେଇ ୮,୫୪୦ ମାମଲା, ଘରୋଇ ହିଂସାର ୬,୨୭୪, ଯୌତୁକ ନିର୍ଯାତନାର ୪,୭୯୭, ଉତ୍ପୀଡ଼ନର ୨,୩୪୯, ଦୁଷ୍କର୍ମ ଏବଂ ଦୁଷ୍କର୍ମ ଉଦ୍ୟମର ୧,୫୩୭ ଏବଂ ପୁଲିସର ଉଦାସୀନତାକୁ ନେଇ ୧,୬୧୮ ମାମଲା, ଯୌନ ଉତ୍ପୀଡ଼ନର ୮୦୫, ସାଇବର କ୍ରାଇମର ୬୦୫, ପିଛା କରିବାର ୪୭୨ ଏବଂ ଅନର କିଲିଂର ୪୦୯ ଅଭିଯୋଗ ଆସିଥିଲା। ରିପୋର୍ଟ ଅନୁଯାୟୀ ମହିଳା ବିରୋଧୀ ଅପରାଧକୁ ନେଇ ଉତ୍ତରପ୍ରଦେଶରୁ ୧୬, ୧୦୯, ଦିଲ୍ଲୀରୁ ୨,୪୧୧, ମହାରାଷ୍ଟ୍ରରୁ ୧,୩୪୩, ବିହାରରୁ ୧,୩୧୨, ମଧ୍ୟପ୍ରଦେଶରୁ ୧,୧୬୫, ହରିୟାଣାରୁ ୧,୧୧୫, ରାଜସ୍ଥାନରୁ ୧,୦୧୧, ତାମିଲନାଡୁରୁ ୬୦୮, ପଶ୍ଚିମବଙ୍ଗରୁ ୫୬୯ ଏବଂ କର୍ଣ୍ଣାଟକରୁ ୫୦୧ ଅଭିଯୋଗ ଆସିଥିଲା। ୨୦୨୨ ତୁଳନାରେ ୨୦୨୩ରେ ଏହି ଅପରାଧ ସଂଖ୍ୟା ହ୍ରାସ ପାଇଛି।

● ଆଇଆଇଟି-ବିଏଚ୍‌ୟୁ ଗଣଦୁଷ୍କର୍ମ ମାମଲା

# ୩ ଦିନ ପରେ ସହରରୁ ପଳାଇଥିଲେ ଅଭିଯୁକ୍ତ



**ଫେରାର ପରେ ବିଜେପି ଆଇଟି ସେଲ୍‌ରେ ସାମିଲ ହୋଇଥିଲେ ଅଭିଯୁକ୍ତ**

ବାରାଣସୀ, ୧।୧ (ଏଜେନ୍ସି)

ବିଟେକ ଛାତ୍ରୀ ଗଣଦୁଷ୍କର୍ମ ମାମଲାକୁ ନେଇ ଆଇଆଇଟି-ବିଏଚ୍‌ୟୁରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହାକୁ ଦେଖି ତିନି ଅଭିଯୁକ୍ତ ଭୟ କରିଯାଇଥିଲେ। ଘଟଣାର ଚାରି ଦିନ ପରେ ନଭେମ୍ବର ୫ରେ ସହର ଛାଡ଼ି ମଧ୍ୟପ୍ରଦେଶ ପଳାଇ ଥିଲେ। ସେଠାରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଇଟି ସେଲ୍‌ରେ ସାମିଲ ହୋଇଥିଲେ। ଜେରା ସମୟରେ ତିନି ଅଭିଯୁକ୍ତ ଏହା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ଯେ ନଭେମ୍ବର ୧ ମଧ୍ୟରାତ୍ରିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ପରେ ଅଭିଯୁକ୍ତ ବନ୍ଧୁକ ମୁନରେ ଛାତ୍ରୀଙ୍କ ଉଲଗ୍ନ ଭିଡିଓ ଉତ୍ତୋଳନ କରିଥିଲେ। ଅଭିଯୁକ୍ତ କୁଣାଲ, ସକ୍ଷମ ଏବଂ ଆନନ୍ଦ ଏହି ଘଟଣା ପୂର୍ବରୁ ମଧ୍ୟ ଅନେକ ଥର ବିଏଚ୍‌ୟୁ ପରିସରକୁ ଯାଇଥିଲେ। ଘଟଣା ଦିନ ତିନି ଜଣ ଯାକ ଏକ ମେଳା ଦେଖି ଯାଇଥିଲେ। ସେଠାରୁ ମଦ ପିଇ ବିଏଚ୍‌ୟୁ ପରିସରକୁ ଆସିଥିଲେ। ପୁଲିସ ସୂଚନା ଅନୁଯାୟୀ ଅଭିଯୁକ୍ତଙ୍କୁ ଧରିବା ପାଇଁ ବାରାଣସୀ ପୁଲିସ ୬ କିମି ଭିତରେ ଥିବା ୩୦୦ରୁ ଅଧିକ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ନଭେମ୍ବର ୫ରେ ୩ ଜଣଙ୍କ ଫୁଟେଜ ସାମ୍ନାକୁ ଆସିଥିଲା। ପରେ ପୀଡ଼ିତା ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ସମସ୍ତଙ୍କ ମୋବାଇଲ ନଂ ମିଳିବା ପରେ ଲୋକେସନ ଟ୍ରେସ କରାଯାଇଥିଲା। ଏହି ତିନି ଜଣ ଯାକ ବାରାଣସୀରେ ବିଜେପିର ଆଇଟି ସେଲ୍‌ରେ କାମ କରୁଥିଲେ। ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇ ନିଜ ନାମକୁ ମଧ୍ୟପ୍ରଦେଶ ନିର୍ବାଚନ ଟିମ୍‌ରେ ସାମିଲ କରିଥିଲେ। ଏହା ପରେ ମଧ୍ୟପ୍ରଦେଶ ପଳାଇ ଥିଲେ। ତେବେ ପୁଲିସ ଅଭିଯୁକ୍ତଙ୍କ ଉପରେ ସମ୍ପୂର୍ଣ୍ଣ ନଜର ରଖିଥିଲା।

**ଫିକା ପଡ଼ିଲା ନୂଆବର୍ଷ ପାଳନ**

# ସିରିଜ୍ ଭୂକମ୍ପରେ ଥରିଲା ଜାପାନ

- ବିଭିନ୍ନ ସହରରେ ୩୦ଥର ଭୂକମ୍ପ ସହ ସୁନାମୀ
- ବହୁ ଘରଦ୍ୱାର ଧ୍ୱଂସ, ଭଗ୍ନାଂଶତଳେ ବହୁ ଲୋକ
- ୩୬ ହଜାର ଘର ବିଦ୍ୟୁତ ସେବାରୁ ବିଛିନ୍ନ
- ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ଜାରିହେଲା ଜରୁରୀକାଳୀନ ନମ୍ବର

ଟୋକିଓ,୧।୧(ଏଜେନ୍ସି)

ନୂଆ ବର୍ଷ ପାଳନକୁ ନେଇ ସାରା ବିଶ୍ୱ ମସଗୁଲ ରହିଥିବା ବେଳେ ବର୍ଷ ୨୦୨୪ର ପ୍ରଥମ ଦିନରେ ଜାପାନ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛି। ଏଠାକାର ବହୁ ସହର ସୋମବାର ଘନ ଘନ ଭୂକମ୍ପରେ ଥରିଛି। ୩.୬ ରୁ ୭.୬ ତୀବ୍ରତାର ପ୍ରାୟ ୩୦ ଥର ଭୂକମ୍ପ ଅନୁଭୂତ ହେବା ସହିତ ପରେ ପରେ ସୁନାମୀ ଆସିବାରୁ ବହୁ ସହରରେ ଘରଦ୍ୱାର ଧ୍ୱଂସ ହୋଇଯାଇଛି। ଏହାଛଡ଼ା ଅନେକ ସହରରେ ରାସ୍ତା ଫାଟି ଆଁ କରିଛି। ଜାପାନର ପାଣିପାଗ ଏଜେନ୍ସି ସୂଚନା ଅନୁସାରେ ନୋଟୋ ଉପଦ୍ୱୀପାଞ୍ଚଳ ଇସିକାୱା ସହର ସମେତ ଏହାର ନିକଟସ୍ଥ ଅଞ୍ଚଳରେ ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୧୮୮୫ ମସିହା ପରେ ପ୍ରଥମଥର ପାଇଁ ଏହି ଅଞ୍ଚଳରେ ଏହି ତୀବ୍ରତାର ଭୂକମ୍ପ ସୃଷ୍ଟି ହୋଇଥିବା କୁହାଯାଇଛି। ଏହାଦ୍ୱାରା ଇସିକାୱା ସହର ସମେତ ଅନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ବହୁ ଘରଦ୍ୱାରା ଧ୍ୱଂସବିଧ୍ୱସ୍ତ ହୋଇଯିବା ସହିତ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇପଡ଼ିଛି। ବିଭିନ୍ନ ଅଞ୍ଚଳରେ ବହୁ ଲୋକ ଧ୍ୱଂସସ୍ତୂପ ତଳେ ଚାପି ହୋଇ ରହିଥିଲା ବେଳେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ସରକାରୀ ସମ୍ବାଦ ପ୍ରସାରଣକାରୀ ସଂସ୍ଥା ଏନଏଚକେ ଟିଭି ରିପୋର୍ଟ ଅନୁସାରେ ସଂପୃକ୍ତ ଅଞ୍ଚଳରେ ୧.୨ ମିଟର ଉଚ୍ଚର ଢେଉ ସୃଷ୍ଟି ହୋଇ ସ୍ଥଳଭାଗ ଆଡକୁ ମାଡ଼ି ଆସିଛି। ଭୂକମ୍ପ ପ୍ରଭାବରେ ଆଗାମୀ ଦିନରେ ଏହି ଅଞ୍ଚଳ ସମେତ ଅନ୍ୟ ଅଞ୍ଚଳରେ ୫ ମିଟର ଉଚ୍ଚର ସୁନାମୀ ଆସିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଉପକୂଳବର୍ତ୍ତୀ ଲୋକମାନଙ୍କୁ ସତର୍କ କରାଯିବା ସହିତ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ଇସିକାୱା, ନିଗାତା, ନାଗୋନୋ ଏବଂ ତୋୟାମା ଭଳି ବହୁ ସହରବାସୀଙ୍କୁ ଉଚ୍ଚ ସ୍ଥାନ କିମ୍ବା ବହୁତଳ ବିଶିଷ୍ଟ ଅଟ୍ଟାଳିକାରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ଆହତ ଲୋକମାନଙ୍କୁ ସୁଜୁ ସିଟିସ୍ଥିତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଇସିକାୱା ଏବଂ ତୋୟମା ସହରାଞ୍ଚଳରେ ୩୬ ହଜାର ଘରେ ବିଦ୍ୟୁତ ସେବା ବିଛିନ୍ନ ହୋଇଛି। ଭୂକମ୍ପ ପ୍ରଭାବରେ ଫୁକୁଇ ସହରରେ ରହିଥିବା ୫ଟି ଆଣବିକ ଶକ୍ତି ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଥିଲେ ହେଁ ଏହାକୁ ଜାପାନର ଆଣବିକ ନିୟନ୍ତ୍ରଣ ପ୍ରାଧିକରଣ ପକ୍ଷରୁ ଅସ୍ୱୀକାର କରାଯାଇଛି। ତେବେ ଭୂକମ୍ପ ଆସିବା ପୂର୍ବରୁ ଏହାର କେନ୍ଦ୍ରସ୍ଥଳ ରହିଥିବା ଇସିକାୱା ସହରରେ ଦୁଇଟି ରିଆକ୍ଟରକୁ ବନ୍ଦ କରି ଦିଆଯାଇଥିଲା ବୋଲି ଏହି ସଂସ୍ଥା ପକ୍ଷରୁ କୁହାଯାଇଛି। ଜାପାନର ବିଭିନ୍ନ ସହରରେ ବହୁ ଭାରତୀୟ ବସବାସ କରୁଥିଲା ବେଳେ ସୁନାମୀ ଆଶଙ୍କାକୁ ଦୃଷ୍ଟିରେ ରଖି ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ଏକ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି।



## ରୁଷିଆ, ଉତ୍ତର କୋରିଆରେ ସୁନାମୀ ଆଲର୍ଟ

ଲଗାତର ଏବଂ ଉଚ୍ଚ ତୀବ୍ରତାର ଭୂକମ୍ପରେ ଜାପାନ ଥରିଥିଲା ବେଳେ ଆଗକୁ ସୁନାମୀ ଆଶଙ୍କା କେବଳ ଜାପାନ ନୁହେଁ, ବରଂ ଉତ୍ତର କୋରିଆ ଏବଂ ରୁଷ ପାଇଁ ବିପଦ ସୃଷ୍ଟି କରିଛି। ପ୍ରଶାନ୍ତ ମହାସାଗର ଉପକୂଳ ଏବଂ ଜାପାନ ନିକଟସ୍ଥ ରୁଷିଆର ପୂର୍ବ ଭାଗର ବିଭିନ୍ନ ସହରରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଏହି ଅଞ୍ଚଳରେ ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ସେମାନେ ତୁରନ୍ତ ଫେରି ଆସିବା ସହିତ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଟାସ୍ ସମ୍ବାଦ ଏଜେନ୍ସି କହିଛି। ସେହିପରି ଉତ୍ତର କୋରିଆର ପୂର୍ବ ଭାଗର ବିଭିନ୍ନ ସହରାଞ୍ଚଳରେ ମଧ୍ୟ ସୁନାମୀକୁ ନେଇ ହାଇଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ ଜାପାନରେ ଅନୁଭୂତ ଭୂକମ୍ପର ପ୍ରଭାବ ମଧ୍ୟ ଦକ୍ଷିଣ କୋରିଆର କିଛି ଭାଗରେ ପଡ଼ିଛି। ଦକ୍ଷିଣ କୋରିଆର ପୂର୍ବ ଭାଗରେ ସୋମବାର ୧.୫ ଫୁଟ୍‌ର ସୁନାମୀ ସୃଷ୍ଟି ହୋଇଥିବା କୁହାଯାଇଛି।

# ଗୋଲ୍ଡି ବରାର ଆତଙ୍କବାଦୀ ଘୋଷିତ

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** କୁଖ୍ୟାତ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାରକୁ କେନ୍ଦ୍ର ସରକାର ଆତଙ୍କବାଦୀ ଘୋଷଣା କରିଛନ୍ତି। ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ୍ (ୟୁଏପିଏ)ଅନୁସାରେ ତାକୁ ଆତଙ୍କବାଦୀ ଘୋଷିତ କରାଯାଇଛି ବୋଲି ସୋମବାର ଗୃହ ମନ୍ତ୍ରାଳୟ ପକ୍ଷରୁ ସୂଚନା ଜାରି କରାଯାଇଛି। ଗୋଲ୍ଡି ବହୁ ଜଘନ୍ୟ ଅପରାଧ ସହ ଜଡ଼ିତ ରହିବା ସହିତ ବେଆଇନ ଘୋଷିତ ଖଲିସ୍ତାନୀ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାସନାଲ ସହ ଜଡ଼ିତ ଥିଲା ବୋଲି କୁହାଯାଇଛି। କେବଳ ସେତିକି ନୁହେଁ , ବିଦେଶରେ ସକ୍ରିୟ ଥିବା ବହୁ ଆତଙ୍କବାଦୀ ଏବଂ ଭାରତ ବିରୋଧୀ ସଂଗଠନ ଠାରୁ ସେ ସମର୍ଥନ ପାଉଥିଲା ବୋଲି ଗୃହ ମନ୍ତ୍ରଣାଳୟ କହିଛି। ଏହାବ୍ୟତୀତ ସେ ଏକାଧିକ ହତ୍ୟା ଅପରାଧରେ ସାମିଲ ରହିବା ସହିତ ରାଜନେତାମାନଙ୍କୁ ହତ୍ୟା ଧମକ ଦେଇ ସେମାନଙ୍କ ଠାରୁ ପର୍ଯ୍ୟାପ୍ତ ଚାନ୍ଦା ଆଦାୟ କରିବାର ଅଭିଯୋଗ ମଧ୍ୟ ରହିଛି। ସେ ବିଭିନ୍ନ ହତ୍ୟାକାଣ୍ଡ ଘଟଣାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସାଧାରଣରେ ଭୟର ବାତାବରଣ ମଧ୍ୟ ସୃଷ୍ଟି କରିଆସୁଥିଲା। କାନାଡାରେ ଏଭଳି ଜଘନ୍ୟକାଣ୍ଡ ଚଳାଉଥିବା ଗୋଲ୍ଡି ହେଉଛି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର। ୨୦୨୨ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ପଛରେ ତା'ର ହାତ ରହିଥିଲା ବୋଲି ଗୋଲ୍ଡି ଦାବି କରିଥିଲା। ଏହାବ୍ୟତୀତ ବଲିଉଡ୍ ଷ୍ଟାର ସଲମନ ଖାନ୍‌ଙ୍କୁ ବାରମ୍ବାର ଦିଆଯାଇଥିବା ହତ୍ୟା ଧମକ ପଛରେ ମଧ୍ୟ ଲରେନ୍ସ ବିଷ୍ଣୋଇ କାର୍ଯ୍ୟ କରୁଛି ବୋଲି ଗୋଲ୍ଡି ଏକ ସାକ୍ଷାତକାରରେ କହିଥିଲା। ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ଗୋଲ୍ଡି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୁଳିଗୁଳା ଓ ବିସ୍ଫୋରକ ସାମଗ୍ରୀ ଚୋରାଚାଲାଣ କାର୍ଯ୍ୟରେ ଲିପ୍ତ ରହିବା ସହିତ ସୀମାପଟୁ ଭାରତକୁ ଡ୍ରୋନ୍ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଚାଲାଣ କରୁଛି। ଏଥିସହିତ ସେ ପଞ୍ଜାବରେ ନିଜ ଗ୍ୟାଙ୍ଗ ଦ୍ୱାରା ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହିବା ,ଟାର୍ଗେଟ୍ କିଲିଂ ଏବଂ ଆତଙ୍କବାଦୀ ସଂଗଠନ ଚଳାଇ ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିଲା ବୋଲି ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

● 'ହିଟ୍ ଆଣ୍ଡ ରନ୍' ଆଇନକୁ ବିରୋଧ

# ୮ ରାଜ୍ୟରେ ବିକ୍ଷୋଭ

**ନୂଆଦିଲ୍ଲୀ, ୧।୧ (ଏଜେନ୍ସି):** ନୂଆ 'ହିଟ୍ ଆଣ୍ଡ ରନ୍' ଆଇନକୁ ଜୋରଦାର ବିରୋଧ କରାଯାଉଛି। ବସ୍ ଏବଂ ଟ୍ରକ୍ ଡ୍ରାଇଭରମାନେ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ନୂଆ ବର୍ଷର ପ୍ରଥମ ଦିନରେ ୮ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର, ଛତିଶଗଡ଼, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ଗୁଜରାଟରେ ବସ୍ ଏବଂ ଟ୍ରକ୍ ଡ୍ରାଇଭର ଅନଶନ କରିଛନ୍ତି। ଏଥପାଇଁ ମଧ୍ୟପ୍ରଦେଶର ଭୋପାଳ, ଇନ୍ଦୋର, ଗ୍ୱାଲିୟର, ଜବଲପୁର ସମେତ ଅନ୍ୟ ସହରକୁ ବସ୍ ସେବା ବନ୍ଦ ରହିଛି। ରାଜସ୍ଥାନରେ ମଧ୍ୟ ଘରୋଇ ବସ୍ ଚଳାଚଳ କରିନାହିଁ। ଛତିଶଗଡ଼ର ବିଳାସପୁରରେ ରାସ୍ତା ଉପରେ ଗାଡ଼ି ଟ୍ରକ୍ ଛିଡ଼ା କରେ ଟାୟାରରେ ନିଆଁ ଲଗାଇ ଦିଆଯାଇଛି। ସେହିପରି ବିହାରର ପାଟନା ସମେତ ଅନେକ ଜିଲ୍ଲାର ଡ୍ରାଇଭର ପ୍ରଦର୍ଶନ କରିଛନ୍ତି। ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ୟୁପିରେ ଟ୍ରକ୍ ଡ୍ରାଇଭର ଚକା ଜାମ୍ କରିଛନ୍ତି। ସୂଚନାଯୋଗ୍ୟ ଯେ ଭାରତୀୟ ନ୍ୟାୟ ସଂହିତା ୨୦୨୩ରେ 'ହିଟ୍ ଆଣ୍ଡ ରନ୍' ମାମଲାର ଦୋଷୀ ସାବ୍ୟସ୍ତ ହେଲେ ୭ ଲକ୍ଷ ଟଙ୍କା ଜରିମାନା ଏବଂ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି। ଏହାକୁ ଡ୍ରାଇଭର ବିରୋଧ କରୁଛନ୍ତି। ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ (ଏଆଇଏମଟିସି) ଏହି କଡ଼ା ଆଇନକୁ ବିରୋଧ କରିଛି। ସଂଗଠନର ଆହ୍ୱାନରେ ଚକା ଜାମ ଏବଂ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ଏଆଇଏମଟିସିର ଅଧ୍ୟକ୍ଷ ଅମୃତ ମଦାନ କହିଛନ୍ତି ଯେ ଏହି ଆଇନ ପଛରେ ସରକାରଙ୍କ ଭଲ ଉଦ୍ଦେଶ୍ୟ ରହିଛି। କିନ୍ତୁ ଆଇନରେ ଅନେକ ଦୁର୍ବଳତା ରହିଛି। ଏହା ଉପରେ ପୁଣିଥରେ ଚିନ୍ତା କରିବା ଜରୁରୀ। ଦେଶର ଅର୍ଥବ୍ୟବସ୍ଥାକୁ ପରିବହନ କ୍ଷେତ୍ର ଏବଂ ଟ୍ରକ୍ ଡ୍ରାଇଭର ସର୍ବାଧିକ ଯୋଗଦାନ ଦେଉଛନ୍ତି। କିନ୍ତୁ ସରକାର ଏମାନଙ୍କୁ ଧ୍ୟାନ ଦେଉନାହାନ୍ତି। ୧୦ ବର୍ଷର ଦଣ୍ଡ ବ୍ୟବସ୍ଥା ହେବା ପରେ ଟ୍ରକ୍ ଡ୍ରାଇଭର ଚାକିରି ଛାଡିବାକୁ ବାଧ୍ୟ ହେଉଛନ୍ତି। ସୂଚନା ଅନୁଯାୟୀ ଭାରତରେ ୨୮ ଲକ୍ଷରୁ ଅଧିକ ଟ୍ରକ ପ୍ରତି ବର୍ଷ ଶହେ ଅରବରୁ ଅଧିକ କିମି ଯାତ୍ରା କରୁଛନ୍ତି। ଏବେ ଦେଶରେ ୮୦ ଲକ୍ଷରୁ ଅଧିକ ଟ୍ରକ୍ ଡ୍ରାଇଭର ଅଛନ୍ତି। ବିକ୍ଷୋଭ ଯୋଗୁ ଟ୍ରକ୍ ଅଟକି ରହିଲେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ।



# ଅଯୋଧ୍ୟାରେ ରାମ ମନ୍ଦିର ନିଷ୍ପତ୍ତି ସର୍ବସମ୍ମତ ଥିଲା : ସିଜେଆଇ



**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟର ୪ ବର୍ଷ ପରେ ପୁଣି ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼। ବିବାଦୀୟ ସ୍ଥଳରେ ରାମ ମନ୍ଦିର ପ୍ରତିଷ୍ଠା ନେଇ ୨୦୧୯ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଏକତରଫା ନଥିଲା ବରଂ ଏହା ସର୍ବସମ୍ମତ ଥିଲା ବୋଲି କହିଛନ୍ତି। ସୋମବାର ପିଟିଆଇକୁ ଏକ ସାକ୍ଷାତକାର ଦେବା ସମୟରେ ରାମ ମନ୍ଦିରକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ସମ୍ପର୍କରେ କିଛି ପ୍ରଶ୍ନ ଉଠିଥିଲା। ଏହି ମାମଲାର ବିଚାର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କରିଥିଲା ବେଳେ ଏଥିରେ ତତ୍‌କାଳୀନ ପ୍ରଧାନବିଚାରପତି ଜଷ୍ଟିସ୍ ଏସଏ ବୋବଡେଙ୍କ ସହ ଡି ୱାଇ ଚନ୍ଦ୍ରଚୂଡ଼ ମଧ୍ୟ ସାମିଲ ଥିଲେ। ତେବେ ଏହି ରାୟ ପ୍ରକାଶ ବେଳେ ସମସ୍ତ ବିଚାରପତିଙ୍କ ନାମ କାହିଁକି ସାର୍ବଜନୀନ କରାଗଲା ନାହିଁ ବୋଲି ପ୍ରଶ୍ନରେ ଏହି ନିଷ୍ପତ୍ତି ଜଣଙ୍କର ନଥିଲା, ବରଂ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ।

## ୩ ସନ୍ତାନଙ୍କ ସହ ବାପାର ଆତ୍ମହତ୍ୟା

**ଗାନ୍ଧୀନଗର, ୧।୧ (ଏଜେନ୍ସି):** ଗୁଜରାଟ ବୋଟାଦ ରେଳ ଷ୍ଟେସନ ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ରବିବାର ସନ୍ଧ୍ୟା ୬ଟାରେ ୩ ସନ୍ତାନଙ୍କ ସହିତ ଟ୍ରେନ୍ ଆଗକୁ ଡେଇଁ ବାପା ଆତ୍ମହତ୍ୟା କରିଛି। ସମ୍ପର୍କୀୟଙ୍କୁ ହତ୍ୟା ଉଦ୍ୟମ ମାମଲାରେ ମଙ୍ଗଭାଇ ବିଜୁଡା (୪୨) କିଛି ଦିନ ତଳେ ଜାମିନରେ ଜେଲ୍‌ରୁ ମୁକୁଳି ଥିଲେ। ସମସ୍ତେ ନାନା ସାଖପର ଗ୍ରାମର ବାସିନ୍ଦା ଥିଲେ। ଏ ପର୍ଯ୍ୟନ୍ତ ଏହି ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମୃତକଙ୍କ ମଧ୍ୟରେ ପୁଅ ଜିଗ୍‌ନେଶ (୧୯), ଝିଅ ସୋନମ (୧୭) ଏବଂ ରେଖା (୨୧) ସାମିଲ ଅଛନ୍ତି।

## ସ୍ତ୍ରୀକୁ ହତ୍ୟାକରି ସ୍ୱାମୀର ଆତ୍ମହତ୍ୟା

### ୨୪ ଘଣ୍ଟା ପର୍ଯ୍ୟନ୍ତ ମାଆ ମୃତଦେହ ଉପରେ ବସିଥିଲା ଶିଶୁ

ଗୁରୁଗ୍ରାମ, ୧।୧ (ଏଜେନ୍ସି): ହରିୟାଣା ଗୁରୁଗ୍ରାମରେ ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା କରିଛି। ଏ ସମୟରେ ଦେଢ଼ ବର୍ଷର ଶିଶୁ ଘରେ ଥିଲା। ସେ ମାଆ ଲକ୍ଷ୍ମୀ ରାୱତ (୨୩)ର ମୃତଦେହ ଉପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ବସି ରହିଥିଲା। ଶିଶୁର କାନ୍ଦ ବନ୍ଦ ନ ହେବାରୁ ପଡ଼ୋଶୀ ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ପହଞ୍ଚିବାରୁ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା। ଗୁରୁଗ୍ରାମର ଡିଏଲ୍‌ଏଫ୍ ଫେଜ୍ ୩ର ଏସ୍ ବ୍ଲକ୍‌ରେ ଏହି ହତ୍ୟାକାଣ୍ଡ ଘଟିଛି। ପୁଲିସ ହତ୍ୟା ସନ୍ଦେହରେ ତଦନ୍ତ ଆରମ୍ଭ କରିବା ପରେ ଗାଜିଆବାଦର କୌସାମ୍ବି ମେଟ୍ରୋ ଷ୍ଟେସନ ନିକଟରୁ ସ୍ୱାମୀ ଗୌରବ ଶର୍ମାର ମୃତଦେହ ମିଳିଥିଲା। ସେ ରବିବାର ରାତିରେ ପତ୍ନୀକୁ ହତ୍ୟା କରି ସୋମବାର ସକାଳେ ଆତ୍ମହତ୍ୟା କରିଥିଲା। ଏ ପର୍ଯ୍ୟନ୍ତ ଏହାର କାରଣ ଜଣାପଡ଼ି ନାହିଁ। ସମ୍ପର୍କୀୟଙ୍କୁ ଯୋଗାଯୋଗ କରାଯାଉଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

**ଗରିବଙ୍କୁ ନୂଆ ବର୍ଷରେ କେନ୍ଦ୍ରର ନିଷ୍ଠୁର ଉପହାର: କଂଗ୍ରେସ**

# ମନରେଗାରୁ ହଟିଲେ ୭.୬ କୋଟି ଶ୍ରମିକ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି)

**ନୂଆ ଦେୟ ବ୍ୟବସ୍ଥାରେ ୧୦.୭ କୋଟି ଅଯୋଗ୍ୟ ଘୋଷିତ**




କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସ ବଡ଼ ଅଭିଯୋଗ ଲଗାଇଛି। ନୂଆ ବର୍ଷ ଆରମ୍ଭରୁ କେନ୍ଦ୍ର ଗରିବ ଶ୍ରମିକଙ୍କୁ ନିଷ୍ଠୁର ଉପହାର ଦେଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)ରୁ କେନ୍ଦ୍ର ୭.୬ କୋଟି ଶ୍ରମିକଙ୍କୁ ହଟାଇ ଦେଇଛି। ନୂଆ ଆଧାର ବେସ୍‌ଡ ପେମେଣ୍ଟ ସିଷ୍ଟମ (ଏବିପିଏସ)ଆଣି ୧୦.୭ କୋଟି ଶ୍ରମିକଙ୍କୁ ପେମେଣ୍ଟ ପାଇବା ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ଏମାନେ ସଠିକ୍ ସମୟରେ ପେମେଣ୍ଟ ସିଷ୍ଟମ ସହ ଜଡ଼ିତ ହୋଇପାରି ନ ଥିଲେ ବୋଲି କୁହାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ସୋମବାର ସାମାଜିକ ଗଣମାଧ୍ୟମରେ ଏହି ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୭ରୁ ମନରେଗା ପାଇଁ ଏବିପିଏସ ଯୋଜନା କାର୍ଯ୍ୟକାରୀ ହୋଇଛି। କିନ୍ତୁ ସରକାର ରବିବାରଠାରୁ ଏହାକୁ ବାଧ୍ୟତାମୂଳକ କରିଦେଇଛନ୍ତି। ଅର୍ଥାତ୍ ଏବେଠାରୁ ମନରେଗା ଶ୍ରମିକଙ୍କୁ ଏବିପିଏସ୍ ମାଧ୍ୟମରେ ଟଙ୍କା ପୈଠ କରାଯିବ। ଏହି ପେମେଣ୍ଟ ସିଷ୍ଟମରେ ସାମିଲ ହୋଇ ନ ଥିବା ଶ୍ରମିକ ଟଙ୍କା ପାଇବେ ନାହିଁ। ଏହାକୁ ନେଇ କଂଗ୍ରେସ ସରକାରଙ୍କୁ ନିଶାଣ କରିଛି।

ଜୟରାମ ରମେଶ କହିଛନ୍ତି ଯେ ମନରେଗା ଦ୍ୱାରା ସ୍ୱଳ୍ପ ଆୟ କରୁଥିବା କୋଟି କୋଟି ଶ୍ରମିକଙ୍କଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଅଧିକାର ଛଡ଼ାଇ ନେଇଛନ୍ତି। କଂଗ୍ରେସ ଏହି ଉପହାରକୁ ନିନ୍ଦା କରୁଛି। ସରକାର ଜ୍ଞାନକୌଶଳକୁ ବିପଜ୍ଜନକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏହାକୁ ବନ୍ଦ କରିଦେବା ଉଚିତ। ମନରେଗାକୁ ଏବିପିଏସ୍ ସହ ସଂଯୋଗ କରି ୨୦୨୨ ଏପ୍ରିଲରୁ ଏ ପର୍ଯ୍ୟନ୍ତ ୭.୬ କୋଟି ପଞ୍ଜିକୃତ ଶ୍ରମିକଙ୍କୁ ସିଷ୍ଟମରୁ ହଟାଇ ଦିଆଯାଇଛି। ଏଥିରୁ ୧.୯ କୋଟି ପଞ୍ଜିକୃତ ଶ୍ରମିକଙ୍କୁ ଗତ ୯ ମାସରେ ହଟା ଯାଇଛି। ଦେଶରେ ୨୫.୬୯ କୋଟି ମନରେଗା ଶ୍ରମିକ ଅଛନ୍ତି। ଏଥିରୁ ୧୪.୩୩ କୋଟି ସକ୍ରିୟ ଅଛନ୍ତି। ଗତ ୨୭ ତାରିଖ ସୁଦ୍ଧା ମୋଟ ଶ୍ରମିକଙ୍କ ମଧ୍ୟରୁ ୩୪.୮ ପ୍ରତିଶତ (୮.୯ କୋଟି) ଏବଂ ସକ୍ରିୟ ଶ୍ରମିକଙ୍କ ମଧ୍ୟରୁ ୧୨.୭ ପ୍ରତିଶତ (୧.୮ କୋଟି) ଏବିପିଏସ୍ ପାଇଁ ଯୋଗ୍ୟ ବିବେଚିତ ହୋଇନାହାନ୍ତି। ଏବେ ମୋଟ ୧୦.୭ କୋଟି ଶ୍ରମିକ ରୋଜଗାରର ପନ୍ଥା ହରାଇ ଦେଇଛନ୍ତି। ଏହା ପୂର୍ବରୁ ଅଗଷ୍ଟ ୩୦ରେ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଏକ ବିଜ୍ଞପ୍ତି ଜାରି କରିଥିଲା। ଏଥିରେ ଏବିପିଏସ ପାଇଁ ଯୋଗ୍ୟ ହୋଇ ନ ଥିବା ଶ୍ରମିକଙ୍କ କାର୍ଡକୁ ହଟାଯିବ ନାହିଁ ବୋଲି କୁହାଯାଇଥିଲା।

ରମେଶ କହିଛନ୍ତି ଯେ ଏବିପିଏସ୍ ଶ୍ରମିକଙ୍କୁ ଟଙ୍କା ପୈଠ କରିବାର ସବୁଠାରୁ ଭଲ ରାସ୍ତା ବୋଲି ଅନେକ ଅଂଶଧାରକ କହିଥିଲେ। ଏହା ଦ୍ୱାରା ସଠିକ୍ ସମୟରେ ଟଙ୍କା ମିଳିବ ଏବଂ କାରବାର ବାତିଲ ହେବ ନାହିଁ ବୋଲି ଦାବି କରାଯାଇଥିଲା। କିନ୍ତୁ ଏବେ ସବୁ ମିଥ୍ୟା ସାବ୍ୟସ୍ତ ହୋଇଯାଇଛି। ଏହି ଦାବି ସତ୍ତ୍ୱେ କୋଟି କୋଟି ଶ୍ରମିକଙ୍କୁ ସିଷ୍ଟମରୁ ହଟାଇ ଦିଆଯାଇଛି। ତୃଣମୂଳସ୍ତରରେ ଏହାର ଯାଞ୍ଚ କରିବାରୁ ଅନେକ ଶ୍ରମିକଙ୍କୁ ବେଆଇନ ଭାବେ ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବା ଜଣା ପଡ଼ିଥିଲା। ସରକାର ତରବରିଆ ଭାବେ ନିଷ୍ପତ୍ତି ନେବାରୁ ଏପରି ହୋଇଛି। ମନରେଗାକୁ ପ୍ରଧାନମନ୍ତ୍ରୀ ତିରସ୍କାର କରୁଛନ୍ତି। ଏବେ ଏହା ବିପଜ୍ଜନକ ପରୀକ୍ଷଣରେ ବଦଳି ଯାଇଛି।

ଆଞ୍ଚଳିକ ବିଭେଦତା ଭୁଲି ଆମେ ଐକ୍ୟବଦ୍ଧ ହୋଇ କାମକଲେ ଅସୀମ ଆହ୍ୱାନ ସତ୍ତ୍ୱେ ଏକ ଉତ୍ତମ-ବିଶ୍ୱ ଗଠନ କଳ୍ପନା ସାକାର ହୋଇପାରିବ।
-ଦଲାଇ ଲାମା



ସକାଳ
THE SAKALA

## ମେଟ୍ରୋ ରେଳ ପ୍ରକଳ୍ପର ଶୁଭାରମ୍ଭ

# ଐତିହାସିକ ପଦକ୍ଷେପ

ଓଡ଼ିଶାରେ ପ୍ରଥମ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ସାକାର ହେବାର ମୂଳଦୁଆ ପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ର ପ୍ରଥମ ଦିନରେ ବାରଙ୍ଗର ରତାଗଡ଼ ନିକଟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଗତବର୍ଷ ଏପ୍ରିଲ୍ ପହିଲା 'ଓଡ଼ିଶା ଦିବସ' ଅବସରରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଆଠମାସ ସମୟ ମଧ୍ୟରେ ପ୍ରକଳ୍ପର ସମସ୍ତ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ସହିତ ଏଥିନିମନ୍ତେ ବ୍ୟୟବରାଦ ଅଟକଳ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ କଟକ ନିକଟସ୍ଥ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ଏହି ମହତ୍ତ୍ୱାକାଂକ୍ଷୀ ମେଟ୍ରୋ ପ୍ରକଳ୍ପ ନିର୍ମିତ ହେବ। ମୋଟ୍ ୨୬ କିମି ଦୈର୍ଘ୍ୟବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷ ମଧ୍ୟରେ ନିର୍ମିତ ହେବ। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ଚାରିବର୍ଷ ମଧ୍ୟରେ ଶେଷ କରିବାକୁ ଏହାକୁ '୫-ଟି' ଉପକ୍ରମର ଅନ୍ତର୍ଭୁକ୍ତ କରାଯାଇଛି। ସମୟକ୍ରମେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ମେଟ୍ରୋ ରେଳପଥ କଟକ, ପୁରୀ ଓ ଖୋର୍ଦ୍ଧାକୁ ସମ୍ପ୍ରସାରିତ ହେବାର ଯୋଜନା ରହିଛି। ସମଗ୍ର ମେଟ୍ରୋପଥଟି ସଡ଼କର ମଧ୍ୟବର୍ତ୍ତୀ ସ୍ଥାନରେ ନିର୍ମିତ ଖମ୍ବ ଓ ଭାୟାଡକ୍ଟ ଉପରେ ଯିବ। ଏଥିରେ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ୍ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆଛକ ସମେତ ୨୦ଟି ଷ୍ଟେସନ ରହିବ। ଏହା ଏକ ଅଭିଳାଷୀ ପ୍ରକଳ୍ପ ହୋଇଥିବାରୁ ଅତ୍ୟାଧୁନିକ କୋଚ୍, ସିଗ୍ନାଲ ଓ ଟିକଟ ବ୍ୟବସ୍ଥା ଆଦି କରାଯିବ। ତ୍ରିଶୂଳିଆକୁ ଏହି ମେଟ୍ରୋ ଟ୍ରେନ୍‌ର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ୍ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ହେଲା ବାଙ୍କୀ ଓ ଆଠଗଡ଼ ଆଡ଼କୁ ବଢୁଥିବା ଦ୍ୱୈତ ମହାନଗରୀର ଲୋକଙ୍କ ଗମନାଗମନ ଆବଶ୍ୟକତା ପୂରଣ କରିବା। ତ୍ରିଶୂଳିଆଠାରେ ମଧ୍ୟ ଏକ ପେଟ୍ରୋ ଡିପୋ ଓ ମରାମତି ୟୁନିଟ୍ ରହିବ।

ଏହି ପ୍ରକଳ୍ପର ଅନ୍ୟ ବିଶେଷତ୍ୱ ହେଲା ଏଥିଲାଗି ଆବଶ୍ୟକ ସମସ୍ତ ଅର୍ଥ ଓଡ଼ିଶା ସରକାର ସମ୍ପୂର୍ଣ୍ଣରୂପେ ନିଜେ ବହନ କରିବେ। ଏଥିପାଇଁ ମୋଟ୍ ବ୍ୟୟ ଅଟକଳ ୬୨୫୫.୯୪ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଛନ୍ତି। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀ ମେଟ୍ରୋ ନିଗମ ଏହାର ନିର୍ମାଣ ପାଇଁ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ।

ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାକୁ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି। କଟକ-ଭୁବନେଶ୍ୱର, ଖୋରଧା, ଚୌଦ୍ୱାର ନଗରାଞ୍ଚଳ ଯେଉଁ ଦ୍ରୁତଗତିରେ ବଢୁଛି, ସେଥିରେ ସହରାଞ୍ଚଳ ଗଣପରିବହନ ବ୍ୟବସ୍ଥାକୁ ଏବେଠାରୁ ସୁସଂହତ ଓ ସୁଦୃଢ଼ ନ କଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ତେଣୁ ଏହି ରେଳ ପ୍ରକଳ୍ପ ଏକ ଭବିଷ୍ୟବାଦୀ ପରିକଳ୍ପନା।

ଭାରତରେ ଏବେ ଚାରି ମହାନଗରୀ ଦିଲ୍ଲୀ, କଲିକତା, ମୁମ୍ବଇ ଓ ଚେନ୍ନାଇ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, ଜୟପୁର, ଗୁରୁଗ୍ରାମ, ନୋଏଡ଼ା, କୋଚି, ଲକ୍ଷ୍ନୌ, ନାଗପୁର, କାନପୁର ଓ ପୁଣେରେ ମେଟ୍ରୋ ଟ୍ରେନ୍ ଚଳାଚଳ କରୁଛି। ୧୯୮୪ରେ କଲିକତାରେ ପ୍ରଥମ କରି ଆରମ୍ଭ କରିଥିବା ମେଟ୍ରୋ ଟ୍ରେନ୍ ବା ପାତାଳ ରେଳ ଏବେ ବିଗତ ୪୦ ବର୍ଷ ମଧ୍ୟରେ ନୂଆ ନୂଆ ସହରକୁ ଛୁଇଁଛି। ଏହି ନିକଟରେ ଦିଲ୍ଲୀରୁ ମିରଟକୁ ଏହାର ଆଞ୍ଚଳିକ ସଂଯୋଗ ବ୍ୟବସ୍ଥା ପ୍ରତିଷ୍ଠା ହୋଇଛି। ମେଟ୍ରୋ ଟେକ୍‌ନୋଲୋଜିର ବିକାଶ ଫଳରେ ଆଉ ଭୂମିତଳ ସୁଡ଼ଙ୍ଗରେ ମେଟ୍ରୋ ଟ୍ରେନ୍ ଲାଇନ୍ ଅଧିକ ନିର୍ମିତ ହେଉନାହିଁ। ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ଏହି ପଥ ନିର୍ମିତ ହେଉଛି। ଷ୍ଟେସନଗୁଡ଼ିକ ମଧ୍ୟ ଭୂ-ଉଚ୍ଚ ଡାଆଁ ଉପରେ ତିଆରି ହେଉଛି। ଏହି ରେଳପଥର ଏକକାଳୀନ ନିର୍ମାଣ ଖର୍ଚ୍ଚ ଅଧିକ ହେଲେ ମଧ୍ୟ ଏହା ଦୀର୍ଘସ୍ଥାୟୀ, ପରିବେଶ ଅନୁକୂଳ ଏବଂ ଗଣପରିବହନ ପାଇଁ ସୁବିଧାଜନକ। ଏହା ସଡ଼କ ପଥର ଭିଡ଼ ହ୍ରାସ କରିବା ସହିତ ଦୁଇ ମହାନଗରୀ ମଧ୍ୟରେ ଯାତ୍ରୀମାନଙ୍କ ଯାତାୟତ ସମୟକୁ ଯଥେଷ୍ଟ ସଞ୍ଚୟ କରିପାରିବ। ନୂଆ ଓ ପରିବର୍ତ୍ତିତ ସମୟ ନୂତନ ଆବଶ୍ୟକତା ଲୋଡ଼େ। ସେଥିପାଇଁ ଭିତ୍ତିଭୂମି ନିର୍ମାଣ ସମୟର ଆହ୍ୱାନ। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ, ତାକୁ ହିଁ ଦୂରଦ୍ରଷ୍ଟା ଓ ରାଷ୍ଟ୍ରଦ୍ରଷ୍ଟା ଭାବେ ଅଭିହିତ କରାଯାଏ। ଓଡ଼ିଶା ଏବେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ କର୍ମଠ (ହାପେନିଂ) ରାଜ୍ୟ। ଏଠାରେ ନିୟମିତ ଭାବେ କିଛି ଭଲ କାମ ହେଉଛି ଓ ନୂଆ ନୂଆ କଥା ଘଟୁଛି। ତେଣୁ ଓଡ଼ିଶା ସରକାରଙ୍କ ଉପଲବ୍ଧି ତାଲିକାରେ ମେଟ୍ରୋ ରେଳ ପ୍ରକଳ୍ପ ଆଉ ଏକ ଉତ୍ତମ ଉପକ୍ରମ। ନବୀନ ଓଡ଼ିଶାର ଏହା ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଶ୍ଚିତ। ପୁରୁଣା ରାଜଧାନୀ ତଥା ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ଏବଂ ନୂଆ ରାଜଧାନୀ ଭୁବନେଶ୍ୱର ମଧ୍ୟରେ ଏହି ମେଟ୍ରୋ ଲାଇନ୍ ଏକ ନୂଆ ଜୀବନରେଖା ପାଲଟିବ। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଉତ୍ସବରେ ଯଥାର୍ଥରେ କହିଛନ୍ତି ଯେ ୨୦୨୪ ଜାନୁଆରୀ ପହିଲା ଓଡ଼ିଶାର ବିକାଶ ସଂହିତାରେ ସ୍ଥାନ ପାଇବ।

ଏହି ପ୍ରକଳ୍ପରେ ଓଡ଼ିଶା ସରକାର ସର୍ବାଧିକ ଅର୍ଥ (୬୦୦୦ କୋଟିରୁ ଅଧିକ) ବିନିଯୋଗ କରିବାକୁ ଯାଉଛନ୍ତି। ଏହା ରାଜ୍ୟ ସରକାରଙ୍କର ଏକ ଫ୍ଲାଗସିପ୍ (ପ୍ରମୁଖ) କାର୍ଯ୍ୟକ୍ରମ। ସେ ଦୃଷ୍ଟିରୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବାର ସମ୍ଭାବନା ଅଧିକ। ଏହାଛଡ଼ା କଟକ, ପୁରୀ ଓ ଖୋରଧାକୁ ମେଟ୍ରୋ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପ୍ରେରିତ ହୋଇ ଓଡ଼ିଶା ସରକାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି, ତାହା ପ୍ରଶଂସନୀୟ, ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ।

# ଔଷଧୀୟ ବନସ୍ପତିର ସଂରକ୍ଷଣ ଅପରିହାର୍ଯ୍ୟ



ଡ. ବିଜୟକେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

ଉଦ୍ଭିଦ ବା ବନସ୍ପତିର ବିଭିନ୍ନ ଅଂଶ ଯଥା ଚେର, ମୂଳ, ପତ୍ର, ଫୁଲ, ଫଳ, ମଞ୍ଜି, ଛାଲି ବା ବକ୍‌କଳକୁ ବ୍ୟବହାର କରି ପାରମ୍ପରିକ ଚିକିତ୍ସା ପଦ୍ଧତିର ପ୍ରୟୋଗ ଓଡ଼ିଶାର ଏକ ପ୍ରାଚୀନ ପ୍ରଚଳିତ ପରମ୍ପରା। କେବଳ ଓଡ଼ିଶା ନୁହେଁ, ଆମ ଦେଶର ତଥା ବିଶ୍ୱର ଅନେକତ୍ର ଉଦ୍ଭିଦର ଦେଶଜ ଉପଚାର ଏବଂ ବିଭିନ୍ନ ଅଂଶର ଔଷଧୀୟ ଗୁଣବତ୍ତାକୁ ନେଇ ବିକଶିତ ଚିକିତ୍ସା ପଦ୍ଧତିରେ ପାରମ୍ପରିକ ଜ୍ଞାନ ଓ କୌଶଳର ପ୍ରୟୋଗ ମାନବ ସମାଜର ପ୍ରାଚୀନ ସଭ୍ୟତା ଓ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ। ଏବେ ବି ଆମ ରାଜ୍ୟର ଦୁର୍ଗମ ଅଞ୍ଚଳର ଲୋକମାନେ, ବିଶେଷକରି ଅବିଭକ୍ତ କୋରାପୁଟ, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଆଦିବାସୀ ଅଧ୍ୟୁଷିତ ଇଲାକାରେ ବସବାସ କରୁଥିବା ଆଦିବାସୀମାନେ ଗଛ, ଲତା ଓ ଗୁଳ୍ମରୁ ପ୍ରସ୍ତୁତ ଜଡ଼ି, ବୁଟି, ଔଷଧକୁ ବ୍ୟବହାର କରାଯାଉଥିବା ପାରମ୍ପରିକ ଚିକିତ୍ସା ପଦ୍ଧତି ଉପରେ ନିର୍ଭର କରିଥା'ନ୍ତି। ସମଗ୍ର ଭାରତ ବର୍ଷରେ ଏପରିକି ବିଶ୍ୱର ଶତକଡ଼ା ୮୦ ଭାଗ ଲୋକଙ୍କର ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଔଷଧୀୟ ବୃକ୍ଷ, ଲତା ଓ ଗୁଳ୍ମର ପ୍ରତ୍ୟକ୍ଷ ତଥା ପରୋକ୍ଷ ଭୂମିକା ରହିଛି।

କଥାରେ ଅଛି 'ନାନୌଷଧି ଭୂତମ ଜଗତ କିଞ୍ଚିତମ'। ଅର୍ଥାତ ଏପରି କୌଣସି ଉଦ୍ଭିଦ ନାହିଁ, ଯାହାରକି କିଛି ନା କିଛି ଔଷଧୀୟ ଗୁଣ ନାହିଁ। ପୁରାତନ ଯୁଗରେ ମୁନି ଋଷିମାନେ ଉଦ୍ଭିଦର ଔଷଧୀୟ ଗୁଣ ସମ୍ପର୍କରେ ଜ୍ଞାତ ଥିଲେ ଏବଂ ଚିରାଚରିତ ତଥା ଦୁଃସାଧ୍ୟ ବ୍ୟାଧିର ଉପଶମ ପାଇଁ ବନସ୍ପତିରୁ ପ୍ରସ୍ତୁତ ଔଷଧ ପ୍ରୟୋଗ କରୁଥିଲେ। ଋକ୍ ବେଦରେ ଅନେକ ଜାତିର ଲତା, ଗୁଳ୍ମର ଔଷଧୀୟ ଗୁଣ ସମ୍ପର୍କରେ ବର୍ଣ୍ଣନା ରହିଛି। ବନସ୍ପତିର ଔଷଧୀୟ ଗୁଣ ସମ୍ପର୍କରେ ଏହା ପ୍ରାଚୀନ ଭାରତର ପ୍ରଥମ ଅଭିବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ପରବର୍ତ୍ତୀ ସମୟରେ ଅଥର୍ବ ବେଦରେ ମଧ୍ୟ ବୃକ୍ଷଲତାର ଔଷଧୀୟ ଗୁଣ ବର୍ଣ୍ଣନା ବିସ୍ତୃତ ଭାବରେ ଦେଖିବାକୁ ମିଳେ। ଖ୍ରୀଷ୍ଟପୂର୍ବ ୧୦୦୦ ଶତାବ୍ଦୀରେ ଭାରତୀୟ ଭେଷଜ ପ୍ରଣାଳୀ ଉପରେ ରଚିତ 'ଚରକ ସଂହିତା'ରେ ଉଦ୍ଭିଦରୁ ପ୍ରସ୍ତୁତ ୩୪୦ ଗୋଟି ଔଷଧ ସମ୍ପର୍କରେ ବର୍ଣ୍ଣନା ରହିଛି। ଚରକଙ୍କ ପରବର୍ତ୍ତୀ ସମୟରେ କ୍ରମଶଃ ଅଧିକରୁ ଅଧିକ ବୃକ୍ଷଲତାର ଔଷଧୀୟ ଗୁଣ ଚିହ୍ନଟ ହେଲା। ସମ୍ପ୍ରତି ଆମ ଦେଶରେ ମିଳୁଥିବା ଉଭୟ ଦେଶଜ ଓ ବିଦେଶୀୟ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମର ସଂଖ୍ୟା ୩୦୦୦ ରୁ ୩୫୦୦ ହୋଇପାରେ। କିନ୍ତୁ ଜାତୀୟ ଆୟୁର୍ବେଦ ସଂସ୍ଥା ମୁଖ୍ୟତଃ ଔଷଧୀୟ ବୃକ୍ଷ ଭାବରେ ୧୫୦୦ ବନସ୍ପତିକୁ ଚିହ୍ନଟ କରିଛି।

ଏଲୋପାଥିର ଅଧିକ ପ୍ରଚଳନ ଫଳରେ ଅତୀତର ଏହି ପାରମ୍ପରିକ ଚିକିତ୍ସା ଯଥା ଲୋକ ଔଷଧି ଏବଂ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ କିଛିମାତ୍ରାରେ ପ୍ରଭାବିତ ହେଲା। ତା'ଛଡ଼ା ଆବଶ୍ୟକୀୟ ପ୍ରୋତ୍ସାହନ, ଉପଯୁକ୍ତ ଅନୁସନ୍ଧାନ ଓ ଗବେଷଣା ଅଭାବରୁ ଗୋଟିଏ ସମୟରେ ଏହି ପାରମ୍ପରିକ ଚିକିତ୍ସା ପଦ୍ଧତି ଲୁପ୍ତପ୍ରାୟ ହୋଇଗଲା କହିଲେ ଚଳେ। ୧୯୮୩ ମସିହାରେ ପୁନର୍ବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଭିନ୍ନ ଦେଶର ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ସ୍ୱୀକୃତି ପ୍ରଦାନ କରି ଗବେଷଣା ଓ ବିକାଶ ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ମୁତାବକ ଏବେ ବି ବିକାଶଶୀଳ ରାଷ୍ଟ୍ରମାନଙ୍କରେ ୮୦ ପ୍ରତିଶତ ଜନସାଧାରଣ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇଁ ବନସ୍ପତିରୁ ପ୍ରସ୍ତୁତ ପାରମ୍ପରିକ ଔଷଧ ଉପରେ ନିର୍ଭର କରିଥା'ନ୍ତି। ଏହି କାରଣରୁ ଉଭୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରରେ ଔଷଧୀୟ ବୃକ୍ଷର ଚାହିଦା ବଢ଼ିବାରେ ଲାଗିଛି। କାରଣ ବନସ୍ପତିରୁ ପ୍ରସ୍ତୁତ ଔଷଧ



ଏକ ପ୍ରକାର ମୌଳିକ, ନିଶାକାରକ ନୁହେଁ, ବିଶେଷ ପାର୍ଶ୍ୱ ପ୍ରତିକ୍ରିୟା ରହିତ, ସୁଲଭ ଓ ସହଜରେ ଉପଲବ୍ଧ ଏବଂ ଅନେକ ସମୟରେ ଗାଁଗହଳିରେ ବସବାସ କରୁଥିବା ଗରିବ ଲୋକମାନଙ୍କ ପାଇଁ ଏକମାତ୍ର ଉପଲବ୍ଧ ଔଷଧି।

ଆୟୁର୍ବେଦ ଏକ ବିଶେଷ ଧରଣର ବିଜ୍ଞାନସମ୍ମତ ଚିକିତ୍ସା ପଦ୍ଧତି, ଯେଉଁଥିରେ ରୋଗ ନିରୂପଣ କରି ଔଷଧ ପ୍ରୟୋଗ ଉପରେ ପ୍ରାଧାନ୍ୟ ଦିଆଯାଇଥାଏ। ଏହି ଚିକିତ୍ସା ପ୍ରଣାଳୀ ନିର୍ଦ୍ଦିଷ୍ଟ ଭାବରେ ଲିପିବଦ୍ଧ ହୋଇଛି। କିନ୍ତୁ ଜନଔଷଧି ବା ଗାଁଗହଳିରେ ବ୍ୟବହୃତ ହେଉଥିବା ଚେରମୂଳି ଔଷଧର କୌଣସି ଲିଖିତ ଦଲିଲ ବା ତଥ୍ୟ ନାହିଁ। ଏହି ପ୍ରଣାଳୀ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ କଥିତ ବା ମୌଖିକ ଭାବରେ ଯାଇଥାଏ। ଆୟୁର୍ବେଦ ଚିକିତ୍ସା ସମ୍ପର୍କରେ ଅନେକ ଶାସ୍ତ୍ର ଯଥା 'ଚରକ ସଂହିତା', 'ଶୁଶ୍ରୁତ ସଂହିତା', 'ଅଷ୍ଟାଙ୍ଗ ହୃଦୟ ସଂହିତା' ଏବଂ 'ଭାବପ୍ରକାଶ' ଆଦି ଅନେକ ପୁସ୍ତକ ରହିଛି। କିନ୍ତୁ ବନୌଷଧି ମୁଖ୍ୟତଃ ଲୋକକଥା, ଲୋକମାନଙ୍କର ଆଶା ଓ ବିଶ୍ୱାସକୁ ଭିତ୍ତିକରି ପ୍ରସ୍ତୁତ ହୋଇଥାଏ।

ତେବେ ବିଡ଼ମ୍ବନା ହେଲା ଅଧୁନା ଆୟୁର୍ବେଦ, ଉନାନୀ ବା ଜନଔଷଧି ଆଦି ପାରମ୍ପରିକ ଚିକିତ୍ସା ପଦ୍ଧତିରେ ବନସ୍ପତି ଔଷଧିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବା ସତ୍ତ୍ୱେ ବୃକ୍ଷ, ଲତା, ଗୁଳ୍ମ ମିଳୁଥିବା ଜଙ୍ଗଲ ଓ ପତିତ ଜମିର ଆୟତନ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ବନସ୍ପତି ଚାହିଦାର ଶତକଡ଼ା ୮୫ ଭାଗ ପ୍ରାକୃତିକ ଜଙ୍ଗଲ ଓ ପତିତ ଜମିରୁ ସଂଗ୍ରହ କରାଯାଇଥାଏ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ସହିତ ଅଣଜଙ୍ଗଲଭିତ୍ତିକ କାର୍ଯ୍ୟ ଯଥା ଖଣି, ଖାଦାନ, ଶିଳ୍ପ, କଳକାରଖାନା, ରାସ୍ତାଘାଟ, ଜଳବିଦ୍ୟୁତ ପ୍ରକଳ୍ପ ଆଦିରେ ବନାଞ୍ଚଳର ବହୁଳ ବ୍ୟବହାର ଓ ବନଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ଯୋଗୁଁ ଆମ ଜଙ୍ଗଲରୁ ବନସ୍ପତି କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ଏହାବ୍ୟତୀତ ବିଶ୍ୱ ବଜାରରେ ଔଷଧୀୟ ବୃକ୍ଷଲତାର ଚାହିଦା ବୃଦ୍ଧି, ବହୁଦେଶୀୟ କମ୍ପାନୀମାନଙ୍କ ଦ୍ୱାରା ଏହାର ବହୁଳ ବ୍ୟବସାୟ ଏବଂ ବିଦେଶରେ ବହୁଳ ଭାବରେ ଉପଯୋଗ କରାଯାଇଥିବା 'ପେଟେଣ୍ଟ' ଆଇନ ବଳରେ ଅନେକ ଔଷଧୀୟ ବନସ୍ପତି ଏବେ ଆମ ଜଙ୍ଗଲରେ ଦୁଷ୍ପ୍ରାପ୍ୟ ଏବଂ ବିରଳ ହୋଇଗଲାଣି। ଏକଦା ଆମ ରାଜ୍ୟରେ ସହଜରେ ଉପଲବ୍ଧ ହେଉଥିବା ପାଞ୍ଚ ଆଙ୍ଗୁଳିଆ, ପାତାଳ ଗରୁଡ଼, ବିଡ଼ଙ୍ଗ, ଅନନ୍ତମୂଳ, ଶଙ୍ଖପୁଷ୍ପୀ, ଗୁଡ଼ମାରୀ ଏବଂ ଫଣଫଣା ଆଦି ବୃକ୍ଷ, ଲତା, ଗୁଳ୍ମ ଏବେ ଦେଖିବାକୁ ମିଳୁନାହିଁ।

ଦ୍ୱିତୀୟରେ ଏହି ଔଷଧୀୟ ବନସ୍ପତିଗୁଡ଼ିକର ଅମଳ କରିବା ଉପରେ ମଧ୍ୟ କୌଣସି କଟକଣା ନାହିଁ। ସୁଗମ ଅମଳ ପଦ୍ଧତି ମଧ୍ୟ ଉପଯୋଗ କରାଯାଉନାହିଁ। ଅଁଳା ଫଳ ସଂଗ୍ରହ କରିବା ପାଇଁ ଗଛର ଡାଳଗୁଡ଼ିକୁ କାଟି ଦିଆଯାଉଛି। ପାତାଳଗରୁଡ଼ ମୂଳ ବା ଚେର ଔଷଧ ପଦ୍ଧତିରେ ବ୍ୟବହୃତ ହେଉଥିବାରୁ ଏହି ଗଛଗୁଡ଼ିକୁ ଅବିଚାରିତ ଭାବେ ଜଙ୍ଗଲ ଓ ପତିତ ଜମିରୁ ଓପାଡ଼ି ଦିଆଯାଉଛି। କୌଣସି ଗଛର ବକ୍‌କଳ ବା ଛାଲି ଔଷଧ ପଦ୍ଧତିରେ ବ୍ୟବହୃତ ହେଉଥିଲେ, ଗଛରୁ ସମ୍ପୂର୍ଣ୍ଣ ରୂପେ ବକ୍‌କଳ ଚାଞ୍ଛି ଦିଆଯାଉଛି। ଫଳରେ ଗଛଟି ଅଳ୍ପଦିନରେ ମରିଯାଉଛି। ଅଶୋକ ଗଛ ଏହାର ଅନ୍ୟତମ ଉଦାହରଣ। ତେଣୁ ଏବେ ବନସ୍ପତି ସଂରକ୍ଷଣ ନିହାତି ଭାବେ ଜରୁରୀ ହୋଇପଡ଼ିଛି।

ଜଙ୍ଗଲରେ ଓ ଜଙ୍ଗଲ ଆଖପାଖ ପତିତ ଜମିରେ ଥିବା ଔଷଧୀୟ ବନସ୍ପତିକୁ ଚିହ୍ନଟ ଓ ସଂରକ୍ଷଣ କରିବା ନିମନ୍ତେ ଗ୍ରାମୀଣ ବୈଦ୍ୟ ଓ ସାଧାରଣ ଜନତାଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଏହାସହିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରିବେଶ ସଂରକ୍ଷଣ, ଜୈବବିବିଧତା ସଂରକ୍ଷଣ ଓ ପାରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ପିଲାଟିଦିନରୁ ପରିଚିତ କରାଇବା ପାଇଁ ପ୍ରଚେଷ୍ଟା ହେବା ଉଚିତ। କାରଣ ଛାତ୍ରମାନେ ହିଁ କଞ୍ଚାମାଟି ସଦୃଶ। କଞ୍ଚାମାଟିକୁ କୁମ୍ଭାର ଯେମିତି ଚାହିଁବେ, ସେମିତି ଆକାରରେ ଗଢ଼ି ପାରିବ। ୨୦୦୧ ମସିହାରେ ଭାରତ ସରକାରଙ୍କର ପରିବେଶ ଓ ବନ ମନ୍ତ୍ରାଳୟ ତରଫରୁ ବିଭିନ୍ନ ରାଜ୍ୟର ବନ ବିଭାଗ ମନ୍ତ୍ରୀ, ଶାସନ ସଚିବ ଓ ବିଭାଗୀୟ ମୁଖ୍ୟମାନଙ୍କର ଏକ ସମ୍ମିଳନୀ ତାମିଲନାଡୁର କୋଏମ୍ବାଟୁରଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରତ୍ୟେକ ରାଜ୍ୟର ବିଦ୍ୟାଳୟମାନଙ୍କର 'ଇକୋ କ୍ଲବ୍' ଗଠନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ପ୍ରତି ଆମ ରାଜ୍ୟରେ ବିଦ୍ୟାଳୟମାନଙ୍କରେ ୧୪ ହଜାରରୁ ଅଧିକ 'ଇକୋ କ୍ଲବ୍' ଗଠନ ହୋଇସାରିଛି। ଇକୋ କ୍ଲବ୍‌ର ଛାତ୍ର ଛାତ୍ରୀମାନଙ୍କୁ ସ୍କୁଲ ହତାରେ, ନିଜ ନିଜ ଘର ବାଡ଼ିରେ ଓ ପାଖ ପଡ଼ିଶାଙ୍କ ଘର ବାଡ଼ିରେ ଔଷଧୀୟ ଗଛ ଲଗାଇବା ସହିତ ତାହାର ସଂରକ୍ଷଣ ନିମନ୍ତେ ପ୍ରୋତ୍ସାହନ ଦିଆଯାଉଛି। ଗଛର ଔଷଧୀୟ ଗୁଣ ଓ ଉପକାରିତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଉଛି।

୨୦୦୭ ମସିହାରେ ଏ ଲେଖକ ରାଜ୍ୟ ପରିବେଶ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଥିବା ଅବସରରେ ସୁନାବେଡ଼ା ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଗଠିତ 'ଇକୋ କ୍ଲବ୍' ପରିଦର୍ଶନ କରିବାର ସୁଯୋଗ ପାଇଥିଲା। ସ୍କୁଲ ପରିସରର ପ୍ରବେଶ ଦ୍ୱାର ନିକଟରେ 'ପୋଦିନା ଗୁଳ୍ମ'ର ଏକ ବିରାଟ ଫଟୋ ମୋର ଦୃଷ୍ଟି ଆକର୍ଷଣ କରିଥିଲା। ପାଖରେ କୁଣ୍ଡରେ ଜୀବନ୍ତ ପୋଦିନା ଗଛଟିଏ ଲଗାଯାଇଥିଲା। ତଳେ ବଡ଼ ବଡ଼ ଅକ୍ଷରରେ ଶିରୋନାମା ଲେଖାଯାଇଥିଲା - 'ଚଳିତ ମାସର ଔଷଧୀୟ ବନସ୍ପତି'। ସେହି ଗଛ ଉପରେ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ମାସ ଶେଷରେ ବନବିଭାଗ ତରଫରୁ ନିଜ ଘରବାଡ଼ିରେ ଲଗାଇବା ପାଇଁ ମାଗଣାରେ ପୋଦିନା ଗଛର ଚାରାଟିଏ ଦିଆଯାଉଥିଲା। ପାରମ୍ପରିକ ଔଷଧର ଚାହିଦା ବଢ଼ିବା ସହିତ ଔଷଧୀୟ ବନସ୍ପତିର ଚାରାରୋପଣ ଓ ସଂରକ୍ଷଣ ପାଇଁ ସ୍କୁଲ ପିଲାମାନଙ୍କୁ ଓ ସେମାନଙ୍କ ଜରିଆରେ ଅଭିଭାବକମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏହା ଥିଲା ଏକ ଅଭିନବ ପ୍ରୟାସ। ଏହି ଅଭିନବ ଓ ଅଭିନନ୍ଦନୀୟ ଉଦ୍ୟମର ବ୍ୟାପକ ପ୍ରଚାର ପ୍ରସାର ହୋଇପାରିଲେ ହଜି ଯାଉଥିବା ବନସ୍ପତିର ସଂରକ୍ଷଣ ହୋଇପାରିବ। ଆଗାମୀ ଦିନରେ ପତୋନ୍ମୁଖୀ ପ୍ରକୃତି ଓ ପରିବେଶକୁ ପୁନରୁଦ୍ଧାର କରି ଚିରସବୁଜ ସୁନ୍ଦର କରିବାରେ ଏହି ଉଦ୍ୟମର ପ୍ରମୁଖ ଅବଦାନ ରହିବ।

# ବୋଉ ମାଆ ଜନନୀ ...



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

ପୁଅ ତା' ଜନ୍ମ ଦିନରେ ଜିଦି ଧରିଲା, ସାଙ୍ଗମାନଙ୍କୁ ହୋଟେଲ ନେଇ ଖୁଆଇବା ପାଇଁ। - 'ମୋର ସବୁ ସାଙ୍ଗ ତାଙ୍କ ଜନ୍ମ ଦିନ ହୋଟେଲରେ ପାଳନ କରନ୍ତି ମାଆ! ଖାଲି ତୁମେ ଛାଡୁନ ମତେ...।' ଉତ୍ତର ଦେଲି, 'ମାଆ ବଞ୍ଚିଥିବା ଯାଏଁ ଛୁଆର ଜନ୍ମ ଦିନରେ ଛୁଆଠାରୁ ବେଶି ମାଆ ହିଁ ଖୁସି ହୁଏ। ଅନ୍ୟ କେଉଁଦିନ ତୁ ସେମାନଙ୍କୁ ଖୁଆଇବାକୁ ଚାହୁଁଛୁ ଯଦି ଖୁଆ, କିନ୍ତୁ ତୋ ଜନ୍ମଦିନ ପାଳନ କରିବା ମୋର ଅଧିକାର। ତୁ ତୋ ସାଙ୍ଗସାଥୀଙ୍କୁ ଡାକୁନୁ। ମୁଁ ଘରେ ରାନ୍ଧି ଦେବି।' ତା' ପାଖରେ ଆଉ କିଛି ଉତ୍ତର ନଥିଲା। ଅଗତ୍ୟା ବାଧ୍ୟ ହୋଇ ସେ ତା'ର କିଛି ସାଙ୍ଗଙ୍କୁ ଡାକିଲା ଘରକୁ। ପିଲାମାନେ ଖାଇଲା ବେଳେ 'ବଢ଼ିଆ ହେଇଛି ଆଣ୍ଟି' କହି କହି ଖାଉଥା'ନ୍ତି। ମୁଁ ରୋଷେଇ ଘରୁ ନେଇ ସେମାନଙ୍କୁ ଦେଲା ବେଳେ ପୁଅ ଆସି ମୋ କାନରେ ଫିସ୍ ଫିସ୍ କରି କହିଲା, 'ମାଆ ଖାଇବା ବଢ଼ିଆ ହେଇଛି। ରାତି କୁ ମୋ ପାଇଁ ଟିକେ ତରକାରୀ ରଖି ଦେବ। ମୁଁ କହିଲି, 'ରହ ବାବା, ଆଗେ ସମସ୍ତେ ଖାଇ ସାରନ୍ତୁ।' କିନ୍ତୁ ରାତିକୁ ଆଉ ତରକାରୀ ରହିଲା ନାହିଁ। ପିଲାମାନେ ସବୁ ଖାଇ ଦେଲେ। ରାତିରେ ପୁଅ ମତେ ରାଗିଲା କହିଲା, 'ତମେ ମୋ ଠାରୁ ଅଧିକ ସେମାନଙ୍କୁ ଦେଉଥିଲ କେମିତି? ତୁମେ କ'ଣ ମୋ ଠୁ ବେଶି ସେମାନଙ୍କୁ ଭଲ ପାଅ?' ପୁଅର କଥା ଶୁଣି ମୁଁ ଚମକି ପଡ଼ିଲି। ଦିନେ ଏଇ ସମାନ୍ କଥା ମୁଁ ପଚାରି ଥିଲି ମୋ ବୋଉକୁ। ତେବେ ବୋଉ ଯେଉଁ ଉତ୍ତର ଦେଇଥିଲା ସେଇ ଉତ୍ତର ଦେବା ପାଇଁ ହେଲି ବାଧ୍ୟ - 'ନା ବାବା, ତତେ ତ ମୁଁ ଖୁବ୍ ବେଶି ଭଲ ପାଏ, କିନ୍ତୁ ତୋ ପାଇଁ ତ କାଲି ମୁଁ ପୁଣି ରାନ୍ଧି ପାରିବି। ହେଲେ ସେମାନେ କ'ଣ ସବୁଦିନେ ଆସିବେ ଆମ ଘରକୁ?' ଏହା କହି ପୁଅକୁ ବିଦା କରି ଫେରି ଯାଇଥିଲି ମୋ ଶୈଶବକୁ...।

ସେତେବେଳେ ଆମେ ରହୁ ଥାଉ ଢେଙ୍କାନାଳର ନୂଆ ଶାସନରେ। ବୋଉ ମତେ ବାହାରକୁ ବେଶି ଛାଡ଼େ ନାହିଁ। କହେ, 'ତୋର୍ କାନ୍ଧ ଦୁର୍ବଳ, ବାହାରକୁ ଗଲେ ଡରୁଛୁ, ତତେ ନଜର ଲାଗୁଛି, ତୁ ଏଇ ଗେଟ୍ ଭିତରେ ଠିଆ ହୋଇ ଦେଖ, ପିଲାମାନେ କେମିତି ଖେଳୁଛନ୍ତି।' ତେଣୁ ମୁଁ ଆମ ଜାଫ୍ରି ଗେଟ୍‌ର ଫାଙ୍କ ଦେଇ ବାହାରକୁ ଅନେଇ ଥାଏ। ଯଦି କେବେ ବୋଉ କଥା ଅମାନ୍ୟ ହୋଇ ଖେଳିବାକୁ ଯାଇଚି, ତେବେ ପଡ଼ି ଖଣ୍ଡିଆ ଖାବରା ହୋଇ ଆସିବାଟା ଥୟ। ଫେରିଲା ପରେ ବୋଉ ଗୋଡ଼ ହାତ ଧୋଇ ଦେଉ ଦେଉ କହିବ, 'କେମିତି ଚଳିବ ଏ ବୋକୀଟା କୋଉଠି?' ତେଣୁ ସାଙ୍ଗସାଥୀ ମିଶି ଭୋଜି କରିବା କଥା ଉଠିଲେ ମୁଁ ଆଗେ ମନା କରିଦିଏ, ଘରେ ଛାଡ଼ିବେ ନାହିଁ କହି।



ମନା ସିନା କରି ଦିଏ, କିନ୍ତୁ ମନରୁ ପୋଛିପାରେ କି କଥା ଟା! ଆସି ବୋଉ ଉପରେ ଗର ଗର ହୁଏ। ବୋଉ କହେ, 'ଏଇ ଗୋଟେ କଥା? ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଇଚ୍ଛା ଯଦି ଡାକୁନୁ ତୋ ସାଙ୍ଗମାନଙ୍କୁ। ମୁଁ ରାନ୍ଧି ଦେବିନି।' ନାହିଁ ମାମୁଠାରୁ କଣା ମାମୁ ଭଲ ରୀତିରେ ଆଠ ଦଶ ଜଣ ସାଙ୍ଗ ଏକାଠି ହୋଇ ଆମ ବାଡ଼ି ପଟେ ବୋଉ ରାନ୍ଧି ଥିବା ଭୋଜି ଖାଉ। ଭାତ ଅଣ୍ଡା ତରକାରୀ, ଟମାଟୋ ଖଟା ଆଉ ପାମ୍ପଡ଼। ଏତିକି ଆମକୁ ଭୂରିଭୋଜନ ପରି ମନେ ହୁଏ। ବୋଉ ତ ଆଇଁଷ ଖାଏନା। ଆଇଁଷ ପାଇଁ ବାସନ ଆଉ ଚୁଲି ବି ତା'ର ଅଲଗା। ରାନ୍ଧି ସାରି ଗାଧୋଇବ। ତେଣୁ ସବୁବେଳେ ଲିପା ପୋଛା ହୋଇଥିବା ବାଡ଼ି ପଟେ କଦଳୀ ପତ୍ରରେ ଆମକୁ ଖାଇବାକୁ ହୁଏ। ଦିନେ ଏମିତି ମୁଁ କହିଥିଲି, 'ବୋଉ ତୁ ମୋଠାରୁ ମୋ ସାଙ୍ଗମାନଙ୍କୁ ବେଶି ଭଲ ପାଉ ନା?'... ଆଜି ଏତେ ଦିନ ପରେ କଥାଟିର ପୁନରାବୃତ୍ତି ଘଟିଥିଲା।

ସତରେ ବୋଉ କେବେ ପାତରଅନ୍ତର କରିପାରେନା। ତା' ବୋଉପଣିଆ ତା'କୁ ନିରପେକ୍ଷ ରହିବାକୁ ବାଧ୍ୟ କରେ। ଦିନେ ଯେଉଁସବୁ କଥା ପାଇଁ ମୁଁ ବିରକ୍ତ ହେଉଥିଲି ମୋ ବୋଉକୁ, ଆଜି ସେଇ ସମାନ୍ କଥା ପାଇଁ ପିଲାଏ ମତେ ହେଉଛନ୍ତି ବିରକ୍ତ। କିନ୍ତୁ ଆଜି ମୁଁ ବୋଉର ମାନସିକତା ବୁଝିପାରୁଛି ନିଜେ ବୋଉଟିଏ ହେଲା ପରେ କେବଳ ଜନ୍ମ କରିଦେଲେ କେହି ବୋଉ ହୋଇଯାଏନି। ବୋଉଟିଏ ହେବା ପାଇଁ ଦରକାର ଯେଉଁ ବିଶାଳ ହୃଦୟ, ଯେଉଁ ସହନଶୀଳତା, ଯେଉଁ ଉଦାରତା, ତା' କ'ଣ ପାଇବା ସହଜ!

ବୋଉ ନଥିଲେ ଭିକାରୀମାନଙ୍କୁ ଘର ଆଗରେ ଦୀର୍ଘସମୟ ଅପେକ୍ଷା କରିବାର ଦେଖିଛି, ଆମ ହାତର ଭିକକୁ ଉପେକ୍ଷା କରି। ଆଉ ବୋଉ ଥିଲେ ସେମାନଙ୍କ ଖୁସି କାହିଁରେ କେତେ! ସାଇପଡ଼ିଶାରେ ଆସିଥିବା କୁଣିଆମଇତ୍ର ତାଙ୍କ ଘରେ କମ୍ ସମୟ ରହି ମୋ ବୋଉ ପାଖରେ ବସି ଚା' ଜଳଖିଆ ଖାଉଥିବାର ଦେଖିଛି। ଆମେ ଭାଇଭଉଣୀ ହସାହସି ବି ହେଉ ସେ କଥାକୁ ନେଇ। ବୋଉ ଗାଳି ଦିଏ - 'ଅତିଥି ପା ଦେବତା!' ମଣିଷ ତ ମଣିଷ, ଗାଈଗୋରୁ, କୁକୁର, ବିଲେଇ, ଏପରିକି ଚଢ଼େଇମାନଙ୍କୁ ବି ଅପେକ୍ଷା କରିଥିବାର୍ ଦେଖିଛି। ବୋଉ ମନ ଚିହ୍ନେ। ବୋଉ ପାଖରୁ କେହି ଖାଲି ହାତରେ, ଖାଲି ପେଟରେ ଫେରିଯିବାର ଦେଖିନି। ସତେଯେମିତି ସେ ଏକା ଆମ ବୋଉ ନୁହେଁ, ସଂସାର ଗୋଟାକର ବୋଉ। ଅନ୍ୟକୁ ଖୁଆଇ ନିଜ ପେଟ ପୂରି ଥିବାର ଅନୁଭବ କେବଳ ସେ ହିଁ କରି ପାରେ...।

ଏଇ ନିକଟରେ ଦେଖିଥିଲି ଭିଡିଓଟିଏ। ପୁଅଟିଏ ବୁଢ଼ୀ ମାଆକୁ କାଠଫାଳିଆ ଧରି ରାସ୍ତାରେ ଗଡ଼େଇ ଗଡ଼େଇ ପିଟି ଚାଲିଥାଏ। କେହି ଜଣେ ତା'ର ଭିଡିଓ କରି ଭାଇରାଲ୍ କରିଦେଲା। ପୁଲିସ ଆସି ପହଞ୍ଚିଲା ବୁଢ଼ୀ ପାଖରେ। ଆଉ କ'ଣ ହୋଇଛି ବୋଲି ବୁଝିବାକୁ ଚାହିଁଲା। କିନ୍ତୁ ବୋଉ ତ ବୋଉ। ଯେତେ ଦୋଷ କରିଥିଲେ ବି ସେ କ'ଣ ତା' ପୁଅ ଦଣ୍ଡ ପାଉ ବୋଲି କେବେ ଇଚ୍ଛା କରିବ? ବାସ୍ ପୁଲିସ ଅନ୍ୟ ଉପାୟ ନ ପାଇ ଫେରିଗଲେ। ତା' ପରେ ସେ ପୁଅଟି ତା'କୁ ଆଉ ନିର୍ଯାତନା ଦେଲା କି ନାହିଁ ସେ ଖବର ଆମ ପାଖରେ ନାହିଁ। କିନ୍ତୁ ସତ ହେଉଛି ଯେ, 'ପିତୃ ଦେବୋ ଭବ, ମାତୃ ଦେବୋ ଭବ...' ପ୍ରାତଃକାଳରେ ଉଚ୍ଚାରଣ କରୁଥିବା ଏ ଦେଶରେ ଅସଂଖ୍ୟ ପିତାମାତା ଆଜି ନିର୍ଯାତିତ, ନିଷ୍ପେଷିତ, ନିଃସଙ୍ଗ ଓ ଅସହାୟ। ସେମାନଙ୍କର ଏକମାତ୍ର ଭୁଲ ହେଉଛି ସେମାନେ ଆମ ପରି କିଛି କୁଳାଙ୍ଗାରଙ୍କୁ ଜନ୍ମ ଦେଇଛନ୍ତି। କିଏ ବୃଦ୍ଧାଶ୍ରମରେ, କିଏ ବା ତୀର୍ଥ ଆଳରେ ବୃନ୍ଦାବନରେ, କିଏ ପୁଣି ରାସ୍ତା କଡ଼ରେ ନିଜ ଅନ୍ତିମ ଦିନକୁ କରିଛି ଅପେକ୍ଷା। ବୋଲ ମାନୁନଥିବା ଶରୀରକୁ ଧରି, ଭୋକ ଉପାସରେ, ବାର୍ଦ୍ଧକ୍ୟ ପରି ସରୁ ନ ଥିବା ରୋଗରେ, ଯା' ତା' ହାତ ଟେକାକୁ ଚାହିଁଚି ଲୁହ ଶୁଖୁ ନଥିବା ଆଖି ନେଇ। ଆଉ ଅନେକ ପୁଣି ଅଜାଗା ଘାଆକୁ ଦେଖେଇ ନ ପାରି ଲୁଚେଇ ଲୁଚେଇ ଝରାଉଛନ୍ତି ଲୁହ ନିଜ ନିଜର ଘରକୋଣରେ।

ଈଶ୍ୱର ନିଶ୍ଚେ ଦିନେ ବୋଉ ପଣିଆରେ ବତୁରି ଯାଇ ଏ ସୃଷ୍ଟି ତିଆରି ଥିଲେ। ଆଉ ପ୍ରାଣୀଟିଏ ଈଶ୍ୱରଙ୍କ ଭାବରେ ଭିଜିଗଲା ପରେ ହିଁ ବୋଉ ସାଜି ପାରେ। କୁହାଯାଏ, ପିତାମାତାଙ୍କ ଋଣ କାଳେ ସନ୍ତାନ ଶୁଝି ପାରେନି। ଋଣ ଶୁଝିବା ତ ଖୁବ୍ ଦୂରର କଥା, ଆମଠାରୁ ସାମାନ୍ୟ ଟିକେ ସହାନୁଭୂତି ଛଡ଼ା ସେମାନେ ଆଉ ଅଧିକ କିଛି ଆଶା କରନ୍ତି କି? 'ବୋଉ ତୁ କେମିତି ଅଛୁ? ବାପା ତୁମେ ଭଲ ଅଛ ନା? କିଛି ଦରକାର ହେଲେ ମତେ କହିବ।' ଏତିକି କଥା କହିବାକୁ କ'ଣ ପଇସା ପଡ଼େ! ନା, ବରଂ ଏ କଥା ଶୁଣି ମଣିଷ ରୂପ ନେଇଥିବା ଦେବତାଙ୍କ ହୃଦୟରୁ ଆମ ପାଇଁ ଝରିପଡ଼େ ଅସରନ୍ତି ଆଶିଷର ଧାରା। କେବଳ ଦେବାକୁ ପଣ କରିଥିବା ଏଇ ବାପାବୋଉ ନାମକ ପ୍ରାଣୀ ଦୁଇଟି କେବଳ ଦେବାରେ ହିଁ ବିଶ୍ୱାସ କରନ୍ତି। ନିଜ ଧନ, ଜୀବନ, ଯୌବନ, ସୁଖ ଏପରିକି ନିଜର ଆୟୁଷ ବି। ଆସନ୍ତୁ ଆଜି ତାଙ୍କୁ ଆମେ ଦେବା ସୁଖଦ ଅନୁଭୂତି ଟିକେ। କହିବା ଭଲ କଥା ପଦେ। ଦେବା ସାମାନ୍ୟ ଟିକେ ଆଶ୍ୱସନା। ଅଳ୍ପ ଟିକେ ଆଶା। ତାଙ୍କ ମନରେ ଜଗାଇ ଦେବା ଏଇ ବିଶ୍ୱାସ ଯେ ସେମାନେ ଆମ ପରି ସନ୍ତାନ ଜନ୍ମ କରି କିଛି ଭୁଲ କରି ନାହାନ୍ତି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ମାର୍ଚ୍ଚ ପର୍ଯ୍ୟନ୍ତ ଆଇଏମ୍‌ଡିର ପାଣିପାଗ ଆକଳନ

# ଜାନୁଆରୀରେ ଶୀତ ନାହିଁ

- ୪ ମାସ ବର୍ଷାର ପରିମାଣ ଅଧିକ
- ୩ ଦିନ ଯାଏଁ ଘନ କୁହୁଡ଼ି ଚେତାବନୀ

**ଭୁବନେଶ୍ୱର,୧।୧(ସମିସ):** ଚଳିତ ଜାନୁଆରୀରେ ବିଶେଷ ଶୀତ ଅନୁଭୂତ ହେବ ନାହିଁ। ମାସସାରା ରାଜ୍ୟରେ ତାପମାତ୍ରା ସ୍ୱାଭାବିକ୍‌ଠାରୁ ଅଧିକ ରହିବ। ତେଣୁ ରାତି ବେଳା ବିଶେଷ ଶୀତ ଅନୁଭୂତ ହେବ ନାହିଁ। ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ପାଣିପାଗର ସ୍ଥିତି ଆକଳନ କରି ଭାରତୀୟ ପାଣିପାଗ ବିଭାଗ ( ଆଇଏମ୍‌ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି।

ଆଇଏମ୍‌ଡି କହିଛି ଯେ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ରାଜ୍ୟରେ ବିଭିନ୍ନ ସମୟରେ ବର୍ଷା ହେବ। କିଛି ସ୍ଥାନରେ ବର୍ଷାର ପ୍ରକୋପ ସ୍ୱାଭାବିକଠାରୁ ଅଧିକ ରହିବ। ଏଭଳି କାରଣ ଯୋଗୁଁ ରାଜ୍ୟକୁ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ଅଧିକ ରହିବ ଏବଂ ଶୀତ ବେଶି ଅନୁଭୂତ ହେବ ନାହିଁ।

ଅନ୍ୟପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ, ଆସନ୍ତା ୪ ଓ ୫ତାରିଖରେ କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦ୍ର କହିଛି ଯେ ଆଗାମୀ ୩ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ୪ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୫ରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ବର୍ତ୍ତମାନ ରାଜ୍ୟରେ ବିଶେଷ ଶୀତ ଅନୁଭୂତ ହେଉ ନଥିବା ବେଳେ ଅନେକ ସ୍ଥାନରେ ଘନ କୁହୁଡ଼ି ଜାରି ରହିଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଜାରି ରହିବ। ୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସୋନପୁର, କୋରାପୁଟ, ବଲାଙ୍ଗିର, ବୌଦ୍ଧ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, କଟକ ଓ ଜଗତସିଂହପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ୨ ତାରିଖ ରାତିରୁ ୩ ତାରିଖ ସକାଳ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ୪ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହି ସମୟରେ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୨-୩ ଡିଗ୍ରୀ ଅଧିକ ରହିବ।

## ଦୁର୍ଘଟଣାରେ ଦୁଇ ଭାଇ ମୃତ

**ଭେଡେନ୍, ୧।୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ୍ ଥାନା ଅନ୍ତର୍ଗତ ରକ୍ଷୁଡ଼ା ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ସିଆଳଖଣ୍ଡହତା ଗ୍ରାମର ଦୁଇ ଭାଇ ଜଗନ୍ନାଥ ବାଗ (୨୭), ପୀତବାସ ବାଗ(୧୭)। ଏହି ଦୁର୍ଘଟଣାରେ ତାଙ୍କର ଜଣେ ସାଙ୍ଗ ମାନସ ଭୁଷାଗର (୨୩) ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ୩ଜଣ ଯାକ ବୁର୍ଲା ଅଞ୍ଚଳରେ ରହି କାମ କରନ୍ତି। ନବବର୍ଷ ପାଳନ ପାଇଁ ସେମାନେ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ରକ୍ଷୁଡା ଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁଇ ଭାଇଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ଗୁରୁତର ମାନସଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ଏ ସଂପର୍କରେ ରକ୍ଷୁଡ଼ା ଫାଣ୍ଡି ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## 'ସମାଜ' ରିଲିଫ୍ କମିଟି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ଡ. ପ୍ରଭାସ ଆଚାର୍ଯ୍ୟ



**କଟକ,୧।୧ (ସମିସ):** 'ସମାଜ' ରିଲିଫ୍ କମିଟିର ଅଧ୍ୟକ୍ଷ ଭାବେ ସୋମବାର ଅପରାହ୍ଣରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଣ୍ଡଳର ଓଡ଼ିଶା ଶାଖା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି ଅନୁସାରେ ରିଲିଫ୍ କମିଟିକୁ ପୁନର୍ଗଠନ କରାଯାଇଛି। ନବଗଠିତ କମିଟିରେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା ସଂପାଦକ ରହିଛନ୍ତି। ଡା. ଶିଶୁଶଙ୍କର ମିଶ୍ର, ଭବାନୀ ପ୍ରସାଦ ମିଶ୍ର, ମହେଶ ମଲ୍ଲ ଓ ପଲ୍ଲବ ଦାଶ ରହିଥିବା ବେଳେ 'ସମାଜ'ର ମୁଖ୍ୟ ପରିଚାଳକ ଶିବରାମ ମିଶ୍ର, 'ସମାଜ' ସଂପାଦକ ଡା. ପ୍ରମୋଦ କୁମାର ମହାପାତ୍ର ଓ ଲୋକନାଥ ରାଉତ କମିଟିକୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ ପରେ ଡ. ଆଚାର୍ଯ୍ୟ କହିଛନ୍ତି 'ସମାଜ' ରିଲିଫ୍ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଚେଷ୍ଟା ଜାରି ରହିବ ଓ ସେବା ପରିସରକୁ ବ୍ୟାପକ ଓ ବହୁମୁଖୀ କରାଯିବ।

## ଅବଶିଷ୍ଟାଂଶ...

### ନୂଆବର୍ଷରେ ରଥଯାତ୍ରା..

ଚାରିପଟେ ଘନ ସବୁଜ ଉଦ୍ୟାନର ଭ୍ରମ ସୃଷ୍ଟି କରିଛି। ଶ୍ରୀ ପାଣ୍ଡିଆନ ନିୟମିତ ବ୍ୟବଧାନରେ ପୁରୀରେ ଏହି କାର୍ଯ୍ୟଗୁଡ଼ିକୁ ବ୍ୟକ୍ତିଗତ ଭାବରେ ଅନୁଧ୍ୟାନ କରି ଏହାର କାର୍ଯ୍ୟାନ୍ୱୟନ କରୁଛନ୍ତି। ଅନୁରୂପ ଭାବରେ ପୁରୀ ଜନସାଧାରଣ, ଛୋଟ ବ୍ୟବସାୟୀ, ସେବାୟତମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ପାଣ୍ଡିଆନ। ଯେଉଁଥିପାଇଁ ପୁରୀକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ପୂର୍ବରୁ ନୂଆ ବର୍ଷରେ ପୁରୀକୁ ଲକ୍ଷେରୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ହେଉଥିବାବେଳେ ଚଳିତ ବର୍ଷ ଏହା ୩ରୁ ୪ଗୁଣ ବୃଦ୍ଧି ପାଇ ୫ ଲକ୍ଷ ଅତିକ୍ରମ କରିଛି। ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ଲାଭ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋଭନୀୟ ଶୋଭା ଭକ୍ତଙ୍କୁ ଆନନ୍ଦ ପ୍ରଦାନ କରୁଛି।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ମାର୍କେଟ ଛକଠାରୁ ଶ୍ରୀମନ୍ଦିର କର୍ଯ୍ୟାଳୟ ପର୍ଯ୍ୟନ୍ତ ଶେଡ୍ କରାଯାଇଥିଲା। ଏଥର ସମସ୍ତଙ୍କ ପାଇଁ ଆକର୍ଷଣ ଥିଲା ଶୀତତାପ ନିୟନ୍ତ୍ରିତ ଚଲାପଥ। ମରିଚିକୋଟ୍ ଛକଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ରହିଥିଲା ଏସି ଶେଡ୍। ଏଥିରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସବୁପ୍ରକାର ବ୍ୟବସ୍ଥା ହୋଇଥିଲା। ଭକ୍ତଙ୍କ ପାଇଁ ବସିବା, ପାନୀୟ ଜଳ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯାଇଥିଲା। ତେବେ ରାତି ୧ଟାରୁ ୨ଟା ମଧ୍ୟରେ ଦ୍ୱାରଫିଟିବା ଲାଗି ସମୟ ଧାର୍ଯ୍ୟ ହୋଇଥିବା ବେଳେ ଦର୍ଶନ ପାଇଁ ରବିବାର ରାତି ପ୍ରାୟ ୧୨ଟା ପୂର୍ବରୁ ଭକ୍ତମାନେ ଆସି ଧାଡିରେ ଠିଆ ହୋଇଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ପୁଲିସ ଦଫା ଦଫା କରି ଭକ୍ତଙ୍କୁ ଭିତରକୁ ଛାଡୁଥିଲା। ପ୍ରଚଣ୍ଡ ଭିଡ଼ ସତ୍ତ୍ୱେ ଭକ୍ତମାନଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ଶିଶୁଙ୍କୁ ଆଣି ଆସିଥିବା ମହିଳାଙ୍କ ପାଇଁ ବ୍ୟାରିକେଡରେ ସ୍ୱତନ୍ତ୍ର ଧାଡି ଥିବା ବେଳେ ସେମାନଙ୍କ ଦର୍ଶନ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ୯୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

### 'ମେଟ୍ରୋ' ମାରାଥନ୍...

ଓଡ଼ିଶାରେ ଏହି ମେଟ୍ରୋ ରେଳ ପ୍ରକଳ୍ପ ଆରମ୍ଭ କରିବା ସମ୍ପର୍କରେ ଘୋଷଣା କରିଥିଲେ। ଅକ୍ଟୋବର ୨୯ ରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ତ୍ରିଶୂଳିଆ ଯାଇ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ୨୦୨୩ ନଭେମ୍ବର ୧୪ ତାରିଖରେ ଏହି ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ମିଳିବା ପରେ ମାତ୍ର ୪ ମାସ ମଧ୍ୟରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ଆଜି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଓ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କହିଛନ୍ତି ଯେ ଟେମ୍ପଲ ସିଟି ଭୁବନେଶ୍ୱରରୁ ପୁରୁଣା ରାଜଧାନୀ କଟକକୁ ମେଟ୍ରୋ ରେଳ ଚଳାଚଳ ପାଇଁ ରାଜ୍ୟବାସୀଙ୍କର ବହୁ ପ୍ରତୀକ୍ଷିତ ସ୍ୱପ୍ନ ଥିଲା। ଆଜି ଏହି ପ୍ରକଳ୍ପ ମାଧ୍ୟମରେ ତାହା ପୂରଣ ହେଲା। ସହରୀକରଣ, ଗମନାଗମନ ସହିତ ଲୋକମାନଙ୍କୁ ଏହା ସବୁ କ୍ଷେତ୍ରରେ ସାହାଯ୍ୟ କରିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏହି ପ୍ରକଳ୍ପ କଟକ ଭୁବନେଶ୍ୱର ସହିତ ସମଗ୍ର ଓଡିଶାପାଇଁ ଗର୍ବ ଗୌରବର ପ୍ରତୀକ ହେବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ ଏହି ପ୍ରକଳ୍ପ ମାଧ୍ୟମରେ ଟ୍ରାଫିକ୍ ସମସ୍ୟା ଦୂରହୋଇ ଗମନାଗମନ କ୍ଷେତ୍ରରେ ଉନ୍ନତି ଆସିବ। ଏହାସହିତ ରୋଜଗାର ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇ ମେଟ୍ରୋ ପ୍ରକଳ୍ପ ଆମକୁ ଏକ ମଡର୍ଣ୍ଣ ଲୁକ୍ ଦେବ ।

କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କଟକ ସଦର ବିଧାୟକ ଚନ୍ଦ୍ରଶେଖର ସାରଥି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେଉଥିବା ଏହି ମେଟ୍ରୋ ପ୍ରକଳ୍ପ ପାଇଁ ଆଜିର ଦିନଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ନାଁ ଓଡିଶା ଇତିହାସରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ବୋଲି କହିଥିଲେ। ଦିଲ୍ଲୀ, ମୁମ୍ବାଇ ଚେନ୍ନାଇ ପରି ଓଡ଼ିଶାରେ ମଧ୍ୟ ମେଟ୍ରୋ ପ୍ରକଳ୍ପ ସ୍ୱପ୍ନ ଥିଲା। ଏହି ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ସାକାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ଓଡିଶାର କୌଣସି କ୍ଷେତ୍ରରେ ଅବହେଳିତ ହୋଇରହିନାହିଁ ବୋଲି ସେମାନେ କହିଥିଲେ। କଟକ ମେୟର ସୁବାସ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଏକ୍ସପୋ ସାଟ୍'ର...

କରିଛି। ସବୁଠାରୁ ତାତ୍ପର୍ଯ୍ୟର ବିଷୟ ହେଲା, ଏହି ଉପଗ୍ରହକୁ ଇସ୍ରୋର କେବଳ ମହିଳା ବୈଜ୍ଞାନିକ ଟିମ୍ ପ୍ରସ୍ତୁତ କରିଛନ୍ତି। ମହିଳା ବୈଜ୍ଞାନିକମାନଙ୍କ ଏହି ସଫଳତା ଇସ୍ରୋ ପାଇଁ ମାଇଲଖୁଣ୍ଟ ହୋଇଛି ବୋଲି 'ଏକ୍ସପୋ ସାଟ୍'ର ଉତ୍କ୍ଷେପଣ ପରେ ମିଶନ ନିର୍ଦ୍ଦେଶକ ଏମ ଜୟକୁମାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଇସ୍ରୋର ୬୦ତମ ମିଶନ ଭାବେ ସୋମବାର ସକାଳ ୯.୧୦ ମିନିଟ୍‌ରେ 'ଏକ୍ସପୋ ସାଟ୍'କୁ ସତୀଶ ଧାବନ କେନ୍ଦ୍ରରୁ ମହାକାଶକୁ ପ୍ରେରଣ କରାଯାଇଥିଲା। ପିଏସଏଲଭି-ସି୫୮ ରକେଟ୍ ଯୋଗେ ଏହି ଉପଗ୍ରହ ସହିତ ଅନ୍ୟ ୧୦ଟି ଉପଗ୍ରହକୁ ମହାକାଶ ପଠାଯାଇଥିଲା। ଉତ୍କ୍ଷେପଣର ୨୨ ମିନିଟ୍ ପରେ ଅର୍ଥାତ ସକାଳ ୯ଟା ୩୨ ମିନିଟ୍ ସୁଦ୍ଧା ପୃଥିବୀ ପୃଷ୍ଠରୁ ୬୫୦ କିମି ଦୂରରେ ୬ଟି ଉପଗ୍ରହକୁ ମହାକାଶରେ ଅବସ୍ଥାପିତ କରଯାଇଥିଲା। ଏହାପରେ 'ଏକ୍ସପୋ ସାଟ୍'କୁ ପୃଥିବୀ ପୃଷ୍ଠ ଠାରୁ ୩୫୦ କିମି ଉଚ୍ଚରେ ଅବସ୍ଥାପିତ କରିବାକୁ ଏହି ମିଶନରେ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଉପଗ୍ରହରେ ଦୁଇଟି ପ୍ରମୁଖ ବିଜ୍ଞାନ ସରଞ୍ଜାମ 'ପୋଲିକ୍ସ' ଏବଂ 'ଏକ୍ସଏସପେକ୍ଟ' ରହିଛି ଯାହାକି ବ୍ଲାକ୍‌ହୋଲ ସମ୍ପର୍କରେ ଅନୁଧ୍ୟାନ କରିବ।

### ୬ରୁ ପଞ୍ଜୀକରଣ...

ପାଇଛନ୍ତି ସେମାନଙ୍କର ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରିବାର ଆବଶ୍ୟକତା ରହିବ ନାହିଁ। ସେମାନେ ପାଉଥିବା ଚିକିତ୍ସା ସୁବିଧାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଜାତୀୟ ଖାଦ୍ୟ ନିରାପତ୍ତା ଅବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ କରି ସାମିଲ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବିଏସ୍‌କେୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ। ତେବେ ବିଏସ୍‌କେୱାଇ ନବୀନ କାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ଡାକ୍ତରଖାନାରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡିକର ଦେୟମୁକ୍ତ ଚିକିତ୍ସା ପାଇବେ। ହୃଦରୋଗୀ, କିଡ୍‌ନୀ ରୋଗୀ, ଲିଭର୍ ରୋଗୀ, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ ମାଂଶପେଶୀ ଏବଂ କର୍କଟ ରୋଗୀଙ୍କୁ ବିଏସ୍‌କେୱାଇ ନବୀନ କାର୍ଡରେ ଚିକିତ୍ସା ମିଳିବ। ନବୀନ କାର୍ଡ ହିତାଧିକାରୀମାନେ ଓଡ଼ିଶାରେ ଏବଂ ରାଜ୍ୟ ବାହାରେ ଥିବା ଘରୋଇ ସୁପରସ୍ପେଶାଲିଟି ଡାକ୍ତରଖାନାରେ ଦେୟମୁକ୍ତ ଚିକିତ୍ସା ପାଇବେ। ଏଥିରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବ୍ୟବସ୍ଥା ରହିଛି।

ବିଏସ୍‌କେୱାଇ ନବୀନ କାର୍ଡରେ ପଞ୍ଜୀକରଣ ନିମନ୍ତେ ଗ୍ରାମାଞ୍ଚଳରେ ବସବାସ କରିବା ଜରୁରୀ। ପରିବାରର କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦେଉନଥିବେ। କୌଣସି ସଦସ୍ୟ ନିୟମିତ ସରକାରୀ କର୍ମଚାରୀ କିମ୍ବା ଅବସରପ୍ରାପ୍ତ ପେନସନ୍‌ଭୋଗୀ ହୋଇ ନ ଥିବା ଜରୁରୀ। ନବୀନ କାର୍ଡ ପରିବାରର ମୁଖ୍ୟଙ୍କ ନାମରେ ପଞ୍ଜୀକରଣ ହେବ। ଗୋଟିଏ ପରିବାରର ୧୮ ବର୍ଷରୁ ଉଦ୍ଧ୍ୱର୍ ବ୍ୟକ୍ତି ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଆବେଦନ କରିପାରିବେ। ଦରଖାସ୍ତକାରୀଙ୍କ ଆଧାର ଭିତ୍ତିକ ଇ-କେୱାଇସି ବାଧ୍ୟତାମୂଳକ ହେବ। ସମସ୍ତ ସଦସ୍ୟଙ୍କ ଭୋଟ ପରିଚୟପତ୍ର ଥିବା ଜରୁରୀ। ୫ ବର୍ଷରୁ କମ୍ ପିଲାଙ୍କ ଆଧାର କାର୍ଡ ଥିବା ଜରୁରୀ। ଯଦି ଏହା ନଥାଏ ତା ହେଲେ ୩୦/୬/୨୦୨୪ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର କାର୍ଡ ଦାଖଲ କରିବା ପାଇଁ ଆବେଦନକାରୀ ପ୍ରତିଜ୍ଞା ପତ୍ର (ଅଣ୍ଡରଟେକିଂ) ଦେବେ। ଯୋଗ୍ୟ ବ୍ୟକ୍ତି ନବୀନ କାର୍ଡ ପାଇବା ପାଇଁ ୨ଟି ମାଧ୍ୟମରେ ଆବେଦନ କରିପାରିବେ। ହିତାଧିକାରୀ ସିଧାସଳଖ ବିଏସ୍‌କେୱାଇ ନବୀନ ୱେବ୍‌ସାଇଟ୍‌ରେ କିମ୍ବା ନିକଟସ୍ଥ ମୋ ସେବା କେନ୍ଦ୍ରରେ ବିନା ଦେୟରେ ପଞ୍ଜୀକରଣ କରିପାରିବେ। ସମସ୍ତ ଦରଖାସ୍ତ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରାଯିବ। କୌଣସି ପରିସ୍ଥିତିରେ ଅଫ୍ ଲାଇନ୍ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଗଞ୍ଜାମ ଜିଲ୍ଲା...

ହାର ୯୭.୩୩ ପ୍ରତିଶତ ଥିବା ବେଳେ କୋଦଳା ଥାନାର ହାର ୯୭.୩୦ ପ୍ରତିଶତ ଓ ଜଗନ୍ନାଥପ୍ରସାଦ ଥାନାର ହାର ୯୪.୪୪ ପ୍ରତିଶତ ଥିବା ଜଣାପଡ଼ିଛି। ସେହିଭଳି ଶ୍ରେଷ୍ଠ ଥାନା ଅଧିକାରୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ସର୍ବାଧିକ ୯୮.୦୯ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଥିବା ବେଳେ ବ୍ରହ୍ମପୁର ଟାଉନ୍ ଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ୯୭.୮୧ନମ୍ବର ରଖି ଦ୍ୱିତୀୟରେ ଓ ଆଠମଲ୍ଲିକ ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା ୯୨.୦୧ ପଏଣ୍ଟ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସାମଗ୍ରିକ ଭାବେ ଦେଖିଲେ ଗଞ୍ଜାମ ପୁଲିସ ଜିଲ୍ଲାର ସମସ୍ତ ଥାନାର ଅଧିକାରୀ, କର୍ମଚାରୀ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାର ଟାଉନ ଥାନା ଅଧିକାରୀ ଓ କର୍ମଚାରୀଙ୍କ ଉଲ୍ଲେଖନୀୟ ଦାୟିତ୍ୱ ସମ୍ପାଦନ ଯୋଗୁଁ ଏହି ସଫଳତା ମିଳିପାରିଛି। ସୂଚନାନୁସାରେ, ସିଟିଜେନ୍ ସର୍ଭିସ, ଅପରାଧ ନିୟନ୍ତ୍ରଣ, ଗୁରୁତର ଅପରାଧ ମାମଲାର କ୍ଲୋଜିଂ, ଅପମୃତ୍ୟୁ ମାମଲା, ପଡ଼ି ରହୁଥିବା ଅପମୃତ୍ୟୁ ମାମଲାର କ୍ଲୋଜିଂ, ଡାଟାବେସ୍ ଅପଲୋଡ୍, ଫଟୋ ଅପଲୋଡ୍, ଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଆଦିର ରେକର୍ଡ ସିସିଟିଏନ୍‌ଏସ୍‌ରେ ହୋଇଥାଏ।

## ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**ବାରିପଦା,୧।୧(ସମିସ):** ବାରିପଦା ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମର ରବି ସିଂ (୨୧)। ତେବେ ରବିଙ୍କ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଜେଲ୍ ଭିତରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ରବିଙ୍କ ପରିବାର ଓ ଗ୍ରାମବାସୀମାନେ ଜେଲ୍ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ରବିଙ୍କ ମୃତ୍ୟୁର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଉତ୍ତେଜନା ବଢ଼ିବାରୁ ଭଞ୍ଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ତରଫରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ମୃତଦେହ ତାଙ୍କ ଘରେ ପହଞ୍ଚାଇବା ନିମନ୍ତେ ସମସ୍ତ ଖର୍ଚ୍ଚ ପ୍ରଶାସନ ବହନ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା।

**ହତ୍ୟା ଅଭିଯୋଗ ଆଣି ପରିବାରଲୋକଙ୍କ ରାସ୍ତାରୋକ**

OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
O-2056
No. 4901
OFFICE ORDER
Date 30.12.2023
The tender for the work Construction of Day care sub-centre cum HWC Sub-centre at Bariabandha for the year 2023-24, invited vide this office Online Tender Bid Identification No. 11/MOHANA/2023-24 is hereby cancelled due to first time single tender.
Executive Engineer
RW Division, Mohana
OIPR-25148/11/0024/2324

OFFICE OF THE SPECIAL DEVELOPMENT COUNCIL, MAYURBHANJ
CAD-3525
E mail: - sdcmayurbhanj@gmail.com
No. 622 / SDC Dt. 30.12.2023
Expression of Interest
Sealed quotations in plain paper are invited from different event management for conducting district level cultural programme. The interested event management should submit tender paper by registered post/speed post/corrior. (The details can be had in the office of the Special Development Council, Mayurbhanj / district web site www.mayurbhanj.nic.in).
-sd-
PA, ITDA, Baripada-Cum-H.O.,
SDC, Mayurbhanj
OIPR-13243/11/0007/2324

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

C-2249
OFFICE OF THE MUNICIPAL COUNCIL, BALASORE.
BALASORE, (ODISHA), PIN-756003
Tel. No. 06782-251267(O), FAX No. 06782-251222
e-mail-balasoremunicipality @ rediffmail.com
Notification No.- 13761/Dt. 30.12.2023. The details can be download from official website of Balasore District, http://baleswar.nic.in
Executive Officer
Balasore Municipality
OIPR-13154/11/0051/2324

AFFIDAVIT
By virtue an affidavit sworn before the Notary public, Sinapali on dated -28-12-2023. I Ananta Harijan, Address-At-Kotamal, Po-Godal, Ps-Sinapali,Dist-Nuapada,Pin-766108 have changed my surname from Ananta Harijan to Ananta Nial. Henceforth, I shall be known as Ananta Nial for all purposes.

AFFIDAVIT
By virtue an affidavit sworn before the Notary public, Sinapali on dated -28-12-2023. I Bharat Harijan, Address-At-Kotamal, Po-Godal, Ps-Sinapali, Dist-Nuapada, Pin-766108 have changed my surname from Bharat Harijan to Bharat Nial. Henceforth, I shall be known as Bharat Nial for all purposes.

AFFIDAVIT
By virtue of an affidavit before the notary public, Bhubaneswar, Odisha, I Suman W/o-Manoj Kharb, R/o-Flat No 002, Tower 1, Z1 Appratment, Kalarahanga, Patia, PS-Chandrasekharpur, Bhubaneswar, Odisha-751024, declare by this affidavit No.68AA 892525 dtd - 30/12/2023 that now onwards I shall be known as Suman Kumari for all future purposes.

OFFICE OF THE JALESWAR MUNICIPALITY, JALESWAR
No. 6535
Date 30.12.2023
E-ProcurementNotice
BID Identification No.JM_10_2023_24
Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app
1. Name of the Work : Civil Const works as mentioned in DTCN
2. No. of works : 15
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 02-01-2024 to 09-01-2024
6. Last date and time for receipt : 09-01-2024 up to 5.30 pm
7. Bids received online shall be opened on : 10-01-2024 from 10.00 pm onwards
8. Name and address of the Officer Inviting Bid : Executive Officer, Jaleswar Municipality
Further details can be seen from the e-procurement portal i.e. https://tendersodisha.gov.in/nicgep/app
Executive Officer
Jaleswar Municipality
OIPR-13126/11/0021/2324 C-2252

O-2057
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
"e" Procurement Notice for Road & Building Works
Bid Identification No. Online Tender 14 of 2023-24
1. Name of the Work :- Roads & Building
2. Total No of Works :- 27 Nos
3. Estimated Cost :- Rs.5.04 lakh to 28.81 Lakhs
4. Class of Contractor :- "C" ,"D" & "B" Class
5. Period of Completion :- As per Annexure
6. Type of Tender :- Single Cover
7. Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Technical Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-14 of 2023-24 | 08.01.2024 At- 11.00 A.M | 18.01.24 At- 4.00 P.M | 18.01.24 At- 2.00 P.M | 19.01.24 At- 11.00 A.M |

Further details can be seen from the e-procurement portal "https://tendersorissa.gov.in"
Sd/-Er.Kanan Pradhan
Executive Engineer
R.W. Division, Bhadrak
OIPR-25060/11/0015/2324

OFFICE OF THE PRINCIPAL
PANCHAYAT COLLEGE, KANTAMAL
AT/P.O.- KANTAMAL, DIST. - BOUDH - 762017, ODISHA
WALK-IN-INTERVIEW
A Walk-in-interview for contractual engagement of one Data Entry Operator (DEO) will be held in the Principal's office on Dt. 09.01.2024 at 11.00 am. Interested candidates having minimum eligibility of Graduation from a recognized university with PGDCA should attend with their C.V., all original certificates, mark sheets and a set of Xerox copies of the same duly self attested by them on the scheduled date & time.
Sd/- Principal
Panchayat College, Kantamal

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
CAD-3528
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା- ୩୭୧
H-488/2004
ତା.୨୯.୧୨.୨୦୨୩
ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ୍ ଗୃହ ନଂ.ଏଲ୍‌ଆଇଜି-୨-୮ (LIG-2/8), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ (୧) ପ୍ରମିଳା ନାୟକ, ସ୍ୱାମୀ- ୰ ନାରାୟଣ ନାୟକ (୨) ସୁନିଲ କୁମାର ନାୟକ, ପିତା- ୰ ନାରାୟଣ ନାୟକ, ସା/ପୋ- କବିସୂର୍ଯ୍ୟନଗର, ଥାନା- ପୁରୁଷୋତ୍ତମପୁର, ଜିଲ୍ଲା- ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ପ୍ରମିଳା ନାୟକ, (୨) ସୁନିଲ କୁମାର ନାୟକ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୁନିତା ମହାରଣା, ସ୍ୱାମୀ- ଅଭିଜିତ ସ୍ୱାଇଁ, ସା- ଫ୍ଲାଟ୍ ନଂ.- ୯୭/୩୩୬୪, ପ୍ରଶାନ୍ତି ବିହାର, ପଟିଆ, ପୋ- କିଟ୍, ଥାନା- ଇନ୍‌ଫୋସିଟ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0572/2324

OFFICE OF THE PANCHAYAT SAMITI, CHANDBALI
i-566
At/po- Chandbali Dist- Bhadrak Pin-756133
e-mail: ori-chandbali@nic.in
INVITATION FOR BIDS (IFB)
BID IDENTIFICATION NO 6/2023-24 Dt – 30.12.2023

| Sl. No | Name of the Items | Approximate quantity | EMD | Cost of documents (In Rs.) |
|---|---|---|---|---|
| C-1 | C-2 | C-3 | C-4 | C-5 |
| 1 | Dual- Desk- cum Bench for schools(48"Lx35"Bx30"H) Specification attached at Annexure-1 | 368 | Rs. 83,000/- | Rs. 10,000/- |
| 2 | Dual- Desk- cum Bench for colleges (48"Lx35"Bx30"H) Specification attached at Annexure-2 | 689 | | |

5- Date & Time :10AM of 31.12.2023 to 1 PM of 06.01.2024
6- Last Date : Up to 1PM of 06.01.2024
7- Time of Opening : 3PM of 06.01.2024
8- Name and address : Block Development Officer, Chandbali , Bhadrak
Further details can be seen from the website potal https://bhadrak.nic.in/- . The interested bidders can contact office of the Block Development Officer, Chandbali, Dist- Bhadrak, Contact No- 6372685220
Block Development Officer
Chandbali
OIPR-19183/11/0006/2324

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
O-2052
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 49 RWSS/RRPUR- 2023-24 / Dated 30.12.2023
The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following work from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.
1. Nature of work :- (a) Execution of retrofitting PWS schemes to village Bhaliadal of Thakurmunda Block under RWS&S Division Rairangpur in the District of Mayurbhanj.
2. No. of packages :- 01 (One) no.
3. Period of Completion :- 04(Four) months
4. Cost of tender :- ₹10000.00
5. Estimated cost :- ₹20.34 lakhs
6. Cost of EMD :- ₹21000.00
7. Class of Contractor :- (As mentioned in Tender Call Notice)
8. Date and time of availability of bid documents in Portal: -from 10 hours of 06.01.2024 to 17.30 to hours of 22.01.2024
9. Receipt of bid cost, bid security, documents: - Online only
10. Date & time of opening of technical bid: - Dt. 24.01.2024 at 11.00 hours onwards.
11. Other Documents: - (As mentioned in DTCN)
12. The bidders have to participate in on-line bidding only. Further details can be seen from the website https://www.tendersodisha.gov.in.
13. Any addendum / Corrigendum / Cancellation of tender can also be seen in the said website.
Execotive Engineer
RWSS Division, Rairangpur
OIPR-25010/11/0015/2324

## ତୈଳ ବିଶୋଧନାଗାର ଫାଟକ ଆଗରେ ଶ୍ରମିକଙ୍କ ଧାରଣା




**ପାରାଦୀପ, ୧।୧ (ସମିସ) :** ତୈଳ ବିଶୋଧନାଗାର ଫାଟକ ଆଗରେ ଆଠ ଦଫା ଦାବି ନେଇ ଶ୍ରମିକମାନେ ଧାରଣାରେ ବସିଛନ୍ତି । ପାରାଦୀପ ତୈଳ ବିଶୋଧନାଗାର ଫାଟକ ଆଗରେ ଆଜି ନୂଆବର୍ଷ ରେ ସକାଳୁ ସକାଳୁ ଶ୍ରମିକ ମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା । ପେଟ୍ରୋଲିୟମ୍ ପ୍ରଡକ୍ଟସ୍ ହ୍ୟାଣ୍ଡେଲିଂ ଆଣ୍ଡ କ୍ୟାରିଅର୍ସ ଏମ୍ପ୍ଳୋଇଜ୍ ୟୁନିୟନ ପକ୍ଷରୁ ଶହଶହ ଶ୍ରମିକ ଆଜି ଏହି ଧାରଣା ରେ ସାମିଲ ହୋଇଛନ୍ତି ।ଦୀର୍ଘବର୍ଷ କାମ କଲାପରେ ଶ୍ରମିକ ମାନଙ୍କୁ ପଦୋନ୍ନତି ନଦେବା, ଶ୍ରମିକ ମାନଙ୍କୁ ବିନା କାରଣରେ ଛଟେଇ ବନ୍ଦ କରିବା ଓ ଛଟେଇ ହୋଇଥିବା ଶ୍ରମିକ ମାନଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା, କାର୍ଯ୍ୟ ରେ ଶ୍ରମିକ ମାନଙ୍କ ମୃତ୍ୟୁହେଲେ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ସହ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା, ଶ୍ରମିକ ମାନଙ୍କୁ ରହିବା ପାଇଁ ଜମି ପଟ୍ଟା ପ୍ରଦାନ କରିବା, ଅବସର ନେବାପରେ ଗ୍ରାଚୁଏଟ୍ ପ୍ରଦାନ କରିବା ପାଇଁ ଶ୍ରମିକମାନେ ଅଡି ବସିଛନ୍ତି । ଯେପର୍ଯ୍ୟନ୍ତ କମ୍ପାନୀ ମ୍ୟାନେଜମେଣ୍ଟ ଏସବୁ ଦାବି ପୂରଣ ନକରିଛି ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଶ୍ରମିକମାନେ କହିଛନ୍ତି ।ଖବର ଲେଖା ହେବା ବେଳକୁ ଧାରଣା ଚାଲିଥିଲା ।ତୈଳ ବିଶୋଧନାଗାର ର କୌଣସି କର୍ତ୍ତୃପକ୍ଷ ଧାରଣା ସ୍ଥଳକୁ ଆଲୋଚନା ପାଇଁ ଆସି ନ ଥିବା ଜଣାପଡ଼ିଛି ।

## ଆମ ପୁଲିସ ସମିତି କାର୍ଯ୍ୟକ୍ରମ



**ବାଲିକୁଦା,୧।୧(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତର ସିଦ୍ଧେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ବାଲିକୁଦା ପୁଲିସ ପକ୍ଷରୁ ଥାନା ଅଧିକାରୀ ସଲୀଳ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅନନ୍ତପୁର ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡେଇ,ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଳ,ସମାଜସେବୀ ଗଙ୍ଗାଧର ନାୟକ ଏ ଏସ ଆଇ ରଶ୍ମି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ଜନତା ଓ ପୁଲିସ ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ ରହିବା ଆବଶ୍ୟକ ।ପୁଲିସ କୁ କେହି ଭୟ ନକରି ସମସ୍ତ ସୂଚନା ପ୍ରଦାନ କରିବା ସହ ସହଯୋଗ କଲେ ଆଇନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସି ପାରିବା ସହ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ସମନ୍ୱୟ ରହିପାରିବ ।କାରଣ ପୁଲିସ ପ୍ରଥମେ ଜଣେ ସାଧାରଣ ମଣିଷ ଓ ସାଧାରଣ ନାଗରିକଙ୍କ ସାହାଯ୍ୟ କରିବା ପୁଲିସ ର ପ୍ରଥମ୍ କର୍ତ୍ତବ୍ୟ ବୋଲି ଥାନା ଅଧିକାରୀ ଉପସ୍ଥିତ ଜନସାଧାରଣ ମାନଙ୍କୁ ଅବଗତ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ସ୍ୱାଇଁ, ନିରଞ୍ଜନ ପଣ୍ଡା, ରମେଶ ପାତ୍ର, ଶରତ ଦାସ, ୱାର୍ଡ ସଭ୍ୟ ଉତ୍ତମ ସାହୁ, ପ୍ରଶାନ୍ତ ବେହେରା, କଲ୍ୟାଣୀ ସ୍ୱାଇଁ, ଲଳିତା ସ୍ୱାଇଁଙ୍କ ସମେତ ବହୁ ମହିଳା ଯୋଗ ଦେଇ ଆଗକୁ ପୁଲିସ ପ୍ରଶାସନକୁ ସମସ୍ତ ପ୍ରକାର ସହାୟତା କରିବା ପାଇଁ କହିଥିଲେ ।

## ନୂଆ ବର୍ଷରେ ମା'ଶାରଳାଙ୍କ ପୀଠରେ ପ୍ରବଳ ଜନଗହଳି



**ଜଗତସିଂହପୁର, ୧।୧(ସମିସ):** ବାଣୀକ୍ଷେତ୍ର ମା'ଶାରଳାଙ୍କ ପୀଠ ଝଙ୍କଡଠାରେ ପବିତ୍ର ନୂଆ ବର୍ଷର ପଥମ ଦିନରେ ଭକ୍ତଙ୍କ ପ୍ରବଳ ଜନଗହଳି ଲାଗିଥିବା ଦେଖିବାକୁ ମିଳିଛି । ନୂଆବର୍ଷରେ ମନ୍ଦିରରେ ସକାଳଠାରୁ ରାତି ପର୍ଯ୍ୟନ୍ତ ଭିଡ ଲାଗିବା ସହିତ ହଜାର ହଜାର ଭକ୍ତ ମା'ଙ୍କ ଦିବ୍ୟ ରୂପକୁ ଦର୍ଶନ କରିବା ସହିତ ନିଜର ଓ ନିଜ ପରିବାରର ସୁଖ , ଶାନ୍ତି ଓ ସମୃଦ୍ଧି ମନାସୀ ଥିଲେ ।ସୂଚନାଅନୁସାରେ , ଜଗତସିଂହପୁର ଜିଲ୍ଲାର ଆରାଧ୍ୟ ଦେବୀ ମା' ଶାରଳାଙ୍କ ପୀଠ କନକପୁରଠାରେ ପ୍ରତିବର୍ଷ ପରି ଚଳିତ ବର୍ଷର ପ୍ରଥମ ଦିନରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଛି । ମନ୍ଦିରରେ ନୀତିକାନ୍ତି ଅନୁସାରେ ରାତି ୪ଟାରେ ଦ୍ୱାର ଫିଟା ନୀତି ସହିତ ଏହାପରେ ସୂର୍ଯ୍ୟପୂଜା, ଚଣ୍ଡିପାଠ , ମା'ଙ୍କର ଷୋଡଶ ଉପଚାର ପୂଜା ଓ ନୀତି ପୂଜା ଅନୁଷ୍ଠିତ ହୋଇଥିଲା । ତେବେ ସକାଳୁ ମା'ଙ୍କ ପୀଠରେ ବହୁ ଜନସମାଗମ ହେଇଥିଲା । ପ୍ରବଳ ଭିଡ ମଧ୍ୟରେ ଜିଲ୍ଲା ଭିତରୁ ଓ ବାହାରୁ ଆସିଥିବା ଶହ ଶହ ଭକ୍ତ ଶାନ୍ତି ଓ ଶୃଙ୍ଖଳାର ସହିତ ମା'ଙ୍କର ଦିବ୍ୟ ଦର୍ଶନ କରିଥିଲେ । ମନ୍ଦିରରେ ଭକ୍ତମାନଙ୍କ ଗହଳିକୁ ଲକ୍ଷ୍ୟ କରି ମନ୍ଦିର ପରିସରରେ ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ରାସ୍ତାରେ ଯାନ ବାହାନ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା । ତେବେ ମା'ଙ୍କ ଅନ୍ନ ପ୍ରସାଦ ପାଇବାକୁ ଇଚ୍ଛାକରି ବହୁ ବ୍ୟକ୍ତି ନିରାଶ ହୋଇଥିବା ସମୟରେ ପାନୀୟ ଜଳ ଯୋଗାଣ ଅଭାବରୁ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

# ୧୯ ଅଭିଯୋଗର ତତ୍କାଳ ଫଇସଲା

**ଜଗତସିଂହପୁର/ତିର୍ତ୍ତୋଲ, ୧।୧(ସମିସ):**



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୧ଗୋଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୧ଟି, ପୁଲିସ ସହାୟତା ପାଇବା ପାଇଁ ୨ଟି, ରେଡ୍‌କ୍ରସ୍ ପାଣିରୁ ସହାୟତା ପାଇବା ପାଇଁ ଗୋଟିଏ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣିରୁ ସହାୟତା ପାଇବା ପାଇଁ ଗୋଟିଏ ଏବଂ ଅନ୍ୟାନ୍ୟ ୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର୍,ମୁଖ୍ୟ ବିକାଶ-ତଥା- ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ ତପନ କୁମାର ସେନାପତି, ତହସିଲଦାର, ତିର୍ତ୍ତୋଲ ସତ୍ୟଜିତ୍ ମହାପାତ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ ।

## କୁଜଙ୍ଗ ବିଜେଡିରେ ଖୁସିର ମାହୋଲ; ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**କୁଜଙ୍ଗ, ୧।୧ (ସମିସ) :** ରାଜ୍ୟର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରଉତଙ୍କ ଉପରୁ ବିଜେଡି ନିଲମ୍ବନ ପ୍ରତ୍ୟାହର କରିଥିବା ବେଳେ ଏହାକୁ ନେଇ କୁଜଙ୍ଗ ଓ ପାରାଦ୍ୱୀପ ବିଜେଡି ଶିବିରରେ ଉତ୍ସବ ମାହୋଲ ଦେଖା ଦେଇଛି । ଏହି ମର୍ମରେ କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସମାବେଶ ତଥା ପ୍ରେସ୍ ମିଟ୍ କରି ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି ମର୍ମରେ ଆଜି ବିଜେଡି ବ୍ଲକ ସଭାପତି ନରେନ୍ଦ୍ର କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ସୁଢଳ କୁମାର ସ୍ୱାଇଁ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ବ୍ଲକ ଅରୂପ ପ୍ରସାଦ ମହାନ୍ତି, ପ୍ରମୋଦ ଚରଣ ସ୍ୱାଇଁ ପ୍ରମୁଖ ଦୀର୍ଘ ଦିନଧରି ଦାମବାବୁଙ୍କ ଉପରେ ଥିବା ନିଲମ୍ବର ଆଦେଶକୁ ପ୍ରତ୍ୟାହାରକୁ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ବିଜେଡି ନେତା ସୁଢଳ ସ୍ୱାଇଁଙ୍କ ସହ ସମସ୍ତ ନେତା ମାନେ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଆମକୁ ବହୁତ ଖୁସି ଦେଇଛି । ଦାମ ବାବୁ ଆମର ଆଦର୍ଶ ନେତା, ଗଣମାଧ୍ୟମରେ ହେଉ କି ବିଧାନ ସଭାରେ ହେଉ ବିରୋଧୀଙ୍କୁ ମୁକାବିଲା କରିବା ଓ ଦଳକୁ ସୁରକ୍ଷା ଦେବା ସହ ପାରାଦ୍ୱୀପ ଓ ଉପକୂଳ ଅଞ୍ଚଳର ବିକାଶରେ ସେ ଥିଲେ ଭଗୀରଥ । ଏହି ଅବସରରେ ଦଳର ନେତା ଅରୁଣ କୁମାର ବେହେରା, ରଞ୍ଜୁଲତା ବେହେରା, କବି ରଞ୍ଜନ ବେହେରା, ପ୍ରହଲ୍ଲାଦ ଚରଣ ସ୍ୱାଇଁ, ବିଜୟ କୁମାର ଖଟାଇ, ଧନେଶ୍ୱର ଦାସ, ମହ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, ଧରଣୀଧର ସ୍ୱାଇଁ, ଶୁଭ୍ରକାନ୍ତ ସାମନ୍ତରାୟ, ସଂଗ୍ରାମ ରାଉତରାୟ, ବିଷ୍ଣୁ ପ୍ରସାଦ କର, ନିତ୍ୟାନନ୍ଦ ପରିଡ଼ା, ପ୍ରେମାନନ୍ଦ ସ୍ୱାଇଁ, ଉପନ୍ଦ୍ରେ ସାହୁ, ଫଗୁ ସାହୁ, କେଶବ ଗୋଛାୟତ, କୋଠି ସରପଞ୍ଚ ଲକ୍ଷ୍ମୀଧର ସାହୁ, ନିକୁଞ୍ଜ କିଶୋର ଚୌଧୁରୀ, ସୁଧୀର ରଞ୍ଜନ ରାଉତ ପ୍ରମୁଖଙ୍କ ସହ ବହୁ ବିଜେଡି ନେତା, ସଂଗଠକ ଓ ମୁରବୀ ମାନେ ଉପସ୍ଥିତ ଥିଲେ । ସେହିପରି ଆଜି ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ପରିବାର ପକ୍ଷରୁ ଗଭୀର କୃତଜ୍ଞତା ଜଣାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ସେହିପରି ଆଜି ବିଜେଡି ନେତା ଓ କର୍ମୀ ମାନେ ବାଣ ଫୁଟାଇବା ସହ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

## ଚମ୍ପେଶ୍ୱରକୁ ହରାଇ ଜାଗୁଳାଇ ବିଜୟୀ

**ଏରସମା,୧।୧(ସମିସ):** ଏରସମା -ଯୁବ ଚମ୍ପାହାଟ ଡିହସାହି ଗ୍ରାମର ଯୁବକଙ୍କୁ ନେଇ ଡିହସାହି କଚିପଡ଼ିଆରେ ଆୟୋଜିତ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୪ଟିଦଳ ଭାଗ ନେଇଥିବା ବେଳେ ଜାଗୁଳାଇ ଟିମ୍ ୫୩ରନ କରି ବିଜୟ ଲାଭ କରିଛି । ଫାଇନାଲ ମ୍ୟାଚରେ ଜାଗୁଳାଇ ଟିମ୍ ଚମ୍ପେଶ୍ୱରକୁ ହରାଇ ଚାମ୍ପିଅନ ହୋଇଛି ।ଆଜି ଟସ୍ ଜିତି ଚମ୍ପେଶ୍ୱର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଦଳ ନିର୍ଦ୍ଧାରିତ ୬ ଓଭରରେ ସମସ୍ତ ଉଇକେଟ ହରାଇ ୫୨ରନ୍ କରିଥିଲା । ଜାଗୁଳାଇ ୫୩ ରନ୍ ବିଜୟଲକ୍ଷ୍ୟର ପିଛାକରି ୪ ଓଭରରେ ନଟଆଉଟ ହୋଇ ବିଜୟ ଲାଭ କରିଛି । ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏରସମାର "ସକାଳ" ପ୍ରତିନିଧି ପର୍ଶୁରାମ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ ।



ସମସ୍ତ ଯୁବକ ଖେଳାଳୀ ଅମରେଶ ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ବିଭୂତି ସାହୁ, ଚିନ୍ମୟ ଭୋଇ, ଅଜୟ ସାହୁ , ଦିଗବିଜୟ ସ୍ୱାଇଁ, ସତ୍ୟ ବ୍ରତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଗୋରେଖନାଥ ରୋଷଶାଳା ଖୋଲିଲା

# ନବବର୍ଷରେ ଦର୍ଶନ କଲେ ୩୦ ହଜାର ଭକ୍ତ



**ରଘୁନାଥପୁର, ୧।୧(ସମିସ):** ଓଡ଼ିଶାର ପ୍ରସିଦ୍ଧ ବିଭୂତି କ୍ଷେତ୍ର ରଘୁନାଥପୁର ବ୍ଲକ ଅନ୍ତର୍ଗତ କେରେକେରା ଗ୍ରାମର ଗୋରେଖନାଥ ପୀଠରେ ଆଜିକୁ ୨ବର୍ଷ ହେବ ରୋଷ ଘର ତାଲାପଡ଼ି ରହିଥିଲା । ଭକ୍ତ ଗୋପାଳ ମହାନ୍ତି ଏହା ବିରୋଧରେ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । ଏହାର ବିଚାର କରି ସପ୍ତାହ ଭିତରେ ମାନସିକ ରୋଷେଇ ଖୋଲିବା ପାଇଁ ଦେବୋତ୍ତର ବିଭାଗ କମିଶନରକୁ ନିର୍ଦ୍ଦେଶ ଦେଇଥିଲେ । ଦେବୋତ୍ତର ବିଭାଗ ଅତିରିକ୍ତ ସହକାରୀ କମିଶନର ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ଗୋରେଖନାଥ ପୀଠରେ ପହଞ୍ଚି କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଡକାଇଥିଲେ । ମନ୍ଦିର ସେବାୟତ, ଜନପ୍ରତିନିଧି ମଧ୍ୟରେ ଆଲୋଚନା ହୋଇ ଜାନୁୟାରୀ ପହିଲାରେ ରୋଷଘର ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା । ଆଜି ଭକ୍ତ ପ୍ରଣୟ ମହାନ୍ତିଙ୍କର ମାନସିକ ରୋଷେଇ ପ୍ରଥମେ ଗୋରେଖନାଥ ମନ୍ଦିର ରୋଷଶାଳାରେ ରୋଷେଇ ଆରମ୍ଭ ହୋଇଥିଲା । ବିଦ୍ୟାଧରପୁର ଗୋରେଖନାଥ ବିଦ୍ୟାପୀଠର ୧୯୯୫ ବ୍ୟାଚର ପୁରାତନ ଛାତ୍ର ଛାତ୍ରୀମାନେ ପ୍ରସାଦ ମଣ୍ଡପରେ ପ୍ରସାଦ ସେବନ କରିଥିଲେ । ମାନସିକ ରୋଷେଇଶାଳ ଆଜି ନବବର୍ଷରେ ଖୋଲିଥିବାରୁ ଆଜିର ନବବର୍ଷ ଉପଲକ୍ଷେ ୩୦ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଗୋରେଖନାଥଙ୍କ ଦର୍ଶନ କରିଛନ୍ତି । ହେଲେ ପ୍ରଶାସନ ଓ ଟ୍ରଷ୍ଟି ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ କୌଣସି ସୁ ବ୍ୟବସ୍ଥା କରାଯାଇନାହିଁ ଯାହାଫଳରେ ଭିଡରେ ଅଚେତ ହେବାର ଦେଖିବାକୁ ମିଳୁଛି । ପାର୍କିଂ ସୁବିଧା ନଥିବାରୁ ୨ଚକିଆ ଓ ଚାରିଚକିଆ ଯାନ ଭିଡ ଜମିଥିଲା । ଗାଁ ମୁଣ୍ଡରୁ ବେଆଇନ ପାର୍କିଂକରାଯାଇ ଜବରଦସ୍ତ ଜୁଲମ କରାଯାଇ ପାର୍କିଂ ଦେୟ ଆଦାୟ କରାଯାଉଛି । ଏହାକୁ ନେଇ ଭକ୍ତ ଶ୍ରଦ୍ଧାଳୁ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଗୋରେଖ ନାଥଙ୍କ ପୀଠରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାର୍କିଂ ସହିତ ସମସ୍ତ ବ୍ୟବସ୍ଥା କରିବାପାଇଁ ସାଧାରଣରେ ଦାବି ହୋଇଛି । ଖେଳିଯାଇଛି । ପ୍ରତିଦିନ ମାନସିକ ରୋଷେଇ କରାଯିବବୋଲି ମନ୍ଦିର ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସୌଜ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି ଏବଂ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ହଣ୍ଡା ହାଣ୍ଡି ମାନସିକ କରେ।ଷେଇ ଧାରୀଙ୍କୁ ଯୋଗାଇ ଦିଆଯିବ । ବାହାରୁ କୌଣସି ଜିନଷ ରୋଷଶାଳାକୁ ବ୍ୟବହାର କରିବା ପାଇଁ ନିଷିଦ୍ଧ କରାଯାଇଛି ।



## ଠାକୁର ଅଭିରାମ ପରମହଂସଙ୍କ ଗୋଷ୍ଠୀ ପୂଜା

**କୁଜଙ୍ଗ,୧।୧ (ସମିସ) :** କୁଜଙ୍ଗ ବ୍ଲକ ବଳାରାମପୁର ଭକ୍ତଗୋଷ୍ଠୀ ପକ୍ଷରୁ ଜଗଦ୍ଗୁରୁ ଶ୍ରୀଶ୍ରୀ ଠାକୁର ଅଭିରାମ ପରମହଂସଦେବଙ୍କ ଗୋଷ୍ଠୀ ପୂଜା କୁଜଙ୍ଗ ବଳରାମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଆନନ୍ଦ ଆଶ୍ରମରୁ ଆସିଥିବା ସଦାନନ୍ଦ ମହାରାଜଙ୍କ ପୌରୋହିତ୍ୟରେ ପ୍ରତିବର୍ଷ ପରି ବାର୍ଷିକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସଦାନନ୍ଦ ମହରାଜଙ୍କ ସହ ହରେକୃଷ୍ଣ ଦାସ, ବନବିହାରୀ ଦାସ, ଦିବ୍ୟ ଚୈତନ୍ୟ ଦାସ, ଅରୂପାନନ୍ଦ ଦାସ, କପିଳ ଦାସ, ଅଦୈତ ଦାସ, ବିଭୂ ପ୍ରସାଦ ଦାସ, ଶୁଦ୍ଧାନନ୍ଦ ଦାସ, ବଦ୍ରି ନାରାୟଣ ଦାସ ପ୍ରମୁଖ ବାବାଜୀ ମାନେ ଓ ବହୁ ସହଯୋଗୀ ସାଧୁ ଯୋଗଦେଇଥିଲେ । ଶୁଭଅଧିବାସ, ଆସନ ସଜା, ମଙ୍ଗଳ ଅଳତୀ ପ୍ରଭାତୀ କିର୍ତ୍ତନ, ଷୋଡଶ ଉପଚାର, ସତ୍ସଙ୍ଗ ଓ ଭଜନ ଆଦି ଅନୁଷ୍ଠିତ ହୋଇଥିଲା । ଏହି ସତ୍ସଙ୍ଗରେ ବନବିହାରୀ ଦାସ ମହାରାଜ, ଦିବ୍ୟ ଚୈତନ୍ୟ ବାବା, ଅଦୈତ ଦାସ ବାବା, ପ୍ରମୁଖ କରମଳାର ବହୁ ସାଧୁସନ୍ଥ ମାନେ ଯୋଗଦେଇ ଦିବ୍ୟ ସମ୍ଭାଷଣ ପ୍ରଦାନ କରିଥିଲେ । ସମାଜସେବୀ ସରୋଜ କୁମାର ପଟ୍ଟନାୟକ, ଶ୍ରମିକନେତା ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଏହି ପୂଜାରେ କୁଜଙ୍ଗ ଅଞ୍ଚଳର ଭକ୍ତଗୋଷ୍ଠୀଙ୍କ ସହ ବହୁ ଆଇନଜୀବୀ, ଶ୍ରମିକ ନେତା, ବଣିକସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଓକିଲ ସଂଘର ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ଏଏନ୍ତି ଯାଦବ, ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ରଞ୍ଜିତ୍ କୁମାର ବେହେରା, କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ବୃନ୍ଦ, ବଣିକ ସଂଘର ସାଧାରଣ ସମ୍ପାଦକ ଦେବବ୍ରତ ସାହୁ, ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ତରଫରୁ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ, ଗଗନ ବିହାରୀ ସ୍ୱାଇଁ, ସଦାଶିବ ସାହୁ, କରୁଣାକର ଦାସ, ରାମଚନ୍ଦ୍ର ଶତପଥି, ଅରୂପ ପଟ୍ଟନାୟକ, ଯତୀନ୍ଦ୍ର ପଟ୍ଟନାୟକ, ଶ୍ରୀନିବାସ ମହାନ୍ତି, ପ୍ରଭାତ କୁମାର ବେହେରା, ସାଇଲୋର ପୂର୍ବତନ ସରପଞ୍ଚ ଶିଶିର କୁମାର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିବା ବେଳେ ସୁବୋଧ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ, ସଞ୍ଜୀବ କୁମାର ପଟ୍ଟନାୟକ, ନିତ୍ୟାନନ୍ଦ ମହାନ୍ତି, ପ୍ରଭାତ ବେହେରା, ସମୀର ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ରଥ ପରିକ୍ରମା

**ଜଗତସିଂହପୁର,୧।୧(ସମିସ)**



ଜିଲ୍ଲା ସ୍ତରରେ ଜାନୁଆରୀ ୧ ତାରିଖ ରୁ ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଏଲ୍ ଇ ଡି ସ୍କ୍ରିନ୍ ଥିବା ସଚେତନତା ରଥକୁ ଜିଲ୍ଲାପାଳ ପାରୁଲ ପଟ୍ଟାୱରି ପତାକା ଦେଖାଇ ସୋମବାର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇ ଜିଲ୍ଲାପାଳ ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ବର୍ଦ୍ଧିତ ସଡକ ଦୁର୍ଘଟଣାକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବାକୁ କହିଥିଲେ । ଏହି ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ କରିବା ଏବଂ ୨୦୨୪ ରେ ଯେପରି କମ୍ରୁ କମ୍ ସଂଖ୍ୟକ କାଜୁଆଲିଟି ହେବ ସେଥିପ୍ରତି ସତର୍କ ରହିବା ବୋଲି ଜିଲ୍ଲାପାଳ କହିଥିଲେ । ଏଲ୍ ଇ ଡି ଲାଗିଥିବା ଏହି ସଚେତନତା ରଥ ଜିଲ୍ଲା ର ପ୍ରତ୍ୟେକ ଗାଁ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ପହଞ୍ଚାଇବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ ଏହି ସଭାରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସଡକ ସୁରକ୍ଷାର ନିୟମ ମାନି ନିଜେ ଓ ଅନ୍ୟ ମାନଙ୍କୁ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଏହି ସପ୍ତାହ ପାଳନ ଅବସରରେ ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ପ୍ରତିବର୍ଷ ସଡକ ଦୁର୍ଘଟଣାରେ ଦେଶରେ ୧.୫ ଲକ୍ଷ,ରାଜ୍ୟରେ ୫୦୦୦ ରୁ ଅଧିକ ଏବଂ ଜିଲ୍ଲାରେ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଉଛନ୍ତି ।ତେଣୁ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ସଚେତନତା ରଥ ପରିକ୍ରମା ମାଧ୍ୟମରେ ପ୍ରତ୍ୟେକ ବ୍ଲକ୍, ଥାନା, ମ୍ୟୁନିସିପାଲିଟି ଗୁଡିକରେ ଏଲ୍‌ଇଡି ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରସାରିତ କରିବ । ଏହାଛଡା ଦୁର୍ଘଟଣା ର ପ୍ରମୁଖ କାରଣ ଯେପରି, ଦ୍ରୁତ ଗତିରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ବିନା ହେଲମେଟରେ ଯାତ୍ରା କିମ୍ବା ଗାଡି ଚାଳନା ସମୟରେ ମୋବାଇଲ ରେ କଥା ହେବା,ଟ୍ରିପଲ ରାଇଡିଂ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ । ସଚେତନତା ସୃଷ୍ଟି ନିମନ୍ତେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସାଧାରଣ ଜନତାଙ୍କ ପାଇଁ ଚିତ୍ରାଙ୍କନ ଓ ସ୍ଳୋଗାନ୍ ଲିଖନ ପ୍ରତିଯୋଗିତା ର ଆୟୋଜନ କରାଯିବ । ବର୍ତ୍ତମାନ ବଣଭୋଜି ର ସମୟ ହୋଇଥିବାରୁ ସେହି ସ୍ଥାନରେ ସଡକ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟର ଓ ବ୍ୟାନର ଲଗାଯିବ । ରକ୍ଷକ ବନ୍ଧୁ ମାନଙ୍କ ପାଇଁ ଅଗ୍ନି ନିର୍ବାପନ ଶିକ୍ଷାଦାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଟ୍ରକ୍ ଡ୍ରାଇଭର ମାନଙ୍କୁ ରାତି ୩ ଟା ରୁ ଭୋର୍ ୬ ଟା ପର୍ଯ୍ୟନ୍ତ ମାଗଣା ରେ ଚା' ଯୋଗାଇ ଦିଆଯିବା ସହ ଚକ୍ଷୁ ପରୀକ୍ଷା ଏବଂ ରକ୍ତଦାନ ଶିବିର ଆୟୋଜନ କରାଯିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ସଜାଗ, ସତର୍କ ଓ ସଚେତନ ରହିଲେ ହିଁ ସଡକ ସୁରକ୍ଷା ସପ୍ତାହ ର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ସେ କହିଥିଲେ । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଏମ୍ ଭି ଆଇ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା ବିଷୟରେ ସମସ୍ତଙ୍କୁ ସତର୍କ କରାଇ ଥିଲେ । ସାଧାରଣ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ନୂଆବର୍ଷରେ ରକ୍ତଦାନ ଶିବିର; ୧୬୬ ୟୁନିଟ୍ ସଂଗୃହୀତ

**ପାରାଦୀପ, ୧।୧ (ସମିସ) :** ରକ୍ତଦାନ ଏକ ମହତ ଦାନ, ରକ୍ତ ବିନା ଯେପରି କୌଣସି ଲୋକ ନ ମରୁ, ଏଭଳି ପ୍ରୟାସ ନେଇ ଆହ୍ୱାନ କମ୍ବାଇନ୍ସ ଦୀର୍ଘ ୧୦ ବର୍ଷ ଧରି ପ୍ରୟାସ ଜାରି ରଖିଛି ।ଚଳିତ ବର୍ଷ ମଧ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସିଡି ଚଢି ପାରିଛି ।ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ନୂଆବର୍ଷର ପ୍ରଥମ ଦିନରେ ପାରାଦୀପର ଅଗ୍ରଣୀ ଅନୁଷ୍ଠାନ ଆହ୍ୱାନ କମ୍ବାଇନ୍ସ ଫାଉଣ୍ଡେସନ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ବନ୍ଦର ଅର୍ଥ ପରାମର୍ଶଦାତା ଡି.ଏନ୍. ସୋଣ୍ଡୀ, ଆକାଉଣ୍ଟସ ଅଫିସର ପ୍ରଶାନ୍ତ କୁମାର ମହାରଣା, ଏସି କର୍ମସିଆଲ୍ ର ମୁଖ୍ୟ ଅକ୍ଷୟ ଚନ୍ଦ୍ର ସୂତାର, ଚେନ୍ନାଇ ରାଧାର ଏ. ରମେଶ, ହୃଷିକେଶ ମଣ୍ଡଳ, ପାରିଷଦ ପ୍ରତାପ କୁମାର ନାୟକ, ଶଙ୍କର ପ୍ରସାଦ ରାଉତ, ସୁଶୀଲ ମହାପାତ୍ର ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଫାଉଣ୍ଡେସନ୍ର ସଭାପତି ସାଗର କୁମାର ବିଶ୍ୱାଳ ଓ ସମ୍ପାଦକ ଇଂ.ପ୍ରଭାସ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପାରାଦୀପର ବିଭିନ୍ନ ଅନୁଷ୍ଠାନ,ବ୍ୟକ୍ତି ବିଶେଷ, ଅନୁଷ୍ଠାନକୁ ଭଲ ପାଉଥିବା ପୁରୁଷ ଓ ମହିଳା ରକ୍ତଦାତାମାନେ ଆସି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।ଜଗତସିଂହପୁର ଜିଲ୍ଲାରୁ ବହୁ ସଙ୍ଗଠନ ସହିତ ପାରାଦୀପ ର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଉଣ୍ଡେସନ୍ ପକ୍ଷରୁ ଅଶ୍ୱିନୀ କୁମାର ପ୍ରଧାନ, ଆଶୁତୋଷ ପ୍ରଧାନ, ନିରଞ୍ଜନ ପ୍ରଧାନ, ଯାଜ୍ଞସିନୀ କୁଣ୍ଡୁ, କାନିଲ ଜେନା, ବାଲାଜୀ ଶ୍ରୀରାମ, ସୌମ୍ୟ ରଞ୍ଜନ ମହାନ୍ତି, ସୌରଜିତ ମହାନ୍ତି, ଶଶ୍ମିତା ସ୍ୱାଇଁ, ରୋହନ ପଣ୍ଡା, ରାଜୀବ ବିଶ୍ୱାଳ, ରଶ୍ମିତା ନାୟକ, ଯ୍ୟସ୍ମାରାଣୀ ଦାସ, ସୌମ୍ୟ ରଞ୍ଜନ ବିଶ୍ୱାଳ ଓ ସୁଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳାର ସହିତ ଏହି ରକ୍ତଦାନ ଶିବିର ପରିଚାଳନା କରିଥିଲେ ।



## କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

# ୪୨ଟି ଅଭିଯୋଗ ପଞ୍ଜିକୃତ; ତୁରନ୍ତ ସମାଧାନ ନିର୍ଦ୍ଦେଶ



**କେନ୍ଦ୍ରାପଡ଼ା, ୧।୧(ସମିସ):** କେନ୍ଦ୍ରାପଡ଼ା ସଦର ମହକୁମାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସନ୍ଦୀପ୍ ସମ୍ପଦ୍ ମଡକର୍, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡ଼ା ତହସିଲ୍‌ଦାର ତାପସ ରଞ୍ଜନ ଦେହୁରୀ ଓ ବିଡିଓ ବନ୍ଦନା ଖଟୁଆ, ଆସିଷ୍ଟାଣ୍ଟ କଲେକ୍ଟର୍ ଜୟନ୍ତ କୁମାର ରାଉତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୪୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୩ ଗୋଟି ସାମୁହିକ ଅଭିଯୋଗ ଏବଂ ୩୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍‌କାର୍ଡ଼ ପ୍ରଦାନ, ଡାକଘର ସଞ୍ଚୟ ଯୋଜନାରେ ଥିବା ଜମାରାଶିର ସମ୍ପୂର୍ଣ୍ଣ ଉଠାଣ, ଗଛ କଟା, ଜମି ବିବାଦ, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ ଇତ୍ୟାଦି ଦରଖାସ୍ତଗୁଡିକ ମୁଖ୍ୟ ସ୍ଥାନରେ ଥିଲା।ସାମୁହିକ ଅଭିଯୋଗ ମଧ୍ୟରେ ଚାଟରାଚକଡାର ନିରଞ୍ଜନ ବିଶ୍ୱାଳ ଓ ଅନ୍ୟମାନେ ଗାଁକୁ ରାସ୍ତା ସଂଯୋଗୀକରଣ, ମଧୁରକୂଳର ବାବାଜୀ ବେହେରା ଓ ଅନ୍ୟମାନେ ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଦ୍ଧବାଲି ଗାଁର ଦିଲ୍ଲୀପ୍ କୁମାର ଖଣ୍ଡାଇ ଓ ଅନ୍ୟମାନେ ନୂତନ ରେଭେନ୍ୟୁ ଭିଲେଜ୍ ବାବଦରେ ମିଳିତ ଅଭିଯୋଗ ଆଣିଥିଲେ। ଏଗୁଡିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଚିକିତ୍ସା ସହାୟତା ପାଇଁ ପିକରାଳିର ସସ୍ମିତା ଦାସଙ୍କୁ ୧୫ ହଜାର ଓ ଗଙ୍ଗାରାମପୁରର କରୁଣାକର ମାଝୀଙ୍କୁ ୬ ହଜାର ଟଙ୍କା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ସେହିପରି ରେଡ୍ କ୍ରସ୍ ପାଣ୍ଠିରୁ ଚିକିତ୍ସା ବାବଦକୁ ରଘୁନାଥପୁରର ମନୋରମା ପରିଡ଼ାଙ୍କୁ ୭ହଜାର, ବଡ ଗାଁର ଦର୍ଶନୀ ପ୍ରଧାନଙ୍କୁ ୬ ହଜାର, ସରସ୍ୱତୀପୁରର କାମିନୀପ୍ରଭା ସାମଲଙ୍କୁ ୮ହଜାର, ବାସୁଦେଇପୁରର ସୁଲୋଚନା ଦାସଙ୍କୁ ୮ହଜାର ଟଙ୍କା ଅର୍ଥ ରାଶି ମଞ୍ଜୁର କରିଥିବା ବେଳେ ଉଚ୍ଚଶିକ୍ଷା ପାଇଁ ଅଙ୍ଗୁଲାଇର ସତ୍ୟରଞ୍ଜନ ଦାସଙ୍କୁ ୧୦ ହଜାର, ରଘୁନାଥପୁରର ନମିତା ବେହେରାଙ୍କୁ ୮ହଜାର ଜିଲ୍ଲାପାଳ ମଞ୍ଜୁର କରିଛନ୍ତି।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ଭ୍ରାମ୍ୟମାଣ ସଚେତନତା ରଥ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୧।୧(ସମିସ):** ଜାତୀୟ ସଡକ ସୁରକ୍ଷା ସପ୍ତାହ-୨୦୨୪ ପାଳନ ଅବସରରେ ଭ୍ରାମ୍ୟମାଣ ସଚେତନତା ଏଲ୍‌ଇଡି ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାତ ଦିନ ଧରି ସଡକ ସୁରକ୍ଷା ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରିବା ସହ ଏହି ସଚେତନତା ଏଲ୍‌ଇଡି ରଥ ସମଗ୍ର ଜିଲ୍ଲା ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଡକ ସୁରକ୍ଷା ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ଶୁଭାରମ୍ଭ




ସମାରୋହରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କର୍ମ ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଘନଶ୍ୟାମ ସା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସେକ୍ସନ୍ ଅଧିକାରୀ ପ୍ରଭାକର ରାଉତ ଏବଂ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତଥରର ସଡକ ସୁରକ୍ଷା ସପ୍ତାହ ପାଳନର ଥିମ୍ ରହିଛି "ସଡକ ସୁରକ୍ଷା, ପରିବାରର ରକ୍ଷା।" ପ୍ରତ୍ୟେକ ବର୍ଷ ଜାନୁଆରୀ ମାସର ପ୍ରଥମ ସାତ ଦିନ ଧରି ପାଳନ କରାଯାଉଥିବା ଏହ ସଚେତନତା ସପ୍ତାହ ଅବସରରେ ବିଭିନ୍ନ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପେଣ୍ଟିଂ, ସ୍ଲୋଗାନ୍ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରାର ଆୟୋଜନ, ଗୁଡ୍ ସମରିଟାନ୍ ପୁରସ୍କାର, ଶପଥ ଗ୍ରହଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି।

# ନିଆରା ଢଙ୍ଗରେ ନୂତନ ବର୍ଷ ପାଳନ



**ପାରାଦୀପ, ୧।୧ (ସମିସ):** ନିଆରା ଢଙ୍ଗରେ ନବବର୍ଷ ପାଳନ କରିଛନ୍ତି ବିବେକାନନ୍ଦ ୟୁଥ୍ କ୍ଲବ୍‌ର ସଭ୍ୟ। ଯେଉଁ ସମୟରେ ଅନ୍ୟ ଯୁବକମାନେ ଭୋଜି ଖାଇ ଖୁସି ମନାଉଛନ୍ତି, ସେହି ସମୟରେ ବିବେକାନନ୍ଦ ୟୁଥ୍ କ୍ଲବର ଯୁବକ ପାରାଦୀପର ବିଭିନ୍ନ ମନ୍ଦିର ଓ ରାସ୍ତା କଡ଼ରେ ଥିବା ଅସହାୟ, ମାନସିକ ବିକାରଗ୍ରସ୍ତଙ୍କୁ ବୁଲି ବୁଲି ଶୀତ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ବିବେକାନନ୍ଦ ୟୁଥ କ୍ଲବର ସଭାପତି ଜଗନ୍ନାଥ ହାଲଦରଙ୍କ ନେତୃତ୍ୱରେ ହୋଇଥିବାବେଳେ କ୍ଲବର ଅନ୍ୟ ସଦସ୍ୟ ସହଯୋଗର ହାତ ବଢ଼ାଇଥିଲେ। ଏଭଳି ମହତ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ଭୂୟସୀ ପ୍ରଶଂସା କରିଛନ୍ତି।

# ଭିତରକନିକା ପ୍ରବେଶପଥ ଜୟନଗର ଘାଟରେ ଅସମ୍ଭାଳ ଭିଡ଼

**ରାଜକନିକା, ୧।୧(ସମିସ):** ଇଂରାଜୀ ନୂଆବର୍ଷର ପିକନିକ କରିବାକୁ ତମାମ ପର୍ଯ୍ୟଟନ ସ୍ଥଳୀରେ ଅହେତୁକ ଭିଡ଼ କରୁଥିବାକ୍ରମରେ ଆଜି ସକାଳୁ ଅପରାହ୍ନ ଯାଏ ଶହ ଶହ ସଂଖ୍ୟାରେ ଦେଶୀ ବିଦେଶୀ, ସ୍ଥାନୀୟ ପର୍ଯ୍ୟଟକ ମାନେ ଭିତରକନିକା ଯିବାକୁ ଜୟନଗର ଘାଟରେ ଭିଡ଼ କରିଥିଲେ। ଆଜି ନୂଆବର୍ଷର ପ୍ରଥମ ଦିନରେ ଜୟନଗର ର ଏହି ଫେରୀ ଘାଟ ଦେଇ ହଜାରରେ ଊର୍ଦ୍ଧ୍ୱ ଲୋକ ଘାଟ ପାର ହୋଇ ସଡ଼କ ଓ ଜଳପଥରେ ଭିତରକନିକା ଯାଇଥିବା ଦେଖିବାକୁ ମିଳିଥିଲା। ସୂଚନା ଯୋଗ୍ୟ ଯେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଅଭୟାରଣ୍ୟର ବଉଳା କୁମ୍ଭୀର, ହରିଣ, ସାପ, କଇଁଛ, ହେନ୍ତାଳବଣ, ପକ୍ଷୀ ଗହନ ଜଙ୍ଗଲୀ ଗାଈ, ମାଛରଙ୍କା, ଡ଼ଲଫିନ ଭଳି ବନ୍ୟପ୍ରାଣୀକୁ ସାମ୍ନାରେ ଓ ପ୍ରାକୃତିକ ପରିବେଶ ମଧ୍ୟରେ ଦେଖିବାର ସୁଯୋଗ ଥିବା ଭିତର କନିକା ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଥିବା ବେଳେ ବହୁ ପର୍ଯ୍ୟଟକ ଏହା ଦେଖିବାକୁ ନୂଆବର୍ଷରେ ଛୁଟି ଆସନ୍ତି। ଅନଲାଇନ ଓ ଅଫଲାଇନ ଟିକେଟରେ ଦେଶୀ ଡ଼ଙ୍ଗା ଭୁଟ ଭୁଟି ଜରିଆରେ ଚାନ୍ଦବାଲି, ଡାଙ୍ଗମାଳ ଓ ଜୟନଗର ଘାଟରୁ ଭିତରକନିକା ଯିବାକୁ ପ୍ରବେଶପଥ ଥିବାରୁ ସଡ଼କ ପଥରେ ଗାଡି ମଟରରେ ଜୟନଗର ଠାରୁ ପର୍ଯ୍ୟଟକ ପିକନିକ ଋତୁରେ ଭିତରକନିକା ଯିବାକୁ ପସନ୍ଦ କରନ୍ତି। ପ୍ରତିବର୍ଷ ଏଭଳି ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଆଜି ଦିନରେ ସୁରକ୍ଷା ବାବଦକୁ କିଛି ବି ଦାୟିତ୍ୱ ନ ନେବା ଆମ ବ୍ୟବସ୍ଥାର ଢିଲା ଖାମଖିଆଲୀ ମନୋଭାବକୁ ସୂଚାଉ ଥିଲା। ଧାର୍ଯ୍ୟ ଭଡା ଠାରୁ ବହୁତ ଅଧିକ ଚଢ଼ା ଦରରେ ଘରୋଇ ଭୁଟଭୁଟିମାନେ ଶୋଷଣ କରୁଥିବା ବେଳେ ବିନା ଲାଇଫଜ୍ୟାକେଟରେ କୁମ୍ଭୀର ଭର୍ତ୍ତି

### ପ୍ରଶାସନର ନଜର ନାହିଁ

ନଦୀରେ କ୍ଷମତା ଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଦେଶୀ ପଦ୍ଧତିର ନଦୀ ପାର ବେଶ ସମ୍ବେଦନଶୀଳ ହୋଇଥିଲା। ନାଁ ବନବିଭାଗ ନାଁ ସ୍ଥାନୀୟ ପ୍ରଶାସନ ନାଁ ପୁଲିସ କାହାରି ପକ୍ଷରୁ ଏ ବିଷୟରେ କୌଣସି ଚିନ୍ତା କରା ନ ଯାଇ ନଦୀ ପାର ହୋଇ ପର୍ଯ୍ୟଟକ ଭିଡ଼ ସଂଖ୍ୟାରେ ଯାତାୟତ କରିବା ବେଶ ଚିନ୍ତାଜନକ ହୋଇଥିଲା। ତେବେ ପ୍ରତିବର୍ଷ ଭିତରକନିକା ପର୍ଯ୍ୟଟକଙ୍କ ସୁବିଧା ପାଇଁ ଜୟନଗର ଘାଟରେ ପୁଲିସ ମୁତୟନ, ନଦୀପଥରେ ଯାଉଥିବା ପର୍ଯ୍ୟଟକଙ୍କୁ ଲାଇଫଜ୍ୟାକେଟ ବ୍ୟବହାର ବାଧ୍ୟତା ମୂଳକ କରିବାକୁ ଦାବି ହୋଇଛି।

# ବୁଢ଼ୀ ଜାଗୁଳାଇ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

**ଡେରାବିଶ, ୧।୧(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ହାଟ ମଧ୍ୟରେ ଥିବା ମା' ବୁଢ଼ୀ ଜାଗୁଳାଇ ଭାଗବତ ଟୁଙ୍ଗିର ଏକାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ପୁରାଣକାଳରେ ପ୍ରତି ଗ୍ରାମମାନଙ୍କରେ ଥିବା ଭାଗବତ ଟୁଙ୍ଗୀରେ ଗ୍ରାମର ବୟସ୍କ ମାନଙ୍କ ଦ୍ୱାରା ଭାଗବତ ପାଠ, ଆଧ୍ୟାତ୍ମିକ ଆଲୋଚନା, ଗ୍ରାମ୍ୟ ଗଣ୍ଡଗୋଳର ବିଚାର ଆଦି କାର୍ଯ୍ୟ କରିବା ସହ ବର୍ଷର ବିଭିନ୍ନ ପର୍ବ ପର୍ବାଣୀ ପାଳନ କରାଯାଉଥିଲା। କ୍ରମେ ଏହାର ଅଧୋଗତି ଘଟିବା ଫଳରେ ଗ୍ରାମ୍ୟ ପରିବେଶ, ପରିସ୍ଥିତି ବଦଳି ଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ପୁନଃଉଦ୍ଧାର କରାଯାଉଥିବା ଦେଖାଯାଇଛି। ଦୀର୍ଘ ବର୍ଷ ପୂର୍ବେ ଚାନ୍ଦୋଳ ହାଟ ଠାରେ ଚାନ୍ଦୋଳ ଗ୍ରାମର ଗ୍ରାମଦେବତୀ ମା' ବୁଢ଼ୀଜାଗୁଳାଇଙ୍କ ନିକଟରେ ଏକ ଭାଗବତ ଟୁଙ୍ଗି ନିର୍ମାଣ କରାଯାଇଛି। କର୍ମମୟ ଜୀବନର ପ୍ରତ୍ୟେହ ସନ୍ଧ୍ୟାରେ ଏଠାରେ ଭାଗବତ ପଠନ ଓ ପୁରାଣ ଆଲୋଚନା ହେବା ସହ ବର୍ଷର ବିଭିନ୍ନ ସମୟରେ ପର୍ବପର୍ବାଣୀ ପାଳନ କରାଯାଉଛି। ଏହି ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଉଦ୍ୟମରେ ପ୍ରତିବର୍ଷ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ ପାଳନ କରାଯାଉଥିବା ବେଳେ ଆଜି ଏହାର ଏକାଦଶ ବାର୍ଷିକ ଉତ୍ସବ ଅବସରରେ ଭାଗବତ ଗାଦି ପୂଜା ଓ ପଠନ କରାଯିବା ସହ ଗ୍ରାମଦେବତୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ପରେ ଏକ ସହଭୋଜିର ବ୍ୟବସ୍ଥା କରାଯାଇ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ପ୍ରଭୁ ତ୍ରିନାଥଙ୍କର ମେଳାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମା' ବୁଢ଼ୀ ଜାଗୁଳାଇ ଭାଗବତ ଟୁଙ୍ଗିର ସଦସ୍ୟମାନେ ପରିଚାଳନା କରିଥିଲେ।

# ବଣଭୋଜିରେ ଏକାଠି ହେଲେ ସହପାଠୀ



**ଡେରାବିଶ, ୧।୧(ସମିସ):** ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନାସ୍ଥିତ ସାରଦା ଏକାଡେମୀର ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ନିକଟସ୍ଥ ରାମଚଣ୍ଡୀ ମନ୍ଦିର ପରିସରରେ ଏକାଠି ହୋଇ ଏକ ବଣଭୋଜିର ଆୟୋଜନ କରିଥିଲେ। ଏହି ବ୍ୟାଚ୍‌ର ଗୋବିନ୍ଦ ଚନ୍ଦ୍ର ସାହୁ, ସୀମାନ୍ତ କେଶରୀ ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ, କିରଣବାଳା ସାମଲ, ଅଲେଖ ଚନ୍ଦ୍ର ନାୟକ ଓ ପଙ୍କଜିନୀ ଲେଙ୍କାଙ୍କ ଉଦ୍ୟମରେ ଆୟୋଜିତ ଏହି ବନ୍ଧୁ ମିଳନରେ ଉପସ୍ଥିତ ଛାତ୍ରଛାତ୍ରୀ ସେମାନଙ୍କର ଜୀବନସାଥୀମାନଙ୍କୁ ମଧ୍ୟ ସାଥିରେ ଆଣିଥିଲେ। ଛାତ୍ର ଜୀବନରେ ଥିବା ସ୍ୱପ୍ନ ସାକାର ହୋଇଥିବାର ସଫଳ ଅନୁଭୂତି, ସଂଘର୍ଷ ଜାରି ରଖି ଆତ୍ମନିର୍ଭରଶୀଳ ହେବା ଭଳି ଜୀବନାନୁଭୂତି ବିନିମୟ ହେବା ସହ ସାଂସାରିକ ଜୀବନର ଭଲ ମନ୍ଦର ଅନୁଭୂତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ପରେ ଏକ ସହଭୋଜିରେ ଏକତ୍ର ଭୋଜନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଭାକର ବେହେରା, ହିମାଂଶୁ ପ୍ରଧାନ, ଜୁତିକାଲତା ପଣ୍ଡା, ଦମୟନ୍ତୀ ଷଡ଼ଙ୍ଗୀ, ଶିବ ପ୍ରସାଦ ଜେନା, ସୁନିତା ରଥ, ଅମୀର ମହାନ୍ତି, ସ୍ମୃତିଝରା ରାଉତ, ବନଜାରାଣୀ ରାଉତରାୟ, ମମତାରାଣୀ ସୂତାର ପ୍ରମୁଖ ପରିଚାଳନା କରିଥିଲେ।

# ବରିଷ୍ଠ ଅମିନଙ୍କ ପରଲୋକ

**ପଞ୍ଚୁପାଣ୍ଡବ, ୧।୧(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ବରିଷ୍ଠ ଅମିନ ମହେଶ୍ୱର ହୋତା (୮୫)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ହୋତା କିଛିଦିନ ହେଲା ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ଗତକାଲି ତାଙ୍କର ହଠାତ୍ ମୃତ୍ୟୁ ହୋଇଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ କିଶୋର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଯୋଗ୍ୟ ସ୍ୱର୍ଗତ ହୋତା କିଛି ବର୍ଷ ସରକାରୀ ସ୍ତରରେ ଅମିନ ଥାଇ ଅବସର ପୂର୍ବରୁ ଚାକିରୀ ଛାଡ଼ି ଦେଇଥିଲେ। ତେବେ ପରେ ଏହି ଅଞ୍ଚଳରେ ଜଣେ ଭଲ ଅମିନ ଭାବରେ ବହୁ ଜମିବାଡ଼ି ଅଡୁଆ ତୁଟାଇ ଲୋକଙ୍କର ପ୍ରିୟଭାଜନ ହୋଇପାରିଥିଲେ।

# ପାରାଦୀପଗଡ଼ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂମିପୂଜନ



**ପାରାଦୀପ, ୧।୧ (ସମିସ):** ନବବର୍ଷ ଅବସରରେ ପାରାଦୀପଗଡ଼ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦଟନ ଓ ଭୂମିପୂଜା କରାଯାଇଛି। ପାରାଦୀପଗଡ଼ ଗ୍ରାମ ୱାର୍ଡ ନମ୍ବର ୧୨ରେ ମା' ମଙ୍ଗଳ କୋଠା ଘରର ଉଦ୍‌ଘାଟନ କରିଲେ। ଦୀର୍ଘବର୍ଷ ଧରି ଏହି ୱାର୍ଡର ଅଧିବାସୀ ମା' ମଙ୍ଗଳାଙ୍କ ପୀଠରେ ବିଶ୍ରାମ ଗୃହ ଓ କୋଠା ଘର ନିର୍ମାଣ ପାଇଁ ଦାବି କରିଆସୁଥିଲେ। ଶ୍ରୀମତୀ ବେହେରା ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସରପଞ୍ଚ ଥିବା ସମୟରେ ଏହାର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ତାଙ୍କ କାର୍ଯ୍ୟକାଳ ସରିଯିବାରୁ ତାହା ଅଧା ହୋଇ ରହିଥିଲା। ଶ୍ରୀମତୀ ବେହେରା ଦ୍ୱିତୀୟ ବାର ସରପଞ୍ଚ ହେବା ପରେ ଉକ୍ତ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ପୂର୍ଣ୍ଣାଙ୍ଗ କରିବା ପରେ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ସେହିପରି ନବବର୍ଷ ଅବସରରେ ପାରାଦୀପଗଡ଼ ପଞ୍ଚାୟତକୁ ପୂର୍ଣ୍ଣ ଆଲୋକିତ ପଞ୍ଚାୟତ ଘୋଷଣା କରିଛନ୍ତି। ପଞ୍ଚାୟତ ଓ ସ୍ଥାନୀୟ କଳ କାରଖାନା କର୍ତ୍ତୃପକ୍ଷଙ୍କ ପାରିପାର୍ଶିକ ଉନ୍ନୟନ ପାଣ୍ଠି ସହାୟତାରେ ୩୨୦ଟି ସୋଲାର ଷ୍ଟ୍ରିଟ୍‌ଲାଇଟ୍, ୬୦ ଷ୍ଟ୍ରିଟ୍‌ଲାଇଟ, ୨୧ଟି ହାଇମାଷ୍ଟ ଲାଇଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ଥାପନ କରାଯାଇ ପଞ୍ଚାୟତକୁ ପୂର୍ଣ୍ଣ ଆଲୋକିତ କରାଯାଇଛି। ସେହିପରି ପାରାଦୀପଗଡ଼ରେ ଥିବା ଡିଏଭି ସ୍କୁଲରେ ଏକ ଶୌଚାଳୟ ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ପଞ୍ଚାୟତକୁ ପୂର୍ଣ୍ଣ ବିକଶିତ ପଞ୍ଚାୟତରେ ପରିଣତ କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ବିଷ୍ଣୁ ଚରଣ ସାହୁ, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ତନ୍ମୟ ମଲ୍ଲିକ, ୱାର୍ଡ ସଭ୍ୟା ଝିଲିଲତା ମଲ୍ଲିକ, ଜୟନ୍ତ ସେନାପତି, ସତ୍ୟନାରାୟଣ ମହାପାତ୍ର, ମିଲି ମଲ୍ଲିକ, ବିଚିତ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନୂତନ ବର୍ଷ ଧୁମ୍‌ଧାମ୍‌ରେ ପାଳିତ

**ଏରସମା, ୧।୧(ସମିସ):** ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ମହାବୀର ପେଟ୍ରୋଲ ପମ୍ପର ସମସ୍ତ ସଦସ୍ୟ ମାନେ ନୂତନ ବର୍ଷକୁ ଧୁମଧାମରେ ପାଳନ କରିଛନ୍ତି। ୨୦୨୩ ଡିସେମ୍ବର ରବିବାର ମଧ୍ୟ ରାତ୍ରିରେ ଭୋଜିଭାତ କରିବା ସହିତ କାନ୍ଥରେ ହାପି ନିୟୁ ୟର - ୨୦୨୪ ଲେଖିବା ସହିତ କେକ୍ କାଟି ସମସ୍ତେ ସମସ୍ତଙ୍କୁ ଖୁଆଇ ଖୁସି ମନେଇଥିଲେ। ପୁରୁଣା ବର୍ଷକୁ ବିଦାୟ ନୂତନ ବର୍ଷକୁ ଅଭିନନ୍ଦନ ସମସ୍ତେ ଏକା ସ୍ୱରରେ କହିବା ସହିତ ଏରସମା ବ୍ଲକର ସମସ୍ତ ଜନସାଧାରଣଙ୍କ ଜୀବନ ସୁଖମୟ ହେଉ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବୀର ଶାନ୍ତି କମିଟି ସଭାପତି ଦେବଦତ୍ତ ସାହାଣୀ, ସୂର୍ଯ୍ୟ ମହାନ୍ତି, ରାକେଶ ଦାସ, ରମାକାନ୍ତ ବେହେରା, ମନୋରଞ୍ଜନ ଦାସ, କାହ୍ନୁଚରଣ ସାହାଣୀ, ପତୀକ୍ ସାହାଣୀ, ମିକୁ ରାଉଳ, ନାରାୟଣ ଦାସ, ଶିବ ଦାସ ତୋଫାନ ଦାସଙ୍କ ସମେତ ନୂତନ ବର୍ଷକୁ ଧୁମଧାମରେ ପାଳନ କରିଛନ୍ତି।

# ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ପାରାଦୀପ, ୧।୧ (ସମିସ):** ମହାବୀର କ୍ରିକେଟ୍ ଟିମ୍ ପକ୍ଷରୁ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। କୋଲଡ଼ିଆଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଶ୍ୱାଳୀ ପଞ୍ଚାୟତ ଅନ୍ତର୍ଗତ କୋଲଡ଼ିଆ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସନ୍ତରା କ୍ରିକେଟ୍ ଟିମ କୋଲଡ଼ିଆ କ୍ରିକେଟ୍ ଟିମ୍‌କୁ ୨ ରନ୍ ହରାଇ ଚାମ୍ପିଅନ ହୋଇଥିବାବେଳେ ବବୁଲ ଦାସ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଆୟୁର୍ବେଦିକ ଡାକ୍ତର ଗୁରୁଚରଣ ବାରିକ, ସାହିତିକ୍ୟ ନିଳାଦ୍ରୀ ବିହାରୀ, ସମାଜସେବୀ ପ୍ରହ୍ଲଲୋଚନ ଦାସ, ଯୁବ ସାମ୍ବାଦିକ ସତ୍ୟଶିବ ପରିଡ଼ା, ଇଂ ଚନ୍ଦନ ସାମଲ, ରାଜେନ୍ଦ୍ର ବେହେରା, ତପନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାହିତ୍ୟିକ କବି ବିପିନ କୁମାର ପତି ମଞ୍ଚ ପରିଚାଳନା କରିଥିବାବେଳେ ଜଗନ୍ନାଥ ପଣ୍ଡା, ବଣ୍ଟି ବେହେରା ଓ ଗୁଡୁଲୁ ସାମଲ ପ୍ରମୁଖ ଆୟୋଜକ ଥିଲେ।

# ଛିଣ୍ଡା ପଲିଥିନ୍ ତଳେ ବିତୁଛି ଅସହାୟ ଝୁମୁରୀଙ୍କ ଜୀବନ

**ରାଜକନିକା, ୧।୧(ସମିସ):** ସ୍ୱାମୀଙ୍କ ମୃତ୍ୟୁର ଦେଢ଼ ବର୍ଷ ବିତି ଗଲାଣି। ଦିଇଟା ପିଲାଙ୍କୁ ନେଇ ସଂଘର୍ଷ ସତ୍ତ୍ୱେ ଖଣ୍ଡେ ଖାଇ ଦଣ୍ଡେ ବଞ୍ଚିବା ବି କଷ୍ଟକର ହେଇ ପଡ଼ିଛି। ଏହା ଭିତରେ ପୁଣି ବେକରେ ବନ୍ଧା ହୋଇଛି ପକ୍ଷାଘାତ ଶାଶୂ।ମୁଣ୍ଡ ଗୁଞ୍ଜିବାକୁ ବି ଘରଟିଏ ନ ଥିବାରୁ ଛିଣ୍ଡା ପଲିଥିନ ତଳେ ଜୀବନ ବିତୁଛି। ରାସନ୍ ଚାଉଳ ଦଶ କେଜି ହିଁ ଏକମାତ୍ର ଭରସା।ଯାହାକି ସମୁଦ୍ରକୁ ଶଙ୍ଖେ। ସରକାରୀ ସହାୟତା ପାଇଁ ଯେତେ କହିଲେ ବି କେହି ଶୁଣିବାକୁ ନାହାଁ। ଏଥିପାଇଁ ନିଜ ପରିବାରକୁ ଚଳାଇବା ନିମନ୍ତେ ପରଘରେ ମଜୁରୀ ଖଟିବାକୁ ହେଉଛି, ଅଥବା ଗାଁରେ ବୁଲି ଭିକ୍ଷା ବୃତ୍ତି କରିବାକୁ ହେଉଛି ବୋଲି କ୍ଷୋଭର ସହ କହିଛନ୍ତି ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡ଼ା ଗାଁର ବିଧବା ମହିଳା ଝୁମୁରୀ ମଳିକ। ପରିବାର କହିଲେ ୧୩ ବର୍ଷର ଝିଅ ଓ ୭ ବର୍ଷ ବୟସର ଏକମାତ୍ର ପୁଅ।ଝିଅଟି ସପ୍ତମରେ

- **ମୂଳ ଲାଗିଲେ ଜଳୁଛି ଚୁଲି; ପକ୍ଷାଘାତ ଶାଶୂ ବେକରେ ବନ୍ଧା**
- **ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ପିଲାଙ୍କ ଭବିଷ୍ୟତ ଚିନ୍ତା**

ପଢୁଛି। ଆଉ ପକ୍ଷାଘାତ ରୋଗରେ ପୀଡିତ ଶାଶୂ। ଝୁମୁରୀଙ୍କ ଏହି ପରିବାର ଭିତରେ ଦାରିଦ୍ର୍ୟତା ତାଙ୍କ ବାଟ ଓଗାଳିଛି।ନା ଶାନ୍ତିରେ ଗଣ୍ଡେ ଖାଇବାକୁ ମିଳୁଛି, ନା ମୁଣ୍ଡ ଗୁଞ୍ଜିବାକୁ ଛାତ ଖଣ୍ଡେ।ଝାଟିମାଟି ଭଙ୍ଗା ଘରେ ଏହି ପରିବାର ଯେନତେନ ପ୍ରକାର ରହିଥିବା ବେଳେ ବର୍ଷାରେ ବି ତିନ୍ତିବାକୁ ହେଉଥାଏ।ଖରା ଶୀତ କାକରକୁ ବି ଦେହ ପାତି ସହିବାକୁ ପଡେ।ଘର କହିଲେ ଚାଳିଛପର ଘର, କାନ୍ଥ ଭଙ୍ଗାକୁ ଉପରେ ପଲିଥିନ ହିଁ ଏକମାତ୍ର ସାହାରା। ଝୁମୁରିକୁ ମିଳୁଛି ମାତ୍ର ଦଶ କିଲୋ ରାସନ୍ ଚାଉଳ।ସେଇଥିରେ ବଞ୍ଚିବା ସହଜ ହେଉ ନ ଥିବାରୁ ବାର ଘର ଶୁଣ୍ଢି ପିଣ୍ଡା ହୋଇ ଦିନ ମଜୁରିଆ କାମ କରିବାକୁ ପଡୁଛି।କେତେବେଳେ ମୁଣ୍ଡରେ ଇଟା ବୋହିବା କୁ ହେଉଛି ତ କେତେବେଳେ ମାଟି।ଏଭଳି କଷ୍ଟକର କାମ କରି ଝୁମୁରୀ ପରିବାର ପ୍ରତିପୋଷଣ କରୁଛନ୍ତି।ଝିଅ ସପ୍ତମରେ ପଢୁଥିଲେ ବି ତା ଟିଉସନ ଖର୍ଚ୍ଚ ଆଉ ବହିଖାତା ଯୋଗାଇ ଦେବାକୁ ବି ଝୁମୁରୀ ଅସମର୍ଥ ଥିବାରୁ ପାଠପଢ଼ାରେ ଡୋରୀ ବନ୍ଧା ହେବ ବୋଲି କହିଛନ୍ତି।ଏମିତିକି ସ୍ୱାମୀ ମରିବାର ଦେଢବର୍ଷ ହୋଇ ଥିଲେ ବି ଏଯାଏଁ ତାଙ୍କୁ ବିଧବା ଭତ୍ତା ଗଣ୍ଡାକ ମିଳୁ ନ ଥିବାର ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅସହାୟ, ନିରାଶ୍ରୟା ଆଉ ଗରିବ ମହିଳାଙ୍କ ପାଇଁ ବହୁ ଯୋଜନା କରାଯାଉଛି।ହେଲେ ତାଙ୍କର ଏହି ଅସହାୟତା ପରିପ୍ରେକ୍ଷୀରେ ସହାୟତା ଯୋଗାଇ ଦେବାକୁ କଣ ପାଇଁ ପଛଘୁଞ୍ଚା ଦେଉଛନ୍ତି ପ୍ରଶାସନ ତାହା ସମସ୍ତଙ୍କୁ ତାଜୁବ କରିଛି। ଏଥିପାଇଁ ଝୁମୁରୀର ପରିସ୍ଥିତିକୁ ଦେଖି ଜିଲ୍ଲା ପ୍ରଶାସନ ସହାୟତାର ହାତ ବଢ଼ାଇବାକୁ ସାଧାରଣରେ ଦାବି ହେଉଛି।



# ଉତ୍ପାଦ ବିକ୍ରିରେ ସହାୟକ
# କୃଷକ ଉତ୍ପାଦକ ସଂଘ

ଆମ ଦେଶର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ । ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ଛୋଟ ଓ ନାମମାତ୍ର ଚାଷୀ ରହିଛନ୍ତି । ତେଣୁ ସ୍ୱଳ୍ପ ପରିମାଣରେ ଜମି ସାଙ୍ଗକୁ ଏହି ଚାଷୀମାନେ ସଂଗଠିତ ନ ଥିବା କାରଣରୁ ଆଧୁନିକ କୃଷି ପ୍ରଣାଳୀର ସୁବିଧା ପାଇପାରନ୍ତି ନାହିଁ । ବଜାରରେ ମୂଲଚାଲ ନ କରିପାରି ଅଧିକାଂଶ ସମୟରେ ଦଲାଲଙ୍କ ଶିକାର ହୁଅନ୍ତି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ କୃଷକମାନେ କେନ୍ଦ୍ର ସରକାରଙ୍କ କମ୍ପାନୀ ଆଇନ ଅନୁସାରେ 'କୃଷକ ଉତ୍ପାଦକ ସଂଘ' ଗଠନ କରି ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହୋଇପାରିବେ । ଏହାକୁ ଦୃଷ୍ଟି ଦେଇ ଚାଷୀଙ୍କ ସାମଗ୍ରିକ ବିକାଶ ଦିଗରେ କୃଷକ ଉତ୍ପାଦକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜ୍ୟ ସରକାର ମଧ୍ୟ ରାଜ୍ୟସ୍ତରରେ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ , କୃଷି ବିଜ୍ଞାନ କେନ୍ଦ୍ର, କୃଷି ଓ ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ଆଦି ସ୍ୱତନ୍ତ୍ର ବିଭାଗ ଜରିଆରେ କୃଷକ ଉତ୍ପାଦନ ସଂଘ ଗଠନ କରି କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ଉତ୍ପାଦକୁ ଉଚିତ ଦରରେ ବିକ୍ରି କରିବା ପାଇଁ ପ୍ରୋତ୍ସାହନ ରାଶି ଯୋଗାଉଛନ୍ତି ।







ଯେକୌଣସି ଚାଷୀ, ଅଣଚାଷୀ, ମାଛଚାଷୀ, ପଶୁପାଳକ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ରହିଥିବା ବ୍ୟକ୍ତି ଉତ୍ପାଦନକାରୀ କୃଷକ ଉତ୍ପାଦକ ସଂଘରେ ସଦସ୍ୟ ହୋଇପାରିବେ । ସମ୍ପ୍ରତି ଗ୍ରାମାଞ୍ଚଳର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଏଥିରେ ଅଂଶୀଦାର ହୋଇ ବିଭିନ୍ନ ପ୍ରକାର କୃଷି ଉଦ୍ୟାନ, ପଶୁପାଳନ, ମାଛ ଚାଷ, ଛତୁ ଚାଷ ଆଦି କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ।

## ମୁଖ୍ୟ କାର୍ଯ୍ୟ

ସଦସ୍ୟଙ୍କୁ ଉପଯୁକ୍ତ ଗୁଣମାନର ବିହନ, କୃଷି ଯନ୍ତ୍ରପାତି ଏବଂ ଚାଷବାସ ନିମନ୍ତେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଦ୍ରବ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଏହାର ମୂଳ ଉଦ୍ଦେଶ୍ୟ । ଚାଷୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସ୍କିମ୍ ଯୋଜନା ସହିତ ଯୋଡ଼ିବାରେ ଏହା ସାହାଯ୍ୟ କରିଥାଏ । କୃଷକ ଉତ୍ପାଦକ ସଂଘ ତରଫରୁ ସଦସ୍ୟମାନଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ମଧ୍ୟ ସୁବିଧାରେ ଭଡ଼ାରେ ରିହାତି ଦରରେ ମିଳିଯାଇପାରେ । ଏଥିପାଇଁ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ ନାହିଁ ।

## ଚାଷ ସମ୍ପର୍କିତ ପରାମର୍ଶ

ପାରମ୍ପରିକ ତଥା ଜୈବିକ କୃଷି ପଦ୍ଧତି ଫସଲ ସମ୍ପର୍କରେ ଉପଯୁକ୍ତ ବୈଷୟିକ ପରାମର୍ଶ ଓ ସହାୟତା ଦେବା, ଯଥା - ମୃତ୍ତିକା ପରୀକ୍ଷା କରାଇବା, କେଉଁ ଜମିରେ କେଉଁ ଫସଲ, ଫସଲ ଅନୁଯାୟୀ ସାର ପ୍ରୟୋଗର ମାତ୍ରା, କେଉଁ ରୋଗପୋକ ପାଇଁ କି ପ୍ରକାର ବ୍ୟବସ୍ଥା କରିବାକୁ ହେବ, ଏସବୁ ସଠିକ୍ ପରାମର୍ଶ ଦେଇ ଅଧିକ ଉତ୍ପାଦନରେ ସାହାଯ୍ୟ କରାଯାଇଥାଏ । ଅଯଥା ଖର୍ଚ୍ଚ ସହ ଫସଲ କ୍ଷତିରୁ ରକ୍ଷା କରାଯାଏ । ସଦସ୍ୟମାନଙ୍କ ଉତ୍ପାଦିତ ସାମଗ୍ରୀକୁ ମୂଲ୍ୟଯୁକ୍ତ କରି ବୃହତ୍ ବଜାରରେ ସର୍ବାଧିକ ମୂଲ୍ୟରେ ବିକ୍ରି କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥାଏ ।

## ଋଣ ମିଳିବାରେ ସମସ୍ୟା ହୁଏନି

ସଂଘ ତରଫରୁ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ଗୋଦାମ ଗୃହ, ଛୋଟ ଶୀତଳ ଭଣ୍ଡାର ବ୍ୟବସ୍ଥା କରାଯାଉଛି । ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କ୍ କିମ୍ବା ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କଠାରୁ ଋଣ ନିଆଯିବାର ବ୍ୟବସ୍ଥା ରହିଛି । ସଂଘର ସଦସ୍ୟମାନଙ୍କ ଦ୍ୱାରା ଜମା କରାଯାଉଥିବା ଅଂଶଧନ ଓ ନିଜସ୍ୱ ପୁଞ୍ଜି ତଥା ସଂଘର କାରବାରକୁ ଦେଖି ବ୍ୟାଙ୍କମାନେ ଆବଶ୍ୟକତା ଅନୁଯାୟୀ ସ୍ୱଳ୍ପ ସୁଧରେ ଋଣ ଦେଇଥାଆନ୍ତି । କୃଷକ ଉତ୍ପାଦକ ସଂଘ ଜରିଆରେ ସହଜ ଓ ସୁବିଧା ଆନୁଷ୍ଠାନିକ କୃଷି ଋଣ ମିଳିପାରିଥାଏ । ଫସଲ ବୀମାର ସୁବିଧା ନେବା ସହଜ ହୋଇଥାଏ ।

## ଆୟକରରେ ରିହାତି

କୃଷକ ଉତ୍ପାଦକ ସଂଘମାନଙ୍କୁ ବାର୍ଷିକ ଶହେ କୋଟି ଟଙ୍କାରେ କାରବାର ଯାଏଁ ସରକାର ଆୟକରରେ ରିହାତି ଦେଇଥାଆନ୍ତି । ସଂପୃକ୍ତ ଅଂଶୀଦାର ବା ସଦସ୍ୟମାନଙ୍କୁ ବିଶେଷ ଲାଭ ମିଳିପାରିଥାଏ । କେନ୍ଦ୍ର ସରକାରଙ୍କ କୃଷି ସଂସ୍କାର ନୀତି ଯୋଗୁଁ ଚାଷୀମାନେ ନିଜ ନିଜ ଉତ୍ପାଦକୁ ଦେଶର ଯେ କୌଣସି ସ୍ଥାନରେ ବିକ୍ରୟ କରିପାରୁଛନ୍ତି । ଏଥିପାଇଁ କୃଷକ ଉତ୍ପାଦକ ସଂଘ ଜରିଆରେ ବିକ୍ରି କରିବାକୁ ଅଧିକ ସୁବିଧା ହୋଇଥାଏ ।

## ଆୟ ଦ୍ୱିଗୁଣିତ

କୃଷକ ଉତ୍ପାଦକ ସଂଘ ଗଠନ ଦ୍ୱାରା ଆୟ ଦ୍ୱିଗୁଣିତ ହୋଇପାରୁଛି । ଏଥିପାଇଁ ସମସ୍ତେ ନିଜ ନିଜ ଅଞ୍ଚଳରେ କୃଷକ ଉତ୍ପାଦକ ସଂଘ ଗଠନ କରି ସେଥିରେ ସକ୍ରିୟ ରହିଲେ, ନିଜର ତଥା ଅନ୍ୟ ଚାଷୀମାନଙ୍କର ସାମଗ୍ରିକ ଉନ୍ନତି ହୋଇପାରିବ ।

"୧୫୦ଜଣ ମହିଳାଙ୍କୁ ନେଇ ମା' ଗ୍ରାମ୍ୟ ଉଜ୍ଜ୍ୱଳା ଉତ୍ପାଦିକା ଗୋଷ୍ଠୀ କରିଛୁ । କିଛି ଜଣ କୁକୁଡ଼ା ପାଳୁଥିବା ବେଳେ, ଆଉ କିଛି ପନି ପରିବା ଚାଷ ସହିତ ମାଛ ଚାଷ କରୁଛନ୍ତି । ଏବେ ଆମ୍ଭ ଆଉ କାଜୁ ଚାଷକୁ ଅଧିକ ଗୁରୁତ୍ୱ ଦେଉଛୁ । ଉତ୍ପାଦକ ଗୋଷ୍ଠୀ ବଳରେ ମାଛ, ଅମଳ ପନି ପରିବା ଫଳ ଆଦି ବିକ୍ରିବଟା କରିବାକୁ ଉତ୍ତମ ପ୍ଲାଟ୍‌ଫର୍ମ ପାଇପାରିଛୁ । ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧାମାନ ଯୋଗାଇ ଦିଆଯାଉଛି ।



- ହେମଲତା ମହାନ୍ତ
ସେକ୍ରେଟାରୀ, ବାଉରିପଦା, କେନ୍ଦୁଝର

୨୦୨୧, ଅଗଷ୍ଟରେ ୧୦୦ଜଣ ଚାଷୀଙ୍କୁ ନେଇ ପଞ୍ଜୀକୃତ ହୋଇଥିଲା ସନାତନପାଲି କୃଷକ ଉତ୍ପାଦକ ସଂଘ । ଏବେ ୧୧୦୦ରୁ ଉର୍ଦ୍ଧ୍ୱ ସେୟାର ହୋଲଡର ସଦସ୍ୟ ଅଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର, ଉଦ୍ୟାନ କୃଷି, ଜିଲ୍ଲା ମୁଖ୍ୟ କୃଷି ସମ୍ବଲପୁର ଅଧିକାରୀ, ସମ୍ବଲପୁର ସହଯୋଗରେ ଏହି ସଂଘ ପରିଚାଳିତ । ଅଞ୍ଚଳର ଚାଷୀଙ୍କୁ ଏକତ୍ରିତ କରି ଚାଷ ସହିତ ବିଭିନ୍ନ ଫୁଲ ଓ ପନିପରିବା ଉତ୍ପାଦନ ଏବଂ ବିକ୍ରି କରିବାକୁ ତାଲିମ ପ୍ରଦାନ କରାଯାଉଛି । ସଚେତନ ଶିବିର ଆୟୋଜନ କରି ଚାଷୀଙ୍କୁ କମ୍ ଦରରେ ନିଜ ସ୍ଥାନୀୟ ଅଞ୍ଚଳର ବିହନ ସହ ଯାନ୍ତ୍ରିକ ଉପକରଣ, ତୈଳବୀଜ ଜାତୀୟ ଦ୍ରବ୍ୟ, ଡାଲି ଜାତୀୟ, ମସଲା ଜାତୀୟ ଦ୍ରବ୍ୟ ଉତ୍ପାଦନ ବୃଦ୍ଧିପାଇଁ ପ୍ରୋତ୍ସାହନ କରୁଛୁ । ଫୁଲ, ପନିପରିବା ଓ ଛତୁଚାଷରୁ ଭଲ ଲାଭ ମିଳୁଛି ।"



- ମନବୋଧ ବାରିକ
ନିର୍ଦ୍ଦେଶକ, ଯୁଯୁମୁରା, ସମ୍ବଲପୁର

# ଶୀତଦିନିଆ
# ଶାଗ ଚାଷ



ଆମ ରାଜ୍ୟରେ ଶୀତଦିନେ ମୁଖ୍ୟତଃ କୋଶଳା, ବଥୁଆ, ପୋଇ, ମେଥି, ପାଳଙ୍ଗ ଓ ସୋରିଷ ପ୍ରଭୃତି ଶାଗ ଚାଷ କରାଯାଇଥାଏ । ଏହାକୁ ଚାଷ କରି ଜଣେ ଅଧିକ ରୋଜଗାରକ୍ଷମ ହୋଇପାରିବ । ଢିପ ଓ ନିଗିଡ଼ା ମାଟିରେ ଶାଗଚାଷ ଭଲ ହୋଇଥାଏ । ସେହିପରି ଦୋରସା ମାଟି ଶାଗ ପାଇଁ ଖୁବ୍ ଉପଯୁକ୍ତ ମଧ୍ୟ । ଶାଗ ପାଇଁ କ୍ଷେତକୁ ଭଲ ଭାବରେ ଚାଷ କରି ମାଟି ଗୁଣ୍ଡ କରିଦେବା ଉଚିତ । ଲୁହା ଲଙ୍ଗଳରେ ଏକ ବା ଦୁଇ ଓଡ଼ ଚାଷ କରି ପରେ କଳ ଲଙ୍ଗଳ ସାହାଯ୍ୟରେ ଚାଷ କଲେ ମାଟି ଗୁଣ୍ଡ ହୋଇଯାଏ । ଚାଷ ସମୟରେ ଜମିରେ ଖତ ଦେଲେ ଏହା ମାଟିରେ ଭଲ ଭାବରେ ମିଶିଯାଏ । ଶାଗ ବୁଣିବା ପୂର୍ବରୁ ବିଲରେ ମଇ ଦେଇ ମାଟିକୁ ସମତଳ କରିଦେବା ଭଲ । ସୁବିଧା ଦେଖି ପ୍ରତି ୧୦ ଫୁଟ ଚଉଡ଼ାରେ କ୍ଷେତରେ ସିଆର ଟାଣି ଦିଆଯାଏ, କାରଣ ସିଆର ଦେଇ ଶାଗ ଫସଲରେ ପାଣି ଦିଆଯାଇଥାଏ ।

ଦୋରସା ମାଟିରେ ମଧ୍ୟ ଶାଗ ଚାଷ ସମ୍ଭବ । ଚାଷ ପୂର୍ବରୁ କ୍ଷେତରେ ପ୍ରଚୁର ପରିମାଣରେ ଖତ ଦେଇ ସଠିକ୍ ଭାବେ ପାଣିଦେବା , ଘାସ ବାଛିବା ଓ ଅମଳ କରିବା ପାଇଁ ପଟାଳିକୁ ସୁବିଧା ଅନୁଯାୟୀ ପଟି ପଟି କରିବା ଉଚିତ । ପାଣିପାଗ ଅନୁଯାୟୀ କ୍ଷେତରେ ଶାଗ ମଞ୍ଜି ବୁଣିବା ଆବଶ୍ୟକ । ଶାଗ ମଞ୍ଜି ଛୋଟ ଛୋଟ ହୋଇଥିବାରୁ ଏହାକୁ ଗୁଣ୍ଡଖତ ବା ମାଟି ସହିତ ମିଶାଇ କ୍ଷେତରେ ବୁଣାଯାଏ । ବୁଣିବାର ଠିକ୍ ୧୫ ଦିନ ପରେ ଅବଶିଷ୍ଟ ଯବକ୍ଷାରଜାନ ଏବଂ ପଟାସ ସାର ପ୍ରୟୋଗ କରିବା ଉଚିତ । ଶାଗ ପଟାଳି ପାଇଁ ଏକର ପିଛା ୪୪ କିଲୋଗ୍ରାମ୍ ୟୁରିଆ , ୧୦୦ କିଲୋଗ୍ରାମ୍ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଏବଂ ୨୦ କିଲୋଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ସାର ଆବଶ୍ୟକ ହୋଇଥାଏ । ଫସ୍‌ଫରସ୍, ଯବକ୍ଷାରଜାନ ଓ ପଟାସକୁ ମୂଳସାର ହିସାବରେ ବ୍ୟବହାର କରିପାରିବେ । ପ୍ରାୟ ୨୫ ରୁ ୩୦ ଦିନ ଭିତରେ କୋଶଳା ଶାଗ ଅମଳ ପାଇଁ ଉପଯୁକ୍ତ ହୋଇଥାଏ । ପ୍ରତି ୧୦ ରୁ ୧୫ ଦିନରେ ଥରେ ଲେଖାଏଁ କାଟି ବିକ୍ରି କରିପାରିବେ ।

## କୃଷି ପାଞ୍ଜି

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ଡାଲୁଅ ଧାନର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ ।
- ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ଫସଲରେ ଜଳ ସିଞ୍ଚନ କରନ୍ତୁ ।
- ବର୍ତ୍ତମାନ ପନିପରିବା ତଳି ରୋଉଥିଲେ, ରାତିରେ କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡ଼ାଇ ଦିଅନ୍ତୁ ।
- ସନ୍ଧ୍ୟା ସମୟରେ ତଳିଘେରାକୁ ବୋରୱେଲ୍ ପାଣି ଦ୍ୱାରା ଜଳସେଚନ ଏବଂ ଠିଆ ପାଣି କାଟି ଦେଇ ମାଟିକୁ ଓଦା ରଖନ୍ତୁ ।
- ସୂର୍ଯ୍ୟମୁଖୀ ଫସଲ ବର୍ତ୍ତମାନ ୨୫ରୁ ୩୦ ଦିନ ଅବଧିରେ ଅଛି । କୋଡ଼ାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ ।
- ଆଖୁ ଫସଲକୁ ଜମି ପତନଠାରୁ ଏକ ଇଞ୍ଚ ତଳକୁ, ଯେପରିକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ, ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ୍ ରହେ ଓ ଅମଳ ଠିକ୍ ମିଳେ ।
- ଶୀତଦିନେ ମାଛ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ନିରାକରଣ ପାଇଁ ଏକର ପୋଖରୀ ପ୍ରତି ସିଫାକ୍ସ @ ୪୦୦ ମିଲି ୪୦ ଲିଟରରେ ମିଶାଇ ବିଶୋଧନ କରନ୍ତୁ ।
- ଗୁହାଳଘର ଏବଂ ଚଟାଣକୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ତଥା ଥଣ୍ଡା ରଖନ୍ତୁ ନାହିଁ । କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବାକୁ ରୁମ୍ ହିଟର ଲଗାନ୍ତୁ ।




ଅଙ୍ଗୁରରେ ବିଭିନ୍ନ ପ୍ରକାର ଭିଟାମିନ୍ ଓ ପୋଷକତତ୍ତ୍ୱ ରହିଛି । ଏହା ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟପାଇଁ ହିତକର । ବଜାରରେ ବିଭିନ୍ନ ରଙ୍ଗର ଅଙ୍ଗୁର ମିଳୁଥିବାବେଳେ ଅଧିକ ଚାହିଦା ରହିଥାଏ କଳା ଅଙ୍ଗୁରର । ତେଣୁ କଳା ଅଙ୍ଗୁର ଚାଷ କରିବା ପାଇଁ ଏହାର ଉନ୍ନତ କିସମ ଚୟନର ଆବଶ୍ୟକତା ରହିଛି । ଏହି କିସମ ବ୍ୟବହାର କରି ଜଣେ ଚାଷୀ ଅଧିକ ଲାଭବାନ ହୋଇପାରିବେ । କେବଳ ସେତିକି ନୁହେଁ, କଳା ଅଙ୍ଗୁରର ଉନ୍ନତ କିସମ ବ୍ୟବହାର କରି ଚାଷ କରିଲେ ଏଥିରେ ରୋଗପୋକ ଲାଗିବାର ଭୟ ମଧ୍ୟ ନ ଥାଏ । ତେଣୁ ବ୍ୟୁଟି ସିଡ୍‌ଲେସ କିସମ, କଳା ସାହେବୀ କିସମ, ଅର୍କା ଶ୍ୟାମ, ଅର୍କା ନୀଳ ମଣି କିସମ,ଅର୍କା କୃଷ୍ଣା, ଇତ୍ୟାଦି ବ୍ୟବହାର କରିପାରିବେ ।

ବ୍ୟୁଟି ସିଡ୍‌ଲେସ କିସମ ବ୍ୟବହାର କରିବା ଦ୍ୱାରା ଶୀଘ୍ର ଫଳିଥାଏ । ଫଳ ବେଶ୍ ନରମ ରହିଥାଏ । ଏହାର ଦାନା ଛୋଟ ଏବଂ ମଧ୍ୟମ ଆକାର ହୋଇଥାଏ । ଏହି କିସମ ଅଙ୍ଗୁରକୁ ଅଧିକ ଜୁସ୍ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଏ । ସେହିପରି କଳା ସାହେବୀ କିସମ କଳା ଅଙ୍ଗୁର ଚାଷ କରିବା ଦ୍ୱାରା ହେକ୍ଟର ପ୍ରତି ୧୨ରୁ ୧୫ କ୍ୱିଣ୍ଟାଲ ଆୟ ଫଳିଥାଏ । ଏହାର ଆକାର ମଧ୍ୟ ମଧ୍ୟମ ।

ଅର୍କା ଶ୍ୟାମ୍ କିସମ ଅଙ୍ଗୁର ଅଣ୍ଡାକୃତି ହୋଇଥାଏ । ଏଥିରେ ରୋଗପ୍ରତିରୋଧକ ଗୁଣ ଥିବାରୁ ଏହି କିସମ ଚାଷ କରିବା ଦ୍ୱାରା ଅଧିକ ମାତ୍ରାର ରୋଗପୋକ ଲାଗିବାର ଭୟ ନ ଥାଏ । ସେହିପରି ଅର୍କା କୃଷ୍ଣା କିସମ ହେକ୍ଟର ପ୍ରତି ୩୩ଟନ୍ ହୋଇଥାଏ । ଏହା ମଧ୍ୟ ଜୁସ୍ ଲଗାଇବା ପାଇଁ ବେଶ୍ ଉପଯୁକ୍ତ ।

# ଛେଳିଛୁଆଙ୍କ ମୃତ୍ୟୁହାର ରୋକିବାର ସହଜ ଉପାୟ

ଆମ ରାଜ୍ୟର କେତେକ ଚାଷୀ ବିଭିନ୍ନ ଶସ୍ୟ ଓ ପନିପରିବା ଚାଷ ସହିତ କୁକୁଡ଼ା ଓ ଛେଳି ପାଳନ କରି ଜୀବିକା ନିର୍ବାହ କରନ୍ତି । ତେଣୁ ଲାଭଜନକ ଛେଳିପାଳନରେ ଛେଳି ଛୁଆମାନଙ୍କର ମୃତ୍ୟୁହାର ରୋକିବା, ଜନ୍ମରୁ ତିନିମାସ ମଧ୍ୟରେ ସେମାନଙ୍କୁ ବଞ୍ଚାଇ ରଖିବା, ଉପଯୁକ୍ତ ସମୟରେ ନିର୍ଦ୍ଦିଷ୍ଟ ଓଜନ କରି ସେମାନଙ୍କୁ ବିକ୍ରି କରିବା ଆଦି ଦିଗକୁ ଛେଳି ପାଳକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ତେଣୁ ଛେଳି ଛୁଆମାନଙ୍କର ଖାଦ୍ୟ ପରିଚାଳନା ଠିକ୍ ଭାବରେ କରି ଛେଳି ପାଳକ ଲାଭବାନ ହୋଇପାରିବେ । ଏଥିପାଇଁ ସେମାନଙ୍କୁ ଛେଳିଛୁଆମାନଙ୍କର ଜନ୍ମଠାରୁ ଏକ ବର୍ଷ ବୟସ ପର୍ଯ୍ୟନ୍ତ ଖାଦ୍ୟ ପରିଚାଳନା ଉପରେ ବିଶେଷ ଭାବେ ଧ୍ୟାନ ଦେବାକୁ ହୁଏ ।



ଡା. ନିରାକାର ଜେନା

- ଛେଳିଛୁଆମାନଙ୍କର ଖାଦ୍ୟ ପରିଚାଳନାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା ଜନ୍ମରୁ ତିନିମାସ ପର୍ଯ୍ୟନ୍ତ ଓ ତିନିମାସରୁ ଏକ ବର୍ଷ ପର୍ଯ୍ୟନ୍ତ ।
- ପ୍ରଥମତଃ ଜନ୍ମରୁ ତିନିମାସ ମଧ୍ୟରେ ତଥା ଛେଳିଛୁଆ ଜନ୍ମ ହେବା ପରେ ତାକୁ ଛେଳିର କଷକ୍ଷୀର ଖାଇବାକୁ ଦେବା ଉଚିତ । ଏହାଦ୍ୱାରା ଛେଳିଛୁଆର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ
- ଜନ୍ମରୁ ତିନିଦିନ ପର୍ଯ୍ୟନ୍ତ ମା' ଛେଳିର କ୍ଷୀରରେ କୋଲୋଷ୍ଟ୍ରମ୍ ଥାଏ । ତେଣୁ ତିନିଦିନ ପର୍ଯ୍ୟନ୍ତ ଛେଳିଛୁଆଙ୍କୁ ଦିନକୁ ୩୦୦ମିଲି କଷକ୍ଷୀର ତିନିଦିନ ପର୍ଯ୍ୟନ୍ତ ଖାଇବାକୁ ଦେବା ଉଚିତ ।
- ଛେଳିଛୁଆର ୪ରୁ ୧୪ ଦିନ ପର୍ଯ୍ୟନ୍ତ ଦୈନିକ ୩୫୦ ମିଲି କ୍ଷୀର ଖାଇବାକୁ ଦେବା ଉଚିତ ।
- ଛେଳିଛୁଆମାନଙ୍କୁ ୧୫ରୁ ୩୦ ଦିନ ପର୍ଯ୍ୟନ୍ତ ଦୈନିକ ୩୦୦ ମିଲି ମା' କ୍ଷୀର ପିଇବାକୁ ଦେବା ଫଳପ୍ରଦ । ୩୧ରୁ ୬୦ ଦିନ ପର୍ଯ୍ୟନ୍ତ ଦୈନିକ ୪୦୦ ମିଲି କରି ମା' କ୍ଷୀର ପିଇବାକୁ ଦେବା ସହ ୧୦୦ରୁ ୧୫୦ କ୍ରିପ୍ ଦାନା ଖାଇବାକୁ ଦେବା ଉଚିତ । ୬୦ରୁ ୯୦ ଦିନ ପର୍ଯ୍ୟନ୍ତ ୩୦୦ ମିଲି ମା କ୍ଷୀର ସହ ୨୦୦ରୁ ୨୫୦ ଗ୍ରାମ କ୍ରିପଦାନା ଖାଇବାକୁ ଦେବା ଉଚିତ ।
- ତିନିରୁ ଏକବର୍ଷ ପର୍ଯ୍ୟନ୍ତ ଛେଳିଛୁଆର ଓଜନ ବଢ଼ିଥାଏ । ତେଣୁ ନିୟମିତ ଦୈନିକ ୮ଘଣ୍ଟା ଚରିବାକୁ ଛାଡ଼ିବା ସହ ୧୦୦ରୁ ୨୦୦ ଗ୍ରାମ ମିଶ୍ରିତ ଦାନା ଦେବା ଦରକାର । ଏହି ଉପାୟରେ ଛେଳି ଛୁଆର ଖାଦ୍ୟ ପରିଚାଳନା କଲେ ଛେଳିଛୁଆ ବଢ଼ି ଭଲ ମାଇ ଛେଳି ହେବା ସହ ଅଣ୍ଡିରା ଛେଳିମାନଙ୍କୁ ଉପଯୁକ୍ତ ଦରଦାମରେ ବିକ୍ରି କରାଯାଇପାରିବ ।

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି , ଭଦ୍ରକ

# ଅବସର ପରେ
# ସେଓ ଚାଷ

ଭିଟାମିନ - ସି, ଇ, ବି-୬ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର ସେଓ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ । ଯଦିଓ ଜମ୍ମୁକାଶ୍ମୀର ଓ ହିମାଚଳ ପ୍ରଦେଶରେ ଅଧିକ ସେଓ ଚାଷ କରାଯାଇଥାଏ, ଏବେ କିନ୍ତୁ ଉନ୍ନତ ପ୍ରଣାଳୀରେ ଦେଶର ବିଭିନ୍ନ ସ୍ଥାନରେ ସେଓ ଚାଷ କରାଯାଇପାରୁଛି । ସେଓ ଚାଷ ଦ୍ୱାରା କେବଳ ଜଣେ ବ୍ୟକ୍ତି ଆର୍ଥିକ ଆତ୍ମନିର୍ଭରଶୀଳ ହୋଇପାରେ ତାହା ନୁହେଁ, ବରଂ କୃଷିକାର୍ଯ୍ୟରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି ପ୍ରମାଣିତ କରିଦେଖାଇଛନ୍ତି ପୁଣେ, ଇନ୍ଦାପୁରର ପ୍ରଭାକର ଖରାତ । ଶିକ୍ଷକ ଚାକିରିରୁ ଅବସର ନେଇ ପ୍ରଭାକର ସେଓ ଚାଷ କରିବାକୁ ମନ ବଳାଇଥିଲେ । ଆଉ ଏହି ଚାଷରେ ମଧ୍ୟ ସେ ସଫଳ ହୋଇଛନ୍ତି ।

ଶିକ୍ଷକ ପଦରୁ ଅବସର ନେଇ କୃଷି କାର୍ଯ୍ୟରେ ମନ ବଳାଇଥିଲେ ପ୍ରଭାକର । ତେଣୁ ସେ ପାରମ୍ପରିକ ପଦ୍ଧତିରେ ଚାଷ ନ କରି ଉନ୍ନତ କୌଶଳରେ ସେଓ ଚାଷ କରିଲେ । ଦାର୍ଜିଲିଂରୁ ସେଓ ଗଛ ମଗାଇ ନିଜ ଗାଁରେ ଚାଷ ଆରମ୍ଭ କରିଥିଲେ । ଗଛ ରୋପଣର ପ୍ରାୟ ୧୫ରୁ ୧୯ ମାସ ମଧ୍ୟରେ ପ୍ରଥମ ସେଓ ମିଳିଥିଲା । ତେଣୁ ଏହାପରେ ସେ ଏହି ଚାଷକୁ ଅଧିକ ଗୁରୁତ୍ୱ ଦେବା ସହ ଯେଉଁମାନେ ପରମ୍ପରାଗତ ଭାବେ ସେଓ ଚାଷ କରିବାକୁ ଭୟ କରୁଥିଲେ, ସେମାନଙ୍କ ପାଇଁ ସକାରାତ୍ମକ ବାର୍ତ୍ତା ଦେଇଥିଲେ । ପ୍ରଭାକରଙ୍କ ପୁଅ ଜମ୍ମୁକଶ୍ମୀରରୁ ସେଓ ଚାଷ ଦେଖି ଏହି ଚାଷ ସମ୍ବନ୍ଧରେ ଜ୍ଞାନ ହାସଲ କରିଥିବାରୁ ଏହାକୁ ବ୍ୟବହାର କରି ସେ ବାପାଙ୍କୁ ଚାଷରେ ସାହାଯ୍ୟ କରିଥିଲେ । ପ୍ରଭାକର ଜୈବିକ ଉପାୟରେ ସେଓ ଚାଷ କରନ୍ତି । ସେଓ ଚାଷ ପାଇଁ ସେ ଆଦୌ ରସାୟନ ବ୍ୟବହାର କରନ୍ତିନି । ବରଂ ରୋଷେଇ ଘରୁ ବାହାରୁଥିବା ପରିବା ଚୋପା ଓ ଅନ୍ୟାନ୍ୟ ଜୈବିକ ଖତ ସେ ଜମିରେ ପ୍ରୟୋଗ କରନ୍ତି । ଏହି ଉପାୟରେ ଚାରିବର୍ଷ ହେବ ସେ ସେଓ ଚାଷ କରି ଲାଭବାନ ହୋଇପାରିଛନ୍ତି । ପ୍ରଭାକରଙ୍କ କହିବା ମୁତାବକ ସେଓ ଚାଷରୁ ଭଲ ଉତ୍ପାଦନ ପାଇଁ ଥଣ୍ଡାବାତାବରଣ ଆବଶ୍ୟକ । ତେଣୁ ସେଓ ଚାଷ କରିବା ସମୟରେ ମାଟିର ଆର୍ଦ୍ରତା ଓ ଜଳବାୟୁକୁ ଧ୍ୟାନ ଦେବା ନିହାତି ଜରୁରି ।







'ସକାଳ' କାର୍ଯ୍ୟାଳୟରେ ନୂତନ ବର୍ଷ ଅବସରରେ 'ସକାଳ' କ୍ୟାଲେଣ୍ଡରର ଶୁଭ ଉନ୍ମୋଚନ କରୁଛନ୍ତି ସିଇଓ ସୁବ୍ରତ ଦାସ

## ୯ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**କଟକ, ୧।୧(ସମିସ):** ଆସନ୍ତା ୯ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୧ ଲକ୍ଷ ୪୭ ହଜାର ୯୧୧ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀ ଏବଂ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟାରୁ ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ହେବ। ଏଥିନିମନ୍ତେ ରାଜ୍ୟରେ ୭୦୪ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସୋମବାରଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍‌ରେ ସେମାନଙ୍କର ନାମ ଏବଂ ବାପାଙ୍କ ନାମ କିମ୍ବା ପଞ୍ଜୀକରଣ ନମ୍ବର ଦେଇ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ଆଜିଠୁ +୨ ପ୍ରାକ୍ଟିକାଲ ପରୀକ୍ଷା

**ଭୁବନେଶ୍ୱର, ୧।୧ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପ୍ରାକ୍ଟିକାଲ ପରୀକ୍ଷା ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ଆରମ୍ଭ ହେବ। ଜାନୁଆରୀ ୨ରୁ ୧୨ତାରିଖ ମଧ୍ୟରେ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟା ସରିବ। ପରିଷଦ ପକ୍ଷରୁ ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତ କରିବା ପାଇଁ ମଧ୍ୟ ପରିଷଦ କଲେଜଗୁଡ଼ିକୁ ମାର୍ଗଦର୍ଶିକା ଜାରି କରିଛି। ମାର୍ଗଦର୍ଶିକା ଅନୁଯାୟୀ, ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଗୋଟିଏ ଗ୍ରୁପ୍‌ରେ ସର୍ବାଧିକ ୨୪ ଛାତ୍ରଛାତ୍ରୀ ରହିବେ। ସମାନ ଦିନରେ ଜଣେ ପରୀକ୍ଷାର୍ଥୀଙ୍କ ଏକାଧିକ ପରୀକ୍ଷା କରାଯିବ ନାହିଁ। ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ଆଡମିଟ୍ କାର୍ଡ ଯାଞ୍ଚ କରାଯାଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ହଲ୍‌କୁ ପ୍ରବେଶ ପାଇଁ ଅନୁମତି ଦିଆଯିବ। ସବୁ ପରୀକ୍ଷା ହଲ୍‌ରେ ସିସିଟିଭି କାର୍ଯ୍ୟକାରୀକୁ ବାଧ୍ୟତାମୂଳକ କରାଯାଇଛି।

# ଭକ୍ତ ନିବାସରେ ଖୋଲିଲା ନିରାମିଷ ଭୋଜନାଳୟ

**ପୁରୀ,୧।୧(ସମିସ):** ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାରପ୍ରସାର ଏବଂ ହାତ ପାହାନ୍ତାରେ ଏହାକୁ ଉପଲବ୍ଧ କରାଇବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଉଦ୍ୟମ କରାଯାଇଛି। ନୂଆବର୍ଷ ଆରମ୍ଭରେ ଶ୍ରୀମନ୍ଦିର ପ୍ରଶାସନର ଭକ୍ତ ନିବାସରେ ଖୋଲିଛି ନିରାମିଷ ଭୋଜନାଳୟ। ଏଣିକି ଭକ୍ତ ନିବାସରେ ରହୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଓଡ଼ିଆ

**ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ରୁଚିପୂର୍ଣ୍ଣ ଓଡ଼ିଆ ଖାଦ୍ୟ**

ରୁଚିପୂର୍ଣ୍ଣ ଖାଦ୍ୟ। ଶ୍ରୀକ୍ଷେତ୍ରର ନୀଳାଦ୍ରି ଭକ୍ତ ନିବାସ, ଗୁଣ୍ଡିଚା ଭକ୍ତ ନିବାସ, ନୀଳାଚଳ ଭକ୍ତ ନିବାସ ଓ ପୁରୁଷୋତ୍ତମ ଭକ୍ତ ନିବାସରେ ନିରାମିଷ ଭୋଜନାଳୟର ବ୍ୟବସ୍ଥା ଓଟିଡିସି ପକ୍ଷରୁ ଉପଲବ୍ଧ ହେବ।

ସୋମବାର ଅପରାହ୍ନରେ ପୁରୁଷୋତ୍ତମ ଭକ୍ତ ନିବାସରେ ଓଟିଡିସି ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ପୁରୀ ଏକ ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର। ତେଣୁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ସାତ୍ତ୍ୱିକ ଭୋଜନ ପାଇଁ ଆଗ୍ରହ ରହିଥାଏ। ସେମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଟିଡିସି ସହଭାଗିତାରେ ଶ୍ରୀମନ୍ଦିରର ୪ଟି ଯାକ ଭକ୍ତ ନିବାସରେ ନିରାମିଷ ଭୋଜନାଳୟର ବ୍ୟବସ୍ଥା ହୋଇଛି। ରୁଚିପୂର୍ଣ୍ଣ ଓଡ଼ିଆ ଖାଦ୍ୟ ପରିବେଷଣ ସହ ପାର୍ବଣମାନଙ୍କରେ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ପରସାଯିବ। ସେହିପରି ଟ୍ରାଭେଲ ଡେସ୍କ ମାଧ୍ୟମରେ ପର୍ଯ୍ୟଟନ ପାଇଁ ଟିକେଟ ବ୍ୟବସ୍ଥା ରହିବ।



ଓଟିଡିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି କହିଛନ୍ତି, ଓଟିଡିସି ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଯାତ୍ରୀମାନଙ୍କୁ ରୁଚିପୂର୍ଣ୍ଣ, ସୁସ୍ୱାଦୁ ଓ ଉଚିତ ମୂଲ୍ୟରେ ସାତ୍ତ୍ୱିକ ନିରାମିଷ ଖାଦ୍ୟ ଯୋଗାଇ ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନ ଓଟିଡିସି ଉପରେ ଭରସା ରଖିଥିବାରୁ ଧନ୍ୟବାଦ ଦେବା ସହ ତାଙ୍କ ବିଶ୍ୱାସକୁ ବଜାୟ ରଖିବୁ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଅନନ୍ତ ତିଆଡି, ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପଦାଧିକାରୀ (ଉନ୍ନୟନ) ଅଜୟକୁମାର ଜେନା, ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢ଼ୀ, ଓଟିଡିସିର ସାଧାରଣ ପରିଚାଳକ ଡ. ଲଲାଟେନ୍ଦୁ ସାହୁ, ରାଜସ୍ୱ ଉପ ପ୍ରଶାସକ ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଏହି ବ୍ୟବସ୍ଥା ଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁମାନେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଥିଲେ। ପୁରୀ ପାନ୍ଥନିବାସର ପରିଚାଳକ ଚନ୍ଦ୍ରକାନ୍ତ ସାହୁ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

## ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କଲେ

**ପୁରୀ, ୧।୧(ସମିସ):** ନୂଆବର୍ଷର ପ୍ରଥମ ଦିନରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ପୂର୍ବାହ୍ନରେ ରାଜ୍ୟପାଳ ସପରିବାର କଡା ସୁରକ୍ଷା ମଧ୍ୟରେ ଆସି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ସେମାନଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସପରିବାର ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଥିଲେ। ଏଥିସହ ବେଢ଼ା ପରିକ୍ରମା ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୪୦ ମିନିଟ୍ ମନ୍ଦିରରେ ବିତାଇବା ପରେ ବାହାରକୁ ଆସିଥିଲେ ରାଜ୍ୟପାଳ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟପାଳ କହିଥିଲେ ଯେ, ବର୍ଷ ଆରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସେ ବହୁତ ଖୁସି। ଗରିବର ଦେବତା ହେଉଛନ୍ତି ଜଗନ୍ନାଥ। ଠାକୁରଙ୍କୁ ଦର୍ଶନ କରି ସେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି ବୋଲି କହିଥିଲେ।



ଏତଦ୍‌ବ୍ୟତୀତ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନୂଆବର୍ଷରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବା ସହ ପରିବାରର ମଙ୍ଗଳ କାମନା କରିଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି, ଆଗକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ରହିଛି। ଏହା ସମସ୍ତ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ପାଇଁ ଖୁସିର ମୁହୂର୍ତ୍ତ ବୋଲି ମତ ଦେଇଛନ୍ତି।

## ଖେଳୁଖେଳୁ ନାକରେ ପଶିଗଲା ତୀର

**ମାଲକାନଗିରି,୧।୧(ସମିସ):** କାଳ ହେଲା ଧନୁତୀର ଖେଳ। ଖେଳୁଖେଳୁ ତୀର ନାକରେ ଗଳିଗଲା। ମାଲକାନଗିରି ଜିଲ୍ଲା ମୁଦୁଲିପଡ଼ା ଥାନାସ୍ଥିତ ଖଇରପୁଟ ବ୍ଲକ୍ ଆନ୍ଦାଗୁଡ଼ା ଗ୍ରାମରେ ସୋମବାର ଏହି ଅଘଟଣ ଘଟିଛି। ଗ୍ରାମର ଜଗନ୍ନାଥ ପୂଜାରୀଙ୍କ ପୁଅ ନନ୍ଦ ପୂଜାରୀ(୯) ଆହତ ହୋଇଛନ୍ତି। ନନ୍ଦ ଦାଣ୍ଡରେ ଧନୁଶର ଖେଳୁଥିବା ବେଳେ ଅସାବଧାନତାବଶତଃ ତୀରଟି ତା' ନାକପୁଡ଼ାରେ ପଶି ଯାଇଥିଲା। ତାଙ୍କ ଚିତ୍କାର ଶୁଣି ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ତୀରଟିକୁ କାଢ଼ିବା ପାଇଁ ବହୁତ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ତାଙ୍କୁ ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସପନ କୁମାର ଦିଣ୍ଡା ପ୍ରାୟ ଦୁଇ ଘଣ୍ଟାର ଅସ୍ତ୍ରୋପଚାର ପରେ ତାଙ୍କ ନାକରୁ ତୀରଟିକୁ ବାହାର କରିଥିଲେ। ନାବାଳକଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।



**ଦୁଇ ଘଣ୍ଟାର ଅସ୍ତ୍ରୋପଚାର ପରେ ବାହାରିଲା ତୀର**

■ ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା

## ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ସ୍ତ୍ରୀଙ୍କ ଆତ୍ମହତ୍ୟା

**ଜଟଣୀ,୧।୧(ସମିସ):** ଭୁବନେଶ୍ୱରସ୍ଥିତ ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ମାମଲାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଟଣୀ ହରିରାଜପୁରର ଦିଲ୍ଲୀପ ସାମନ୍ତରାୟଙ୍କ ମୃତ୍ୟୁ ଘଟିଲା। ସ୍ୱାମୀର ଏଭଳି ଅକାଳ ମୃତ୍ୟୁ ଖବର ଶୁଣି ମ୍ରିୟମାଣ ହୋଇପଡ଼ିଲେ ସ୍ତ୍ରୀ। ସ୍ୱାମୀର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିଲେ ନାହିଁ। ଶେଷରେ ଆତ୍ମହତ୍ୟା ଭଳି ବାଟ ବାଛି ନେଲେ ସ୍ତ୍ରୀ। ଏଭଳି ଏକ ଦୁଃଖଦ ଘଟଣା ଜଟଣୀ ଥାନା ଅନ୍ତର୍ଗତ ନୂଆଗାଁ ଗାନ୍ଧୀନଗରରେ ଦେଖିବାକୁ ମିଳିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ମହିଳା ସୋମ୍ୟାଶ୍ରୀ ଜେନା (୨୪)। ପୁଲିସ ଘଟଣାସ୍ଥଳରେ ପହଁଞ୍ôଚ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଭଳି ଏକ ଘଟଣାକୁ ନେଇ ପୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଥାଉକି, ଗତ ଡିସେମ୍ବର ୨୯ ତାରିଖରେ ହାଇଟେକ୍ ହସ୍ପିଟାଲରେ ଏସି ମରାମତି କାମ କରାଯାଉଥିଲା। ଏହି ସମୟରେ ହଠାତ୍ କମ୍ପ୍ରେସର ବିସ୍ଫୋରଣ ଘଟିଥିଲା। ଘଟଣାରେ ଦିଲ୍ଲୀପଙ୍କ ସମେତ ୪ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଏସି ମେକାନିକ୍ ଦିଲ୍ଲୀପ ଗୁରୁତର ଭାବେ ଆଇସିୟୁରେ ଚିକିତ୍ସାଧୀନ ଥିବା ବେଳେ ଡିସେମ୍ବର ୩୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ କୁ ନେଇ ପତ୍ନୀ ସୋମ୍ୟାଶ୍ରୀ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ମହିଳାଙ୍କ ବାପା ଶଶୁର ଘରୁ ଝିଅକୁ ଜଟଣୀ ନୂଆଗାଁ ସ୍ଥିତ ଘରକୁ ନେଇ ଆସିଥିଲେ। ବହୁ ବୁଝାସୁଝା କରିଥିଲେ ମଧ୍ୟ ହଠାତ୍ ସୋମବାର ସକାଳେ ଘର ଭିତରେ ସୋମ୍ୟାଶ୍ରୀ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଁଞ୍ôଚ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ପୁଲିସ ଥାନା କେସ ନଂ ୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- ENGLISH

**SECTION – A READING SKILLS**

**1. Read the following Text. (10)**

1.How often do we remember to treat others as you would like them to treat you? In our quest to get more and more, we forget that the quality of our lives depends on the kind of personalities we have cultivated for ourselves. Genes might play a role when it comes to one's disposition, but the major portion of our attitudes and behaviour is influenced by the choices we make. So in the beginning of every year should you resolve to make more money, learn a new language, travel more frequently then you must discontinue being the same grumpy, impatient soul you always were, should you then not seek to refine your character, focus on nuances like how you treat people, react to challenges and deal with stress situations? For most people, such a course would yield rich results.

2. According to Mary Thomas, usually our New Year resolutions remain unachieved because we try to achieve the impossible or, sometimes, just add more goals that we wish to accomplish to the list of resolutions, but, strangely, we do not remember much about them during the course of the year as we do not seem to value them enough to complete them. The better option would be to address something fundamental to you, to who you really are, and go ahead with completing them instead of making any drastic resolutions which you will never be able to fulfil. You could resolve to be a better person by having a positive attitude towards people you come across in life. This could involve being nice with the lady who cleans the house, or your colleague who sits near you, but you never interacted with. Another trick is to acknowledge people for the value they add to your personal or professional life. By extending basic courtesies to people around you, you add value to your life and that pays off in the long run.

3. Sometimes, we know that there is room for improvement as far as our personalities are concerned but we have little or no idea where to make the start. An easy starting point could be to look for opportunities in one's immediate surroundings. One positive starting point could be taking a positive attitude towards life and dispelling all negative thoughts. You could make a positive beginning by being a better person at work. This means treating everyone with respect. You should not only interact politely but also value each person's ideas however far removed these may be, to your own. After all, your friend's ideas are an integral part of the organisation to which both of you belong. Inculcating this habit of making an effort to talk to people you would normally not have to interact with on a daily basis, would make you a better person at the workplace.

4. Also, you do not have to do something extraordinary to prove your good intentions. Just greeting or smiling at your colleague's first thing in the morning could always brighten someone's day. These are simple things that we are taught while growing but tend to forget as we move through life. So essentially, being better is an exercise in learning to be nice, and you will see that playing nice will get your work done better than scolding or frowning or passing orders.

5. A purposeful life should contain skills that lead to practical changes. After all, no people are alike, so why should your ideas be the only right solution? A company, where individual differences are nurtured, information is not suppressed, soon becomes a workplace that adds value to its employees, rather than merely extracting work out of them. It makes workers feel intrinsically rewarded. It is, therefore, imperative that co-workers and partners share a camaraderie that transcends mere professional conduct and delivery. Thus, for a person who wishes to remain happy and content, it is as valuable to spend time on nurturing qualities like friendship and consideration as it is on acquiring skills and knowledge.

**(I) On the basis of your understanding of this passage answer the following questions with the help of the given options.**

**(a) The quality of our lives depends on————————**
(i) the personalities we have cultivated for ourselves
(ii) the number of New Year resolutions we make
(iii) the challenges that people give us
(iv) None of the above

**(b) Our New Year resolutions remain unfulfilled, according to Mary Thomas, because of we————**
(i)make too many resolutions (ii) add more goals than what we can accomplish
(iii) get caught up with our studies (iv) feel happy about them

**(c) To add value to your life you ————————**
(i) must earn more money (ii) become more hardworking
(iii) should be nice to the people in your immediate surroundings
(iv) only (ii) and (iii)

**(d) Workers feel intrinsically rewarded if————————**
(i) they are given bonuses (ii) their work is given recognition
(iii) their individual differences are acknowledged (iv) none of the above

**(II) Answer the following questions briefly.**
(a) What kind of workplace adds value to its employees?
(b) What is the key to remaining happy and content?
(c) What are the advantages of being nice to people?
(d) What are the advantages of extending courtesies to people?
(e) Mention three resolutions that people usually make in the New Year.
(f) Why are New Year resolutions left unresolved?

**(III) Find words from the passage which mean the same as:**
(a) the natural qualities of a person's character (para 1)
(b) basic (para 2)

**SECTION – B- WRITING AND GRAMMAR**

**2. Attempt any Ten of the following questions : (1 x 10 = 10)**

i. Fill in the blank by choosing the correct option
Suryakanta ____ for his best friend, Suresh every day in front of the school gate
(a) Wait (b) waits (c) waiting (d) was waiting

ii. Complete the sentence by choosing the correct option.
My neighbour, encouraged by his wife, _________ (give) money to those in need.
(a) was given (b) has given (c) will give (d) had gave

iii. Fill in the blank by choosing the correct option.
Last Christmas, we ____ a big cake.
(a) were baking (b) bake (c) baked (d) are baking

iv. Identify the error and supply its correction.
The Pleasure in being outdoors is fundamental for human happiness.

v. Identify the error and supply its correction.
Either the sculpture or the paintings is in the museum.
Error Correction

vi. Fill in the blank by choosing the correct option.
I _________ some chocolates for you since morning
(a) save (b) will save (c) saved (d) saves

vii. Fill in the blank with suitable modal.
I _____ love to join the party but I have to pick my brother from the airport now.

viii. Choose the correct option to fill in the blank.
I _____see Michael upset.
(a) many (b) rarely (c) much (d) little

ix. Choose the correct option to fill in the blank.
Saswati _____home crying yesterday. I wonder what happened.
(a) Go (b) went (c) goes (d) is going

**Choose the correct option to complete the given conversation.**
Maggie calling her dentist's reception:
Maggie: Hello! My name is Maggie. (x)__________
Receptionist: Hi. (xi) __________? So that I can check and confirm.
Maggie: Yes, sure.
Receptionist: Okay Maggie your appointment for 2 pm is confirmed. Anything else I can help you with?
Maggie: (xii)_________

x. (a) I want to know if the doctor is free
(b) I have a 2 o' clock appointment and calling to confirm that
(c) I want to speak to the doctor
(d) I am coming at 2 o' clock

xi. (a) Could you please give me a second (b)Could you hold on for a second
(c) I don't know when (d) Either (A) or (B)

xii. (a) No (b)Yes goodbye (c)No, that'd be all. Thank you (d) Okay bye

**3. Attempt the questions given below : (5x2)**

**(a)** Your school is organising an inter-school cricket tournament. You had placed an order of cricket equipment for your team. However, when the items arrived they were not as per the order placed. The cricket bats were of inferior quality and the gloves and balls, of a different company. Write a letter in 100 120 words to the Manager of Sporting World informing him of the mistake.

**(b)** A survey was conducted in New Delhi in over twenty schools about the different activities that interest the children in the age group of 13 to 15 years. Write an analytical paragraph in about 100 words analyzing the following information:




**SECTION C Literature Text Book and Supplementary Reading Text**

**4. Read the following extract and answer the questions that follow : (5)**

Think-Tank : That's better noodle, I wish to be placed in communication with our manned space probe to that ridiculous little planet we are going to put under our generous rulership. What do they call it, again ?
Noodle : Earth, your Intelligence.
Think-Tank : Earth of course. You see how insignificant the place is ? But first something important. My mirror. I wish to consult my mirror.

(i) Think-Tank wants to communicate with the _____ . 1
(a) People of Earth (b) Scientists on Earth
(c) Environmentalists on Earth (d) Martians on Earth
(ii) Complete the analogy by selecting the suitable word from the passage. 1
read : learn : : explore : ______
(iii) Your Intelligence refers to 1
(a) Earth (b) Noodle (c) Little Planet (d) Think-Tank
(iv) What does Think-Tank want to do ? 2

**5. Answer the following questions in about 40 -50 words each : (3x3)**
(a) What happened to Mij when the box was opened ?
(b) Why does the poet say Money is external in The Ball Poem ?
(c) What does the thief say about the different reactions of the people when they are robbed ?

**6. Answer the following questions in about 40 - 50 words each : (3x2)**
(a) Why is Dr. Herriot tempted to keep Tricki on as a permanent guest ?
(b) Why did Ausable frame the story of the balcony ?

**7. Answer the following questions in about 100 - 120 words : (6x2)**
(a) Physical beauty is not permanent, but the beauty of character or internal beauty is permanent. Justify on the basis of your reading of 'For Anne Gregory"
(b) Matilda's over -ambitiousness was the cause of her destruction. Justify.

**ANSWER KEY**

**1. I. (a)** (i), **(b)**(ii), **(c)** (iii), **(d)** (iii), **II. (a)** A workplace where individual differences are nurtured and the information is not suppressed, adds value to its employees.
**(b)** The key to remaining happy and content is to nurture qualities like friendship and consideration and not merely knowledge and skills.
**(c)** By being nice to people one can get the work done better than by scolding or frowning or passing orders.
**(d)** The advantages are that it would make you a better person in the workplace.
**(e)** The three common resolutions are:
(i) Make more money, (ii) travel more frequently, and I (iii) learn a new language.
**(f)** New Year resolutions remain unresolved because we try to achieve the impossible; we choose to pack in too many resolutions and we, during the course of the year, do not deem them fit for completion.

**III.** (a) disposition (b) fundamental

**2. (i)** (b) **(ii)** (b) **(iii)** (c)
**(iv)** Error: in,for Correction : of,to **(v)** Error: is Correction : are
**(vi)** (c) **(vii)** would **(viii)** (b) **(ix)** (b)
**(x)** (b) **(xi)** (d) **(xii)** (c)

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

### ସିଡନୀରେ ବୁଧବାର ଖେଳିବେ ଶେଷ ମ୍ୟାଚ୍

# ଟେଷ୍ଟ ଓ ଦିନିକିଆରୁ ୱାର୍ଣ୍ଣରଙ୍କ ଅବସର

ସିଡନୀ, ୧।୧(ଏଜେନ୍ସି)

ଅଷ୍ଟ୍ରେଲିଆର ବିସ୍ଫୋରକ ଓପନିଂ ବ୍ୟାଟର ଡେଭିଡ ୱାର୍ଣ୍ଣର ଟେଷ୍ଟ ଓ ଦିନିକିଆ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ନିଜ ଘରୋଇ ମାଟିରେ ପାକିସ୍ତାନ ସହ ବୁଧବାର ଆରମ୍ଭ ହେବାକୁ ଥିବା ଚଳିତ ସିରିଜ୍‌ର ତୃତୀୟ ତଥା ଶେଷ ଟେଷ୍ଟ ୱାର୍ଣ୍ଣରଙ୍କ ଅନ୍ତର୍ଜାତୀୟ କ୍ରିକେଟ ଜୀବନର ୧୧୨ତମ ତଥା ଶେଷ ଟେଷ୍ଟ ମ୍ୟାଚ୍ ହେବ। ଚଳିତ ସିରିଜ୍‌ରେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଥିଲେ। କିନ୍ତୁ ଶେଷ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାର ଦୁଇ ଦିନ ଆଗରୁ ଏଠାରେ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ଟେଷ୍ଟ ଓ ଦିନିକିଆ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି ଏହି ୩୭ ବର୍ଷୀୟ କ୍ରିକେଟର। ଦିନିକିଆରୁ ଅବସର

**ଅନ୍ତର୍ଜାତୀୟ କ୍ରିକେଟ ଜୀବନ**

| ବିଭାଗ | ଟେଷ୍ଟ | ଦିନିକିଆ | ଟି-୨୦ |
|---|---|---|---|
| ମ୍ୟାଚ୍ | ୧୧୧ | ୧୬୧ | ୯୯ |
| ଇନିଂସ | ୨୦୩ | ୧୫୯ | ୯୯ |
| ରନ୍ | ୮,୬୯୫ | ୬,୯୩୨ | ୨,୮୯୪ |
| ସର୍ବାଧିକ | ୩୩୫* | ୧୭୯ | ୧୦୦* |
| ହାରାହାରି | ୪୪.୫୮ | ୪୫.୩୦ | ୩୨.୮୮ |
| ଷ୍ଟ୍ରାଇକ୍‌ରେଟ୍ | ୭୦.୨୬ | ୯୭.୨୬ | ୧୪୧.୩୦ |
| ଶତକ | ୨୬ | ୨୨ | ୦୧ |
| ଅର୍ଦ୍ଧଶତକ | ୩୬ | ୩୩ | ୨୪ |
| ଚୌକା | ୧,୦୨୫ | ୭୩୩ | ୨୯୫ |
| ଛକା | ୬୯ | ୧୩୦ | ୧୦୫ |
| କ୍ୟାଚ୍ | ୮୯ | ୭୧ | ୫୬ |



ପରିବାର ସହ ୱାର୍ଣ୍ଣର

ନେଇଥିଲେ ମଧ୍ୟ ବିଶ୍ୱରେ ଏବେ ଚାଲିଥିବା ବିଭିନ୍ନ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସେ ଖେଳ ବଜାୟ ରଖିବେ। ଏବେ ତାଙ୍କ ଫୋକସରେ ରହିଛି ୨୦୨୪ ଟି-୨୦ ବିଶ୍ୱକପ୍। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଏହା ଚଳିତବର୍ଷ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଦିନିକିଆ ଫର୍ମାଟରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଅନୁଷ୍ଠିତ ହେବ। ଆବଶ୍ୟକ ହେଲେ ଏହି ଟୁର୍ଣ୍ଣାମେଣ୍ଟ ଲାଗି ସେ ପ୍ରସ୍ତୁତ ହୋଇ ରହିବେ ବୋଲି ୱାର୍ଣ୍ଣର କହିଛନ୍ତି।

ଜଣେ ବାମହାତୀ ଓପନିଂ ବ୍ୟାଟରଭାବେ ଡେଭିଡ୍ ୱାର୍ଣ୍ଣରଙ୍କ ରେକର୍ଡ ବେଶ ଉତ୍ସାହଜନକ। ସେ ଏବେ ସୁଦ୍ଧା ୧୧୧ଟି ଟେଷ୍ଟ ମ୍ୟାଚ୍ ଖେଳି ଇନିଂସ ପ୍ରତି ୪୪.୫୮ ହାରରେ ୮,୬୯୫ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ରହିଛି ୨୬ଟି ଶତକ ଓ ୩୬ଟି ଅର୍ଦ୍ଧଶତକ। ୨୦୦୯ରେ ସେ ଦିନିକିଆ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ଅଷ୍ଟ୍ରେଲିଆ ୨୦୧୫ ଓ ୨୦୨୩ରେ ଦିନିକିଆ ବିଶ୍ୱକପ୍ ଜିତିବାରେ ୱାର୍ଣ୍ଣରଙ୍କ ପ୍ରଭାବୀ ଭୂମିକା ରହିଛି। ଦିନିକିଆରେ ୱାର୍ଣ୍ଣର ୧୬୧ଟି ମ୍ୟାଚ୍ ଖେଳି ୪୫.୩୦ ହାରରେ ୬,୯୩୨ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ରହିଛି ୨୨ଟି ଶତକ। ନିଜ ଦେଶରେ ରିକି ପଣ୍ଟିଂ କେବଳ ତାଙ୍କଠାରୁ ଅଧିକ ୩୦ଟି ଶତକ ହାସଲ କରିଛନ୍ତି।

ୱାର୍ଣ୍ଣରଙ୍କ କହନ୍ତି, ଟେଷ୍ଟ ଓ ଦିନିକିଆ କ୍ରିକେଟରୁ ଅବସର ନେବା ପରେ ଅଧିକ ସମୟ ପରିବାର ଲାଗି ଦେବି। ଏହା ସହ ଟି-୨୦ ଫର୍ମାଟରେ ଖେଳ ବଜାୟ ରଖିବି। ଦିନିକିଆ କ୍ରିକେଟରୁ ଅବସର ନେଲେ ମଧ୍ୟ ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ଲାଗି ଉପଲବ୍ଧ ହେବି। ଭାରତରେ ୨୦୨୩ ଦିନିକିଆ ବିଶ୍ୱକପ୍ ଜିତିବା ଆମ ଲାଗି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ଆମେ ଏଥିରେ ଟାଇଟଲ ଜିତିବା ପରେ ମୋ' ଲାଗି ଏହା ସବୁଠାରୁ ବଡ଼ ସଫଳତା ବୋଲି ଭାବୁଛି। ଦିନିକିଆ କ୍ରିକେଟରୁ ଅବସର ନେବା ଅର୍ଥ ଫେବୃଆରୀରେ ୱେଷ୍ଟଇଣ୍ଡିଜ୍ ସହ ଘରୋଇ ମାଟିରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଅଷ୍ଟ୍ରେଲିଆ ଜଣେ ନୂଆ ଓପନରଙ୍କୁ ଖେଳିବାକୁ ସୁଯୋଗ ଦେବ। ଏହି ସିରଜ୍ ପରେ ଆଡିଲେଡ୍ ଓ ବ୍ରିସ୍‌ବେନ୍‌ରେ ଦୁଇଟି ଟେଷ୍ଟ ମଧ୍ୟ ଖେଳାଯିବ।

ୱାର୍ଣ୍ଣରଙ୍କ ଟେଷ୍ଟ ଜୀବନ ଅତ୍ୟନ୍ତ ଚମତ୍କାର। ଏହି ଫର୍ମରେ ଅଷ୍ଟ୍ରେଲିଆକୁ ତାଙ୍କର ଅବଦାନ ଅତୁଳନୀୟ ଓ ଆମେ ତାଙ୍କ ପ୍ରଦର୍ଶନ ନିକଟରେ କୃତଜ୍ଞ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ ନିକ୍ ହକ୍‌ଲେ କହିଛନ୍ତି। ତାଙ୍କ ଆକ୍ରମଣାତ୍ମକ ଖେଳ କେବଳ ଅଷ୍ଟ୍ରେଲିଆର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିନାହିଁ ବରଂ ଟେଷ୍ଟ କ୍ରିକେଟରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଛି ବୋଲି ପ୍ରଶିକ୍ଷକ ଆଣ୍ଡ୍ର୍ୟୁ ମ୍ୟାକ୍‌ଡୋନାଲ୍ଡ କହିଛନ୍ତି। ୱାର୍ଣ୍ଣର ସମ୍ଭବତଃ ୩ଟି ଯାକ ଫର୍ମାଟରେ ଅଷ୍ଟ୍ରେଲିଆର ଶ୍ରେଷ୍ଠ ଖେଳାଳି ବୋଲି ମ୍ୟାକ୍‌ଡୋନାଲ୍ଡ କହିଛନ୍ତି।

ଏତେ ଲୋକପ୍ରିୟତା ଓ ସଫଳତା ସତ୍ତ୍ୱେ ୨୦୧୮ରେ ବଲ ଟାମ୍ପରିଂ ବିବାଦ ଲାଗି ସବୁଦିନେ ମନେ ରହିବେ। ଷ୍ଟିଭ୍ ସ୍ମିଥ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ସହ କେପ୍‌ଟାଉନ୍‌ରେ ଟେଷ୍ଟ ଖେଳୁଥିବାବେଳେ ତାଙ୍କ ପ୍ରରୋଚନାରେ କାମେରନ ବ୍ୟାନକ୍ରଫ୍ଟ ବାଲି କାଗଜରେ ବଲକୁ ଘଷୁଥିବାବେଳେ କ୍ୟାମେରାରେ ଧରାପଡ଼ିଥିଲେ। ଏହି ବିବାଦୀୟ ଘଟଣାରେ ସ୍ମିଥ୍ ଓ ୱାର୍ଣ୍ଣରଙ୍କୁ ଏକ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ଏସବୁ ଉତ୍ଥାନ ପତନ ମଧ୍ୟରେ ୱାର୍ଣ୍ଣରଙ୍କ ଟେଷ୍ଟ ଜୀବନ ସ୍ମରଣୀୟ ହୋଇ ରହିବ। ଟେଷ୍ଟ ଖେଳକୁ ମୁଁ ଭଲଭାବେ ଉପଭୋଗ କରିଛି ବୋଲି ୱାର୍ଣ୍ଣର କହିଛନ୍ତି।

## ମୁମ୍ବାଇ ରଣଜୀ ଦଳରୁ ପୃଥ୍ୱୀ ଆଉଟ; ରାହାଣେ ଅଧିନାୟକ




ମୁମ୍ବଇ, ୧।୧(ଏଜେନ୍ସି)

ଆସନ୍ତା ୫ରୁ ଆରମ୍ଭ ହେବାକୁ ଥିବା ଜାତୀୟ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ଲାଗି ମୁମ୍ବାଇ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଲିଟ୍ ଗ୍ରୁପ-ବି'ରେ ସ୍ଥାନ ପାଇଥିବା ମୁମ୍ବାଇର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ୧୫ ଜଣିଆ ଦଳ ଚୟନ କରାଯାଇଛି। କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଆଜିଙ୍କ୍ୟା ରାହାଣେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ରାହାଣେଙ୍କ ନେତୃତ୍ୱରେ ମୁମ୍ବାଇ ଗତ ସିଜନରେ ନିଜ ଗ୍ରୁପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରି ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା। ଏହା ସତ୍ତ୍ୱେ

ଚୟନ କମିଟି ଏଥର ମଧ୍ୟ ତାଙ୍କ ଉପରେ ଭରସା ରଖିଛି। ଜାନୁଆରୀ ୫ରୁ ଆରମ୍ଭ ହେଉଥିବା ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଦଳ ବିହାର ସହ ମୁମ୍ବାଇ ମ୍ୟାଚ୍ ଖେଳିବ। ଆନ୍ଧ୍ର ସହ ଦ୍ୱିତୀୟ ମୁକାବିଲା ହେବ। ଏହି ମ୍ୟାଚ୍‌ଟି ଜାନୁଆରୀ ୧୨ରୁ ୧୫ ତାରିଖଯାଏ ଖେଳାଯିବ।

ମୁମ୍ବାଇ ଦଳରେ ୩ଜଣ ପ୍ରମୁଖ ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ସେମାନେ ହେଲେ ଯଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ ଏବଂ ପୃଥ୍ୱୀ ଶ'। ଜୟସ୍ୱାଲ ଓ ଯାଦବ ଜାତୀୟ ଦଳରେ ସ୍ଥାନ ପାଇବାକୁ ଥିବାରୁ ସେମାନଙ୍କୁ ଦଳରେ ସାମିଲ କରାଯାଇନାହିଁ। ଆହତ ଏବଂ ଅନ୍ୟାନ୍ୟ କାରଣରୁ ପୃଥ୍ୱୀ ଶ'ଙ୍କୁ ବାଦ୍ ଦିଆଯାଇଛି।

**ମନୋନୀତ ଦଳ :** ଆଜିଙ୍କ୍ୟ ରାହାଣେ (ଅଧିନାୟକ), ଜୟ ବିସ୍ତ, ଭୂପେନ ଲାଲୱାନି, ହାର୍ଦ୍ଦିକ ତାମୋରେ, ସର୍ଫରାଜ ଖାନ୍, ଶିବମ ଦୁବେ, ସୁଭେଦ ପାର୍କର, ପ୍ରସାଦ ପୱାର, ସାମ୍ସ ମୁଲାନି, ତନୁସ କୋଟିଆନ୍, ତୁଷାର ଦେଶପାଣ୍ଡେ, ମୋହିତ ଅବସ୍ତି, ଧାୱଲ କୁଲକର୍ଣ୍ଣି, ରୟଷ୍ଟନ ଡିଆସ୍, ଅଥର୍ବ ଆଙ୍କୋଲେକର।

## ଜିମ୍ବାୱେ ଦଳରେ ୩୩ ବର୍ଷୀୟ ଅଫ୍ ସ୍ପିନର

ହରାରେ, ୧।୧(ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ଲାଗି କ୍ରେଗ୍ ଇର୍ଭିନଙ୍କ ନେତୃତ୍ୱରେ ଜିମ୍ବାୱେ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୩୩ ବର୍ଷୀୟ ଅଫ୍ ସ୍ପିନର ତାପିୱା ମୁଫୁଦ୍‌ଜାଙ୍କୁ ପ୍ରଥମଥର ଜାତୀୟ ଦଳରେ ସାମିଲ କରାଯାଇଛି। ଶ୍ରୀଲଙ୍କା ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଜାନୁଆରୀରେ ଖେଳାଯିବ। ଜିମ୍ବାୱେର କିମ୍ବଦନ୍ତୀ କ୍ରିକେଟର ଡେଭ୍ ହଟନ ନିକଟରେ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଛନ୍ତି। ଦଳର କ୍ରମାଗତ ନିରାଶାଜନକ ପ୍ରଦର୍ଶନ ପରେ ସେ ଏପରି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ। ତାଙ୍କ ସ୍ଥାନରେ ୱାଲଟର ଚାୱାଗୁଟାଙ୍କୁ କାମଚଳା ପ୍ରଶିକ୍ଷକ ଭାବେ ରଖାଯାଇଛି। ୱାଲଟର ଏହି ଦଳ ଚୟନ କରିଛନ୍ତି।

## ଟ୍ରଟ୍‌ଙ୍କ କାର୍ଯ୍ୟକାଳ ବଢ଼ିଲା

କାବୁଲ, ୧।୧ (ଏଜେନ୍ସି): ଆଫଗାନିସ୍ତାନ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଜୋନାଥନ ଟ୍ରଟ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଛି। ସୋମବାର ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚଳିତ ବର୍ଷ ସେ ଆଫଗାନିସ୍ତାନ କ୍ରିକେଟ୍ ଦଳର ଗୁରୁଦାୟିତ୍ୱ ତୁଲାଇବେ ବୋଲି ଏଥିରେ କୁହାଯାଇଛି। ଇଂଲଣ୍ଡର ପ୍ରାକ୍ତନ



କ୍ରିକେଟର୍ ୪୨ ବର୍ଷୀୟ ଟ୍ରଟ୍ ୨୦୨୨ ଜୁଲାଇରେ ପ୍ରଥମଥର ଲାଗି ଆଫଗାନିସ୍ତାନର ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ଏହି ୧୮ ମାସ ମଧ୍ୟରେ ତାଙ୍କ ପ୍ରଶିକ୍ଷଣରେ ଆଫଗାନିସ୍ତାନ କ୍ରିକେଟ୍ ଦଳ ଟି-୨୦ ଏସିଆ କପ୍, ପାକିସ୍ତାନ ବିପକ୍ଷରେ ଟି-୨୦ ସିରିଜ ବିଜୟ ଆଦି ଉଲ୍ଲେଖନୀୟ ସଫଳତା ରହିଥିଲା।

### ପ୍ରଦୀପ ରଥ ସ୍ମାରକୀ ସ୍କୁଲ ଚେସ୍

## ଆଦିତ୍ୟ ଜେନା ଜିତିଲେ ଟାଇଟଲ

ଭୁବନେଶ୍ୱର, ୧।୧(ସମିସ)

ସ୍ଥାନୀୟ କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲର ଆଦିତ୍ୟ ଜେନା ତୃତୀୟ ପ୍ରଦୀପ ରଥ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆଦିତ୍ୟ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। କଟକର ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ବିଶ୍ୱମ ବାଜୋରିଆ ଓ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଦେବସ୍ମିତା ପାଣି ଯଥାକ୍ରମେ ରନର୍ସ ଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ୍‌ର ଅଭନିଶ ସାମନ୍ତରାୟ, ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟଶଙ୍କର ବେହେରା, ଲୋୟଲା ସ୍କୁଲ୍‌ର ଶୁଭମ ପ୍ରତୀକ ମିଶ୍ର, କେଭି ନଂ-୧'ର ସ୍ୱସ୍ତିକ ବେହେରା, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ର୍‌ୟାନ୍ ଭରଦ୍ୱାଜ ପାଢ଼ୀ, ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଅନୀଷ ଅକୁଲ ପ୍ରଧାନ ଓ ପୋଖରୀପୁଟ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଦିବ୍ୟାଂଶ ମହାନ୍ତ ଯଥାକ୍ରମେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଖୋର୍ଦ୍ଧା ଟ୍ରେଜେରି ଅଫିସର ରାଜେଶ ମହାନ୍ତ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ କେଶୁରା ରୟାଲ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।




### ଫାଓ ଆନ୍ତଃ କ୍ଲବ୍ ଫୁଟସାଲ ଉଦ୍‌ଯାପିତ

## ସ୍ପୋର୍ଟ୍ସ ଓଡ଼ିଶା ଚାମ୍ପିଅନ, ଓଜିପି ରନର୍ସଅପ୍





ଭୁବନେଶ୍ୱର, ୧।୧(ସମିସ)

ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଓ ଆନ୍ତଃକ୍ଲବ୍ ଫୁଟସାଲ ପ୍ରତିଯୋଗିତା-୨୦୨୩ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ପୋର୍ଟ୍ସ ଓଡ଼ିଶା ଚାମ୍ପିଅନ ହୋଇଥିଲାବେଳେ ଓଡ଼ିଶା ସରକାରୀ ପ୍ରେସ (ଓଜିପି) ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। କିଟ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଏହି ପ୍ରତିଯୋଗିତା ଶେଷରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫,୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯାଇଥିଲା। ସୋମବାର ବାକିଥିବା ୨ଟି ଲିଗ୍ ମ୍ୟାଚ୍ ସହ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ମଧ୍ୟ ଖେଳାଯାଇଥିଲା।

ସୋମବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଜିପି ୮-୦ ଗୋଲରେ ବିଡ଼ାନାସୀ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ସ୍ପୋର୍ଟ୍ସ ଓଡ଼ିଶା ୧୦-୬ ଗୋଲରେ ଜୁନିଅର ଗାଲାଣ୍ଟ କ୍ଲବ୍‌କୁ ହରାଇଥିଲା। ଓଜିପି ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମୁକାବିଲାଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୨ଟି ଲେଖାଏଁ ଗୋଲ ଦେଇ ସମାନସ୍ତରରେ ରହିଥିଲେ। ଅତିରିକ୍ତ ସମୟରେ ସ୍ପୋର୍ଟ୍ସ ଓଡ଼ିଶା ୩ଟି ଓ ଓଜିପି ୨ଟି ଗୋଲ ଦେଇଥିଲା। ଶେଷରେ ସ୍ପୋର୍ଟ୍ସ ଓଡ଼ିଶା ୫-୪ ଗୋଲରେ ଓଜିପିକୁ ହରାଇ ଚଳିତବର୍ଷର ଚାମ୍ପିଅନ ହୋଇଥିଲା।

### ● ଅଷ୍ଟ୍ରେଲିଆ ବିପକ୍ଷ ମହିଳା କ୍ରିକେଟ୍: ତୃତୀୟ ଦିନିକିଆ ଆଜି

## ସମ୍ମାନ ପାଇଁ ଖେଳିବ ଭାରତ

ମୁମ୍ବଇ, ୧।୧ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଘରୋଇ ଭାରତ ବିପକ୍ଷ ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ମଙ୍ଗଳବାର ଖେଳିବ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୬ ୱିକେଟ୍ ଓ ୩ ରନରେ ଜିତି ଅଷ୍ଟ୍ରେଲିଆ ଦଳ ସିରିଜକୁ ୨-୦ରେ ଆଗୁଆ ହାତେ ଇନେଇଛି। ଏହି ୩ୟ ମ୍ୟାଚ୍‌କୁ ମଧ୍ୟ ଜିତି ଆଲିସା ହେଲୀଙ୍କ ଦଳ ୩-୦ରେ ସିରିଜ କ୍ଲିନସୁଇପ୍ କରିବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ସିରିଜ ହାତଛଡ଼ା କରିସାରିଥିବାରୁ ଘରୋଇ ଭାରତୀୟ ଦଳ ସମ୍ମାନ ଲାଗି ଏହି ମ୍ୟାଚ୍ ଖେଳିବାକୁ ପଡ଼ିଆକୁ ଓହ୍ଲାଇବ।

ଏଠାରେ ଖେଳାଯାଇଥିବା ସିରିଜର ଦ୍ୱିତୀୟ ମ୍ୟାଚରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ କଡ଼ା ସଂଘର୍ଷ କରି ପରାସ୍ତ ହୋଇଥିଲା। ୨୫୮ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୱିକେଟ୍‌ରକ୍ଷକ ରିଚା ଘୋଷଙ୍କ ୯୬ ରନ ସତ୍ତ୍ୱେ ୮ ୱିକେଟ୍‌ରେ ୨୫୫ ରନ କରିପାରିଥିଲା। ଏହା ମଧ୍ୟରେ ବର୍ଷ ୨୦୨୪ ପାଦ ଥାପି ସାରିଛି। ତେଣୁ ଭାରତୀୟ ଦଳ ସିରିଜ ହାତଛଡ଼ା କରିସାରିଥିଲେ ମଧ୍ୟ ୩ୟ ମ୍ୟାଚ୍ ଜିତି ନୂତନ ବର୍ଷରେ ଅଭିଯାନ



**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧:୩୦**
**ସିଧାପ୍ରସାରଣ: ଜିଓ ସିନେମା ଆପ୍**

### ଓସିଏର ବାର୍ଷିକ ପୁରସ୍କାର

## ପିଭିଆର୍ ମୂର୍ତ୍ତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ











କଟକ,୧।୧(ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ରବିବାର ରାତିରେ ବାର୍ଷିକ ପୁରସ୍କାର ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ କିମ୍ବଦନ୍ତୀ କ୍ରିକେଟର ପି.ଭି. ଆର. ମୂର୍ତ୍ତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ସ୍ୱର୍ଗତଃ ମୂର୍ତ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ସମ୍ମାନ ତାଙ୍କ ନାତି ପି.ବିକ୍ରମ ଗ୍ରହଣ କରିଥିଲେ। ସେହିପରି ସ୍ୱର୍ଗତଃ କମଳ ଗାଙ୍ଗୁଲିଙ୍କୁ ଦିଆଯାଇଥିଲା କ୍ରିକେଟ ଗୁରୁ ସମ୍ମାନ। ସ୍ୱର୍ଗତଃ ଗାଙ୍ଗୁଲିଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଉକ୍ତ ସମ୍ମାନ ଭୁବନେଶ୍ୱରସ୍ଥିତ ସହୀଦ ସ୍ପୋର୍ଟିଂ କ୍ଲବର କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଗ୍ରହଣ କରିଥିଲେ। ମହିଳା ବର୍ଗରେ

**■ କମଳ ଗାଙ୍ଗୁଲି ଶ୍ରେଷ୍ଠ କ୍ରିକେଟ ଗୁରୁ**
**■ ଆଶୀର୍ବାଦ ସ୍ୱାଇଁ ଓ ତନ୍ମୟୀ ବେହେରା ଏମର୍ଜିଂ କ୍ରିକେଟର**

ତନ୍ମୟୀ ବେହେରା ଓ ପୁରୁଷ ବର୍ଗରେ ଆଶୀର୍ବାଦ ସ୍ୱାଇଁଙ୍କୁ ଏମର୍ଜିଂ ପ୍ଲେୟାର ଅଫ ଦି ଇଅର ଆୱାର୍ଡ ପ୍ରଦାନ କରାଯାଇଛି।

ବାରବାଟୀ ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ ଓ କିସର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଡଭୋକେଟ ଜେନେରାଲ ଅଶୋକ ପରିଜା, ବିଧାୟକ ରାଜେନ୍ଦ୍ର ସାହୁ, ଡିସିପି ପିନାକ ମିଶ୍ର, ଓଡ଼ିଶା ଆଥଲେଟିକ ଆସୋସିଏସନ ସମ୍ପାଦକ ଆଶୀର୍ବାଦ ବେହେରା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### କେପ୍‌ଟାଉନ୍‌ରେ ବୁଧବାର ହେବ ଦ୍ୱିତୀୟ କ୍ରିକେଟ ଟେଷ୍ଟ

# ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

କେପ୍‌ଟାଉନ୍, ୧।୧(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କେପ୍‌ଟାଉନ୍‌ରେ ଆସନ୍ତା ବୁଧବାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତିବାକୁ ରୋହିତ ଶର୍ମା ଓ ତାଙ୍କ ଭାରତୀୟ ଖେଳାଳିମାନେ ପ୍ରବଳ ଚାପରେ ରହିଛନ୍ତି। ଏହାର ମୁଖ୍ୟ କାରଣ ହେଲା ତାରକା ଖଚିତ ଭାରତୀୟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିବା। ଏହି ମ୍ୟାଚ୍ ହାରିଯିବା ପରେ ସବୁଆଡୁ ଦଳକୁ ସମାଲୋଚନା କରାଯାଇଛି। ଏଣୁ କେପଟାଉନ୍‌ରେ ରେକର୍ଡ ଓ ଫର୍ମ ଭାରତ ସପକ୍ଷରେ ନ ଥିଲେ ମଧ୍ୟ ଭ୍ରମଣକାରୀ ଦଳ ମ୍ୟାଚ୍ ଜିତିବା ଉପରେ ଗୁରୁତ୍ୱ ଦେଉଛି। ଯଦିଓ ଏହି ଭେନ୍ୟୁରେ ଭାରତ ଆଦୌ ଟେଷ୍ଟ ମ୍ୟାଚ୍ ଜିତିନାହିଁ, ତଥାପି ଅସମ୍ଭବକୁ ସମ୍ଭବ କରିବା ଲାଗି ଭାରତର ପ୍ରୟାସ ଜାରି ରହିଛି।



**ବିରାଟଙ୍କ ଦୀର୍ଘସମୟ ଅଭ୍ୟାସ**

ଏଠାରେ ଭାରତୀୟ ଖେଳାଳିମାନେ ଗତ ଦୁଇଦିନ ଧରି ଜୋରଦାର ଅଭ୍ୟାସ ଚଳାଇଛନ୍ତି। ପ୍ରଥମ ଟେଷ୍ଟର ଦ୍ୱିତୀୟ ପାଳିରେ ଆକ୍ରମଣାତ୍ମକ ୭୬ ରନ୍ କରିଥିବା ବିରାଟ କୋହଲି ଏଠାରେ ସବୁଠାରୁ ଅଧିକ ସମୟ ଅଭ୍ୟାସ କରିଥିଲେ। ସେ ବାରମ୍ବାର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଛକା ମାରିଥିଲେ। ସେ ସବୁଠାରୁ ଅଧିକ ସମୟ ନେଟ୍‌ସରେ କଟାଇଥିଲେ। ପ୍ରତିପକ୍ଷ ଦଳର ବାମହାତୀ ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗରଙ୍କୁ ମୁକାବିଲା କରିବା ଲାଗି ଥ୍ରୋ ଡାଉନ୍‌ରେ ଅଭ୍ୟାସ କରିଥିଲେ। ବର୍ଗର ପ୍ରଥମ ଟେଷ୍ଟରେ ସମସ୍ତ ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲେ। ଏପରିକି ପଦାର୍ପଣ ଟେଷ୍ଟରେ ସେ ୭ଟି ୱିକେଟ ନେବାରେ ସମର୍ଥ ହୋଇଥିଲେ। ଏଣୁ ତାଙ୍କୁ ମୁକାବିଲା କରିବା ଭାରତ ଲାଗି ଏବେ ଏକ ସମସ୍ୟାଭାବେ ଛିଡ଼ା ହୋଇଛି। ଭାରତୀୟ ଦଳରେ କେହି ବାମହାତୀ ଫାଷ୍ଟ ବୋଲର ନଥିବାରୁ ଖେଳାଳିଙ୍କୁ ଅଭ୍ୟାସ କରିବା କଷ୍ଟକର ହେଉଛି। ସେ ଓ ଶ୍ରେୟସ ଆୟର ଘରୋଇ ଦଳର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ଆଭେଷ ଖାନଙ୍କ ସହ ଜଣେ ବାମହାତୀ ନେଟ ବୋଲରଙ୍କୁ ନେଇ ଦୀର୍ଘ ସମୟ ଅଭ୍ୟାସ କରିଥିଲେ। ଅଶ୍ୱିନଙ୍କୁ ସେ ମାରିଥିବା ଛକା ଏଠାରେ ଚର୍ଚ୍ଚାର ଖୋରାକ ଯୋଗାଇଥିଲା।

**ସର୍ଟପିଚ୍ ବଲରେ ଆୟରଙ୍କ ଅଭ୍ୟାସ**

ଶ୍ରେୟସଆୟରଙ୍କୁପୁଣିଥରେସର୍ଟପିଚ୍‌ବଲଅଡୁଆରେପକାଇଛି।ଯାହାଫଳରେ ଆୟର ସୋମବାର ଦୀର୍ଘ ସମୟ ଧରି ସର୍ଟବଲକୁ ଖେଳିବାରେ ମନୋନିବେଶ କରିଥିଲେ। କିନ୍ତୁ ଦକ୍ଷିଣ ଆଫ୍ରିକା ପକ୍ଷରୁ ଭଲ ନେଟ ବୋଲର ଯୋଗାଇ ଦିଆଯାଇ ନ ଥିଲା। ଏହି ବୋଲରଙ୍କ ନିକଟରେ ପେସ ନାହିଁ। ଏଣୁ ବର୍ଗରଙ୍କୁ ମୁକାବିଲା କରିବାକୁ ନେଟ ବୋଲରଙ୍କ ପେସ୍ ପର୍ଯ୍ୟାପ୍ତ ହେବ ନାହିଁ। କୋହଲି କିନ୍ତୁ ତାଙ୍କୁ ବାରମ୍ବାର ସଟ ମାରିଥିଲେ। ଆୟର ମଧ୍ୟ ଭଲ ଅଭ୍ୟାସର ସୁଯୋଗ ନ ପାଇବାରୁ ୩ ଜଣ ଯାକ ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟଙ୍କୁ ନେଇ ଅଭ୍ୟାସ କରିଥିଲେ।

**ବ୍ୟାଟିଂ ଅଭ୍ୟାସ କଲେ ଶାର୍ଦ୍ଦୁଳ**

ସେଞ୍ଚୁରିଆନରେ କାନ୍ଧରେ ବଲ ବାଜିବା ପରେ ସାମାନ୍ୟ ଆହତ ହୋଇଥିବା ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ସୋମବାର ଏଠାରେ ଅଭ୍ୟାସ କରିଥିଲେ। କିନ୍ତୁ ସେ ବୋଲିଂ କରି ନଥିଲେ। ବ୍ୟାଟିଂ କଲାବେଳେ ତାଙ୍କୁ ସର୍ଟପିଚ୍‌ବଲ ବାରମ୍ବାର ପକାଯାଇଥିଲା। ଏଥିରେ ସେ କିଛି ଅସୁବିଧାର ସମ୍ମୁଖୀନ ହୋଇ ନଥିଲେ କିମ୍ବା କାନ୍ଧରେ ଯନ୍ତ୍ରଣା ଅନୁଭବ କରି ନଥିଲେ। ପ୍ରଥମ ମ୍ୟାଚ୍‌ରେ ଭାରତ ପରାଜିତ ହେବା ପରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ଜୋରଦାର ଚେଷ୍ଟା କରୁଛି। ଭାରତର ସମସ୍ତ ବୋଲର ଅଭ୍ୟାସ କରିଥିଲେ।

**ଭାରତୀୟ ଦଳ**

ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୁଳ ଠାକୁର, ରବିଚନ୍ଦ୍ରନ ଅଶ୍ୱିନ, ଶ୍ରୀକର ଭରତ, ମୁକେଶ କୁମାର, ଆଭେଷ ଖାନ୍।

## ନିଖିଲ ଚୌଧୁରୀ: ବିବିଏଲ୍ ଖେଳିବାରେ ଦ୍ୱିତୀୟ ଭାରତୀୟ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆଦିଲ୍ଲୀ ତଥା ପଞ୍ଜାବର ପୂର୍ବତନ ଜୁନିଅର କ୍ରିକେଟର ନିଖିଲ ଚୌଧୁରୀ ଅଷ୍ଟ୍ରେଲିଆର ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ବିଗ୍ ବାଶ ଲିଗ୍ (ବିବିଏଲ୍)ରେ ପଦାର୍ପଣ କରିଛନ୍ତି। ହୋବାର୍ଟ ହରିକେନ୍ସ ପକ୍ଷରୁ ସେ ତାଙ୍କ ପ୍ରଥମ ମ୍ୟାଚ୍ ଖେଳି ୩୧ ବଲ୍‌ରେ ୪୦ ରନ୍ କରିବା ସହ ୨ଟି ୱିକେଟ ନେଇଛନ୍ତି। ତାଙ୍କ ପୂର୍ବରୁ ଉନ୍ମୁକ୍ତ ଚାନ୍ଦ ପ୍ରଥମ ଭାରତ ଜନ୍ମିତ ଖେଳାଳିଭାବେ ବିବିଏଲ ଖେଳିଥିଲେ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଜନ୍ମିତ ଅନେକ ଭାରତୀୟ ବଂଶୋଦ୍ଭବ ଖେଳାଳି ବିବିଏଲ୍‌ରେ ଖେଳିସାରିଛନ୍ତି। ଗୁରିନ୍ଦର ସାନ୍ଧୁ, ତନବୀର ସାଙ୍ଘା ପ୍ରମୁଖ ଭାରତୀୟ ଭାବେ ବିବିଏଲ ଖେଳୁଛନ୍ତି।



କୋଭିଡ୍-୧୯ କାହାଲାଗି କ୍ଷତି ହୋଇଥିଲାବେଳେ ନିଖିଲଙ୍କ ଲାଗି ବରଦାନ ସାବ୍ୟସ୍ତ ହୋଇଛି। ଦିଲ୍ଲୀରେ ଜନ୍ମିତ ଏହି ଖେଳାଳି ଛୋଟବେଳୁ ପଞ୍ଜାବରେ ରହୁଥିଲେ ଓ ପଞ୍ଜାବ୍ ପକ୍ଷରୁ ଜୁନିଅର କ୍ରିକେଟ ଖେଳିଛନ୍ତି। ସେ ଜଣେ ଅଲରାଉଣ୍ଡର। ନିଖିଲ ଧୂଆଁଧାର ବ୍ୟାଟିଂ କରିବା ସାଙ୍ଗକୁ ଲେଗ୍ ସ୍ପିନ୍ ବୋଲିଂ କରିଥାନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ପାଇଁ ଆଇପିଏଲ୍‌ରେ ଖେଳିବାକୁ ୩ଥର ପ୍ରୟାସ କରି ବିଫଳ ହୋଇଥିଲେ। ୨୦୧୯ରେ ଅଷ୍ଟ୍ରେଲିଆ ଯାଇଥିଲାବେଳେ କୋଭିଡ୍ କଟକଣା ଯୋଗୁ ସ୍ୱଦେଶ ଫେରି ପାରି ନଥିଲେ। ଏହି ସମୟରେ ସେ ରହୁଥିବା ସ୍ଥାନରେ ନଦର୍ଣ୍ଣ ସବ୍‌ଅର୍ବାନ କ୍ଲବ୍‌ରେ ସାମିଲ ହୋଇ କ୍ରିକେଟ ଦକ୍ଷତା ପ୍ରଦର୍ଶନ କରିଥିଲେ। ସେଠାରେ ପ୍ରଶିକ୍ଷଣ ଦେଉଥିବା ଜେମ୍ସ ହୋପ୍ସ ତାଙ୍କ ଖେଳରେ ପ୍ରଭାବିତ ହୋଇଥିଲେ। ଗୋଟିଏ ସିଜନ ପରେ ତାଙ୍କୁ ହୋବାର୍ଟ ହରିକେନ୍ସ ଦଳରେ ସାମିଲ ହୋଇଥିଲେ। ପରେ ହୋପ୍ସଙ୍କ ସୁପାରିସ୍ କ୍ରମେ ଏହି ଦଳ ପକ୍ଷରୁ ଚଳିତବର୍ଷ ଖେଳିବାର ସୁଯୋଗ ମିଳିଥିଲା। ପର୍ଥ ସ୍କ୍ରଚର୍ସ ବିପକ୍ଷରେ ସେ ୪୦ ରନ୍ କରିବା ପରେ ସୋମବାର ନୂଆବର୍ଷରେ ସିଡ୍‌ନୀ ଥଣ୍ଡର୍ସ ବିପକ୍ଷରେ ୨ଟି ୱିକେଟ ନେଇ ତାଙ୍କ ଅଲରାଉଣ୍ଡ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଚଳିତ ସିଜନରେ ସେ ୪ଟି ମ୍ୟାଚ୍ ଲାଗି ଦଳରେ ସାମିଲ ହୋଇଛନ୍ତି। ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ କରି ୪୦ ଓ ୩୨ ରନ୍ କରିଥିଲାବେଳେ ଦୁଇଟି ମ୍ୟାଚ୍‌ରେ ବୋଲିଂ କରି ୨ଟି ୱିକେଟ ନେଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମାତ୍ର ଗୋଟିଏ ଓଭର ବୋଲିଂ କରିବାକୁ ସମର୍ଥ ହୋଇଥିଲେ।

## ମାତୃତ୍ୱ ଲାଭର ୧୫ ମାସ ପରେ ଫେରିଲେ ଓସାକା



ବ୍ରିସବେନ୍, ୧।୧ (ଏଜେନ୍ସି): ଚାରିଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ତଥା ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଜାପାନର ନାଓମି ଓସାକା ମାତୃତ୍ୱ ଲାଭର ଦୀର୍ଘ ୧୫ ମାସ ପରେ ଟେନିସ କୋର୍ଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେଚାଲିଥିବାବ୍ରିସବେନ୍‌ଓପନର୍‌ମହିଳାଏକକପ୍ରଥମ ରାଉଣ୍ଡ ମୁକାବିଲାରେ ଓସାକା ୬-୩, ୭-୬ (୧୧-୯) ସେଟ୍‌ରେ ଅଣସିଡ୍ ଜର୍ମାନୀର ତମାରା କୋରପାଟ୍‌ଶ୍ଚଙ୍କୁ ପରାସ୍ତ କରିଥିଲେ। ଓସାକା ଏବେ ରାଉଣ୍ଡ-୩୨ରେ କାରୋଲିନା ପ୍ଲିସକୋଭାଙ୍କୁ ଭେଟିବେ। ୨୬ ବର୍ଷୀୟା ଓସାକା ୨୦୨୨ ସେପ୍ଟେମ୍ବରରେ ପ୍ରଥମ ସନ୍ତାନର ଜନନୀ ହୋଇଥିଲେ। ଏହାପରେ ସେ ଟେନିସରୁ ନିଜକୁ ଦୂରେଇ ରଖିଥିଲେ। ୧୫ ମାସର ବ୍ୟବଧାନ ପରେ ଟେନିସକୁ ଫେରି ସହଜ ବିଜୟ ହାସଲ କରିଥିବା ଓସାକା ଏହି ଅବସରରେ କହିଛନ୍ତି, 'ମୁଁ ନିଜ ପାଇଁ ବହୁତ ଗର୍ବିତ। ମୋତେ ଲାଗୁଛି ମୁଁ ବହୁତ ଭଲ ସ୍ତରରେ ଖେଳୁଛି। ମୋ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟ ଭଲ ଖେଳିଥିଲେ।' ଉଲ୍ଲେଖଯୋଗ୍ୟ, ଓସାକା କ୍ୟାରିୟରରେ ୨ଥର ଲେଖାଏ ଅଷ୍ଟ୍ରେଲିଆନ୍ ଓପନ୍ (୨୦୧୯ ଓ ୨୦୨୧) ଓ ୟୁଏସ୍ ଓପନ୍ (୨୦୧୮, ୨୦୨୦) ଟାଇଟଲ୍ ଜିତିଛନ୍ତି।

**ଅଲ୍ଟିମେଟ ଖୋ ଖୋ-୨**

## ଜାଏଣ୍ଟସକୁ ଅଟକାଇଲା କୁଇକ୍ ଗନ୍ସ

କଟକ,୧।୧(ସମିସ)

ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣରେ ଗୁଜରାଟ ଜାଏଣ୍ଟସ ପ୍ରଥମ ପରାଜୟର ସମ୍ମୁଖୀନ ହୋଇଛି। କ୍ରମାଗତ ଭାବେ ୪ଟି ମ୍ୟାଚ୍ ଜିତିବା ପରେ ଜାଏଣ୍ଟସ ତାର ୫ମ ଲିଗ ମ୍ୟାଚ୍‌ରେ ସୋମବାର ଚେନ୍ନାଇ କୁଇକ ଗନ୍ସଠାରୁ ୩୫-୨୯ ପଏଣ୍ଟରେ ହାରିଯାଇଛି। ଫଳରେ ଜାଏଣ୍ଟ୍‌ସର ବିଜୟ ଧାରାରେ କୁଇକ୍ ଗନ୍ସ ରୋକ୍ ଲଗାଇଛି। ଦ୍ୱିତୀୟ ଇନିଂସ୍‌ର ଅନ୍ତିମ ଟର୍ନରେ ଚେନ୍ନାଇର ଆଟାକରମାନେ ଚମତ୍କାର ପ୍ରଦର୍ଶନ କରିବା ସହ ବିଜୟ ସୁନିଶ୍ଚିତ କରିଥିଲେ। ଜାଏଣ୍ଟସ ଦଳର ରାଜବର୍ଦ୍ଧନ ପାଟିଲ ଶ୍ରେଷ୍ଠ ଆଟାକର ଏବଂ କୁଇକ ଗନ୍ସର ବିଜୟ ସିନ୍ଧେ ଶ୍ରେଷ୍ଠ ଡିଫେଣ୍ଡର ବାବଦକୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ହାସଲ କରିଛନ୍ତି।

ଏହି ମ୍ୟାଚ୍ ପ୍ରାରମ୍ଭରୁ ଜାଏଣ୍ଟସ ଖେଳାଳିମାନେ ପ୍ରଭାବ ବିସ୍ତାର କରି ରଖିଥିଲେ। ଉଭୟ ଆଟାକ ଓ ଡିଫେଣ୍ଡରେ କୁଇକ ଗନ୍ସକୁ ସହଜରେ ପଏଣ୍ଟ ସଂଗ୍ରହ କରିବାକୁ ଦେଇ ନଥିଲେ। ଦ୍ୱିତୀୟ ଇନିଂସର ଦ୍ୱିତୀୟ ଟର୍ନ ଆରମ୍ଭ ପୂର୍ବରୁ ଜାଏଣ୍ଟସ ୧୪ ପଏଣ୍ଟ(୨୯-୧୫)ରେ ଆଗୁଆ ରହିଥିଲା। ଅନ୍ତିମ ୭ ମିନିଟ ଭିତରେ ୧୫ ପଏଣ୍ଟ ହାସଲ କରି ବିଜୟୀ ହେବା କୁଇକ ଗନ୍ସ ନିମନ୍ତେ ଚ୍ୟାଲେଞ୍ଜିଂ ଥିଲା। ହେଲେ ଏହି ୭ ମିନିଟରେ ଚେନ୍ନାଇର ଖେଳାଳିମାନେ ଅବିଶ୍ୱସନୀୟ ଭାବେ ୨୦ ପଏଣ୍ଟ ହାସଲ କରି ମ୍ୟାଚ୍ ଫଳାଫଳକୁ ପଲଟାଇ ଦେଇଥିଲେ। କୁଇକ ଗନ୍ସ ପକ୍ଷରୁ ଆଟାକର ଆଦିତ୍ୟ କୁଡାଲେ, ଦୂରଭେଶ ସାଲୁଙ୍କେ, ଆଦର୍ଶ ମୋହିତେ, ସୁମନ ବର୍ମନ, ରାମଜୀ କାଶ୍ୟପ, ଲକ୍ଷ୍ମଣ ଗୱାସ, ବିଜୟ ସିନ୍ଧେ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଗୁଜରାଟ ଜାଏଣ୍ଟସ ସ୍କାଏ ଡାଇଭରେ ୧୦, ପୋଲ ଡାଇଭରେ ୪, ଟଚ ପଏଣ୍ଟରେ ୧୨ ଏବଂ ବୋନସ ଭାବେ ୩ ପଏଣ୍ଟ ପ୍ରାପ୍ତ କରିଛି। ଚେନ୍ନାଇ କୁଇକ ଗନ୍ସ ସ୍କାଏ ଡାଇଭରେ ୧୮, ପୋଲ ଡାଇଭରେ ୨, ଟଚ ପଏଣ୍ଟରେ ୮ ଏବଂ ବୋନସ ଭାବେ ୭ ପଏଣ୍ଟ ପ୍ରାପ୍ତ କରିଥିଲା।




ସେହିଭଳି ଦିବସର ଦ୍ୱିତୀୟ ମ୍ୟାଚରେ ଗତ ସଂସ୍କରଣର ଉପବିଜେତା ତେଲୁଗୁ ଯୋଦ୍ଧାସ ୩୪-୨୭ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ରାଜସ୍ଥାନର ଏହା ୬ଷ୍ଠ ମ୍ୟାଚରୁ ୬ଷ୍ଠ ପରାଜୟ। ସେହିଭଳି ୬ଷ୍ଠ ମୁକାବିଲାରୁ ୪ର୍ଥ ବିଜୟ ସହ ଯୋଦ୍ଧାସ ୧୨ ପଏଣ୍ଟ ପାଇ ଟେବଲର ୩ୟ ସ୍ଥାନକୁ ଉଠିଛି।

**● ଜାତୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍**

## ସ୍ନେହା, ମୀନାଙ୍କୁ ପଦକ ସଫଳତା

ଭୁବନେଶ୍ୱର, ୧।୧ (ସମିସ): ଅରୁଣାଚଳ ପ୍ରଦେଶ ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଜାତୀୟ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ଭାରୋତ୍ତୋଳନରେ ଓଡ଼ିଆ ପ୍ରତିଯୋଗୀଙ୍କୁ ପଦକ ସଫଳତା ମିଳିଛି। ବରିଷ୍ଠ ବର୍ଗରେ ଓଡ଼ିଶା ଭାରୋତ୍ତୋଳିକା ସ୍ନେହା ସୋରେନ ଦୁଇଟି ପଦକ ଜିତିଛନ୍ତି। ସେ ୫୫ କିଗ୍ରାରେ ଭାଗନେଇ ସାମଗ୍ରିକ ବିଭାଗରେ ରୌପ୍ୟ ଓ ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ମହିଳା ୫୫ କିଗ୍ରା ଯୁବା






ବର୍ଗରେ ମୀନା ସାଣ୍ଟା ମଧ୍ୟ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ମୀନା ବର୍ତ୍ତମାନ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

## 'କ୍ରୀଡ଼ା ମନ୍ତ୍ରଣାଳୟର ନିଲମ୍ବନ ଓ ଆଡ୍-ହକ୍ କମିଟିକୁ ସ୍ୱୀକୃତି ଦେବୁ ନାହିଁ'

ନୂଆଦିଲ୍ଲୀ, ୧।୧ (ଏଜେନ୍ସି)

ଯୌନ ଉତ୍ପୀଡ଼ନ ମାମଲାରେ ବିବାଦୀୟ ପରିସ୍ଥିତି ଦେଇ ଗତି କରୁଥିବା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବିବାଦ ଦିନକୁ ଦିନ ଆହୁରି ଘନେଇବାରେ ଲାଗିଛି। ନିଲମ୍ବିତ ହୋଇଥିବା ନବନିର୍ବାଚିତ ଡବ୍ଲ୍ୟୁଏଫ୍‌ଆଇର ସଭାପତି ସଞ୍ଜୟ ସିଂ ସୋମବାର କହିଛନ୍ତି, 'ସଂଘ ଖୁବ୍ ଶୀଘ୍ର ଜାତୀୟ ପ୍ରତିଯୋଗିତା ଆୟୋଜନ କରିବ। ଏଥିସହ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଓ ଆଡ୍-ହକ୍ ପ୍ୟାନେଲ୍ ଦ୍ୱାରା ଡବ୍ଲ୍ୟୁଏଫ୍‌ଆଇକୁ କରାଯାଇଥିବା ନିଲମ୍ବନ ଆଦେଶକୁ ସ୍ୱୀକୃତି ଦେବନାହିଁ।' ଗତ ମାସର ଶେଷ ଭାଗରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିଲା। ଏଥିରେ ପୂର୍ବତନ ସଭାପତି

**ଆଜିଠାରୁ ଜାତୀୟ ବରିଷ୍ଠ ଜିମ୍ନାଷ୍ଟିକ୍ସ**

## ଦୀପା, ପ୍ରଣତି ମୁଖ୍ୟ ଆକର୍ଷଣ

ଭୁବନେଶ୍ୱର, ୧।୧(ସମିସ)

ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ତଥା ଜାତୀୟ ଜିମ୍ନାଷ୍ଟିକ୍‌ସ ଫେଡେରେସନ ଓ ଓଡ଼ିଶା ଜିମ୍ନାଷ୍ଟିକ୍‌ସ ସଂଘର ମିଳିତ ସହଯୋଗରେ ଜାତୀୟ ବରିଷ୍ଠ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍‌ସ ଚାମ୍ପିଅନସିପ୍ ଆୟୋଜିତ ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ର ଏଏମ୍/ଏନ୍‌ଏସ୍ ହାଇପରଫର୍ମାନ୍ସ ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଦେଶର ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କର ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ଦେଖିବାକୁ ମିଳିବ। ବରିଷ୍ଠ ବିଭାଗରେ ଅଲିମ୍ପିଆନ ଦୀପା କର୍ମକାର, ପ୍ରଣତି ନାୟକ ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ସାଜିବେ। କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଅତ୍ୟାଧୁନିକ ଏବଂ ବିଶ୍ୱସ୍ତରର ଜିମ୍ନାଷ୍ଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ରାକେଶ ପାତ୍ର, ଯୋଗେଶ୍ୱର ସିଂ, ପ୍ରଣତି ନାୟକ, ତପନ ମହାନ୍ତି, ସୈଫ ତାମ୍ବୋଲି ଓ ଗୌରବ କୁମାରଙ୍କ ପରି ଅନେକ ଖେଳାଳି ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଜାନୁଆରୀ ୪ରେ ଶେଷ ହେବ। ଏଥିରେ ପ୍ରଥମ ଦିନରେ ଦଳଗତ ଓ ପରବର୍ତ୍ତୀ ଦୁଇ ଦିନରେ ବ୍ୟକ୍ତିଗତ ଇଭେଣ୍ଟରେ ଲଢ଼େଇ ହେବ ବୋଲି ଆଶା କରାଯାଉଛି। ମଙ୍ଗଳବାର ଅପରାହ୍ଣରେ ଏହି ପ୍ରତିଯୋଗିତା ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ଥିଲାବେଳେ ସନ୍ଧ୍ୟା ୭ଟାରୁ କିଛି ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।





ସମସ୍ତ ପ୍ରତିଯୋଗୀ ଦୁଇ ଦିନ ଆଗରୁ ଏଠାରେ ପହଞ୍ଚି ଜୋରଦାର ଅଭ୍ୟାସ ଜାରି ରଖିଛନ୍ତି। ଦୀପାଙ୍କ ପ୍ରଶିକ୍ଷକ ବିଶ୍ୱେଶ୍ୱର ନନ୍ଦି ଏଠିକାର ଆନୁଷଙ୍ଗିକ ସୁବିଧା ସୁଯୋଗକୁ ଭୂୟସୀ ପ୍ରଶଂସା କରିଛନ୍ତି। ଦୀର୍ଘ ୮ ବର୍ଷ ପରେ ଦୀପା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ତାଙ୍କ ସହ ପ୍ରଣତି ଦାସ, ପ୍ରଣତି ନାୟକ ଓ ଅରୁଣା ରେଡ୍ଡୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସେ କହିଛନ୍ତି। ଏଠାରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେଲେ ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସ ଓ ଏସିଆନ ଗେମ୍ସ ଲାଗି ଏକ ଶକ୍ତିଶାଳୀ ଟିମ୍ ପ୍ରତିନିଧିତ୍ୱ କରିପାରିବ।

ସକାଳ
THE SAKALA
www.thesakala.in
We require the following posts for various locations urgently.
1. District Correspondent
For Various District
Qualification: MJMC with 5 yrs. experience.
2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience
3. Layout Designer
For Bhubaneswar
Qualification: Minimum 3 yrs experience in respective field.
4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.
Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର